# ୪
# ଆଧୁନିକ ପୃଥିବୀ – ୨

ପୂର୍ବ ଅଧ୍ୟାୟରେ ତୁମେ ପୁନର୍ଜାଗରଣ ସମୟରେ ହୋଇଥିବା ଉନ୍ନତି ଯାହାକି ଇଉରୋପୀୟ ସମାଜରେ ଅନେକ ପରିବର୍ତ୍ତନ ଆଣିଥିଲା, ତାହା ଅଧ୍ୟୟନ କଲ । ବିଜ୍ଞାନ କ୍ଷେତ୍ରରେ ଅସାଧାରଣ ଉନ୍ନତି ଘଟିଲା । ଲୋକମାନେ ଅନ୍ଧବିଶ୍ୱାସ ଓ ପ୍ରଥାକୁ ଗ୍ରହଣ ନକରି ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେଲେ । ଛାପାଖାନାର ପ୍ରସାର ଫଳରେ ନୂତନ ମୂଲ୍ୟବୋଧ ଓ ଚିନ୍ତାଧାରା ଯଥା– ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ସମ୍ପର୍କରେ ରାଜନୈତିକ ସଚେତନତା ସୃଷ୍ଟି ହେଲା । ଇଉରୋପର ଅନେକ ଦେଶର ରାଜନୈତିକ ଅବସ୍ଥା ଦୁଃସାହାସିକ ଯାତ୍ରା କରି ପୃଥିବୀର ବିଭିନ୍ନ ଦେଶକୁ ଜଳପଥ ଆବିଷ୍କାର କରିବାକୁ ପ୍ରେରଣା ଦେଲା । ଧର୍ମଯାଜକମାନେ ନୂତନ ଅଞ୍ଚଳକୁ ପ୍ରବେଶ କରି ଖ୍ରୀଷ୍ଟିଆନ ଧର୍ମ ପ୍ରସାର କଲେ ଏବଂ ବଣିକମାନେ ପୃଥିବୀର ବିଭିନ୍ନ ଭାଗରୁ ଜିନିଷ ଆଣିଲେ । ଏହି ସମୟଟି ଯାନ୍ତ୍ରିକ ଉନ୍ନତି ପାଇଁ ଉପଯୁକ୍ତ ସମୟ ଥିଲା । ଯାହାକି ଶିଳ୍ପ ବିପ୍ଳବର ଆରମ୍ଭ କରିବା ସଙ୍ଗେ ସଙ୍ଗେ ଇଉରୋପର ଶ୍ରମିକ ଶ୍ରେଣୀର ଲୋକମାନଙ୍କର ଜୀବନକୁ ବିପ୍ଳବମୟ କରିଦେଲା । ବର୍ତ୍ତମାନ ଆମେ ଶିଳ୍ପ ବିପ୍ଳବର ପ୍ରଭାବ, ଏସିଆ ଓ ଆଫ୍ରିକାରେ ସାମ୍ରାଜ୍ୟବାଦ ଓ ଉପନିବେଶବାଦ ବିଷୟରେ ପଢ଼ିବା । ଆମେ ମଧ ଦୁଇ ବିଶ୍ୱଯୁଦ୍ଧ ଏବଂ ମିଳିତ ଜାତିସଂଘର ଗଠନ ବିଷୟରେ ପଢ଼ିବା ।


## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ଅଧ୍ୟୟନ କଲାପରେ, ଜଣେ ଛାତ୍ର –

- ଶିଳ୍ପ ବିପ୍ଳବକୁ ବର୍ଣ୍ଣନା କରିବାକୁ ସକ୍ଷମ ହେବ ।
- ଶିଳ୍ପ ବିପ୍ଳବ ଦ୍ୱାରା ଆସିଥିବା ନୂତନ ପରିବର୍ତ୍ତନ ଓ ବୈଷୟିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିପାରିବ ।
- ଶିଳ୍ପ ବିପ୍ଳବର ସମାଜ ଉପରେ ଥିବା ପ୍ରଭାବର ମୂଲ୍ୟାୟନ କରିପାରିବ ।
- ସାମ୍ରାଜ୍ୟବାଦ ଓ ଉପନିବେଶବାଦର ବୃଦ୍ଧିର କାରଣ ଚିହ୍ନିତ କରିପାରିବ ।
- ଏସିଆ ଓ ଆଫ୍ରିକାରେ ସାମ୍ରାଜ୍ୟବାଦ ବୃଦ୍ଧିର ବିଭିନ୍ନ ସ୍ତର ବିଷୟରେ ଆଲୋଚନା କରିପାରିବ ।
- କେଉଁ ଘଟଣାଗୁଡ଼ିକ ପାଇଁ ଦୁଇଟିଯାକ ବିଶ୍ୱଯୁଦ୍ଧର ସଂଗଠିତ ହେଲା, ତାହା ଚିହ୍ନଟ କରିପାରିବ ।
- ମିଳିତ ଜାତି ସଂଘର ଲକ୍ଷ୍ୟଗୁଡ଼ିକର ଏକ ତାଲିକା କରିପାରିବ ।

## ୪.୧ ଶିଳ୍ପ ବିପ୍ଳବ

ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା । ଏହା ଏକ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିଲା ଯାହାକି ସ୍ଥିର କୃଷି ଓ ବାଣିଜ୍ୟ ଭିତ୍ତିକ ସମାଜକୁ ଆଧୁନିକ ଶିଳ୍ପ ଭିତ୍ତିକ ସମାଜରେ ପରିବର୍ତ୍ତନ କରିଦେଲା । ଐତିହାସିକ ଦୃଷ୍ଟିରୁ ଏହା ଇଉରୋପ ଇତିହାସର ୧୭୫୦ ରୁ ୧୮୫୦ ମସିହା ପର୍ଯ୍ୟନ୍ତ ସମୟକୁ ସୂଚୀତ କରେ । ସାମାଜିକ ଓ ଅର୍ଥନୈତିକ ଗଠନ କ୍ଷେତ୍ରରେ ଏକ ନାଟକୀୟ ପରିବର୍ତ୍ତନ ଘଟିଲା କାରଣ ଉଦ୍ଭାବନ ଓ ନୂତନ ବୈଷୟିକ ଜ୍ଞାନ ସମ୍ପନ୍ନ କାରଖାନା ବ୍ୟବସ୍ଥାରେ ଯନ୍ତ୍ର ସାହାଯ୍ୟରେ ପ୍ରଚୁର ପରିମାଣରେ ଉତ୍ପାଦନ ଓ ଉଚ୍ଚତର ଆର୍ଥିକ ସ୍ୱତନ୍ତ୍ର୍ୟ ସୃଷ୍ଟି ହେଲା । ଯେଉଁ ଲୋକମାନେ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିଲେ, ସେମାନେ ସହରର କାରଖାନାଗୁଡ଼ିକରେ ଏକତ୍ରିତ ହେଲେ । ତୁମେ ଜାଣିଛ କାହିଁକି ଏପରି ହେଲା ? ପୂର୍ବରୁ ବଣିକମାନେ ପରିବାରଗୁଡ଼ିକରେ କଞ୍ଚାମାଲ ଆଣି ଦେଉଥିଲେ ଏବଂ ତିଆରି ଜିନିଷ ସଂଗ୍ରହ କରି ନେଉଥିଲେ । ଏହି ବ୍ୟବସ୍ଥା ବଜାରର ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ବେଶୀଦିନ ପୂରଣ କରିପାରିଲା ନାହିଁ । ତେଣୁ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗକୁ ଧନୀ ବଣିକମାନେ କାରଖାନାମାନ ପ୍ରତିଷ୍ଠା କଲେ । ସେମାନେ ନୂଆ ପ୍ରକାରର ଯନ୍ତ୍ରପାତି ସ୍ଥାପନା କଲେ, କଞ୍ଚାମାଲ ଆଣିଲେ ଓ ଶ୍ରମିକମାନଙ୍କୁ ନିର୍ଦ୍ଦିଷ୍ଟ ମଜୁରୀ ଦେଇ ଯନ୍ତ୍ର ଦ୍ୱାରା ଜିନିଷ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟରେ ଲଗାଇଲେ । ଏହିଭଳି କାରଖାନା ବ୍ୟବସ୍ଥାର ସୃଷ୍ଟି ହେଲା ।



ଚିତ୍ର ୪.୧ ପ୍ରାଚୀନ ସୂତାକାଟିବା କଳ

ଶିଳ୍ପ ବିପ୍ଳବ ଇଂଲଣ୍ଡରେ ବାଷ୍ପଶକ୍ତିକୁ ବ୍ୟବହାର କରି ଆରମ୍ଭ ହୋଇଥିଲା । ୧୭୬୯ ମସିହାରେ ଜେମସ୍ ୱାଟ ବାଷ୍ପ ଇଞ୍ଜିନ ଉଦ୍ଭାବନ କରିବା ଫଳରେ ଏହା ସମ୍ଭବ ହୋଇପାରିଲା । ୧୭୩୩ ମସିହାରେ ଜନ୍ କେ "ଫ୍ଲାଇସଟଲ୍" ଉଦ୍ଭାବନ କଲେ, ଯାହାକି ଲୁଗାବୁଣିବା ପଦ୍ଧତିକୁ ଅଧିକ ସରଳ କରିଦେଲା ଏବଂ ଉତ୍ପାଦନ ଚାରିଗୁଣ ବଢ଼ାଇ ଦେଲା । ଜେମସ୍ ହାରଗ୍ରିଭସ୍ 'ସ୍ପିନ୍‌ଂ ଜେନି' ନାମକ ହସ୍ତଚାଳିତ ସୂତାକଟା ଚକ ଉଦ୍ଭାବନ କଲେ ଯେଉଁଥିରେ ଏକାଥରକେ ଅନେକଗୁଡ଼ିଏ ସୂତାଖିଅ କଟାଯାଇପାରିଲା । ସ୍ପିନିଂଜେନିର ଉଦ୍ଭାବନ ପରେ ଲୁଗାକଳ ଏହି ସମୟରେ ମୁଖ୍ୟ ଶିଳ୍ପ ଭାବରେ ପରିଗଣିତ ହେଲା । ପ୍ରଚୁର କୋଇଲା ଓ ଲୁହାର ଅବସ୍ଥିତି ଇଂଲଣ୍ଡର ଦ୍ରୁତ ଶିଳ୍ପ ବିକାଶର ମୁଖ୍ୟ କାରଣ ବୋଲି ପ୍ରମାଣିତ ହେଲା । କେନାଲ ଓ ରାସ୍ତା ନିର୍ମାଣ, ଏବଂ ରେଳପଥ ଓ ବାଷ୍ପଚାଳିତ ଜାହାଜର ଉଦ୍ଭାବନ କାରଖାନା ପ୍ରସ୍ତୁତ ଜିନିଷ ପାଇଁ ବିସ୍ତୃତ ବଜାର ସୃଷ୍ଟି କଲା । ତାପରେ ବିଦ୍ୟୁତ୍ ଓ ତୈଳବାହିତ ଇଞ୍ଜିନର ବିକାଶ ଘଟିଲା । ନିଜକୁ ଶିଳ୍ପଶକ୍ତି ସମ୍ପନ୍ନ କରିବା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ କଞ୍ଚାମାଲ ଇଂଲଣ୍ଡରେ ଥିଲା ।

୧୮୫୦ ମସିହା ବେଳକୁ ଏହି ବିପ୍ଲବ ସଫଳତା ପ୍ରାପ୍ତ ହୋଇଥିଲା କାରଣ ଶିଳ୍ପ କାରଖାନାଗୁଡ଼ିକ ଇଂଲଣ୍ଡର ଜୀବନଯାତ୍ରାର ଏକ ପ୍ରଭାବଶାଳୀ ଉପାଦାନରେ ପରିଣତ ହେଲା । ଶିଳ୍ପ ବିପ୍ଳବର ପ୍ରଭାବ ପୃଥିବୀର ଚାରିଆଡ଼େ ଅନୁଭୂତ ହେଲା । ୧୮୩୦ ମସିହା ପରେ ଫ୍ରାନ୍ସ, ୧୮୫୦ ମସିହା ପରେ ଜର୍ମାନୀ, ଏବଂ ଗୃହଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଶିଳ୍ପକ୍ଷେତ୍ରରେ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କଲେ । କିପରି ଔଦ୍ୟୋଗିକ ବିକାଶ ଘଟିଲା ତାହା ଆଗକୁ ଅଧ୍ୟୟନ କରିବା ।

ମୁଖ୍ୟ ଉଦ୍ଭାବନ ଓ ପୁନର୍ଗଠନଗୁଡ଼ିକ ଇଂଲଣ୍ଡରେ କୃଷିକୁ ଆଗେଇନେଲା । କୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ନୂତନ ଉଦ୍ଭାବନ ସଂଗଠିତ ହେଲା ଯଥା – 'ଯେଥ୍ରୋ ଟୁଲସ୍‌ସିଡ୍ ପ୍ଲାଣ୍ଟିଂ ଡ୍ରିଲ୍' (Jethro Tull's Seed Planting Drill) ଓ ଏହା ମଞ୍ଜିଗୁଡ଼ିକ ସମାନ ଦୂରତା ଓ ଗଭୀରତାରେ କୌଣସି ନଷ୍ଟ ନହୋଇ ବୁଣାଯିବାରେ ସାହାଯ୍ୟ କଲା । ୧୭୬୦ରୁ ୧୮୩୦ ମସିହା ମଧ୍ୟରେ ଇଂଲଣ୍ଡ ପାର୍ଲାମେଣ୍ଟରେ ପ୍ରାୟ ୧୦୦୦ଟି Encloser Acts ପାରିତ କଲା ଯାହାଫଳରେ ଯେଉଁ ଜମିଗୁଡ଼ିକ ଆଗରୁ ବିଭିନ୍ନ ଗୋଷ୍ଠୀଙ୍କର ଥିଲା, ତାହା ଏକତ୍ରିତ ହୋଇ ବଡ଼ ବଡ଼ କ୍ଷେତ୍ରରେ ପରିଣତ ହେଲା । ଯଦିଓ କୃଷିର ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କଲା, କିନ୍ତୁ ଏହା ଫଳରେ ବହୁସଂଖ୍ୟାରେ ଲୋକ ଭୂମିହୀନ ହୋଇଗଲେ । ଅଳ୍ପକେତେକ ଲୋକ କୃଷିକ୍ଷେତ୍ରରେ କାମ କରିବା ପାଇଁ ଆବଶ୍ୟକ ପଡ଼ିଲା । ତେଣୁ ବହୁ ସଂଖ୍ୟାରେ ଲୋକ ନିଯୁକ୍ତି ଅନ୍ୱେଷଣରେ ସହରକୁ ସ୍ଥାନ ପରିବର୍ତ୍ତନ କରିବାକୁ ଆରମ୍ଭ କଲେ । ଏହା କାରଖାନାରେ କାମ କରିବା ପାଇଁ ବହୁ ସଂଖ୍ୟାରେ ଶସ୍ତା ଶ୍ରମିକ ମିଳିବାରେ ସାହାଯ୍ୟ କଲା । ଇଂଲଣ୍ଡର ଅନୁକୂଳ ରାଜନୈତିକ ପରିସ୍ଥିତି ଶିଳ୍ପ ବିପ୍ଳବର ବୃଦ୍ଧି ପାଇଁ ସାହାଯ୍ୟ କଲା । ବାଣିଜ୍ୟ ପ୍ରତିବନ୍ଧକ ଦୂର ଓ ସାଧାରଣ ବଜାର ଆଦିକାର୍ଯ୍ୟ ବଣିକମାନଙ୍କୁ ସାହାଯ୍ୟ କଲା । ମୌଳିକତଃ ପରିବହନର ବିକାଶ ଫଳରେ ଇଂଲଣ୍ଡ ଦରିଆପାରି ବଜାରକୁ ଅଧିକାର କରିବାକୁ ସକ୍ଷମ ହେଲା । ବହୁତ ଇଉରୋପୀୟ ରାଷ୍ଟ୍ର ସେହି ବାଣିଜ୍ୟିକ ପଦ୍ଧତି ଅନୁସରଣ କରିବାକୁ ଆରମ୍ଭ କଲେ । ଏହି ପଦ୍ଧତି ଅନୁସାରେ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ସରକାରୀ କର୍ତ୍ତୃତ୍ୱ କାର୍ଯ୍ୟକାରୀ ହେଉଥିଲା । ଏହା ପ୍ରତିଷ୍ଠିତ ଥିବା ସାଧାରଣ ନିୟମ ହେଉଛି ଯେ, ଅଧିକ ରପ୍ତାନୀ ଓ କମ୍ ଆମଦାନୀ ଦ୍ୱାରା ଜାତୀୟ ଶକ୍ତି ସୂଚୀତ ହୋଇଥାଏ । ଏହି ସାଧାରଣ ସତ୍ୟରେ ବିଶ୍ୱାସ କରାଯାଏ ଯେ, ଗୋଟିଏ ରାଷ୍ଟ୍ରର ସମ୍ପତ୍ତି ସେ ରାଷ୍ଟ୍ର ପାଖରେ ଥିବା ସୁନା ଓ ରୂପା ଉପରେ ନିର୍ଭର କରେ ଓ ବାଣିଜ୍ୟ କ୍ଷେତ୍ରରେ ସରକାରୀ ପ୍ରଭାବ ଖୁବ୍ ସିମୀତ ହେବା ଉଚିତ୍ ।

ଇଂଲଣ୍ଡ ପ୍ରଥମ ରାଷ୍ଟ୍ର ଭାବରେ ଔଦ୍ୟୋଗିକ ବିକାଶ ଘଟିବାର କାରଣଗୁଡ଼ିକ କ'ଣ ବୋଲି ତୁମେ ଭାବୁଛ ? ଅନ୍ୟ ରାଷ୍ଟ୍ର ତୁଳନାରେ ଇଂଲଣ୍ଡରେ ଅଧିକ ଭୌଗୋଳିକ ଦୃଷ୍ଟିରୁ ସୁଯୋଗ ରହିଥିଲା । ଏହାର ଏକ ସୁରକ୍ଷିତ ଦ୍ୱୀପ ଅବସ୍ଥିତି ଯୋଗୁଁ ସମୁଦ୍ରକୁ ପ୍ରବେଶ ସହଜ ସାଧ୍ୟ ଥିଲା ଏବଂ ଏହା ଇଉରୋପର ଅନ୍ୟାନ୍ୟ ରାଷ୍ଟ୍ରଠାରୁ ବିଚ୍ଛିନ୍ନ ହୋଇଥିବାରୁ ତାର ବିକାଶ ବାଧାପ୍ରାପ୍ତ ହୋଇନଥିଲା । କେନାଲ, ନଦୀ ଓ ସମୁଦ୍ରର ଜଳପଥ ପାଇଁ ଇଂଲଣ୍ଡ ସୁଦୂରପ୍ରସାରୀ ବାଣିଜ୍ୟିକ ଅଞ୍ଚଳବିନା ପ୍ରତିବନ୍ଧକରେ ପାଇପାରିଲା । ଏହି ସୁବିଧାଗୁଡ଼ିକ ଇଂଲଣ୍ଡକୁ ଶିଳ୍ପବିପ୍ଳବ ପାଇଁ ଗୋଟିଏ ସୁବିଧାଜନକ ଅବସ୍ଥିତ ଆଣି ଦେଲା ।

## ୪.୨ ଶିଳ୍ପ ବିପ୍ଳବ ସମୟରେ ନୂତନ ପ୍ରବର୍ତ୍ତନ ଓ ଔଦ୍ୟୋଗିକ ପରିବର୍ତ୍ତନ

ଅନେକ ନୂତନ ପ୍ରବର୍ତ୍ତନ, ଉଦ୍ଭାବନ ଓ ଔଦ୍ୟୋଗିକ ପରିବର୍ତ୍ତନ ଏହି ସମୟରେ ଘଟିଥିଲା । ଏହା ଶିଳ୍ପ ସମୃଦ୍ଧ ଦେଶଗୁଡ଼ିକୁ ଅଧିକ କ୍ଷମତାଶାଳୀ ଓ ଦକ୍ଷ କରାଇଥିଲା । ବର୍ତ୍ତମାନ ଉତ୍ପାଦନ ଖୁବ୍ ଶୀଘ୍ର ଓ ଅଧିକ ପରିମାଣରେ ହୋଇପାରିଲା ଯାହାକି ଜିନିଷଗୁଡ଼ିକୁ ଶସ୍ତା କରିଦେଲା । ଏହି ଉଦ୍ଭାବନଗୁଡ଼ିକ ସବୁଠାରୁ ଅଧିକ ବୟନ ଓ ପରିବହନ ଶିଳ୍ପକୁ ପ୍ରଭାବିତ କରିଥିଲା । ସେହି ବିଷୟ ତୁମେମାନେ ଏବେ ପଢ଼ିବାକୁ ଯାଉଛ ।

## ୪.୨.୧ ବୟନ ଶିଳ୍ପ

ବୟନଶିଳ୍ପ କ୍ଷେତ୍ରରେ ଔଦ୍ୟୋଗିକ ବିକାଶ ଫଳରେ ଲୌହ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ବହୁ ସଂଖ୍ୟାରେ ଉଦ୍ଭାବନ ଆରମ୍ଭ ହେଲା । ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଇଂଲଣ୍ଡର ଉଦାହରଣ ଦ୍ୱାରା ଉତ୍ସାହିତ ହେଲେ । କାରଣ ଇଂଲଣ୍ଡ ପ୍ରସ୍ତୁତ ପଦାର୍ଥ ସମୁଦାୟ ବିଶ୍ୱବଜାରରେ ଭର୍ତ୍ତି ହୋଇଗଲା । ନିଜର ସ୍ୱାର୍ଥର ସୁରକ୍ଷା ପାଇଁ ଇଂଲଣ୍ଡ ଆଇନ ତିଆରି କରି ବୟନ ଶିଳ୍ପ କାରିଗରମାନଙ୍କୁ ଶିଳ୍ପର ଯାନ୍ତ୍ରିକ କୌଶଳର ସୂଚନା ପ୍ରକାଶ କରିବାରୁ ବିରତ କରାଇବା ସଙ୍ଗେ ସଙ୍ଗେ ଅନ୍ୟଦେଶକୁ ଯାତ୍ରା କରିବା ପାଇଁ ବାରଣ କଲେ । କିନ୍ତୁ ୧୭୮୯ ମସିହାରେ ସାମୁଏଲ ସ୍ଲଟର ଇଂଲଣ୍ଡରୁ ଆମେରିକାକୁ ଖସି ଚାଲିଗଲେ । ସେ ତାଙ୍କ ସହିତ ଇଂଲଣ୍ଡ ବୟନ ଶିଳ୍ପର ଜ୍ଞାନ ନେଇଗଲେ ଯାହାକି ଆମେରିକାରେ ଶିଳ୍ପ ବିପ୍ଳବର ଆରମ୍ଭ କଲା । ଆମେରିକାରେ ବିସ୍ତୃତ ନୂତନ ଅଞ୍ଚଳରେ କପାଚାଷ କରାଗଲା । ତେଣୁ କ୍ରୀତଦାସମାନଙ୍କର ଅଧିକ ଆବଶ୍ୟକତା ପଡ଼ିଲା । ସେହିପରି ଫ୍ରାନ୍ସ ଓ ଜର୍ମାନୀରେ ଶିଳ୍ପ ବିପ୍ଳବ ଏହିପରି ଘଟଣାରୁ ମଧ୍ୟ ଆରମ୍ଭ ହୋଇଥିଲା ।

ତୁମେ ଜାଣ କି, ଆର୍କାଇଟ୍‌ଙ୍କୁ 'କାରଖାନା ବ୍ୟବସ୍ଥାର ଜନକ' (Father of thefactory system) କୁହାଯାଏ । ସେ ପ୍ରଥମ କାରଖାନା ତିଆରି କଲେ ଯାହା ଘରୋଇ ଯନ୍ତ୍ରପାତି ତିଆରି ପାଇଁ ମୁଖ୍ୟତଃ ତିଆରି ହୋଇଥିଲା । ସେଥିରେ କାମ କରିବାର ସମୟସୀମା ସ୍ଥିରୀକୃତ ହୋଇଥିଲା ଏବଂ ସେଥିରେ ଲୋକମାନଙ୍କୁ ଠିକା ଭିତ୍ତିରେ ନରଖି ନିୟମିତ ନିଯୁକ୍ତି ଦିଆଗଲା । ୧୭୭୯ ମସିହାରେ ସାମୁଏଲ କ୍ରମ୍ପଟନ ସ୍ପିନିଂ ମୁଲ (sinning mule) ଉଦ୍ଭାବନ କଲେ ଏବଂ ଏଡମଣ୍ଡ କାର୍ଟରାଇଟ ପ୍ରଥମ ଜଳଚାଳିତ ଶକ୍ତିଚାଳିତ ତନ୍ତ (power loom) ବାହାର କଲେ । ବୟନଶିଳ୍ପ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ଯଥା ରଙ୍ଗ କରିବା, ଧୂଲେଇ କରିବା ଓ ମୁଦ୍ରଣ ପ୍ରତିଷ୍ଠା କରିବା ପାଇଁ ଉତ୍ସାହିତ କଲା ।

## ତୁମ ପାଇଁ କାର୍ଯ୍ୟ ୪.୧

ଗୋଟିଏ ହସ୍ତତନ୍ତ କେନ୍ଦ୍ର କିମ୍ବା ତୁମ ଘର ନିକଟରେ ଥିବା ତନ୍ତୀ ପରିବାରକୁ ବୁଲିଯିବା ପାଇଁ ଚେଷ୍ଟା କର । ସେମାନେ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ବାହାର କର । ସେଠାରେ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ କାର୍ଯ୍ୟର ବଣ୍ଟନ ହୋଇଛି କି ? ସେମାନେ କେଉଁ ପ୍ରକାର ଯାନ୍ତ୍ରିକ କୌଶଳ ବ୍ୟବହାର କରୁଛନ୍ତି ? ସେମାନେ କି ସମସ୍ୟାର ସମ୍ମୁଖିନ ହେଉଛନ୍ତି ? ସେମାନେ ଛୋଟ ପିଲାମାନଙ୍କୁ କାର୍ଯ୍ୟରେ ଲଗାଉଛନ୍ତି କି କିମ୍ବା ସେମାନଙ୍କର ପିଲାମାନେ ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି କି ? ତୁମେ ଯାହା ଦେଖିଲ ତା' ଉପରେ ଗୋଟିଏ ଲେଖା ପ୍ରସ୍ତୁତ କର ।

ଯେଉଁ ନୂତନ ପ୍ରବର୍ତ୍ତନ ଔଦ୍ୟୋଗିକ ପରିବର୍ତ୍ତନ ନିର୍ମାଣ, ପରିବହନ, ଗମନାଗମନ କ୍ଷେତ୍ରକୁ ବିକଶିତ କଲା ପରେ ରାସାୟନିକ, ବିଦ୍ୟୁତ, ଖଣିଜତୈଳ ଓ ଇସ୍ପାତ ମଧ୍ୟ ବିକାଶ ଲାଭ କଲା । ଜଳପଥର ଆବିଷ୍କାର କେବଳ ଯେ, ଶିଳ୍ପ ବିପ୍ଳବକୁ ଆଗେଇନେଲା ତାହା ନୁହେଁ, ତା' ସହିତ ଉପନିବେଶବାଦୀ ଓ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ମଧ୍ୟରେ ଶିଳ୍ପ ପାଇଁ ଆବଶ୍ୟକୀୟ କଞ୍ଚାମାଲ ନୂଆ ବଜାର ଓ ଶସ୍ତା ଶ୍ରମିକ ପାଇବା ପାଇଁ ପ୍ରତିଯୋଗିତା ଆରମ୍ଭ ହେଲା । ସାମ୍ରାଜ୍ୟର ବିସ୍ତାର ହିଁ କ୍ଷମତା ପାଇଁ ସଂଗ୍ରାମ ଓ ଦୁଇ ବିଶ୍ୱଯୁଦ୍ଧର କାରଣ ହେଲା । ଉପନିବେଶଗୁଡ଼ିକୁ ଶୋଷଣ କରାଯାଉଥିଲା ଏବଂ ସେମାନଙ୍କର ପ୍ରଚଳିତ ସାମାଜିକ ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥା ସମୂଳେ ନଷ୍ଟ ହୋଇଗଲା । ସେମାନେ ବୈଦେଶିକ ଶାସନକୁ ବିରୋଧ କରିବା ସହ ସେମାନଙ୍କର ନିଜର ରାଷ୍ଟ୍ର ପ୍ରତିଷ୍ଠା କରିବାକୁ ଆରମ୍ଭ କଲେ ।





## ୪.୨.୨ ବାଷ୍ପଚାଳିତ ଇଞ୍ଜିନ

ଶିଳ୍ପ ବିପ୍ଳବର ଅନ୍ୟଏକ ମୁଖ୍ୟ ସଫଳତା ହେଉଛି, ବାଷ୍ପଶକ୍ତିର ଉଦ୍ଭାବନ ଓ ତାର ବ୍ୟବହାର । ଏପରିକି ପୂର୍ବବର୍ତ୍ତୀ ଉଦ୍ଭାବନଗୁଡ଼ିକ ବିକାଶିତ ହୋଇ ନୂତନ ଯନ୍ତ୍ରପାତି ତିଆରି ହେଲା କାରଣ ବହୁସଂଖ୍ୟାରେ କଳକାରଖାନା ଗଢ଼ିଉଠିଲା । ତେଣୁ ଉତ୍ପାଦନ ପାଇଁ ପ୍ରଚୁର ଶକ୍ତିର ଆବଶ୍ୟକତା ପଡ଼ିଲା । ୧୭୦୫ ମସିହାରେ ଥୋମାସ୍ ନିଉକୋମେନ କୋଇଲା ଖଣିରୁ ଜଳ ବାହାର କରିବା ପାଇଁ ଗୋଟିଏ ଇଞ୍ଜିନ ତିଆରି କଲେ । ୧୭୬୪ ମସିହାରେ ଜେମସ୍‌ୱାଟ ନିଉକୋମେନ୍‌ଙ୍କର ଇଞ୍ଜିନର ଗଠନ ପ୍ରକ୍ରିୟା ପରିବର୍ତ୍ତନ କଲେ ଓ ତାର କାର୍ଯ୍ୟ କରିବାର ଶକ୍ତିର ଉନ୍ନତି କରି ଚାରିଗୁଣ ବଢ଼ାଇଦେଲେ । ସେ ଗୋଟିଏ କୋଠରୀ ବାହାର କଲେ ଯେଉଁଠାରେ ଥଣ୍ଡାପାଣି ପ୍ରବାହ କରି ବାଷ୍ପକୁ ସଂକୁଚିତ କରିରଖିଲେ ଓ ଶୂନ୍ୟସ୍ଥାନ ସୃଷ୍ଟିକଲେ । ଏହା ମଧ୍ୟ ଗୋଟିଏ ଯାନ୍ତ୍ରିକ ପଦ୍ଧତିରୁ ଅନ୍ୟଗୋଟିଏକୁ ପରିବର୍ତ୍ତନ । ୱାଟ ଜନ୍‌ୱିଲକିସନଙ୍କ କଣାକରିବା ଯନ୍ତ୍ର ଏହି ଇଞ୍ଜିନରେ କଣାଟିଏ କରିବା ପାଇଁ ବ୍ୟବହାର କରିଥିଲେ । ଏହି ବାଷ୍ପଇଞ୍ଜିନ ଖୁବ୍‌ଶୀଘ୍ର କୋଇଲା ଚାଳିତ ରେଳ ଇଞ୍ଜିନ ପରିବର୍ତ୍ତରେ ବ୍ୟବହାର କରାଗଲା । ଏହା ରେଳଧାରଣା ନିର୍ମାଣର ଆବଶ୍ୟକତା ବୃଦ୍ଧି କଲା । ଏହି ଷ୍ଟିମଇଞ୍ଜିନର ଯାନ୍ତ୍ରିକ କୌଶଳ ଅନ୍ୟ ଶିଳ୍ପରେ ମଧ୍ୟ ବ୍ୟବହାର କରାଗଲା । ତେଣୁ ବର୍ତ୍ତମାନ ଆଉ ନଦୀ ବା ହ୍ରଦ କୂଳରେ କାରଖାନା ବସାଇବା ଆବଶ୍ୟକ ପଡ଼ିଲା ନାହିଁ ।

## ୪.୨.୩ କୋଇଲା ଓ ଲୁହା


ଷ୍ଟିମ୍‌ଇଞ୍ଜିନ୍, କୋଇଲା ଓ ଲୁହା ଆଧୁନିକ ଶିଳ୍ପର ମୂଳଦୁଆ ସ୍ଥାପନ କଲେ । ଏହା ବିଶ୍ୱାସ କରାଯାଉଥିଲା ଯେ କେବଳ 'ମୃତ୍ୟୁ ଇଚ୍ଛା' କରୁଥିବା ବ୍ୟକ୍ତି ଖଣିରେ କାମ କରୁଥିଲେ । କୋଇଲା ଗୋଟିଏ ଭୂସମାନ୍ତରାଳ ଗର୍ତ୍ତରୁ ଟୋକେଇରେ ସଂଗ୍ରହ କରାଯାଉଥିଲା ଓ ତାପରେ ଗୋଟିଏ ଭୂଆଲମ୍ବ ପଥ ଦେଇ ଭୂପୃଷ୍ଠକୁ ଟାଣିଆଣୁଥିଲେ । ଖଣିରୁ କୋଇଲା ବାହାର କରିବା ସଂପୂର୍ଣ୍ଣ ପଶୁ, ମନୁଷ୍ୟ, ସ୍ତ୍ରୀଲୋକ ଓ ପିଲାମାନଙ୍କର ଶାରୀରିକ ଶକ୍ତି ଉପରେ ନିର୍ଭର କରୁଥିଲା । କୋଇଲା କାରଖାନାରେ ମଧ୍ୟ ଖୁବ୍ ଭୟଙ୍କର କାର୍ଯ୍ୟ କାରିବାର ସର୍ତ୍ତ ଥିଲା । ଦୁର୍ଭାଗ୍ୟ ବଶତଃ କ୍ଷୁଦ୍ର ଶରୀର ଗଠନ ପାଇଁ ପିଲାମାନଙ୍କୁ ଏହି କାର୍ଯ୍ୟ ପାଇଁ ଅଧିକ ପସନ୍ଦ କରାଯାଉଥିଲା । ଷ୍ଟିମ ଶକ୍ତିର ବ୍ୟବହାର ଫଳରେ କୋଇଲାର ଆବଶ୍ୟକତା କ୍ରମଶଃ ବଢ଼ିଗଲା । କୋଇଲା ଉତ୍ତୋଳନରେ ବିଶେଷ ଉନ୍ନତି ଘଟିଲା ଯଥା – ଗର୍ଭମଧ୍ୟରେ ଶ୍ୱାସ ନେବା ବ୍ୟବସ୍ଥା, କୋଇଲା ପରିବହନ, କୋଇଲାକୁ ଫଟାଇବା ପାଇଁ ତୋପ ଶକ୍ତିର ବ୍ୟବହାର ଓ ନିରାପଦ ବତୀର ବ୍ୟବହାର ଇତ୍ୟାଦି । କିନ୍ତୁ କୋଇଲା ଖଣିରେ କାମ କରୁଥିବା ଲୋକମାନେ ଅନେକ ବିପଦ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯଥା– ଫୁସ୍‌ଫୁସ୍ ରୋଗରେ ଆକ୍ରାନ୍ତ ହେଉଥିଲେ ।

ଏହି ସମୟରେ ଲୌହ ଶିଳ୍ପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଥିଲା । ୧୭୦୯ ମସିହାରେ ଆବ୍ରାହାମ ଡରବୀ କୋଇଲା ଦ୍ୱାରା ତରଳାଇ ପିଗ୍ ଲୁହା ବାହାର କଲେ । ଆଗରୁ ପିଗ୍ ଲୁହା କାଠ ଅଙ୍ଗାର ଦ୍ୱାରା ତରଳା ଯାଉଥିଲା ଯାହାଫଳରେ ଇଂଲଣ୍ଡର ଜଙ୍ଗଲ ଦ୍ରୁତ ଗତିରେ କ୍ଷୟ ହେବାକୁ ଲାଗିଲା । ୧୭୮୪ ମସିହାରେ ହେନେରୀ କୋର୍ଟ ଅପେକ୍ଷାକୃତ କମ୍ ଭଙ୍ଗୁର ଲୁହା ଉତ୍ପାଦନର ପଦ୍ଧତି ବାହାର କଲେ । ଏହାକୁ ରଟ ଲୁହା (wrought iron) କୁହାଗଲା । ଏହା ଶିଳ୍ପ ପଦ୍ଧତିରେ ବିଶେଷ ଦରକାରୀ ଧାତୁ ଭାବରେ ପ୍ରମାଣିତ ହେଲା । ୧୭୭୪ ମସିହାରେ ଜନୱିକିନସନ ଗୋଟିଏ ଛିଦ୍ର କରିବା ଯନ୍ତ୍ର (Drilling mechine) ବ୍ୟବହାର କଲେ, ଯାହାକି ବିଶେଷ ନିର୍ଦ୍ଦିଷ୍ଟ ଭାବରେ ଛିଦ୍ର କରିପାରିଲା । ୧୭୮୮ ରୁ ୧୮୦୬ ମସିହା ମଧ୍ୟରେ ଲୁହାର ଉତ୍ପାଦନ ବହୁଗୁଣରେ ବୃଦ୍ଧି ପାଇଲା ଓ ଲୁହାର ବ୍ୟବହାର କୃଷି କ୍ଷେତ୍ରୀୟ ଯନ୍ତ୍ରପାତି, ଧାତୁ ନିର୍ମିତ ଜିନିଷ ଓ ଜାହାଜ ନିର୍ମାଣ ଆଦି କ୍ଷେତ୍ରକୁ ପ୍ରସାରିତ ହେଲା ।

ଲୌହ ଓ ବୟନ ଶିଳ୍ପର ବିକାଶ, ଜିନିଷଗୁଡ଼ିକ ଶସ୍ତା ହେବା ଓ ଦ୍ରୁତ ପରିବହନ ପାଇଁ ଉନ୍ନତ ପରିବହନ ବ୍ୟବସ୍ଥାର ଉଦ୍ଭାବନ ଆବଶ୍ୟକ ପଡ଼ିଲା । ସ୍ୱଦେଶ ଓ ବିଦେଶର ବଜାରର ଆବଶ୍ୟକତା ପୂରଣ କରିବା ଜରୁରୀ ଆବଶ୍ୟକ ହୋଇ ପଡ଼ିଲା ।

## ୪.୨.୪ ପରିବହନ ଓ ଯୋଗାଯୋଗର ମାଧ୍ୟମ

ପରିବହନ ଓ ଯୋଗାଯୋଗ ମାଧ୍ୟମରେ ଉନ୍ନତି ଶିଳ୍ପ ବିପ୍ଳବ ପାଇଁ ବିଶେଷ ଉତ୍ସାହପ୍ରଦ ଥିଲା । କଞ୍ଚାମାଲ, ପ୍ରସ୍ତୁତ ଉତ୍ପାଦନ, ଖାଦ୍ୟ ଆଦିର ଗୋଟିଏ ବିଶ୍ୱାସ ଯୋଗ୍ୟ ପରିବହନ ଲୋକମାନେ ଆବଶ୍ୟକ କରୁଥିଲେ । ୧୭୦୦ ମସିହା ଆଦ୍ୟଭାଗରେ ପୋଲ ଓ ରାସ୍ତା ନିର୍ମାଣରେ ଉନ୍ନତି ଘଟିଲା । କଞ୍ଚାମାଲ ଓ କାରଖାନାରୁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ଲକ୍ଷ୍ୟ ସ୍ଥଳକୁ ପରିବହନ କରିନେବା ପାଇଁ ଏହା ସାହାଯ୍ୟ କଲା । ୧୮୧୪ ମସିହାରେ ଜର୍ଜ ଷ୍ଟିଫେନସନ ପ୍ରଥମ ଷ୍ଟିମ ଚାଳିତ ରେଳ ଇଞ୍ଜିନ ତିଆରି କଲେ ଯାହା ରେଳ ଧାରଣା ଉପରେ ଚାଲିଲା । ଖୁବ୍ ଶୀଘ୍ର ଷ୍ଟିମ ଇଞ୍ଜିନ ଓ ରେଳପଥ ସାରା ଇଂଲଣ୍ଡରେ ଜିନିଷ ପରିବହନ କଲା ଓ ଏହା କେନାଲ ଦ୍ୱାରା ପରିବହନକୁ ସାହାଯ୍ୟ କଲା ।



ଚିତ୍ର ୪.୨ ଜର୍ଜ ଷ୍ଟିଫେନସନଙ୍କ 'ରକେଟ୍' ୧୮୨୯

**ତୁମେ ଜାଣ କି**

୧୮୨୫ ମସିହାରେ ଷ୍ଟକଟନରୁ ଡାର୍ଲିଟନ ମଧ୍ୟରେ ନିର୍ମିତ ପ୍ରଥମ ରେଳ ଧାରଣାରେ ରେଳ ଇଞ୍ଜିନ ଲୋକ ଓ ମାଲପତ୍ର ପରିବହନ କରିଥିଲା ।

ଊନବିଂଶ ଶତାବ୍ଦିର ମଧ୍ୟ ଭାଗରେ ପାଲଟଣା ଜାହାଜ ବଦଳରେ ବାଷ୍ପଚାଳିତ କାଠ ନିର୍ମିତ ଜାହାଜ ଚାଲିଲା । ଏହାପରେ ସମୁଦ୍ର ମଧ୍ୟରେ ଯାତାୟାତ ପାଇଁ ଲୌହ ନିର୍ମିତ ଜାହାଜ ବ୍ୟବହୃତ ହେଲା । ଶିଳ୍ପ ବିପ୍ଳବର ପ୍ରଥମ ଭାଗ ବାଷ୍ପଶକ୍ତି ଉପରେ ନିର୍ଭରଶୀଳ ଥିଲା । ପରେ ଦ୍ୱିତୀୟ ଭାଗରେ ବିଦ୍ୟୁତ ଶକ୍ତି ଉପରେ ନିର୍ଭର କଲା । ତୁମେ ଜାଣକି ମାଇକେଲ ଫାରାଡେ ପ୍ରଥମ ବିଦ୍ୟୁତଚାଳିତ ମୋଟର ଉଦ୍ଭାବନ କରିଥିଲେ ? ବର୍ତ୍ତମାନ ବିଦ୍ୟୁତ ଶକ୍ତି

ବ୍ୟବସାୟିକ ସୂତ୍ରରେ ମିଳୁଛି ଓ କାରଖାନା ଚାଲିବା ପାଇଁ ବ୍ୟବହାର କରାଯାଉଛି । ପରିବହନ ଓ ଯୋଗାଯୋଗର ଦ୍ରୁତ ଅଭିବୃଦ୍ଧି ବ୍ୟବସାୟିକ କାରବାର, ସେନାବାହିନୀ, ଉପନିବେଶ ସମୂହ, ରାଜ୍ୟ ସମୂହ ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଦ୍ରୁତତର ହୋଇପାରୁଛି । ଟେଲିଫୋନ ଓ ଟେଲିଗ୍ରାଫ୍‌ର ଉଦ୍ଭାବନ ଦ୍ୱାରା ପୃଥିବୀର ଯେକୌଣସି ଅଞ୍ଚଳକୁ ସଙ୍ଗେ ସଙ୍ଗେ ଯୋଗାଯୋଗ କରିବା ସମ୍ଭବ ହୋଇପାରୁଛି ।

## ୪.୩ ଶିଳ୍ପ ବିପ୍ଳବର ପରିଣାମ

ଶିଳ୍ପ ବିପ୍ଳବ ବହୁସଂଖ୍ୟାରେ ଲୋକଙ୍କୁ ସହରକୁ ଯିବାପାଇଁ ଉତ୍ସାହିତ କଲା । ତେଣୁ ସହରୀ ସମାଜ ଜନ୍ମଲାଭ କଲା । ଶ୍ରମିକମାନେ ତାଙ୍କର କାର୍ଯ୍ୟସ୍ଥଳୀ ବା କାରଖାନାର ନିକଟରେ ରହିଲେ ଯେଉଁଠାରେ ତାଙ୍କୁ ଚାକିରୀର ସୁଯୋଗ ମିଳିଲା । କିନ୍ତୁ କାରଖାନାରେ କାମ କରିବା ପଦ୍ଧତି ବଡ଼ ଦୟନୀୟ ଥିବା ସହିତ ଗୃହ ଏବଂ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ମଧ୍ୟ ବଡ଼ ଖରାପ ଥିଲା । କାରଖାନା ମାଲିକମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଲାଭ କରିବା । ତେଣୁ ସେମାନେ ଶ୍ରମିକମାନଙ୍କୁ କମ ଦରମାରେ ଅଧିକ ସମୟ କାମ କରିବାକୁ ବାଧ୍ୟ କରୁଥିଲେ । ଏପରିକି କେତେକ ସମୟରେ ୧୨ ରୁ ୧୪ ଘଣ୍ଟା କାମ କରୁଥିଲେ । ସ୍ତ୍ରୀଲୋକମାନେ ଓ ପିଲାମାନେ ଖୁବ୍ କମ୍ ମଜୁରୀ ପାଉଥିଲେ । କାରଖାନାଗୁଡ଼ିକରେ ଭଲ ବାୟୁ ଚଳାଚଳ ସୁବିଧା ନଥିଲା ଓ ସେଗୁଡ଼ିକ କୋଳାହଳପୂର୍ଣ୍ଣ, ଅପରିଷ୍କାର, ଓଦା ଓ ଅନ୍ଧାର ଥିଲା । ତୁମେ ଭାବୁଛ କି, ଏହି ପରିସ୍ଥିତି ବହୁଦିନ ରହିଲା ? କ୍ରମେ କ୍ରମେ ଶ୍ରମିକମାନେ ସେମାନଙ୍କର ଶକ୍ତି ସମ୍ପର୍କରେ ସଚେତନ ହେଲେ । ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଦାବୀ ହେଲା । ଶ୍ରମିକମାନଙ୍କୁ କାରଖାନା ବ୍ୟବସ୍ଥାର ଅନ୍ୟାୟରୁ ରକ୍ଷା ପାଇବା ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ସେମାନଙ୍କର କାର୍ଯ୍ୟକରିବା ଓ ରହିବା ଅବସ୍ଥାକୁ ସୁଧାର ଆଣିବା ଲାଗି ଅନେକ ଆଇନ ତିଆରି କରାଗଲା । ତୁମେ ଏହି ବିଷୟରେ ଅଧିକ ପରବର୍ତ୍ତୀ ଭାଗରେ ପଢ଼ିବ ।

## ତୁମ ପାଇଁ କାର୍ଯ୍ୟ ୪.୨

ତୁମେ ତୁମର ଚତୁର୍ପାଶ୍ୱ, ତୁମ ପରିବାର ଭିତର କିମ୍ବା ପଡ଼ୋଶୀ କିମ୍ବା ଦୋକାନ କିମ୍ବା ବଜାର ଦେଖ । ତୁମେ ଦେଖିବାକୁ ପାଉଛକି, ୧୪ ବର୍ଷରୁ କମ୍ ସାନପିଲାମାନେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଓ ତାଙ୍କର ପାଠ ପଢ଼ିବା ଅଧିକାରରୁ ବଞ୍ଚିତ ହେଉଛନ୍ତି ? ତାଙ୍କୁ ପାଠ ପଢ଼ାଇବା ପାଇଁ କ'ଣ କରିବା ଉଚିତ ? ଏହା ଉପରେ ଚିନ୍ତାକର ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ କିଛି ବାଟ ବାହାର କର ।

ଉତ୍ପାଦନ ଅଭୂତପୂର୍ବ ଭାବରେ ବୃଦ୍ଧି ପାଇଲା ଯାହା ଫଳରେ ପଦାର୍ଥର ମୂଲ୍ୟ କମିଗଲା । ମନୁଷ୍ୟ ଶ୍ରମ ପରିବର୍ତ୍ତରେ ଯନ୍ତ୍ର ଶକ୍ତିର ବ୍ୟବହାର ହେଲା ଏବଂ କୁଟୀର ଶିଳ୍ପ ଉତ୍ପାଦନ ସମ୍ପୂର୍ଣ୍ଣ ଲୋପ ପାଇଲା । କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ଖାଦ୍ୟଦ୍ରବ୍ୟର ମୂଲ୍ୟ ହ୍ରାସ ଘଟାଇଲା । କାରଖାନା ଓ ଯନ୍ତ୍ରଶିଳ୍ପର ମାଲିକାନା ଯୋଗୁଁ ଏକ ନୂତନ ସମ୍ପ୍ରଦର ଉତ୍ସୃଷ୍ଟି ହେଲା । ଏହି ନୂଆ ଗୋଷ୍ଠୀର ଲୋକମାନେ ପୁଞ୍ଜିପତି ନାମରେ ପରିଚିତ ହେଲେ । ସେମାନେ ବଳକା ଆୟ ଅଞ୍ଚଳରୁ ଆବଶ୍ୟକତା ଥିବା ଅଞ୍ଚଳକୁ ପୁଞ୍ଜି ବଣ୍ଟନ କରିବା ପାଇଁ ବ୍ୟାଙ୍କ ବ୍ୟବସ୍ଥା ପ୍ରଚଳନ କଲେ । ୧୭୦୦ ମସିହାର ଆଦ୍ୟଭାଗରେ ବଣିଆ, ବଣିକ ଓ ଉତ୍ପାଦନକାରୀମାନଙ୍କ ଦ୍ୱାରା ପ୍ରଥମ ଘରୋଇ ବ୍ୟାଙ୍କ ଖୋଲାଗଲା ।

ଖୁବ୍‌ଶୀଘ୍ର ଶିଳ୍ପ ବିପ୍ଳବ ଅନ୍ୟଦେଶକୁ ବ୍ୟାପିଗଲା । ବାଣିଜ୍ୟପଥ ଆବିଷ୍କାର ଉପନିବେଶବାଦୀ ଓ ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକ ମଧ୍ୟରେ କଞ୍ଚାମାଲ ନୂତନ ବଜାର ଓ ଶସ୍ତା ଶ୍ରମ ଆବଶ୍ୟକତା ପୂରଣ କରିବାକୁ ସାମ୍ରାଜ୍ୟ ବୃଦ୍ଧି ପାଇଁ

ପ୍ରତିଯୋଗିତାକୁ ଉତ୍ସାହିତ କଲା । ଏହା ଦ୍ୱାରା ଇଉରେପୀୟ ଦେଶମାନଙ୍କ ମଧ୍ୟରେ ଉପନିବେଶ ସ୍ଥାପନ ପାଇଁ ପ୍ରତିଯୋଗିତା ଆରମ୍ଭ ହେଲା । ପ୍ରତିଦ୍ୱନ୍ଦିତା ମୁଖ୍ୟତଃ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ହୋଇଥିଲା । ପରେ ଇଟାଲୀ, ଜର୍ମାନୀ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରତିଯୋଗିତାରେ ଯୋଗ ଦେଲେ । ଏହିସବୁ ସାମ୍ରାଜ୍ୟ ବିସ୍ତାରଗୁଡ଼ିକ ପ୍ରାଧାନ୍ୟ ବିସ୍ତାର ପାଇଁ ଯୁଦ୍ଧ ଓ ଦୁଇ ବିଶ୍ୱଯୁଦ୍ଧର କାରଣ ହେଲା ଯାହା ବିଷୟରେ ତୁମେ ଏହି ଅଧ୍ୟାୟରେ ଆଗକୁ ପଢ଼ିବ । ସେମାନେ ଉପନିବେଶଗୁଡ଼ିକୁ ଶୋଷଣ କରୁଥିଲେ ଏବଂ ସେମାନଙ୍କର ପ୍ରଚଳିତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପଦ୍ଧତିକୁ ଧ୍ୱଂସ କରିଦେଲେ । ଏହି ଉପନିବେଶଗୁଡ଼ିକ ଗୋଟିଏ ପରେ ଗୋଟିଏ ବିଦେଶୀ ଶାସନକୁ ବିରୋଧ କରିବା ଆରମ୍ଭ କଲେ ଓ ନିଜର ସ୍ୱାଧୀନତା ପାଇଁ ଲଢ଼େଇ କଲେ ।

## ପାଠଗତ ପ୍ରଶ୍ନାବଳୀ ୪.୧

୧. ଇଂଲଣ୍ଡରେ ଶିଳ୍ପ ବିପ୍ଳବର ଜନ୍ମ ପାଇଁ କେଉଁ ଦୁଇଟି ପ୍ରାକୃତିକ ସମ୍ପଦ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ?

୨. ପରିବହନ ଓ ଯୋଗାଯୋଗ ମାଧ୍ୟମର ବିକାଶ କିପରି ଭାବରେ ବଣିକମାନଙ୍କୁ ସାହାଯ୍ୟ କଲା ?

୩. ପିଲାମାନଙ୍କୁ କୋଇଲା ଖଣି ଓ କାରଖାନାରେ ନିଯୁକ୍ତି କରାଯିବାର କାରଣ କଣ ?

୪. ଉଭୟ ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ଯୋଗ କର

| | 'କ' | 'ଖ' |
|---|---|---|
| (କ) | କେମସ୍‌ୱାଟ୍ | ୧. ଲୌହଶିଳ୍ପ |
| (ଖ) | ସାମୁଏଲକ୍ରମ୍ପଟନ | ୨. ବିଦ୍ୟୁତଚାଳିତ ମୋଟର |
| (ଗ) | ହେନେରୀ କୋର୍ଟ | ୩. ବାଷ୍ପ ଇଞ୍ଜିନ |
| (ଘ) | ମାଇକେଲ ଫାରାଡ଼େ | ୪. ସ୍ପିନିଂ ଜେନି |
| | | ୫. ସ୍ପିନିଂ ମୁଲ |
| | | ୬. ଫ୍ଲାଇଂସଟଲ୍ |

## ୪.୪ ସାମ୍ରାଜ୍ୟବାଦ ଓ ଉପନିବେଶବାଦର ବୃଦ୍ଧି

ଗତ ଅଧ୍ୟାୟରେ ତୁମେ ଶିଳ୍ପ ବିପ୍ଳବ ବିଷୟରେ ଓ ତାହା କିପରି ପାଶ୍ଚାତ୍ୟ ଦେଶରେ ବିସ୍ତାର ଲାଭ କଲା ତାହା ପଢ଼ିଲ । ଉନବିଂଶ ଶତାବ୍ଦୀ ବେଳକୁ ଅଧିକାଂଶ ଇଉରୋପୀୟ ଦେଶଗୁଡ଼ିକ ଶିଳ୍ପ ସମୃଦ୍ଧ ହୋଇ ସାରିଥିଲା । ସେହି ଦେଶଗୁଡ଼ିକ ନିୟମିତ କଞ୍ଚାମାଲ ଯୋଗାଣ ଓ ପ୍ରସ୍ତୁତ ହୋଇଥିବା ଜିନିଷଗୁଡ଼ିକର ବିକ୍ରୟ ପାଇଁ ବଜାର ଆବଶ୍ୟକ କଲେ । ତେଣୁ ସେମାନେ ଶିଳ୍ପ ସମୃଦ୍ଧ ହୋଇ ନଥିବା ଅଞ୍ଚଳଗୁଡ଼ିକୁ ନିଜର ଅଧିକାରକୁ ଆଣିବାକୁ ଚେଷ୍ଟା କଲେ । ପୁଞ୍ଜିପତିମାନେ ମଧ୍ୟ ତାଙ୍କର ବଳକା ପୁଞ୍ଜିକୁ ବିନିଯୋଗ କରିବା ପାଇଁ ନୂତନ ସ୍ଥାନ ଓ ନୂତନ ଶିଳ୍ପ ଆବଶ୍ୟକ କଲେ । କାରଣ ତାଙ୍କର ଏହି ଆବଶ୍ୟକତା ତାଙ୍କର ନିଜ ଦେଶରେ ବା ନିକଟବର୍ତ୍ତୀ ଅଞ୍ଚଳରେ ପୂରଣ

ହୋଇ ପାରିଲା ନାହିଁ । ନିଜର ଅଧିକାର ପରିବ୍ୟାପ୍ତ କରିବା କିମ୍ବା ଅନ୍ୟ ରାଷ୍ଟ୍ରର ରାଜନୈତିକ ଓ ଅର୍ଥନୈତିକ ଜୀବନ ଉପରେ ଶାସନ କରିବାକୁ ସାମ୍ରାଜ୍ୟବାଦ କୁହାଯାଏ । ଏହା ସୈନ୍ୟମାନଙ୍କ ଦ୍ୱାରା ବା ଅନ୍ୟ କୌଣସି ମାଧ୍ୟମରେ କରାଯାଇପାରେ । ଉପନିବେଶବାଦର ଅର୍ଥ ଉପନିବେଶ ଅଧିକାର କରିବା ଏବଂ ସେମାନଙ୍କୁ ବିଜୟଲାଭ ଦ୍ୱାରା ବା ଅନ୍ୟ କୌଣସି ଉପାୟରେ ନିର୍ଭରଶୀଳ କରିରଖିବା । କଞ୍ଚାମାଲ, ବଜାର ଓ ପୁଞ୍ଜିବିନିଯୋଗ କରିବା ସ୍ଥାନର ଆବଶ୍ୟକତା ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକୁ ନିଜ ଦେଶ ବାହାରେ ଅନ୍ୟ ଅଞ୍ଚଳ ଅଧିକାର କରିବା ପାଇଁ ଉତ୍ସାହିତ କଲା । ସାମ୍ରାଜ୍ୟବାଦର ମୁଖ୍ୟ ବିଶେଷତ୍ୱ ହେଉଛି, ଯୁଦ୍ଧ ଦ୍ୱାରା ବିଜୟଲାଭ, ରାଜନୈତିକ ଶାସନ ବା ଅନ୍ୟ କୌଣସି ପଦ୍ଧତିରେ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଉପନିବେଶଗୁଡ଼ିକ ଉପରେ ଅର୍ଥନୈତିକ ପ୍ରାଧାନ୍ୟ ବିସ୍ତାର କରିବା । ଉପନିବେଶଗୁଡ଼ିକର ସମସ୍ତ ସମ୍ପତ୍ତି ଓ ପ୍ରାକୃତିକ ସମ୍ପଦ ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକୁ ନିଜଦେଶକୁ ବୋହି ନେଉଥିଲେ । ଉପନିବେଶଗୁଡ଼ିକର ସ୍ୱାର୍ଥ ସାମ୍ରାଜ୍ୟବାଦୀ ରାଷ୍ଟ୍ରରେ ସ୍ୱାର୍ଥର ଅଧୀନ ଥିଲା । ଯେଉଁ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଅଧିକାର କରୁଥିଲା, ତାକୁ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଓ ବିଜିତ ରାଷ୍ଟ୍ରକୁ ଉପନିବେଶ କୁହାଯାଉଥିଲା । ଊନବିଂଶ ଶତାବ୍ଦୀର ଶେଷ ବେଳକୁ ଏସିଆ ଓ ଆଫ୍ରିକାର ପ୍ରାୟ ସମସ୍ତରାଷ୍ଟ୍ର ଇଉରୋପର କୌଣସି ଏକ ରାଷ୍ଟ୍ରରେ ଅଧୀନରେ ଥିଲା ।

ତୁମେ କାହିଁକି ଭାବୁଛ ଯେ, ଏହି ଶିଳ୍ପ ସମୃଦ୍ଧ ରାଷ୍ଟ୍ରଗୁଡ଼ିକ ଏସିଆ ଓ ଆଫ୍ରିକାରେ ନିଜର ପ୍ରାଧାନ୍ୟ ବିସ୍ତାର ପାଇଁ ପସନ୍ଦ କଲେ । ଏହାର କାରଣ ହେଉଛି, ଏହି ଦେଶଗୁଡ଼ିକରେ ପ୍ରଚୁର ପ୍ରାକୃତିକ ସମ୍ପଦ ଭରି ରହିଥିଲା ଓ ସେମାନେ ରାଜନୈତିକ ଓ ପ୍ରତିରକ୍ଷା କ୍ଷେତ୍ରରେ ଦୁର୍ବଳ ଥିଲେ ଏବଂ ଶିଳ୍ପ କ୍ଷେତ୍ରରେ ପଛୁଆ ଥିଲେ । ଦୁର୍ଭାଗ୍ୟବଶତଃ ସେହି ଦେଶଗୁଡ଼ିକ ବହୁତ ଦୂରରେ ଥିଲା । ଭଲ ଯୋଗାଯୋଗ ମାଧ୍ୟମ ବିନା କୌଣସି ଦେଶ ସେମାନଙ୍କଠାରୁ ଲାଭ ଉଠାଇ ପାରିବ ନାହିଁ । ସାମ୍ରାଜ୍ୟବାଦର ବୃଦ୍ଧି ସହିତ ଏକ ସମୟରେ ପରିବହନ ଓ ଯୋଗାଯୋଗର ମଧ୍ୟ ବିକାଶ ଘଟିଲା । ଭଲରାସ୍ତା, ବାଷ୍ପଚାଳିତ ଜାହାଜ, ରେଳରାସ୍ତା ଓ କେନାଲ ଆଦି ଶିଳ୍ପ ସମୃଦ୍ଧ ରାଷ୍ଟ୍ରଗୁଡ଼ିକ ଦ୍ୱାରା ନିଜ ରାଷ୍ଟ୍ରରେ ଓ ଉପନିବେଶଗୁଡ଼ିକରେ ନିର୍ମିତ ହେଲା । ଉପନିବେଶକୁ ଓ ଉପନିବେଶରୁ ଜିନିଷର ସହଜରେ ପରିବହନ ଏହି ଦେଶଗୁଡ଼ିକ ପାଇଁ ସବୁ ସହଜ କରିଦେଲା । ସୈନ୍ୟବାହିନୀ ମଧ୍ୟ ସହଜରେ ଉପନିବେଶକୁ ପଠାଯାଇପାରିଲା । ଟେଲିଗ୍ରାଫ ଓ ଟେଲିଫୋନର ବିକାଶ ଫଳରେ ସମ୍ବାଦ ସହଜରେ ପଠାଯାଇ ପାରିଲା । ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ଏହି ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକ ସହଜରେ ପହଞ୍ଚିବାର ସୀମା ଭିତରେ ରହିଲେ ।

ଅତ୍ୟଧିକ ଜାତୀୟତାଭାବ ସାମ୍ରାଜ୍ୟବାଦର ପ୍ରସାର ପାଇଁ ଏକ ମୁଖ୍ୟ ଶକ୍ତି ଭାବରେ କାର୍ଯ୍ୟକଲା । ଗୌରବ, ସମ୍ମାନ ଓ ମର୍ଯ୍ୟାଦା ପାଇଁ ଇଟାଲୀ ଓ ଜର୍ମାନୀ ଭଳି କେତେକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଅଧୀନରେ ଥିବା ଅଞ୍ଚଳକୁ ଅଧିକାର କଲେ । ଏହି ସମୟ ମଧ୍ୟରେ ଇଉରୋପର ଲୋକମାନେ ଗୋଟିଏ ଜାତିଗତ ପ୍ରାଧାନ୍ୟର ପ୍ରସାର କରାଇଥିଲେ । ଏସିଆ ଓ ଆଫ୍ରିକାର ଲୋକମାନଙ୍କୁ ପଛୁଆ ବୋଲି କହୁଥିଲେ । ସେମାନଙ୍କ ମତଥିଲା ଯେ, ଗୋରା ଲୋକମାନଙ୍କର ଦାୟିତ୍ୱ ପଛୁଆ ଲୋକମାନଙ୍କୁ ସଭ୍ୟ କରାଇବା । ତେଣୁ ଏହା ତାଙ୍କର କର୍ତ୍ତବ୍ୟ । ଏହି ଦେଶଗୁଡ଼ିକ ଅଧିକାର କରିବା, ଖ୍ରୀଷ୍ଟିଆନ ଧର୍ମ ପ୍ରସାର କରାଇବା ଓ ତାଙ୍କୁ ଜ୍ଞାନ ଆଲୋକ ପ୍ରଦାନ କରିବା । ଏହି ଧାରଣା ସେମାନଙ୍କୁ ଏହି ଦେଶଗୁଡ଼ିକ ଅଧିକାର କରିବା ପାଇଁ ନୈତିକ ଦୃଷ୍ଟିରୁ ଯୁକ୍ତି ସଂଗତ ବୋଧ ହେଲା ।

ଏହା ବିଶେଷ କଷ୍ଟକର ନଥିଲା କାରଣ ଦୁଃସାହାସିକ ଆବିଷ୍କାରକମାନେ ଇଉରେପୀୟମାନଙ୍କ ମଧ୍ୟରେ ରାଜ୍ୟ ଅଧିକାର କରିବାର ଇଚ୍ଛାକୁ ଉତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନେ ଯେଉଁଦେଶ ଆବିଷ୍କାର କରୁଥିଲେ, ସେ ଦେଶ ସମ୍ପର୍କରେ ମୂଲ୍ୟବାନ ସୂଚନା ପ୍ରଦାନ କରିବା ସହ ସେମାନେ ଏହି ଅନୁନ୍ନତ

ଅଞ୍ଚଳରେ ଯେଉଁ ସମ୍ପତ୍ତି ଓ ପ୍ରାକୃତିକ ସମ୍ପଦ ଦେଖିଲେ, ତାହା ବର୍ଣ୍ଣନା କଲେ । ତୁମେ ପଢ଼ିଥିବା ଅନେକ ଆବିଷ୍କାରକ ଯଥା ଖ୍ରୀଷ୍ଟଫର କଲମ୍ବସ, ଭାସ୍କୋଡ଼ାଗାମା ଓ ଫର୍ଡିନାର୍ଡ ମେଗାଲନ୍‌ଙ୍କ ନାମ ତୁମର ମନେଅଛି କି ?

## ୪.୪.୧ ଆଫ୍ରିକାରେ ସାମ୍ରାଜ୍ୟବାଦ

ତୁମେ ଜାଣକି ଗୋଟିଏ ସମୟରେ ଆଫ୍ରିକାକୁ ଅନ୍ଧକାର ମହାଦେଶ କୁହାଯାଉଥିଲା ? ଏହି ମହାଦେଶ ବିଷୟରେ ଖୁବ୍ କମ୍ ସୂଚନା ମିଳୁଥିଲା । ଧର୍ମଯାଜକ ଓ ଆବିଷ୍କାରକମାନେ ଆଭ୍ୟନ୍ତରୀଣ ଅଞ୍ଚଳକୁ ପ୍ରଥମେ ପ୍ରବେଶ କରିଥିଲେ । ସେଠାରେ ସେମାନେ ପ୍ରଚୁର ସମ୍ପତ୍ତି ଯଥା ହାତୀଦାନ୍ତ, ସୁନା, ହୀରା, ବାଉଁଶ ଏବଂ କ୍ରୀତଦାସ ଭଳି କାର୍ଯ୍ୟ କରିପାରିବା ଲୋକମାନଙ୍କୁ ଆବିଷ୍କାର କଲେ । ଆଫ୍ରିକାର ରାଜନୈତିକ ବ୍ୟବସ୍ଥା ବଡ଼ ଦୁର୍ବଳ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ପଛୁଆ ଏବଂ ସାମରିକ କ୍ଷେତ୍ର ମଧ୍ୟ ଦୁର୍ବଳ ଥିଲା । ଇଉରୋପୀୟ ଦେଶମାନଙ୍କ ମଧ୍ୟରେ କ୍ଷମତା ଓ ସମ୍ମାନ ଲାଭ, କଞ୍ଚାମାଲ ଓ ଉତ୍ପାଦିତ ଜିନିଷର ବଜାର ପାଇଁ ପ୍ରତିଯୋଗିତା ଆରମ୍ଭ ହେଲା । ଇଉରୋପର ଲୋକମାନେ ଅନ୍ୟପକ୍ଷରେ ଯାନ୍ତ୍ରିକ କୌଶଳରେ ଉନ୍ନତ ଅସ୍ତ୍ରଶସ୍ତ୍ରର ଅଧିକାରୀ ହେଲେ ଯାହାକି ସେମାନଙ୍କୁ ରାଜ୍ୟଜୟ କ୍ଷେତ୍ରରେ ସାହାଯ୍ୟ କଲା । ୧୮୭୫ ମସିହା ପର୍ଯ୍ୟନ୍ତ ଆଫ୍ରିକାରେ ଇଉରୋପୀୟମାନଙ୍କର ଅଧିକୃତ ଅଞ୍ଚଳ ସମୁଦ୍ର କୂଳରେ ଥିବା କେତେକ ଦୁର୍ଗ ଓ ବାଣିଜ୍ୟ କେନ୍ଦ୍ର ଏବଂ ଅଳ୍ପ କେତେକ କ୍ଷୁଦ୍ର ଉପନିବେଶ ମଧ୍ୟରେ ସିମୀତ ଥିଲା । କିନ୍ତୁ ୧୮୮୦ ଏବଂ ୧୯୧୦ ମଧ୍ୟରେ ସମୁଦାୟ ଆଫ୍ରିକା ଇଉରୋପୀୟମାନଙ୍କ ମଧ୍ୟରେ ଭାଗଭାଗ ହୋଇଗଲା । ଆଫ୍ରିକା ଓ ତାର ଅଧିବାସୀମାନଙ୍କ ସମ୍ପର୍କରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତମାନ ଲଣ୍ଡନ, ପ୍ୟାରିସ, ଲିସବନ୍ ଓ ଅନ୍ୟ ଇଉରୋପୀୟ ରାଷ୍ଟ୍ରର ରାଜଧାନୀମାନଙ୍କ ସମ୍ମିଳନୀରେ ପରବର୍ତ୍ତୀ ୫୦ ବର୍ଷ ପାଇଁ ଗ୍ରହଣ କରାଯାଉଥିଲା ।

**? ତୁମେ ଜାଣ କି**

ଫ୍ରାନ୍ସ ଆଫ୍ରିକାରେ ସବୁଠାରୁ ବେଶୀ ଉପନିବେଶ ଉପରେ ଶାସନ କରୁଥିଲା କିନ୍ତୁ ଇଂଲଣ୍ଡ ସବୁଠାରୁ ବେଶୀ ଲୋକଙ୍କ ଉପରେ ଶାସନ କରୁଥିଲା ।

ଫ୍ରାନ୍ସ ଉତ୍ତର ପଶ୍ଚିମ ଆଫ୍ରିକାରେ ବୃହତ୍ ସାମ୍ରାଜ୍ୟ ଅଧିକାର କରିଥିଲା । ଆଲଜେରିଆ, ଟୁନେସିଆ, ମରୋକୋ, ଆଇଭରିକୋଷ୍ଟ, ଡାହୋମି, ମାଲି ଓ ପଶ୍ଚିମ ଆଫ୍ରିକାର ଅନ୍ୟ ଅଞ୍ଚଳଗୁଡ଼ିକ ଫ୍ରାନ୍ସର ଶାସନାଧିକାରରେ ଥିଲା । ଗାମ୍ବିଆ, ସିଏରା ଲିଓନ, ଗୋଲ୍ଡକୋଷ୍ଟ ନାଇଜେରିଆ, ଦକ୍ଷଣଆଫ୍ରିକା, ରୋଡେସିଆ, ଉଗାଣ୍ଡା, କେନିଆ, ଇଜିପ୍ଟ, ସୁଦାନ, ଇରିଟ୍ରେ, ସୋମାଲିଲାଣ୍ଡର ଗୋଟିଏ ଅଂଶ ଏବଂ ଲିବ୍ୟା ଇଂଲଣ୍ଡ ଦ୍ୱାରା ଶାସିତ ହେଉଥିଲା । ଦକ୍ଷିଣ ପଶ୍ଚିମ ଆଫ୍ରିକା, ଟାଙ୍ଗାନାଇକା, ଟୋଗୋଲାଣ୍ଡ, କାମେରୁନ, ପ୍ରଥମ ବିଶ୍ୱଯୁଦ୍ଧରେ ପରାଜିତ ହେଲା ପର୍ଯ୍ୟନ୍ତ ଜର୍ମାନୀ ଶାସନ କରୁଥିଲା । ୧୯୧୪ରେ ଯୁଦ୍ଧ ଆରମ୍ଭ ହେଲା ବେଳକୁ ଆଫ୍ରିକାରେ ମାତ୍ର ଦୁଇଟି ସ୍ୱାଧୀନ ଦେଶ ଥିଲା ଯଥା – ଲିବେରିଆ ଓ ଇଥିଓପିଆ । କିନ୍ତୁ ପରେ ୧୯୩୫ ମସିହାରେ ଇଥିଓପିଆ ଇଟାଲୀଦ୍ୱାରା ଅଧିକୃତ ହେଲା । ସାମ୍ରାଜ୍ୟବାଦର ଏକ କୌତୁହଳପୂର୍ଣ୍ଣ ବିଶେଷତ୍ୱ ହେଉଛି ଆଫ୍ରିକାର କ୍ରୀତଦାସ ପ୍ରଥା । ଇଉରୋପୀୟମାନେ ଆଫ୍ରିକାର କ୍ରୀତଦାସମାନଙ୍କୁ ଆମେରିକାରେ ଥିବା ତାଙ୍କର ଉପନିବେଶରେ କାମ କରିବା ପାଇଁ ଆମଦାନୀ କରୁଥିଲେ । ପର୍ତ୍ତୁଗାଲର ରାଜଧାନୀ ଲିସବନରେ ଗୋଟିଏ କ୍ରୀତଦାସ ବଜାର ଥିଲା । ୧୫୦୦ ରୁ ୧୮୦୦ ମସିହା ମଧ୍ୟରେ ପ୍ରାୟ ୧୫ ନିୟୁତ ଆଫ୍ରିକୀୟ ଧରାଯାଇ କ୍ରୀତଦାସ ଭାବରେ ବିକ୍ରୟ ହୋଇଥିଲେ ।





## ତୁମ ପାଇଁ କାର୍ଯ୍ୟ ୪.୩

ଜଣେ ଲୋକକୁ ତାର ରଙ୍ଗ, ଗୋଷ୍ଠୀ, ଶ୍ରେଣୀ, ଜାତି ଓ ଧର୍ମର ଆଧାରରେ ପୃଥକ ବିବେଚନା କରି ନ୍ୟୁନ ଦୃଷ୍ଟିରେ ଦେଖାଯାଉଥିଲା । ଏହି ସମ୍ପର୍କରେ ଉଭୟ ଭାରତରେ ଓ ଭାରତ ବାହାରେ ଆମେମାନେ ଅନେକ ବାଚନିକ ଓ ଶାରୀରିକ ଅପବ୍ୟବହାର କରିବା ଘଟଣାମାନ ଅନୁଭବ କରିଛୁ । ତୁମେ କ'ଣ ଭାବୁଛ, ଆମେ ଏସବୁ କାର୍ଯ୍ୟରେ ଭାଗ ନେଲାବେଳେ ଆମେମାନେ ବିବେକାନୁମୋଦିତ ପରିପକ୍ୱ ଭାବରେ କାର୍ଯ୍ୟ କରିଥାଉ ? ଅନ୍ୟଲୋକ କିପରି ଅନୁଭବ କରେ ? ଏହାକୁ ବନ୍ଦ କରିବା ପାଇଁ ତୁମେ କ'ର ପଦକ୍ଷେପ ନେଇ ପାରିବ ତାର ପ୍ରସ୍ତାବ ଦିଅ ।

## ୪.୪.୨ ଏସିଆରେ ସାମ୍ରାଜ୍ୟବାଦ

ଆଫ୍ରିକା ଭଳି ଏସିଆରେ ମଧ୍ୟ ଇଉରୋପୀୟମାନେ ଉପନିବେଶ ସ୍ଥାପନ କଲେ । ଇଂରେଜ ଓ ଫରାସୀମାନେ ପର୍ତ୍ତୁଗାଲ ଓ ହଲାଣ୍ଡ ଦ୍ୱାରା ଚାଲିଥିବା ଉନ୍ନତ ବାଣିଜ୍ୟକୁ ଭଲ ପାଉନଥିଲେ ଯାହାକୁ ସେମାନେ ସର୍ବଶେଷରେ ଭାରତରୁ ବାହାର କରିଦେଲେ । ଇଂରେଜ ଓ ଫରାସୀ କମ୍ପାନୀଗୁଡ଼ିକ ଏଠାରେ ବସତିସ୍ଥାପନ କଲେ । ୧୭୬୩ ମସିହାରେ ଇଂରେଜମାନେ ଭାରତରେ ଫରାସୀମାନଙ୍କର ପ୍ରଭାବକୁ ଲୋପ କରିଦେଲେ ଓ ସେମାନଙ୍କର ନିଜର କ୍ଷମତା ବିସ୍ତାର କଲେ । ତୁମେ ପରବର୍ତ୍ତୀ ଅଧ୍ୟାୟରେ ଭାରତରେ ଇଂରେଜ ଶାସନ ସମ୍ପର୍କରେ ଅଧିକ ପଢ଼ିବ । ଜାପାନ ଓ ଚୀନ ଭଳି ଦେଶମାନେ ବିଦେଶୀ ସଂସ୍କୃତି ଓ ଜୀବନଯାପନ ପଦ୍ଧତି ଗ୍ରହଣ କଲେ ନାହିଁ କାରଣ ସେମାନେ ସେମାନଙ୍କର ପ୍ରଚଳିତ ପଦ୍ଧତିରେ ବିଶ୍ୱାସ କରୁଥିଲେ । ବକ୍ସର ବିଦ୍ରୋହ ଏବଂ ଓପିଅମ ଯୁଦ୍ଧ ଶିଳ୍ପ ସମୃଦ୍ଧ ଦେଶଗୁଡ଼ିକୁ ଚୀନ ଘଟଣାରେ ସଂଶ୍ଲିଷ୍ଟ ହେବାପାଇଁ କ୍ଷମତା ପ୍ରଦାନ କଲା । କ୍ରମେ କ୍ରମେ ସେମାନେ ଶିଳ୍ପ ବିକାଶକୁ ପାଶ୍ଚାତ୍ୟ ପ୍ରଭାବକୁ ଗ୍ରହଣ କଲେ । ବର୍ତ୍ତମାନ ଆମେ କ'ଣ ଘଟିଲା ଅଧ୍ୟୟନ କରିବା ।

## ୪.୪.୩ ଚୀନ

ଇଉରୋପୀୟ ଦେଶଗୁଡ଼ିକରେ ଚୀନ ଜିନିଷର ବିଶେଷ ଚାହିଦା ଥିବାବେଳେ ଇଉରୋପୀୟ ଜିନିଷର ଚାହିଦା ଚୀନରେ ନଥିଲା । ଏହି ଏକପାଖିଆ ବାଣିଜ୍ୟ ଇଉରୋପୀୟ ବଣିକମାନଙ୍କ ପାଇଁ ଲାଭ ଦାୟକ ନଥିଲା । ତେଣୁ ସେମାନେ ଚୀନର ଯୁବକମାନଙ୍କର ମନୋବଳ କମାଇବା ସହିତ ଜିନିଷର ଆଦାନ ପ୍ରଦାନ ପାଇଁ ଚୀନକୁ ଅଫିମ ଚୋରା କାରବାର କରିବା ଆରମ୍ଭ କରିଦେଲେ । ଏହା ଫଳରେ ଚୀନ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଅଫିମସମର (Opiumwar) ସଂଗଠିତ ହେଲା ଯେଉଁଥିରେ ଚୀନ ସହଜରେ ପରାସ୍ତ ହେଲା ଏବଂ ଇଂଲଣ୍ଡ ନିଜପାଇଁ ଅନେକ ରିହାତି ପାଇଲେ । ଚୀନର ପାଞ୍ଚଟିଯାକ ବନ୍ଦର ଇଂଲଣ୍ଡ ବଣିକମାନଙ୍କ ପାଇଁ ମୁକ୍ତ କରିବାରେ ସଫଳ ହେଲେ । ଚୀନ ସରକାର ବିଦେଶୀ ଜିନିଷ ଉପରେ କୌଣସି ଶୁଳ୍କ ବସାଇ ପାରିଲେ ନାହିଁ । ସେମାନେ ଚୀନ ନ୍ୟାୟାଳୟରେ କୌଣସି ଇଂଲଣ୍ଡ ନାଗରିକଙ୍କ ବିରୁଦ୍ଧରେ ମକଦ୍ଦମା ଚଳାଇ ପାରିବେ ନାହିଁ । ହଂଙ୍ଗକଙ୍ଗ ଦ୍ୱୀପ ଇଂଲଣ୍ଡକୁ ହସ୍ତାନ୍ତର କରାଗଲା ।

ଦ୍ୱିତୀୟ ଅଫିମସମର (Opiumwar) ଇଂଲଣ୍ଡ ଜାତୀୟ ପତାକାର ଅସମ୍ମାନ ଓ ଫରାସୀ ଧର୍ମଯାଜକଙ୍କର ହତ୍ୟାର ପ୍ରତିଶୋଧ ନେବା ପାଇଁ ସଂଗଠିତ ହୋଇଥିଲା । ଚୀନ୍ ଦୁଇଟିଯାକ ଇଉରୋପୀୟ ଶକ୍ତିଙ୍କଠାରୁ ପରାଜିତ ହେଲା ଓ ଅଧିକ ଆଞ୍ଚଳିକ ଅଧିକାର ପ୍ରଦାନ କରିବାକୁ ବାଧ୍ୟ ହେଲା ।

ବକ୍ସରଙ୍କ ବିଦ୍ରୋହ ଖ୍ରୀଷ୍ଟିଆନ ଧର୍ମଯାଜକ ଏବଂ ଅଧିକାର ଦାବୀ କରିବା ଦ୍ୱାରା ଚୀନର ବିଭାଜନ ପରେ ଚୀନର ଶୋଷଣ ବିରୁଦ୍ଧରେ ଏକ ସଂଗଠିତ ଆତଙ୍କ । ଚୀନର ଯୁବକମାନେ ବିଦେଶୀ ନାଗରିକମାନଙ୍କୁ ସେମାନଙ୍କ ମୁଥା ସାହାଯ୍ୟରେ ଉତ୍ପୀଡ଼ନ କଲେ । ସେମାନଙ୍କୁ ରାଜନ୍ୟାୟାଳୟର ଗୁପ୍ତ ସମର୍ଥନ ଥିଲା ।

## ୪.୪.୪ ଜାପାନ

୧୮୬୮ ମସିହାରେ "Meiji Restoration" ସହିତ "Enlightened rule" ର ଯୁଗ ଆରମ୍ଭ ହେଲା ଯାହା ଜାପାନକୁ ଗୋଟିଏ ସଂକୁଚିତ ସାମନ୍ତବାଦୀ ସମାଜରୁ ଏକ ଦ୍ରୁତ ଶିଳ୍ପ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିଦେଲା । ତାଙ୍କର କୌଣସି ପ୍ରାକୃତିକ ସମ୍ପଦ ନଥିଲା ଏବଂ ଉଭୟ ଦରିଆପାରି ବଜାର ଓ କଞ୍ଚାମାଲର ଉତ୍ସ ଉପରେ ନିର୍ଭର କରୁଥିଲା ।

୧୮୭୧ ମସିହାରେ ଦଳେ ଜାପାନୀ ରାଜନୀତିଜ୍ଞ ଇଉରୋପ ଓ ଯୁକ୍ତରାଷ୍ଟ୍ର ଭ୍ରମଣ କଲେ । ଜାପାନ ରାଷ୍ଟ୍ରଦ୍ୱାରା ପରିଚାଳିତ ଗୋଟିଏ ଶିଳ୍ପନୀତି ପ୍ରସ୍ତୁତ କଲେ । ୧୮୭୭ ମସିହାରେ ‘‘ଦି ବ୍ୟାଙ୍କ ଅଫ ଜାପାନ’’ ପ୍ରତିଷ୍ଠା ହେଲା । ଅନେକ ଇସ୍ପାତ ଓ ବୟନ ଶିଳ୍ପ କାରଖାନା ପ୍ରତିଷ୍ଠା ହେଲା । ଶିକ୍ଷାକୁ ସାର୍ବଜନୀନ କରାଗଲା ଓ ଜାପାନୀ ଛାତ୍ରମାନଙ୍କୁ ବିଦେଶରେ ଅଧ୍ୟୟନ କରିବା ପାଇଁ ପଠାଗଲା । ୧୯୦୫ ମସିହା ସୁଦ୍ଧା ‘‘ଦେଶକୁ ସମୃଦ୍ଧକର, ସୈନ୍ୟ ବିଭାଗକୁ ସୁଦୃଢ଼କର’’ ଏହି ସ୍ଲୋଗାନ ମାଧ୍ୟମରେ ଜାପାନ ଏକ ଅଗ୍ରଗାମୀ ଶିଳ୍ପ ସମୃଦ୍ଧ ଓ ସୁଦୃଢ଼ ସାମରିକ ବାହିନୀର ଦେଶରେପରିଣତ ହେଲା । ସେ ଫର୍ମୋଜା, ଦକ୍ଷିଣ ସାଖାଲିନ୍, କୋରିଆ, ମାଞ୍ଚୁରିଆ, ଇଣ୍ଡୋଚୀନ, ବର୍ମା, ମାଳୟ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଫିଲିଫାଇନ୍ସ ଅଧିକାର କରିବାରେ ସଫଳ ହେଲା ।

## ୪.୪.୫ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆରେ ସାମ୍ରାଜ୍ୟବାଦ

ନେପାଳ, ବର୍ମା, ଶ୍ରୀଲଙ୍କା, ମାଳୟ, ଇଣ୍ଡୋନେସିଆ, ଇଣ୍ଡୋଚୀନ, ଥାଇଲାଣ୍ଡ, ଇଣ୍ଡୋଫିଲିଫାଇନସ୍, ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆର ଅନ୍ତର୍ଭୁକ୍ତ । ନୂତନ ସାମ୍ରାଜ୍ୟବାଦର ଉଦ୍ଭବ ପୂର୍ବରୁ ମଧ୍ୟ ଏହି ଦେଶଗୁଡ଼ିକ ମଧ୍ୟରୁ ଅନେକ ଇଉରୋପୀୟମାନଙ୍କ ଅଧିନରେ ଥିଲେ । ଶ୍ରୀଲଙ୍କା ପର୍ତ୍ତୁଗୀଜମାନଙ୍କ ଅଧିକାରରେ ଥିଲା, ତାପରେ ଡଚ୍‌ମାନଙ୍କ ଅଧିନକୁ ଓ ପରେ ଇଂରେଜମାନଙ୍କ ଅଧିନକୁ ଆସିଲା । ଇଂଲଣ୍ଡ ଚା ଓ ରବର ଚାଷ ଆରମ୍ଭ କଲା ଯାହାକି ଶ୍ରୀଲଙ୍କାର ରପ୍ତାନୀ ବାଣିଜ୍ୟର ୭/୮ ଅଂଶରେ ପରିଣତ ହେଲା ।

ଦକ୍ଷିଣପୂର୍ବ ଏସିଆର ଅନ୍ୟାନ୍ୟ ଦେଶଗୁଡ଼ିକ ମଧ୍ୟ ସାମ୍ରାଜ୍ୟବାଦ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ । ଫ୍ରାନ୍ସର ସୈନ୍ୟବାହିନୀ ଭିଏତନାମ ଆକ୍ରମଣ କଲେ ଓ ଦାବୀ କଲେଯେ, ସେମାନେ ଇଣ୍ଡୋଚୀନର ଖ୍ରୀଷ୍ଟିଆନମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । କ୍ରମେ କ୍ରମେ ଭିଏତନାମ ଲାଓସ ଓ କାମ୍ବୋଡ଼ିଆ ଫରାସୀ ଔପନିବେଶିକ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ଇଂଲଣ୍ଡ ମାଳୟ ରାଷ୍ଟ୍ର ଉପରେ କର୍ତ୍ତୃତ୍ୱ ବିସ୍ତାର ପାଇଁ ବର୍ମା ଓ ସିଙ୍ଗାପୁରର ବନ୍ଦର ଅଧିକାର କଲା ।

**? ତୁମେ ଜାଣ କି**

ଥାଇଲାଣ୍ଡ କିମ୍ବା ଶ୍ୟାମ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ଭାବରେ ଥିଲା ଯଦିଓ ଏହାର ଉଭୟ ପାର୍ଶ୍ୱରେ ଫ୍ରାନ୍ସ ଅଧିକୃତ ଇଣ୍ଡୋଚୀନ ଓ ବ୍ରିଟିଶ ଅଧିକୃତ ବର୍ମା ରହିଥିଲା ।

## ୪.୫ ସାମ୍ରାଜ୍ୟବାଦର ପ୍ରଭାବ

ସାମ୍ରାଜ୍ୟବାଦର ଉପନିବେଶଗୁଡ଼ିକ ଉପରେ କେତେକ ଭଲ ପ୍ରଭାବ ହେଉଛି, ରେଳଲାଇନ୍, କେନାଲ, ଟେଲିଗ୍ରାଫ୍ ଓ ଟେଲିଫୋନ ଆଦି ପରିବହନ ଓ ଯୋଗାଯୋଗର ପ୍ରଚଳନ। ଏହା ମଧ୍ୟ ଉପନିବେଶଗୁଡ଼ିକରେ ରାଜନୈତିକ ସଚେତନତାର ବିକାଶ ଓ ଜାତୀୟବାଦୀ ଚିନ୍ତାଧାରା ସୃଷ୍ଟି କଲା । ଏହା ଆଧୁନିକ ଶିକ୍ଷା ଓ ବିଜ୍ଞାନର ବିକାଶ କଲା ଯାହାକି ସ୍ୱାଧୀନତା ଲାଭ କଲା ପରେ ଏହି ରାଷ୍ଟ୍ରଗୁଡ଼ିକୁ ଉନ୍ନତ କରିବାରେ ସାହାଯ୍ୟ କଲା ।

ସାମ୍ରାଜ୍ୟବାଦର ଉପନିବେଶଗୁଡ଼ିକ ଉପରେ ଏକ ଭୟଙ୍କର କୁପ୍ରଭାବ ପଡ଼ିଲା । ସ୍ୱଦେଶୀ ଶିଳ୍ପଗୁଡ଼ିକ ଧ୍ୱଂସ ହୋଇଗଲା ଓ ପ୍ରାକୃତିକ ସମ୍ପଦଗୁଡ଼ିକୁ ନିର୍ଦ୍ଦୟ ଭାବରେ ଲୁଣ୍ଠନ କରାଗଲା । ଚୀନକୁ ଭାଗଭାଗ କରାଗଲା ଓ ଆନ୍ତର୍ଜାତିକ ବାଣିଜ୍ୟ ପାଇଁ ସମ୍ପୂର୍ଣ୍ଣ ମୁକ୍ତ କରିଦିଆଗଲା । ଲିବରିଆ ଓ ଇଥିଓପିଆକୁ ଛାଡ଼ି ସମୁଦାୟ ଆଫ୍ରିକା ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାଗ କରି ଦିଆଗଲା । ବହୁ ସଂଖ୍ୟାରେ ଆଫ୍ରିକୀୟ କ୍ରୀତଦାସ ଭାବରେ ବିକ୍ରୟ ହେଲେ । ଦକ୍ଷିଣ ଆଫ୍ରିକାରେ ଗୋରା ଇଉରୋପୀୟ ଗୋଷ୍ଠୀ କଳାମାନଙ୍କୁ ସେମାନଙ୍କର କଳାଚମଡ଼ା ପାଇଁ ଦୁର୍ବ୍ୟବହାର କଲେ । ଏହାକୁ ବର୍ଣ୍ଣବୈଷମ୍ୟ କୁହାଯାଏ ଯାହା ସାମ୍ରାଜ୍ୟବାଦର ସବୁଠାରୁ ଖରାପ ପ୍ରଭାବ ଅଟେ ।

ସାମ୍ରାଜ୍ୟବାଦର କୁପ୍ରଭାବ ଏହାର ସୁପ୍ରଭାବକୁ ଗୁରୁତ୍ୱହୀନ କରିଦିଏ କାରଣ ଏହା ଉଭୟ ଏସିଆ ଓ ଆଫ୍ରିକାର ସମ୍ପଦ, କଞ୍ଚାମାଲ ଶୂନ୍ୟ କରିଦେଲା, ସେମାନଙ୍କର ଶିଳ୍ପଜାତ ଦ୍ରବ୍ୟ ବିକ୍ରୟ କରି ଏହାର ବଜାରକୁ ଲୁଣ୍ଠନ କଲେ । ଯାହାଦ୍ୱାରା ଉପନିବେଶଗୁଡ଼ିକର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଗଲା । ସେମାନଙ୍କର ବର୍ଣ୍ଣଗତ ବୈଷମ୍ୟ ନୀତି ଯୋଗୁଁ ଲୋକମାନେ ଆତ୍ମସମ୍ମାନ ଏବଂ ବିଶ୍ୱାସ ହରାଇଲେ । ତୁମେ ଏ ବିଷୟରେ ଅଧିକ ପରବର୍ତ୍ତୀ ଭାରତ ସମ୍ପର୍କିତ ଅଧ୍ୟାୟରେ ପଢ଼ିବ । ଭାରତକୁ ଇଉରୋପୀୟମାନେ ବଣିକ ଭାବରେ ଆସିଥିଲେ କିନ୍ତୁ ପରେ ଶାସକ ହୋଇଗଲେ । ସେମାନେ ଆମର ଉନ୍ନତ ଅର୍ଥନୀତିକୁ ନଷ୍ଟ କରିଦେଲେ । ଭାରତ ଯେକି ବୟନ ଶିଳ୍ପଜାତ ଦ୍ରବ୍ୟର ରପ୍ତାନୀକାରୀ ଥିଲା, ସେ ତିଆରି ଜିନିଷର କ୍ରେତା ହେଲା ଓ କଞ୍ଚାମାଲର ରପ୍ତାନୀକାରୀ ହେଲା । ଅତ୍ୟଧିକ ଶୁଳ୍କ ଆଦାୟ ଲୋକମାନଙ୍କର ଦାରିଦ୍ର୍ୟ ଆଣିଦେଲା ।

ବିଂଶ ଶତାବ୍ଦୀରେ ମାନବ ଇତିହାସର ଯେକୌଣସି ଯୁଗ ତୁଳନାରେ ଅଧିକ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ହୋଇଥିଲା । ଯଥା ବାଷ୍ପଶକ୍ତି ଦ୍ୱାରା ପରିଚାଳିତ ଜାହାଜଠାରୁ ଆରମ୍ଭହୋଇ ମହାକାଶ ଭ୍ରମଣ, ଚନ୍ଦ୍ରପୃଷ୍ଠରେ ଅବତରଣ ଓ କମ୍ପ୍ୟୁଟର ଦ୍ୱାରା ସଂଯୋଗୀକରଣ ପର୍ଯ୍ୟନ୍ତ । ମୁହୂର୍ତ୍ତକ ମଧ୍ୟରେ ଯୋଗାଯୋଗ ଓ ଦ୍ରୁତ ପରିବହନ ଦ୍ୱାରା ପୃଥିବୀ ସଙ୍କୁଚିତ ହୋଇଯାଇଛି । ଦୁର୍ଭାଗ୍ୟବଶତଃ ସମୁଦାୟ ପୃଥିବୀ ସାମ୍ରାଜ୍ୟବାଦୀ ପ୍ରତିଦ୍ୱନ୍ଦିତା ଓ ଅର୍ଥନୈତିକ ସ୍ୱାର୍ଥ ଦ୍ୱାରା କ୍ଷତିଗ୍ରସ୍ତ ହେଉଛି । ଏହା ଇଉରୋପୀୟ ଦେଶଗୁଡ଼ିକ ମଧ୍ୟରେ ଚାପ ବୃଦ୍ଧି କରୁଛି । ଯୁକ୍ତରାଷ୍ଟ୍ର ଓ ଜାପାନ ଯେଉଁମାନେ ଦୁଇଟି ବିଶ୍ୱଯୁଦ୍ଧରେ ନିଜକୁ ସାମିଲ କରିଥିଲେ, ସେ ବିଷୟରେ ତୁମେ ପରବର୍ତ୍ତୀ ପାଠରେ ଅଧ୍ୟୟନ କରିବ ।

## ପାଠଗତ ପ୍ରଶ୍ନାବଳୀ ୪.୨

୧. ସାମ୍ରାଜ୍ୟବାଦର ସଂଜ୍ଞା ଲେଖ ।

୨. ଉପନିବେଶ ମଧ୍ୟରେ ପରିବହନରେ ବିକାଶ ଦ୍ୱାରା ହେଉଥିବା ଦୁଇଟି ସୁବିଧା ଲେଖ ଯାହାକି ସାମ୍ରାଜ୍ୟବାଦର ପ୍ରସାର ପାଇଁ ସାହାଯ୍ୟ କରିଥିଲା ।

୩. କ୍ରୀତଦାସ ପ୍ରଥା କ'ଣ ?

୪. ଠିକ୍ ଉତ୍ତର ବାଛ ।

(କ) ନିମ୍ନଲିଖିତ ମଧ୍ୟରୁ କାହାକୁ ଅନ୍ଧକାର ମହାଦେଶ କୁହାଯାଏ ?

୧. ଆଫ୍ରିକା ୨. ଏସିଆ ୩. ଇଉରୋପ

(ଖ) ମେଇଜି ରେଷ୍ଟୋରେସନ କେଉଁ ଦେଶରେ ଘଟିଥିଲା ?

୧. କାମ୍ବୋଡ଼ିଆ ୨. ଶ୍ରୀଲଙ୍କା ୩. ଜାପାନ

(ଗ) ଅଫିମ ସମର କେଉଁ ଦେଶରେ ହୋଇଥିଲା ?

୧. ଭାରତ ୨. ଚୀନ ୩. ବର୍ମା

(ଘ) କେଉଁଟି ଫରାସୀ ଉପନିବେଶ ନୁହେଁ ?

୧. ଭିଏତନାମ ୨. ମରୋକୋ ୩. କେନିଆ

## ୪.୬ ପ୍ରଥମ ବିଶ୍ୱଯୁଦ୍ଧ

ଶିଳ୍ପାୟନ, ଉପନିବେଶବାଦ ଓ ସାମ୍ରାଜ୍ୟବାଦ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏସିଆ ଓ ଆଫ୍ରିକାରେ ଥିବା ଉପନିବେଶ ଉପରେ ଅଧିକାରକୁ ନେଇ ପ୍ରବଳ ଶତ୍ରୁତା ସୃଷ୍ଟି ହେଲା । ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ଯେତେବେଳେ ଏସିଆ ଓ ଆଫ୍ରିକାରେ ଆଉ ଉପନିବେଶ ମିଳିପାରିଲା ନାହିଁ ସେତେବେଳେ ଏହି ପ୍ରତିଯୋଗିତା ଭୟଙ୍କର ରୂପ ଧାରଣ କଲା । ପରସ୍ପର ମଧ୍ୟରେ ଅବିଶ୍ୱାସ ଓ ଶତ୍ରୁତା ପାଇଁ ସମାଧାନ ସମ୍ଭବ ହେଲା ନାହିଁ ଏବଂ ୧୯୧୪ ମସିହାରେ ଇଉରୋପରେ ଯୁଦ୍ଧ ଆରମ୍ଭ ହୋଇ ଦ୍ରୁତବେଗରେ ସମୁଦାୟ ପୃଥିବୀକୁ କବଳିତ କଲା । ଏହା ପୃଥିବୀର ସମସ୍ତ ମୁଖ୍ୟ ରାଷ୍ଟ୍ର ଓ ସେମାନଙ୍କ ଉପନିବେଶଗୁଡ଼ିକୁ ଅନ୍ତର୍ଭୁକ୍ତ କଲା । ଏହି ଯୁଦ୍ଧ ଦ୍ୱାରା ହୋଇଥିବା କ୍ଷତି ଇତିହାସରେ ପୂର୍ବରୁ କେବେ ହୋଇ ନଥିଲା । ଇତିହାସରେ ପ୍ରଥମଥର ପାଇଁ ଯୁଦ୍ଧରେ ଯୋଗଦାନ କରିଥିବା ଦେଶର ସମସ୍ତ ସମ୍ପଦ ବ୍ୟବହାର କରାଯାଇଥିଲା । ସେମାନଙ୍କର ସ୍ଥଳବାହିନୀ, ଜଳବାହିନୀ ଓ ଆକାଶ ବାହିନୀ ଏଥିରେ ଯୋଗଦାନ କରିଥିଲେ । ସାଧାରଣ ଲୋକମାନେ ବିନା ବାଛବିଚାରରେ ବୋମା ବିସ୍ଫୋରଣ ଯୋଗୁଁ ବହୁ ସଂଖ୍ୟାରେ ମୃତ୍ୟୁବରଣ କରିଥିଲେ । ପ୍ରଥମଥର ପାଇଁ ଯେହେତୁ ଏହିଯୁଦ୍ଧ ପୃଥିବୀର ବିସ୍ତୃତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା, ତେଣୁ ଏହାକୁ ପ୍ରଥମ ବିଶ୍ୱଯୁଦ୍ଧ କୁହାଯାଏ । ଏହା ପୃଥିବୀ ଇତିହାସର ଏକ ପରିବର୍ତ୍ତନର ସମୟ । ଏହା କୌଣସି ଏକ ହଠାତ୍ ଘଟିଥିବା ଘଟଣା ନଥିଲା, କିନ୍ତୁ ୧୯୧୪ ପୂର୍ବରୁ ଦୀର୍ଘ ସମୟ ଧରି ଲାଗି ରହିଥିବା ବହୁ ସଂଖ୍ୟାରେ ଚାପ ଓ କ୍ରମୋନ୍ନତିର ଚରମ ପରିଣତି ଥିଲା ।

### ୪.୬.୧ ପ୍ରଥମ ବିଶ୍ୱଯୁଦ୍ଧର କାରଣ

ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ଅନ୍ୟାନ୍ୟ ଦେଶମାନଙ୍କ ମଧ୍ୟରେ ଥିବା ସାମ୍ରାଜ୍ୟବାଦୀ ଶତ୍ରୁତା ଯୁଦ୍ଧର ମୁଖ୍ୟ କାରଣ । ପୂର୍ବରୁ ଯୁଦ୍ଧକୁ ଏଡାଇ ଦିଆଯାଇ ପାରୁଥିଲା କାରଣ ଅଧିକ ଉପନିବେଶ ଅଧିକାର କରିବାର ସମ୍ଭାବନା ରହିଥିଲା । କିନ୍ତୁ ପରିସ୍ଥିତି ବଦଳିଗଲା । ଏସିଆ ଓ ଆଫ୍ରିକାର ଅଧିକାଂଶ ଅଞ୍ଚଳ ଭାଗବଣ୍ଟା ସରିଥିଲା ଓ ଆଉ ଅଧିକ ବିସ୍ତାର



ଟିପ୍ପଣୀ

କରିବାର ସମ୍ଭାବନା ନଥିଲା । କେବଳ କେତେକ ସାମ୍ରାଜ୍ୟବାଦୀ ରାଷ୍ଟ୍ରକୁ ତାର ଉପନିବେଶରୁ ଅଧିକାରଚ୍ୟୁତ କରିବାର ସମ୍ଭାବନା ଥିଲା । ଏହି ଉପନିବେଶଗୁଡ଼ିକର ବିଭାଜନ ଯୁଦ୍ଧ ପରିସ୍ଥିତି ସୃଷ୍ଟି କଲା । ଉନବିଂଶ ଶତାବ୍ଦୀର ଶେଷ ଚତୁର୍ଥାଂଶରେ ଜର୍ମାନୀରେ ଅଭୁତପୂର୍ବ ଆର୍ଥିକ ଓ ଔଦ୍ୟୋଗିକ ବିକାଶ ଘଟିଲା ଏବଂ ଇଂଲଣ୍ଡ ଓ ଫ୍ରାନ୍ସକୁ ଶିଳ୍ପ ଜାତ ଦ୍ରବ୍ୟ ଉତ୍ପାଦନରେ ବହୁ ପଛରେ ପକାଇଦେଲା । ନିଜର ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ସେ ଇଂଲଣ୍ଡ ସହ ସମପରିମାଣର ଉପନିବେଶ ଆବଶ୍ୟକ କଲା । ସାମ୍ରାଜ୍ୟବାଦୀ ପ୍ରତିଯୋଗିତାରେ ଜର୍ମାନୀ ଇଂଲଣ୍ଡର ମୁଖ୍ୟ ପ୍ରତିଯୋଗୀ ହେଲା । ଇଂରେଜମାନଙ୍କର ଜଳବାହିନୀର ଶ୍ରେଷ୍ଠତ୍ୱ ପ୍ରତି ଏକ ଆହ୍ୱାନ ହେଲା ଯେତେବେଳେ ଜର୍ମାନୀ ସର୍ବବୃହତ୍ ଯୁଦ୍ଧଜାହାଜ 'ଇମ୍ପରେଟର' ନିର୍ମାଣ କଲା ଓ ଉତ୍ତରସାଗର ଏବଂ ବଲଟିକ୍ ସାଗରକୁ ଯୋଗକରି କିଏଲ କେନାଲ ନିର୍ମାଣ କଲା ଯାହାକି ଇଂରେଜ ସାମୁଦ୍ରିକ ତଟରେଖା ପ୍ରତି ବିପଦ ସୃଷ୍ଟିକଲା । ଜର୍ମାନୀ ମଧ୍ୟ ବର୍ଲିନ ଓ ବାଗଦାଦକୁ ସଂଯୋଗ କରି ରେଳଲାଇନ୍ ତିଆରି କଲା ଓ ଏହା ଜର୍ମାନୀକୁ ପ୍ରାଚ୍ୟଦେଶକୁ ସୈନ୍ୟବାହିନୀ ଓ ଅନ୍ୟାନ୍ୟ ଜିନିଷ ପଠାଇବା ପାଇଁ ସହଜ ହେଲା । କିନ୍ତୁ ଏହା ସେଠାରେ ଥିବା ଇଂଲଣ୍ଡ ଉପନିବେଶପ୍ରତି ବିପଦ ଦେଖାଦେଲା ।

ଜର୍ମାନୀ ଭଳି ଅନ୍ୟ ସମସ୍ତ ଇଉରୋପୀୟ ମୁଖ୍ୟ ଶକ୍ତି ଓ ଜାପାନର ମଧ୍ୟ ସାମ୍ରାଜ୍ୟବାଦୀ ଅଭିଳାଷ ଥିଲା । ଇଟାଲୀ ତାର ଏକତ୍ରୀକରଣ ପରେ ଉତ୍ତର ଆଫ୍ରିକାର ତ୍ରିପୋଲୀ ଦାବୀକଲା । ଯାହାକି ଅଟୋମ୍ୟାନ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଫ୍ରାନ୍ସ ମରୋକୋକୁ ଯୋଗ କରିବାକୁ ଇଚ୍ଛା କଲା ଓ ଋଷିଆ ଇରାନ୍ ପ୍ରତି ଅଭିଳାଷ ଥିଲା । ଜାପାନ ପୂର୍ବାଞ୍ଚଳ ଅଧିକାର ପାଇଁ ଇଚ୍ଛା କରୁଥିଲା ଯେଉଁଠାରେ ସେ ୧୯୦୫ର ଋଷ ଜାପାନ ଯୁଦ୍ଧପରେନିଜର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହେଲା । ଅଷ୍ଟ୍ରିଆର ଅଟୋମ୍ୟାନ ସାମ୍ରାଜ୍ୟ ଅଧିକାରର ଅଭିଳାଷ ଥିଲା ଓ ଯୁକ୍ତରାଷ୍ଟ୍ର ଆମେରିକା ଧୀରେ ଧୀରେ ଗୋଟିଏ ବୃହତ୍ ଶକ୍ତି ଭାବରେ ନିଜର ପ୍ରଭାବ ବିସ୍ତାର କରୁଥିଲା । ଯେହେତୁ ତାର ବାଣିଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଥିଲା ତେଣୁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବାଣିଜ୍ୟିକ ସ୍ୱାଧୀନତାର ସୁରକ୍ଷା କରିବା । କୌଣସି ଗୋଟିଏ ବୃହତ୍‌ଶକ୍ତିର ପ୍ରଭାବ ବୃଦ୍ଧି ପାଇବା ବିଶ୍ୱଶାନ୍ତି ପ୍ରତି ବିପଦ ଥିଲା ।

## ୪.୬.୨ ମେଣ୍ଟ ଗଠନ ପଦ୍ଧତି

କଳହ ଓ ଅଧିକ ଉପନିବେଶ ଲାଭ ପାଇଁ ବିବାଦ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କୁ ମିତ୍ର ଶକ୍ତିର ସନ୍ଧାନ କରିବାକୁ ପ୍ରବର୍ତ୍ତାଇ ଥିଲା । ୧୮୮୨ ମସିହାରେ ଜର୍ମାନୀ, ଅଷ୍ଟ୍ରିଆ ଓ ଇଟାଲୀ ତ୍ରିପାକ୍ଷିକ ମୈତ୍ରୀ (Tripple Alliance) ସ୍ଥାପନ କଲେ ଯଦ୍ୱାରା ସେମାନେ ପ୍ରତିଦ୍ୱନ୍ଦ୍ୱିଙ୍କ ବିରୁଦ୍ଧରେ ପରସ୍ପର ସାମରିକ ସହାୟତା ଦେବା ପାଇଁ ପ୍ରତିଶୃତି ବଦ୍ଧ ହେଲେ । ଇଂଲଣ୍ଡ, ଫ୍ରାନ୍ସ ଓ ଋଷିଆ ୧୯୦୭ ମସିହାରେ ତ୍ରିପାକ୍ଷିକ ବନ୍ଧୁତା (Tripple Entente) ସ୍ୱାକ୍ଷର କଲେ । ଦୁଇଟି ପାରସ୍ପରିକ ବିରୋଧି ଶକ୍ତିର ଉତ୍ପତ୍ତି ଇଉରୋପକୁ ଦୁଇଟି ବିରୋଧୀ ଶିବିରରେ ବିଭକ୍ତ କଲା ଯାହା ଇଉରୋପୀୟ ଶକ୍ତିମାନଙ୍କ ମଧ୍ୟରେ ଚିନ୍ତା ଓ କଳହର କାରଣ ହେଲା । ଏହି ଦେଶଗୁଡ଼ିକ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଲାଗିଲେ ଓ ଘାତକ ଅସ୍ତ୍ର ଉତ୍ପାଦନ କରିବାରେ ପ୍ରତିଯୋଗିତା ଆରମ୍ଭ କରିଦେଲେ । ପରସ୍ପର ମଧ୍ୟରେ ଶତ୍ରୁତା ଓ ସନ୍ଦେହ ଶାନ୍ତିର ବାତାବରଣକୁ ନଷ୍ଟ କଲା । ପ୍ରଚାରରୁ ଏହା ସ୍ପଷ୍ଟ ହୋଇଥିଲା ଯେ, ଯଦି ଯୁଦ୍ଧ ହୁଏ, ତେବେ ସମଗ୍ର ଇଉରୋପ ଏଥିରେ ଜାଗିଦାର ହେବେ ।

## ୪.୬.୩ ପାନସ୍ଲାଭ ଆନ୍ଦୋଳନ ଏବଂ ବଲକାନ ରାଜନୀତି

ପୂର୍ବ ଇଉରୋପର ଅନେକ ଦେଶ ଯଥା ଗ୍ରୀସ, ରୋମାନିଆ, ବୁଲଗେରିଆ, ସର୍ବିଆ, ମଣ୍ଟେନିଗ୍ରୋ ଓ ଅନ୍ୟକେତେକ କ୍ଷୁଦ୍ର ରାଜ୍ୟ ବଲକାନ ଅଞ୍ଚଳ ଗଠିତ ହୋଇଥିଲା । ଆରମ୍ଭରେ ଏହି ଦେଶଗୁଡ଼ିକ ଅଟୋମାନ ସମ୍ରାଟ ବା ତୁର୍କୀର

ଶାସନକଙ୍କ ନିୟନ୍ତ୍ରଣାଧୀନ ଥିଲେ । ବିଂଶଶତାବ୍ଦୀର ଆରମ୍ଭରେ ଅଟୋମାନ ସାମ୍ରାଜ୍ୟର ପତନ ଆରମ୍ଭ ହେଲା । ଅଷ୍ଟ୍ରିଆ ଓ ଋଷିଆ ସହିତ ଅନେକ ଇଉରୋପୀୟ ରାଷ୍ଟ୍ର ନିଜନିଜର ସୁରକ୍ଷିତ ସ୍ଥାନ ଅକ୍ତିଆର କରିବା ପାଇଁ ସେହି ଅଞ୍ଚଳରେ ପହଞ୍ଚିଲେ । କିନ୍ତୁ ସେଠାରେ ପରିସ୍ଥିତି ଜଟିଳ ହେବାକୁ ଆରମ୍ଭ କଲା ଯେତେବେଳେ ସେଠାରେ ଅଧିକାଂଶ ଲୋକମାନଙ୍କ ମଧ୍ୟରେ ଜାତୀୟତାବାଦର ପୁନରୁତ୍‌ଥାନ ଘଟିଲା । ସେମାନଙ୍କୁ ସ୍ଲାଭ ବୋଲି କୁହାଗଲା । ଯେହେତୁ ସେମାନେ ପୂର୍ବ ଇଉରୋପୀୟ ଦେଶମାନଙ୍କ ମଧ୍ୟରେ ବିଚ୍ଛୁରିତ ହୋଇଗଲେ, ସେମାନେ 'ପାନସ୍ଲାଭ' ନାମରେ ଏକ ଜାତୀୟ ଆନ୍ଦୋଳନ ଆରମ୍ଭ କଲେ । ସମସ୍ତ ସ୍ଲାଭମାନଙ୍କୁ ଏକତ୍ର କରି ସର୍ବିଆ ଅଧିନରେ ଏକ ରାଜ୍ୟଗଠନ କରିବା ସେମାନଙ୍କର ମୁଖ୍ୟ ଦାବୀ ଥିଲା କାରଣ, ଏହି ଆନ୍ଦୋଳନରେ ସର୍ବିଆରେ ସବୁଠାରୁ ଅଧିକ ସ୍ଲାଭମାନେ ବାସ କରୁଥିଲେ । ସର୍ବିଆ ଋଷିଆଠାରୁ ସମର୍ଥନ ପାଇଲା ବେଳେ ଅଷ୍ଟ୍ରିଆ ସର୍ବିଆ ଓ ସେମାନଙ୍କର ଜାତୀୟ ଆନ୍ଦୋଳନକୁ ବିରୋଧ କଲା । ଏହା ଋଷିଆ ଓ ଅଷ୍ଟ୍ରିଆ ମଧ୍ୟରେ ଦ୍ୱନ୍ଦ୍ୱର କାରଣ ହେଲା । ଅଷ୍ଟ୍ରିଆ ଏକ ଶକ୍ତିଶାଳୀ ସର୍ବିଆ ଚାହୁଁ ନଥିଲା କାରଣ ଏହା ତାହାର ଆଧିପତ୍ୟ ବିସ୍ତାର ଉଦ୍ଦେଶ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଥିଲା । ୧୯୦୮ ମସିହାରେ ଅଷ୍ଟ୍ରିଆ ଦୁଇଟି ସ୍ଲାଭ ରାଜ୍ୟ ଯଥା – ବୋସନିଆ ଓ ହର୍ଜଗୋଭିନା ଅଧିକାର କରିବାରୁ ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଶତ୍ରୁତା ସୃଷ୍ଟି ହେଲା । ୧୯୧୨ ଏବଂ ୧୯୧୪ ମସିହା ମଧ୍ୟରେ ଚାରୋଟି ବଲକାନ ରାଷ୍ଟ୍ର ସ୍ୱାଧୀନତା ପାଇଁ ଅଟୋମାନ ସମ୍ରାଟଙ୍କ ବିରୁଦ୍ଧରେ ଯୁଦ୍ଧ ଲଢ଼ିଲେ । ତୁର୍କୀ ପରାସ୍ତ ହେଲା ଏବଂ ଇଉରୋପରେ ତାର ସମସ୍ତ ଅଧିକୃତ ଅଞ୍ଚଳ ହରାଇ ବସିଲା । ଅଷ୍ଟ୍ରିଆ କେବଳ ସର୍ବିଆର 'ବୃହତ୍ ସର୍ବିଆ' ଗଠନର ଲକ୍ଷ୍ୟକୁ ରୋକିବା ପାଇଁ ତୁରନ୍ତ ଆଲବାନିଆ ନାମକ ଏକ ସ୍ୱତନ୍ତ୍ର ରାଷ୍ଟ୍ର ସ୍ଥାପନ କଲା । ଗୋଟିଏ ପକ୍ଷରେ ଅଷ୍ଟ୍ରିଆ ଏବଂ ଅନ୍ୟପକ୍ଷରେ ସର୍ବିଆ ଓ ଋଷିଆ ମଧ୍ୟରେ କଳହ ବଢ଼ିବାକୁ ଲାଗିଲା ।

ତୁମେ ଜାଣି ପାରୁଥିବ ଯେ, କିଭଳି ୧୯୧୪ ମସିହା ସୁଦ୍ଧା ଇଉରୋପର ବାତାବରଣରେ ବିସ୍ଫୋଟକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ପୃଷ୍ଠଭୂମି ସଂସ୍ପର୍ଶରେ ଅଷ୍ଟ୍ରିଆ ରାଜଗାଦିର ଉତ୍ତରାଧିକାରୀ ଆର୍କଡ୍ୟୁକ୍ ଫ୍ରାନସିସ୍ ଫର୍ଡିନାଣ୍ଡ ବୋସନିଆର ରାଜଧାନୀ ସାରେଜେଭୋକୁ ଏକ ରାଷ୍ଟ୍ର ଗସ୍ତରେ ଯାଇଥିଲେ । ୧୯୧୪ ମସିହା ଜୁନ ୨୮ ତାରିଖରେ ଯେତେବେଳେ ସେ ନିଜ ଗାଡ଼ିରୁ ଓହ୍ଲାଉଥିଲେ, ସେତେବେଳେ ସର୍ବିଆର ଏକ ଯୁବକ ଦ୍ୱାରା ନିହତ ହୋଇଥିଲେ । ଆର୍କଡ୍ୟୁକ୍ ଫ୍ରାନସିସ୍ ଫର୍ଡିନାଣ୍ଡଙ୍କ ହତ୍ୟା ଯୁଦ୍ଧର ଆଶୁକାରଣ ଥିଲା । ଅଷ୍ଟିଆ ତାର ଯୁବରାଜଙ୍କର ହତ୍ୟା ନିମିତ୍ତ ସର୍ବିଆକୁ ଦାୟୀ କଲା ଓ ବିଭିନ୍ନ ସର୍ତ୍ତାବଳୀ ସହ ଏକ ଚରମପତ୍ର ପ୍ରେରଣ କଲା । ଋଷିଆର ସହଯୋଗର ଆଶ୍ୱସ୍ତିପାଇ ସର୍ବିଆ ଏହି ଚରମପତ୍ର ଗ୍ରହଣ କରିବାକୁ ମନା କଲା ଓ ଯୁଦ୍ଧ ପାଇଁ ନିଜ ସୀମାରେ ସୈନ୍ୟ ପ୍ରସ୍ତୁତିକରଣ କାର୍ଯ୍ୟ ଆରମ୍ଭ କରିଦେଲେ । ୧୯୧୪ ମସିହା ଜୁଲାଇ ୨୮ ତାରିଖରେ ଅଷ୍ଟ୍ରିଆ ସର୍ବିଆ ବିରୁଦ୍ଧଙ୍କେର ଯୁଦ୍ଧ ଘୋଷଣା କଲା । ୧୯୧୪ ମସିହା ଅଗଷ୍ଟ ୧ ତାରିଖରେ ଜର୍ମାନୀ ଋଷିଆ ଉପରେ ଯୁଦ୍ଧ ଘୋଷଣା କଲା । ୧୯୧୪ ମସିହା ଅଗଷ୍ଟ ୩ ତାରିଖରେ ଜର୍ମାନୀ ଫ୍ରାନ୍ସ ଉପରେ ଯୁଦ୍ଧ ଘୋଷଣା କଲା । ଯେତେବେଳେ ଜର୍ମାନ ସୈନ୍ୟ ବେଲଜିୟମରେ ପ୍ରବେଶ କଲେ, ୧୯୧୪ ଅଗଷ୍ଟ ୪ ତାରିଖରେ ଇଂଲଣ୍ଡ ଜର୍ମାନୀ ଉପରେ ଯୁଦ୍ଧ ଘୋଷଣା କଲା । ଏହିପରି ଇଉରୋପର ଏକ ଛୋଟ ଘଟଣା ଯୋଗଦାନ କରିଥିବା ସମସ୍ତ ଦେଶରେ ଯୁଦ୍ଧ ଆରମ୍ଭ କରିଦେଲା । ଯାହାକି ଅତିଶୀଘ୍ର ପ୍ରଥମ ବିଶ୍ୱଯୁଦ୍ଧର ରୂପ ନେଲା ।

### ୪.୬.୪ ଯୁଦ୍ଧ ସମୟର ଘଟଣାବଳୀ (୧୯୧୪–୧୯୧୮)

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ ମସିହା ଅଗଷ୍ଟରୁ ଆରମ୍ଭ ହୋଇ ୧୯୧୮ ମସିହା ନଭେମ୍ବର ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ହୋଇଥିଲା ଯଥା – ୧୯୧୪ରେ ମାର୍ନଯୁଦ୍ଧ, ୧୯୧୬ରେ ଭେର୍ଦ୍ଦୁଯୁଦ୍ଧ,





ସୋମେ ଯୁଦ୍ଧ ଓ ଜୁଟଲ୍ୟାଣ୍ଡ ଯୁଦ୍ଧ । ୧୯୧୭ ମସିହାରେ ଦୁଇ ମହତ୍ୱପୂର୍ଣ୍ଣ ବିକାଶ ଘଟିଥିଲା – ଗୋଟିଏ ହେଉଛି ଏପ୍ରିଲ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧରେ ଯୋଗଦାନ ଏବଂ ଦ୍ୱିତୟଟି ହେଉଛି ନଭେମ୍ବର ମାସରେ ରଷିଆର ଯୁଦ୍ଧରୁ ଓହରିଯିବା ।

୧୯୧୫ ମସିହାରେ ବ୍ରିଟେନର ଏକ ଯାତ୍ରୀବାହି ଜାହାଜ, ଲୁସିଟାନିଆ, ଜର୍ମାନୀର ୟୁବୋଟମାନଙ୍କ ଆକ୍ରମଣରେ ବୁଡ଼ିଯାଇଥିଲା । ଫଳରେ ଏଥିରେ ଯାତ୍ରା କରୁଥିବା ୧୨୮ ଆମେରିକୀୟ ବେସାମରିକ ଯାତ୍ରୀ ମୃତ୍ୟୁବରଣ କରିଥିଲେ । ଆମେରିକାର ସିନେଟ୍ ଏହି ଘଟଣାକୁ ଖୁବ୍ ଗୁରୁତ୍ୱର ସହ ଗ୍ରହଣ କଲା । ଗୋଟିଏ ଶକ୍ତିଶାଳୀ ଦେଶ ହେବା ସହିତ ଜର୍ମାନୀ ମଧ୍ୟ ଆମେରିକାର ଆଧିପତ୍ୟ ପ୍ରତି ବିପଦ ହୋଇପାରେ । ଆହୁରି ମଧ୍ୟ, ଆମେରିକା ଯେହେତୁ ଅସ୍ତ୍ରଶସ୍ତ୍ର ଯୋଗାଣରେ ଏକ ପ୍ରଧାନ ଶକ୍ତି ଥିଲା, ଏହି ଯୁଦ୍ଧର ଦୀର୍ଘତା ଯୁକ୍ତରାଷ୍ଟ୍ର ପାଇଁ ଅର୍ଥନୈତିକ ସୁଯୋଗ ଆଣିଦେଲା । ଏସବୁକୁ ଦୃଷ୍ଟିରେ ରଖି ସେ ୧୯୧୭ ମସିହାରେ ଯୁଦ୍ଧରେ ଯୋଗଦେବାର ସିଦ୍ଧାନ୍ତ ନେଲା ।

ତୁମେମାନେ ୧୯୧୭ର ରଷିଆରେ ଅକ୍ଟୋବର ବିଦ୍ରୋହ ବିଷୟରେ ପଢ଼ିଛ । ବିଦ୍ରୋହୀମାନଙ୍କର ଗୋଟିଏ ମୁଖ୍ୟ ଦାବୀ ଥିଲା ଶାନ୍ତି । ତେଣୁ ସେହି ବିଦ୍ରୋହ ଶେଷ ହେବା ସଙ୍ଗେ ସଙ୍ଗେ ଲେନିନ୍‌ଙ୍କ ନେତୃତ୍ୱରେ ରଷିଆ ଯୁଦ୍ଧରୁ ଅପସରିଗଲା ଏବଂ ୧୯୧୮ ମସିହାରେ ଜର୍ମାନୀ ସହ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷର କଲା । ଜୁଲାଇ ୧୯୧୮ରେ ଜର୍ମାନୀର ପତନ ଆରମ୍ଭ ହେଲା । ସେପ୍ଟେମ୍ବର ଓ ଅକ୍ଟୋବରରେ ଯଥାକ୍ରମେ ବୁଲଗେରିଆ ଓ ତୁର୍କୀ ଆତ୍ମସମର୍ପଣ କଲେ । ୧୯୧୮ ମସିହା ନଭେମ୍ବର ୩ ତାରିଖରେ ଅଷ୍ଟ୍ରିଆରେ ତୀବ୍ର ଅଶାନ୍ତି ପାଇଁ ଅଷ୍ଟ୍ରିଆର ସମ୍ରାଟ ଆତ୍ମସମର୍ପଣ କଲେ । ଜର୍ମାନୀ ଲୋକଙ୍କର ସେହିଭଳି ବିଦ୍ରୋହ ଯୋଗୁଁ ଜର୍ମାନ ସମ୍ରାଟ ଦ୍ୱିତୀୟ ଉଇଲିୟମ ହଲାଣ୍ଡକୁ ପଳାୟନ କଲେ ଏବଂ ଜର୍ମାନୀରେ ସାଧାରଣତନ୍ତ୍ର ପ୍ରତିଷ୍ଠା ହେଲା । ନୂତନ ସରକାର ୧୯୧୮ ନଭେମ୍ବର ୧୧ ତାରିଖରେ ଗୋଟିଏ ସାମାରିକ ସନ୍ଧି ସ୍ୱାକ୍ଷର କଲେ ଯଦ୍ଦ୍ୱାରା ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା ।

ଏହି ଯୁଦ୍ଧ ସମୟରେ ଅନେକ ନୂତନ ଅସ୍ତ୍ର ଯଥା – ସ୍ୱୟଂଚାଳିତ ବନ୍ଧୁକ, ବିଷାକ୍ତ ବାଷ୍ପ, ତରଳ ଅଗ୍ନି, ବୁଡ଼ାଜାହାଜ ଓ ଟ୍ୟାଙ୍କମାନ ବ୍ୟବହୃତ ହୋଇଥିଲା । ନୂତନ କୌଶଳ ଓ ସାମରିକ ଯନ୍ତ୍ର କୌଶଳମାନ ଉଭୟ ପକ୍ଷ ଦ୍ୱାରା ପରିକ୍ଷିତ ହେଲା । ଇଂଲଣ୍ଡ ସାମୁଦ୍ରିକ ଓ ଅର୍ଥନୈତିକ କଟକଣା, ଟ୍ୟାଙ୍କ ଏବଂ ବାୟୁସେନା ଚଢ଼ାଉ ପ୍ରଭୃତି ବ୍ୟବହାର କରିଥିଲା । ଫ୍ରାନ୍ସ ସୁଡ଼ଙ୍ଗ ଯୁଦ୍ଧ କରିଥିଲା ଏବଂ ଜର୍ମାନୀ ୟୁବୋଟ୍ ଓ ବୁଡ଼ାଜାହାଜର ବ୍ୟବହାର କରି ଯୁଦ୍ଧ ଜାହାଜଗୁଡ଼ିକୁ ସମୁଦ୍ରରେ ବୁଡ଼ାଇ ଦେଉଥିଲା ।

## ୪.୬.୫ ପ୍ରଥମ ବିଶ୍ୱଯୁଦ୍ଧର ଆଶୁ ପରିଣାମ

ପ୍ରଥମ ବିଶ୍ୱଯୁଦ୍ଧ ହେଉଛି ପୃଥିବୀ ସମ୍ମୁଖୀନ ହୋଇଥିବା ସର୍ବାପେକ୍ଷା ଅଧିକ ଧ୍ୱଂସକାରୀ ଓ ଭୟଙ୍କର ଘଟଣା ମଧ୍ୟରୁ ଅନ୍ୟତମ । ନିରୀହ ବେସାମରିକ ଲୋକଙ୍କ ସହ ପ୍ରାୟ ଏକ ନିୟୁତ ଲୋକଙ୍କର ପ୍ରାଣହାନୀ ଘଟିଥିଲା । ଅଧିକାଂଶ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ବହୁମାତ୍ରାରେ କ୍ଷୟକ୍ଷତି ଘଟିଥିଲା । ସମୁଦାୟ ବ୍ୟୟ ପ୍ରାୟ ୧୮୦ ନିୟୁତ ଡଲାର । ଅଧିକାଂଶ ଦେଶର ଅର୍ଥନୀତି ଧ୍ୱଂସ ହୋଇଥିଲା ଯଦ୍ଦ୍ୱାରା ସାମାଜିକ ଅସ୍ଥିରତା, ବେରୋଜଗାରୀ ଓ ଦାରିଦ୍ର୍ୟ ଦେଖାଦେଲା ।

୧୯୧୯ ମସିହା ଜାନୁଆରୀରୁ ଜୁନ ମଧ୍ୟରେ ମିଳିତ ଶକ୍ତିମାନେ ପ୍ୟାରିସ ନିକଟସ୍ଥ ଭର୍ସାଇଲସ୍ ପ୍ରାସାଦରେ ପରାଜିତ ଶକ୍ତିମାନଙ୍କର ଭାଗ୍ୟ ନିର୍ଣ୍ଣୟ କରିବା ପାଇଁ ଏକ ସମ୍ମେଳନୀରେ ଯୋଗ ଦେଲେ । ଯଦିଓ ପ୍ରାୟ ୨୭ଟି

ଦେଶର ପ୍ରତିନିଧି ସମ୍ମେଳନୀରେ ଯୋଗ ଦେଇଥିଲେ, ବ୍ରିଟେନ, ଫ୍ରାନସ୍ ଓ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆଗଲା । ଋଷିଆକୁ ବାଦ ଦିଆଯାଇଥିଲା ଓ ପରାଜିତ ରାଷ୍ଟ୍ରମାନଙ୍କୁ ଯୋଗଦେବାକୁ ଅନୁମତି ଦିଆଯାଇ ନଥିଲା । ମିଳିତ ଶକ୍ତିଗଣ ପରାଜିତ ଦେଶମାନଙ୍କ ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଥିଲେ । ସେଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଜର୍ମାନୀ ସହ ସ୍ୱାକ୍ଷରିତ ହୋଇଥିବା ଭର୍ସାଇଲସ୍ ଚୁକ୍ତି, ଅଷ୍ଟ୍ରିଆ ସହ ସେଣ୍ଟ ଜର୍ମେନ ଚୁକ୍ତି ଓ ତୁର୍କୀ ସହ ସଭର୍ସ ଚୁକ୍ତି ।

ଭର୍ସାଇଲସ୍ ଚୁକ୍ତି ଜର୍ମାନୀକୁ ରାଜନୈତିକ, ଅର୍ଥନୈତିକ ଓ ସାମରିକ ଦୃଷ୍ଟିରୁ ପଙ୍ଗୁ କରି ଦେଇଥିଲା । ଜର୍ମାନୀକୁ ଯୁଦ୍ଧ ଆରମ୍ଭ କରିବା ପାଇଁ ଦୋଷୀସାବ୍ୟସ୍ତ କରାଯାଇଥିଲା ଓ ସେଥିପାଇଁ ଏକ ବଡ଼ ପରିମାଣର କ୍ଷତି ପୂରଣ ଦେବା ପାଇଁ କୁହାଯାଇଥିଲା । ଆଲସାସ ଓ ଲୋରେନ ଯେଉଁଗୁଡ଼ିକୁ ୧୮୭୧ ମସିହାରେ ଜର୍ମାନୀ ଫ୍ରାନସ୍‌ଠାରୁ ଅକ୍ତିଆର କରିଥିଲା, ତାହା ପୁନଶ୍ଚ ଫ୍ରାନସକୁ ଫେରସ୍ତ କରାଯାଇଥିଲା । ଫ୍ରାନସ୍ ଓ ଜର୍ମାନୀ ମଧ୍ୟରେ ଥିବା ରାହିନ୍‌ଲାଣ୍ଡକୁ ସେନାମୁକ୍ତ କରାଯାଇଥିଲା ଓ ମିଳିତ ଶକ୍ତିର ନିୟନ୍ତ୍ରଣକୁ ଅଣାଯାଇଥିଲା । କୋଇଲା ପ୍ରାଚୁର୍ଯ୍ୟପୂର୍ଣ୍ଣ 'ସାର' ଉପତ୍ୟକାକୁ ଫ୍ରାନ୍‌ସକୁ ୧୫ ବର୍ଷ ପାଇଁ ଦିଆଗଲା । ଜର୍ମାନୀ ସୈନ୍ୟଦଳକୁ ଭଙ୍ଗ କରାଗଲା । ଯୁଦ୍ଧପୋତଗୁଡ଼ିକୁ ବୁଡ଼ାଇ ଦିଆଗଲା ଓ ସୈନ୍ୟବାହିନୀରେ ସୈନ୍ୟଙ୍କ ସଂଖ୍ୟା ୧,୦୦,୦୦୦ରେ ସିମୀତ କରାଗଲା । ଜର୍ମାନୀକୁ ତାର ସମସ୍ତ ଉପନିବେଶରୁ ବଞ୍ଚିତ କରାଗଲା । ଇଉରୋପରେ ତାର ଅଧିକାଂଶ ଅଞ୍ଚଳ ବେଲଜିଅମ ଓ ପୋଲାଣ୍ଡକୁ ହସ୍ତାନ୍ତର କରାଗଲା ।

ସେଣ୍ଟଜର୍ମେନ ଚୁକ୍ତି ଦ୍ୱାରା ଅଷ୍ଟ୍ରିଆକୁ ହଙ୍ଗେରୀଠାରୁ ପୃଥକ୍ କରାଗଲା ଏବଂ ହଙ୍ଗେରୀକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର କରାଗଲା । ଅଷ୍ଟ୍ରିଆ ହଙ୍ଗେରୀର ସ୍ୱାଧୀନତାକୁ ସ୍ୱୀକୃତି ଦେବାକୁ ବାଧ୍ୟ ହେଲା ଏବଂ ତାକୁ ତାର କେତେକ ଅଞ୍ଚଳ ଚେକୋସ୍ଲୋଭାକିଆ, ରୋମାନିଆ, ଯୁଗୋସ୍ଲୋଭିଆକୁ ହସ୍ତାନ୍ତର କରିବାକୁ ପଡ଼ିଲା । ସଭର୍ସ ଚୁକ୍ତି ଅଟୋମାନ ସାମ୍ରାଜ୍ୟକୁ ଭଙ୍ଗ କରିଥିଲା । ଏହାର କେତେକ ରାଜ୍ୟ ମିଳିତ ଶକ୍ତିମାନଙ୍କୁ ଆଦେଶନାମା ହିସାବରେ ଦିଆଯାଇଥିଲା । ଉଦାହରଣ ସ୍ୱରୂପ ପାଲେଷ୍ଟାଇନ୍ ଏବଂ ମେସୋପଟାମିଆ ବ୍ରିଟେନକୁ ଏବଂ ସିରିଆ ଫ୍ରାନ୍‌ସକୁ ଦିଆଗଲା । ଏହି ଦେଶଗୁଡ଼ିକ ଆତ୍ମନିର୍ଭରଶୀଳ ହେବା ପର୍ଯ୍ୟନ୍ତ ମିଳିତ ଶକ୍ତିମାନଙ୍କୁ ତାଙ୍କର ଦେଖାଶୁଣା କରିବାକୁ ପଡ଼ିଥିଲା ।

ଯୁଦ୍ଧ ଏବଂ ଶାନ୍ତିଚୁକ୍ତିଗୁଡ଼ିକ ପୃଥିବୀର ରାଜନୈତିକ ମାନଚିତ୍ରକୁ ବଦଳାଇ ଦେଇଥିଲା, ନିର୍ଦ୍ଦିଷ୍ଟ ଭାବରେ ଇଉରୋପର । ଋଷିଆର ଅକ୍ଟୋବର ବିପ୍ଳବ ପରେ ସେଠାରେ ରାଜୁତି କରୁଥିବା ରୋମାନୋଭ ରାଜବଂଶକୁ ବିତାଡ଼ିତ କରାଯାଇଥିଲା । ଯୁଦ୍ଧର ପରିଶେଷ ବେଳକୁ ଜର୍ମାନୀର ହୋହେନିଜୋଲନି ରାଜବଂଶ ଏବଂ ଅଷ୍ଟ୍ରିଆର ହ୍ୟାପ୍‌ସବର୍ଗ ରାଜବଂଶକୁ କ୍ଷମତାଚ୍ୟୁତ କରାଯାଇଥିଲା ଓ ସେଠାରେ ଗଣତନ୍ତ୍ର ସ୍ଥାପନ କରାଯାଇଥିଲା । ୧୯୨୨ ମସିହାରେ ଏକ ବିଦ୍ରୋହ ପରେ ତୁର୍କୀରୁ ରାଜତନ୍ତ୍ରର ଲୋପ କରାଯାଇଥିଲା । ପରାଜିତ ଶକ୍ତିମାନଙ୍କଠାରୁ ଅଧିକାର କରାଯାଇଥିବା ଅଞ୍ଚଳଗୁଡ଼ିକରୁ ଦୁଇଟି ନୂତନ ରାଷ୍ଟ୍ର ଚେକୋସ୍ଲୋଭାକିଆ ଏବଂ ଯୁଗୋସ୍ଲୋଭିଆ ସୃଷ୍ଟି କରାଯାଇଥିଲା । ହଙ୍ଗେରୀ ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ଜନ୍ମ ନେଲା । ବଲଟିକ୍ ରାଷ୍ଟ୍ରଗୁଡ଼ିକ ଯଥା – ଲିଥୁଆନିଆ, ଲାଟିଭିଆ, ଇସ୍ତୋନିଆ ଓ ଫିନଲାଣ୍ଡକୁ ସ୍ୱାଧୀନରାଷ୍ଟ୍ରରେ ପରିଣତ କରାଗଲା । ରୋମାନିଆ ଓ ପୋଲାଣ୍ଡ ରାଷ୍ଟ୍ରର ପରିସୀମା ବୃଦ୍ଧି କରାଗଲା । ଏହିସବୁ ପରିବର୍ତ୍ତନ ଇଉରୋପର ଅଧିକାଂଶ ରାଷ୍ଟ୍ରର ସୀମା ପରିବର୍ତ୍ତନ କରିଦେଲା ।

ଏହା ନିଶ୍ଚିତ ଯେ, ଶାନ୍ତି ରାଜିନାମାଗୁଡ଼ିକ ନିର୍ଦ୍ଦେଶିତ ଏବଂ ବୈଶମ୍ୟପୂର୍ଣ୍ଣ ରାଜିନାମା ଥିଲା ଏବଂ ସେଗୁଡ଼ିକ ପରାଜିତ ଶକ୍ତିମାନଙ୍କ ଉପରେ ଲଦି ଦିଆଯାଇଥିଲା । ଏହି ଆଲୋଚନାରେ ସେମାନଙ୍କର କୌଣସି ମତଦେବାର ଅଧିକାର ନଥିଲା । ଯୁଦ୍ଧର ଅବସାନ ପରେ ଇଉରୋପୀୟ ପ୍ରାଧାନ୍ୟର ସମାପ୍ତି ଘଟିଥିଲା ଏବଂ ଋଷିଆ ଓ ଆମେରିକା ପ୍ରଧାନ ଶକ୍ତି ରୂପେ ମୁଣ୍ଡ ଟେକିଲା । ଏହି ଯୁଗ ମଧ୍ୟ ଏସିଆ ଏବଂ ଆଫ୍ରିକାର ଦେଶଗୁଡ଼ିକରେ

ଜାତୀୟ ଆନ୍ଦୋଳନ ଦୃଢ଼ୀଭୂତ ହେବାର ଦେଖିଲା । ୧୯୧୮ ମସିହା ନଭେମ୍ବରରେ ଯୁଦ୍ଧର ପରିସମାପ୍ତି ପୂର୍ବରୁ ମଧ୍ୟ ଆମେରିକାର ରାଷ୍ଟ୍ରପତି ଉଡ ଉଇଲସନ୍ ତାଙ୍କର ୧୪ ସୂତ୍ରୀ (Wilson's fourteen Points) ଶାନ୍ତି କାର୍ଯ୍ୟକ୍ରମର ପ୍ରସ୍ତାବ ଦେଇଥିଲେ । ତନ୍ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଥିଲା, ବିଶ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମିତ୍ତ ଏକ ଆନ୍ତର୍ଜାତିକ ସଂଗଠନର ନିର୍ମାଣ । ଏହି ପ୍ରସ୍ତାବକୁ ଆଧାର କରି ୧୯୨୦ ମସିହାରେ ଜାତିସଂଘର ସ୍ଥାପନା କରାଯାଇଥିଲା ।

### ୪.୬.୬ ଜାତିସଂଘ

ଏହି ସଂଘ ପ୍ରଥମ ଆନ୍ତର୍ଜାତିକ ସଂଗଠନ ଥିଲା ଯାହାକୁ ୧୯୨୦ ମସିହାରେ ସ୍ଥାପିତ କରାଯାଇଥିଲା ଓ ଏହାର ମୁଖ୍ୟ କାର୍ଯ୍ୟାଳୟ ଜେନେଭାରେ ଅବସ୍ଥାପିତ କରାଗଲା । ଏହାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା – ବିଶ୍ୱରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା, ଭାବିଯୁଦ୍ଧକୁ ରୋକିବା, ଆନ୍ତର୍ଜାତିକ ସହଯୋଗ ବୃଦ୍ଧିକରିବା, ଆନ୍ତର୍ଜାତିକ କଳହର ଶାନ୍ତିପୂର୍ଣ୍ଣ ସମାଧାନ କରିବା, ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶ୍ରମିକମାନଙ୍କର ଅବସ୍ଥାର ଉନ୍ନତି କରିବା । କିନ୍ତୁ ଦୁର୍ଭାଗ୍ୟବଶତଃ ଜାତିସଂଘ ଯୁଦ୍ଧ ଏବଂ ବିବାଦ ରୋକିବାକୁ ଅସମର୍ଥ ହୋଇଥିଲା, ଯେଉଁଥିପାଇଁକି ଏହାର ପ୍ରତିଷ୍ଠା ହୋଇଥିଲା । ଯେତେବେଳେ ୧୯୩୫ ମସିହାରେ ଇଟାଲୀ ଇଥିଓପିଆ ଆକ୍ରମଣ କଲା ଓ ୧୯୩୬ ମସିହାରେ ଜାପାନ ମାଞ୍ଚୁରିଆ ଆକ୍ରମଣ କଲା, ଜାତିସଂଘ କିଛି ପଦକ୍ଷେପ ନେଇ ପାରିଲା ନାହିଁ । ଏପରିକି ଉପନିବେଶଗୁଡ଼ିକୁ ଅଧିକାର ପାଇଁ ରାଷ୍ଟ୍ରମାନଙ୍କ ମଧ୍ୟରେ ପାରସ୍ପରିକ ଶତ୍ରୁତା ଲାଗି ରହିଲା ଯାହାକି ସେମାନଙ୍କର ସାମ୍ରାଜ୍ୟବାଦୀ ଅଭିଳାଷକୁ ପ୍ରକାଶିତ କରୁଥିଲା ।

### ତୁମ ପାଇଁ କାର୍ଯ୍ୟ ୪.୪


ମହାତ୍ମା ଗାନ୍ଧୀ କହିଛନ୍ତି, 'ପୃଥିବୀ ପ୍ରତ୍ୟେକ ଲୋକର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଉପାଦାନ ରଖିଛି, କିନ୍ତୁ ପ୍ରତ୍ୟେକ ଲୋକଙ୍କର ଲୋଭ ପାଇଁ ନୁହେଁ ।'' ତୁମେ କ'ଣ ଭାବୁଛ ଏହି ଉଦ୍ଧୃତାଂଶଟି ପ୍ରକୃତ ସତ୍ୟ ? କାହିଁକି ବା କାହିଁକି ନୁହେଁ ? ଉଦାହରଣ ଦେଇ ସତ୍ୟତା ପ୍ରତିପାଦନ କର ।

## ୪.୭ ଦୁଇ ବିଶ୍ୱଯୁଦ୍ଧର ମଧ୍ୟବର୍ତ୍ତୀ ପୃଥିବୀ

ଦୁଇଟି ବିଶ୍ୱଯୁଦ୍ଧ ମଧ୍ୟବର୍ତ୍ତୀ ୨୦ ବର୍ଷର ସମୟ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନମାନ ଅନୁଭବ କରିଥିଲା । ଏସିଆ ଓ ଆଫ୍ରିକାର ଦେଶମାନଙ୍କରେ ଜାତୀୟ ଜାଗରଣ ଏବଂ ସୋଭିଏତ୍ ଋଷିଆ ଓ ଅନ୍ୟକେତେକ ଦେଶମାନଙ୍କରେ ସମାଜବାଦୀ ଆନ୍ଦୋଳନର ଲୋକପ୍ରିୟତା ଭଳି ସକାରାତ୍ମକ ବିକାଶ ଘଟିଥିଲା । ଇଉରୋପର କେତେକ ଦେଶ ବିଶେଷ କରି ଇଟାଲୀ ଓ ଜର୍ମାନୀରେ ଏକଛତ୍ର ଶାସନର କୁରୂପ ଦେଖିବାକୁ ମିଳିଥିଲା । ଗୋଟିଏ ମୁଖ୍ୟ ଅର୍ଥନୈତିକ ସଙ୍କଟ ଦେଖାଦେଲା, ଯାହାକି ପୃଥିବୀର ପ୍ରାୟ ସମସ୍ତ ଭାଗକୁ ପ୍ରଭାବିତ କରିଥିଲା । ନିର୍ଦ୍ଦିଷ୍ଟ ଭାବରେ ପାଶ୍ଚାତ୍ୟ ଦେଶର ବିଶେଷ ପ୍ରଗତିଶୀଳ ଦେଶ ଗୁଡ଼ିକ । ୧୯୨୯ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଗୁରୁତର ଅର୍ଥନୈତିକ ମାନ୍ଦା ଅବସ୍ଥା ଦେଖାଦେଇଥିଲା ଯାହା ସାରାବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିଲା ।

### ୪.୭.୧ ଫାସୀବାଦ ଓ ନାଜୀବାଦର ଉତ୍‌ଥାନର କାରଣ

ଯୁଦ୍ଧ ପରେ ଅନେକ ରାଜନୈତିକ ଆନ୍ଦୋଳନ ଇଉରୋପରେ ହୋଇଥିଲା, ଯାହାକୁ ଫାସୀବାଦ ନାମରେ ନାମିତ କରାଯାଏ । ତାର ଅନେକଗୁଡ଼ିଏ ବିଶେଷତ୍ୱ ମଧ୍ୟରୁ ଅତିସାଧାରଣ ହେଉଛି, ଗଣତନ୍ତ୍ର ଓ ସମାଜବାଦ ପ୍ରତି ଶତ୍ରୁତା





ଏବଂ ଏକଛତ୍ରବାଦ ପ୍ରତିଷ୍ଠା କରିବାର ଅଭିପ୍ରାୟ । ସେମାନେ ଶାସକ, ଉଚ୍ଚଶ୍ରେଣୀର ନାଗରିକ ଓ ପୁଞ୍ଜିପତିମାନଙ୍କ ସମର୍ଥନ ଲାଭ କଲେ କାରଣ ସେମାନଙ୍କୁ ସମାଜବାଦୀମାନଙ୍କଠାରୁ ସୁରକ୍ଷା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ସେମାନେ ଯୋଜନାବଦ୍ଧ ଭାବରେ ଆତଙ୍କ ଓ ହତ୍ୟାର ଅଭିଯାନକୁ ଉନ୍ମୁକ୍ତ କରିଦେଲେ । କିନ୍ତୁ ସରକାର ତାହା ବନ୍ଦ କରିବା ପାଇଁ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ । ଇଟାଲୀରେ ଏକଛତ୍ରବାଦୀ ଶାସନ ମୁସୋଲିନ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଯାହାକୁ ଫାସୀବାଦ କୁହାଯାଉଥିଲା । ଏହି ଫାସିବାଦ ଶବ୍ଦ ଲାଟିନ୍ ଶବ୍ଦ ‘‘ଫାସେଜ’’ରୁ ଉଦ୍ଧୃତ ହୋଇଛି ଯାହା ପ୍ରାଚୀନ ରୋମରେ କ୍ଷମତାର ଏକ ପ୍ରତୀକ ଥିଲା । ୧୯୨୨ ମସିହାରେ ଇଟାଲୀ ସମ୍ରାଟଙ୍କ ସମର୍ଥନରେ ମୁସୋଲିନ୍ କ୍ଷମତାକୁ ଆସିଲେ ଏବଂ ଏକଛତ୍ର ଶାସକ ଭାବରେ ୧୯୨୫ ରୁ ୧୯୪୩ ପର୍ଯ୍ୟନ୍ତ ଶାସନ କଲେ । ସୁସୋଲିନ ସମସ୍ତ ରାଜନୈତିକ ଦଳକୁ ନିଷେଧ କରିଥିଲେ ଏବଂ ଲୋକମାନଙ୍କ ସମର୍ଥନ ପାଇବା ପାଇଁ କେତେଗୁଡ଼ିଏ ସୁଧାର ଆଣିଥିଲେ ।

ଜର୍ମାନୀରେ ଫାସିବାଦକୁ ନାଜିବାଦ ବୋଲି କୁହାଯାଏ । ଏହା ଅଡ଼ଲ୍‌ଫ ହିଟଲରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ହିଟଲର ଯୁଦ୍ଧ ପରବର୍ତ୍ତୀ ରାଜିନାମାଗୁଡ଼ିକର ପ୍ରତ୍ୟାବର୍ତ୍ତନ କରିବା ପାଇଁ ଏବଂ ଜର୍ମାନୀର ଶକ୍ତି ଓ ଗୌରବକୁ ପୁନଃସ୍ଥାପନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଜର୍ମାନୀ ପୁନର୍ଗଠନ କରି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ତାଙ୍କର ଦୃଷ୍ଟିଭଙ୍ଗୀକୁ ଅନେକ ଜର୍ମାନୀବାସୀଙ୍କୁ ତାଙ୍କ ସହଯୋଗ ଦେବାପାଇଁ ଉତ୍ସାହିତ କରିଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରର କ୍ଷତିପାଇଁ ଏହା ଏକ ଔଷଧ ରୂପେ କାମ କରିଥିଲା । ଅନେକ ଲୋକ ଏହି ନାଜିବାଦର ସମର୍ଥନ କରିଥିଲେ, କାରଣ ଏହା ଅର୍ଥନୈତିକ ପତନ ଓ ମାନ୍ଦା ଅବସ୍ଥାରୁ ବାହାରିବା ପାଇଁ ଏକ ରାସ୍ତା ଦେଖାଇଥିଲା । ନାଜିବାଦର ସଫଳତା କେବଳ ଜର୍ମାନୀ ପାଇଁ ନୁହେଁ ସାରା ଇଉରୋପ ଏବଂ ପୃଥିବୀର ଅନ୍ୟ କେତେକ ଅଞ୍ଚଳ ପାଇଁ ମଧ୍ୟ ବିପଦପୂର୍ଣ୍ଣ ପ୍ରମାଣିତ ହୋଇଥିଲା । ଏହା ମଧ୍ୟ ହଙ୍ଗେରୀ, ରୋମାନିଆ, ପର୍ତ୍ତୁଗାଲ ଓ ସ୍ପେନରେ ଏକଛତ୍ର ଶାସନ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲା । ଏତେଗୁଡ଼ିଏ ଦେଶରେ ଗଣତନ୍ତ୍ର ବିରୋଧି ସରକାରର ଉତ୍‌ଥାନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର କରିଦେଲା ।

## ୪.୭.୨ ପୃଥିବୀର ଅନ୍ୟ ଅଞ୍ଚଳରେ ବିକାଶ

ଯଦିଓ ଇଂଲଣ୍ଡ ଏବଂ ଫ୍ରାନସ୍ ଅନ୍ୟ ଦେଶମାନଙ୍କ ଭଳି ଗୁରୁତର ଅର୍ଥନୈତିକ ସଂକଟ, ଅଭାବ ଓ ବେରୋଜଗାରୀର ସମ୍ମୁଖିନ ହୋଇଥିଲେ, ତଥାପି ସେଠାରେ ଗଣତାନ୍ତ୍ରିକ ସରକାର ତିଷ୍ଠିରହିଥିଲା । ଇଂଲଣ୍ଡରେ ଶ୍ରମିକ ଆନ୍ଦୋଳନ ଏବଂ ଅନ୍ୟାନ୍ୟ ବିଶୃଙ୍ଖଳା ସତ୍ତ୍ୱେ ୧୯୩୧ ମସିହାରେ ଶ୍ରମିକ, ଉଦାରବାଦୀ, ରକ୍ଷଣଶୀଳ ଦଳଗୁଡ଼ିକର ମିଳିତ ସରକାର ଗଠନ କରି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଉଦ୍ୟମ କରାଯାଇଥିଲା । ଫ୍ରାନ୍‌ସରେ ୧୯୩୬ ମସିହାରେ ବାମପନ୍ଥୀ ଦଳକୁ ନେଇ ଏକ ମିଳିତ ଲୋକପ୍ରିୟ ସରକାର ସ୍ଥାପନ କରାଗଲା ।

ସୋଭିଏତ ଋଷିଆ ପୃଥିବୀର ପ୍ରଥମ ସମାଜବାଦୀ ରାଷ୍ଟ୍ରରୂପେ ମୁଣ୍ଡଟେକି ଥିଲା । ଏହି ନୂତନ ସରକାରଙ୍କ ଅମଳରେ ଅର୍ଥନୀତିରେ ସମାଜବାଦୀ ନୀତି ନିୟମମାନ ପ୍ରବେଶ କରିଥିଲା ଏବଂ ଏହା ଏକମାତ୍ର ଦେଶ ଥିଲା ଯାହା ୧୯୨୯ ମସିହାରେ ଘଟିଥିବା ଅର୍ଥନୈତିକ ମାନ୍ଦା ଅବସ୍ଥା ଦ୍ୱାରା ପୁଞ୍ଜିପତି ରାଷ୍ଟ୍ରମାନଙ୍କ ଭଳି ଦୁର୍ଦ୍ଦଶା ଭୋଗ କରିନଥିଲା ।

ଯଦିଓ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଥମ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା, ଏହି ଦେଶ ବିଶେଷ ବସ୍ତୁଗତ କ୍ଷୟକ୍ଷତିର ସମ୍ମୁଖିନ ହୋଇ ନଥିଲା । ଔଦ୍ୟୋଗିକ ସମୃଦ୍ଧି, ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଏହାକୁ ଏକ ମହାଶକ୍ତିରେ ପରିଣତ କରିଥିଲା । ତଥାପି ଏସବୁ ସତ୍ତ୍ୱେ ଆମେରିକା ୧୯୨୯ ମସିହାରେ ମାତ୍ରାଧିକ ଉତ୍ପାଦନ

ଯୋଗୁଁ ଗୁରୁତର ଅର୍ଥନୈତିକ ସଂକଟର ସମ୍ମୁଖିନ ହୋଇଥିଲା । ଜିନିଷ ପତ୍ରର ମୂଲ୍ୟହ୍ରାସ ଯୋଗୁଁ ଶେୟାରର ମୂଲ୍ୟ ମଧ୍ୟ ହ୍ରାସ ପାଇଲା । ବ୍ୟାଙ୍କଗୁଡ଼ିକ ବନ୍ଦ ହୋଇଗଲା ଓ ଲୋକମାନେ ନିଜର ସାରାଜୀବନର ସଞ୍ଚୟ ହରାଇ ବସିଲେ । ଆମେରିକା ଇଉରୋପୀୟ ଦେଶମାନଙ୍କୁ ବିଶ୍ୱଯୁଦ୍ଧ ପରେ ଯେଉଁ ଋଣ ଦେଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରିଦେଇଥିଲା । ଫଳରେ ଇଉରୋପୀୟ ଦେଶମାନଙ୍କରେ ଅର୍ଥନୈତିକ ଅସ୍ଥିରତା ଦେଖାଦେଲା । ଆମେରିକାରେ ଫ୍ରାଙ୍କଲିନ୍ ରୁଜଭେଲଟ୍‌ଙ୍କ ନେତୃତ୍ୱରେ ଯେଉଁ ନୂତନ ସରକାର କ୍ଷମତାକୁ ଆସିଲା, ତାହା ଅର୍ଥନୀତିରେ ଉତ୍‌ଥାନ ପାଇଁ 'ନିଉଡ଼ିଲ୍' ନାମକ ଏକ ନୂଆ କାର୍ଯ୍ୟକ୍ରମ ଲାଗୁକରିଥିଲା । ଏହି କାର୍ଯ୍ୟକ୍ରମ ଅଧିନରେ ଅନେକ ସଂସ୍କାର କରାଯାଇଥିଲା ଯଥା ନୂତନ ରୋଜଗାରର ସୁଯୋଗ ଯୋଗାଇବା, କୃଷକମାନଙ୍କୁ ସହାୟତା ପ୍ରଦାନ କରିବା ଇତ୍ୟାଦି ।

ଜାପାନ ଏସିଆର ଏକମାତ୍ର ରାଷ୍ଟ୍ର ଯାହା ସାମ୍ରାଜ୍ୟବାଦୀ ରାଷ୍ଟ୍ର ଭାବରେ ମୁଣ୍ଡ ଟେକିଥିଲା । ତୁମେମାନେ ପଢ଼ିଛ ଯେ, ଏହା ୧୯୦୫ ମସିହାରେ ଋଷିଆକୁ ପରାସ୍ତ କରିଥିଲା । ଦୁଇ ବିଶ୍ୱଯୁଦ୍ଧ ମଧ୍ୟର ଏହି ସମୟରେ ଜାପାନ ଶକ୍ତିଶାଳୀ ସାମରିକ ଶକ୍ତିରେ ପରିଣତ ହୋଇଥିଲା ଏବଂ ଏହା ଫାସିବାଦକୁ ସମର୍ଥନ କରୁଥିଲା । ସେ ଫାସିଷ୍ଟ ଶକ୍ତିମାନଙ୍କ ସହିତ ରୋମ–ବର୍ଲିନ–ଟୋକିଓ ଆକ୍ସିସ୍ ନାମକ ଚୁକ୍ତି ସ୍ୱାକ୍ଷର କଲା । ସାମ୍ୟବାଦର ପ୍ରସାରକୁ ରୋକିବା ପାଇଁ ଇଟାଲୀ ଏବଂ ଜର୍ମାନୀ ସହିତ ସାମ୍ୟବାଦ ବିରୋଧୀ (Anti Commintern) ସନ୍ଧି ସ୍ୱାକ୍ଷର କରିଥିଲା ।

## ୪.୮ ଦ୍ୱିତୀୟ ବିଶ୍ୱଯୁଦ୍ଧ

ଆମେ ଜାତିସଂଘ ବିଷୟରେ ପାଠକଲେ ଏବଂ ଯଦିଓ ଏହା ଭବିଷ୍ୟତର ଯୁଦ୍ଧ ରୋକିବା ପାଇଁ ଗଠିତ ହୋଇଥିଲା, ଏହା ଗଠନର ୨୦ ବର୍ଷ ମଧ୍ୟରେ ଏହାର ଲକ୍ଷ୍ୟ ହାସଲରେ ବିଫଳ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ ମସିହା ସେପ୍ଟେମ୍ବର ମାସରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଦେଖିବା ଯୁଦ୍ଧ କାହିଁକି ଆରମ୍ଭ ହେଲା ।

### ୪.୮.୧ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ

ଦ୍ୱିତୀୟ ବିଶ୍ୱଯୁଦ୍ଧ, ପୂର୍ବବର୍ତ୍ତୀ ଯୁଦ୍ଧ ଭଳି, ଇଉରୋପରୁ ଆରମ୍ଭ ହୋଇଥିଲା ଏବଂ ଗୋଟିଏ ବିଶ୍ୱ ଯୁଦ୍ଧରେ ପରିଣତ ହୋଇଥିଲା । ଫାସିଷ୍ଟ ଦେଶଗୁଡ଼ିକ ନିଜର ସାମ୍ରାଜ୍ୟବାଦୀ ଲାଭ ପାଇଁ ପୃଥିବୀକୁ ପୁନଃବିଭାଜନ କରିବାକୁ ଇଚ୍ଛା କଲେ ଏବଂ ସେଥିପାଇଁ ପ୍ରତିଷ୍ଠିତ ଶକ୍ତିଗୁଡ଼ିକ ସହ ସେମାନଙ୍କର ମତଭେଦ ହେଲା । ଆମେ ଜାଣୁ ଯେ, ଭର୍ସାଇଲସ ଚୁକ୍ତିଦ୍ୱାରା ଜର୍ମାନୀ ରାଜନୈତିକ, ଅର୍ଥନୈତିକ ଓ ସାମରିକ ଦୃଷ୍ଟିରୁ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା । ସେ ପ୍ରତିଶୋଧ ଚାହୁଁଥିଲା ଏବଂ ମିଳିତ ଶକ୍ତି ସହ ଏକ ଶକ୍ତି ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଲା । ଇଟାଲୀର ପରିସ୍ଥିତି ମଧ୍ୟ ଭିନ୍ନ ନଥିଲା । ଯଦିଓ ଇଟାଲୀ ସାମ୍ରାଜ୍ୟଲାଭ ଆଶାରେ ଯୁଦ୍ଧରେ ମିଳିତ ଶକ୍ତି ସପକ୍ଷରେ ଯୋଗ ଦେଇଥିଲା, ଯୁଦ୍ଧ ପରେ କୌଣସି ଉପନିବେଶ ଲାଭ କରି ନଥିଲା । ସେ ଯୁଦ୍ଧରେ ପ୍ରାୟ ୬୦୦୦୦୦ ଲୋକ ହରାଇଥିଲା । ଉଭୟ ଫାସିଷ୍ଟ ଓ ନାଜି ଦଳମାନେ ଯୁଦ୍ଧର ପ୍ରଶଂସା କରୁଥିଲେ ଏବଂ ଲୋକମାନଙ୍କୁ ଯୁଦ୍ଧ ମାଧ୍ୟମରେ ସେମାନଙ୍କ ଦେଶର ପୂର୍ବଗୌରବ ଫେରାଇ ଆଣିବାକୁ ଆଶ୍ୱାସନା ଦେଇଥିଲେ । ସେମାନେ ବିଜୟ ମାଧ୍ୟମରେ ସାମ୍ରାଜ୍ୟ ବିସ୍ତାରର ନୀତି ଅବଲମ୍ବନ କଲେ । ଜର୍ମାନୀ ୧୯୩୬ରେ ରାଇନ୍ ଅଞ୍ଚଳ, ୧୯୩୮ରେ ଅଷ୍ଟ୍ରିଆ ଓ ୧୯୩୮ରେ ଚେକୋସ୍ଲୋଭାକିଆ ଅଧିକାର କଲା । ଇଟାଲୀ ଇଥିଓପିଆ ଆକ୍ରମଣ କଲା । ଏହା ଇଉରୋପୀୟ ଦେଶଗୁଡ଼ିକ ମଧ୍ୟରେ ସାମାଜିକ ଅସ୍ଥିରତା କଳହ ସୃଷ୍ଟି କଲା ।

ତୁମେମାନେ ସାମରିକ ଶକ୍ତି ରୂପେ ଜାପାନର ବିକାଶ ସମ୍ପର୍କରେ ପଢ଼ିଛ ଏବଂ ତାହାର ଫାସିଷ୍ଟ ଶକ୍ତିମାନଙ୍କୁ ସମର୍ଥନ ବିଷୟରେ ମଧ୍ୟ ଜାଣିଛ । ରୋମ–ବର୍ଲିନ–ଟୋକିଓ ଚୁକ୍ତି ସ୍ୱାକ୍ଷର କରି ଏହି ଶକ୍ତିମାନେ ପରସ୍ପରକୁ

ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ । ଜାପାନକୁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମ୍ରାଜ୍ୟ ବିସ୍ତାର ପାଇଁ ସମ୍ପୂର୍ଣ୍ଣ ଅଧିକାର ଦିଆଗଲା, ଯେତେବେଳେ ଜର୍ମାନୀ ଓ ଇଟାଲୀକୁ ସେଥିପାଇଁ ମୁକ୍ତହସ୍ତ ମିଳିଲା ।

ସୋଭିଏତ ସଂଘର ସଫଳତା ପାଶ୍ଚାତ୍ୟ ଦେଶମାନଙ୍କୁ ଚିନ୍ତିତ କରିଥିଲା । ପୁଞ୍ଜିପତି ରାଷ୍ଟ୍ର ହୋଇଥିବାରୁ ସେମାନେ ସେମାନଙ୍କ ଦେଶରେ ସାମ୍ୟବାଦର ପ୍ରସାର ରୋକିବାକୁ ଚାହୁଁଥିଲେ । ତେଣୁ ସେମାନେ ଇଟାଲୀ ଓ ଜର୍ମାନୀକୁ ସମର୍ଥନ କରି ଏକ ନିୟମିତ ନୀତି ଅବଲମ୍ବନ କଲେ, କାରଣ ସେମାନେ ସାମ୍ୟବାଦ ବିରୋଧି ଥିଲେ । ଏହି ନୀତିକୁ ତୁଷ୍ଟିକରଣ ବା ପ୍ରଶମନନୀତି (Appeasment policy) କୁହାଯାଏ । ଜର୍ମାନୀର ସୈନ୍ୟବାହିନୀ ଯାହାକି ପ୍ରଥମ ବିଶ୍ୱଯୁଦ୍ଧ ପରେ ୧,୦୦,୦୦୦ରେ ସିମୀତ ଥିଲା, ତାହା ତାର ଶକ୍ତିକୁ ୮,୦୦,୦୦୦କୁ ବୃଦ୍ଧି କଲା । । କିନ୍ତୁ କୌଣସି ପାଶ୍ଚାତ୍ୟଶକ୍ତି ତାକୁ ବିରୋଧ କଲେ ନାହିଁ । ଏପରିକି ଯେତେବେଳେ ହିଟଲର ଭର୍ସାଇଲସ ଚୁକ୍ତିକୁ ଅବମାନନା କରି ଚାଇନ୍ ଅଞ୍ଚଳ ଓ ଅଷ୍ଟ୍ରିଆ ଅଧିକାର କଲେ, ସେତେବେଳେ ପାଶ୍ଚାତ୍ୟ ଶକ୍ତିମାନେ ନୀରବ ଦର୍ଶକ ହୋଇ ରହିଲେ । ୧୯୩୭ ମସିହାରେ ସ୍ପେନରେ ଯେତେବେଳେ ଲୋକପ୍ରିୟ ନିର୍ବାଚିତ ସରକାର ଓ ଫାସିଷ୍ଟ ନେତା ଜେନେରାଲ ଫ୍ରାଙ୍କୋଙ୍କ ମଧରେ ଗୃହଯୁଦ୍ଧ ଆରମ୍ଭ ହେଲା, ହିଟଲର ସ୍ପେନର ଗଣତାନ୍ତ୍ରିକ ରୀତିରେ ନିର୍ବାଚିତ ସରକାରକୁ କ୍ଷମତାହୀନ କରିବାକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ । ସୋଭିଏତ ସଂଘ ଜେନେରାଲ ଫ୍ରାଙ୍କୋଙ୍କ ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଇଂଲଣ୍ଡକୁ ଆବେଦନ କଲେ । ସମଗ୍ର ବିଶ୍ୱର ଲୋକମାନେ ପ୍ରଚଳିତ ସରକାରକୁ ସମର୍ଥନ କଲେ କିନ୍ତୁ ଫ୍ରାନସ୍ ଓ ଇଂଲଣ୍ଡ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଏହି ତୋଷଣନୀତି ଚରମ ସୀମାରେ ପହଞ୍ଚିଲା ଯେତେବେଳେ ହିଟ୍‌ଲର ୧୯୩୮ ମସିହାରେ ଇଂଲଣ୍ଡ ଓ ଫ୍ରାନସ୍‌ର ପ୍ରଧାନମନ୍ତ୍ରୀଙ୍କୁ ମ୍ୟୁନିକ୍‌କୁ ଆମନ୍ତ୍ରଣ କରିଥିଲେ । ମ୍ୟୁନିକ୍ ଚୁକ୍ତିଟି ୧୯୩୮ ମସିହାରେ ସ୍ୱାକ୍ଷରିତ ହେଲା ଏବଂ ଜର୍ମାନୀକୁ ଚେକୋସ୍ଲୋଭାକିଆର ଉତ୍ତର ସ୍ଥିତ ସୁଜିତାନ ଲ୍ୟାଣ୍ଡର ଅଧିକାର ପାଇଁ ଅନୁମତି ଦିଆଗଲା । ପରେ ସମଗ୍ର ଚେକୋସ୍ଲୋଭାକିଆକୁ ଅଧିକାର କରାଗଲା । ଏହି ତୋଷରନୀତି ଫାସିଷ୍ଟ ଶକ୍ତିମାନଙ୍କୁ ଶକ୍ତିଶାଳୀ କରିଥିଲା ।

ଏହା ବର୍ତ୍ତମାନ ସ୍ପଷ୍ଟ ହୋଇଗଲା ଯେ, ବ୍ରିଟେନ ଓ ଫ୍ରାନସ୍ ଚାହୁଁଛନ୍ତି ଯେ, ଇଟାଲୀ ଓ ଜର୍ମାନୀ ଋଷିଆ ବିରୁଦ୍ଧରେ କାର୍ଯ୍ୟ କରନ୍ତୁ । ଏହି ଯୋଜନାକୁ ରୋକିବା ପାଇଁ ସୋଭିଏତ ସଂଘ ଜର୍ମାନୀ ସହ ଏକ ଚୁକ୍ତି ସ୍ୱାକ୍ଷର କଲା ଯଦ୍ୱାରା ଉଭୟ ପରସ୍ପରକୁ ଆକ୍ରମଣ ନକରିବା ପାଇଁ ରାଜି ହେଲେ । ଏହାଦ୍ୱାରା ସୋଭିଏତ ସଂଘ ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ କିଛି ସମୟ ପାଇଲା ଓ ଜର୍ମାନୀ ସୋଭିଏତ ସଂଘର ନିରପେକ୍ଷତା ଲାଭ କଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଗଲା ଯେତେବେଳେ ୧୯୩୯ ସେପ୍ଟେମ୍ବର ୧ ତାରିଖରେ ଜର୍ମାନୀ ପୋଲାଣ୍ଡ ଆକ୍ରମଣ କଲା ଏବଂ ବ୍ରିଟେନ୍ ଜର୍ମାନୀ ଉପରେ ୧୯୩୯ ମସିହା ସେପ୍ଟେମ୍ବର ୩ ତାରିଖରେ ଯୁଦ୍ଧ ଘୋଷଣା କଲା ।

## ୪.୮.୨ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିଣାମ

ଏହି ଯୁଦ୍ଧର ୧୯୪୫ ମସିହାରେ ପରିସମାପ୍ତି ଘଟିଥିଲା । ଏହି ଯୁଦ୍ଧ ମାନବ ଇତିହାସରେ ସଂଘଟିତ ହୋଇଥିବା ସବୁଠାରୁ ବିଧ୍ୱଂସିକାରୀ ଯୁଦ୍ଧ ଥିଲା । ଏହା ଅତୁଳନୀୟ ଧନ, ଜନ ଓ ସମ୍ପଦର କ୍ଷୟକ୍ଷତି ଘଟାଇଥିଲା । ବଡ଼ ବଡ଼ ଅଟାଳିକାଗୁଡ଼ିକ ଧ୍ୱଂସ ପାଇଲା ଓ ହଜାର ହଜାର ଲୋକ ସ୍ୱଦେଶରୁ ମୂଳୋତ୍ପାଟନ ହୋଇଥିଲେ । ଜର୍ମାନର ଇହୁଦୀମାନଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଗଲା କିମ୍ବା ସେମାନଙ୍କୁ ବନ୍ଦୀ ଶିବିରରେ ରଖାଗଲା । ଜାପାନୀ ସହର ଦ୍ୱୟ ହିରୋସୀମା ଏବଂ ନାଗାସାକୀ ସଂପୂର୍ଣ୍ଣ ଧ୍ୱଂସ ପାଇଲା ଯେତେବେଳେ ପରମାଣୁ ବୋମା ତାଙ୍କ ଉପରେ ନିକ୍ଷେପ କରାଗଲା । ପରମାଣୁ ଶକ୍ତି ଦ୍ୱାରା ସମୂହ ଧ୍ୱଂସର ବିପଦ ଏହି ଯୁଦ୍ଧର ଏକ ମୁଖ୍ୟ ପରିଣାମ ଥିଲା । ଜର୍ମାନୀକୁ

ଚାରିଭାଗରେ ବିଭକ୍ତ କରାଗଲା ଓ ଗୋଟିଏ ଲେଖାଏଁ ଭାଗ ଗୋଟିଏ ବିଜିତ ଶକ୍ତି ଅଧିନରେ ରହିଲା । ନାଜିଦଳକୁ ନିଷେଧ କରାଗଲା ଓ ଜର୍ମାନୀକୁ ଭାଙ୍ଗି ଦିଆଗଲା । ଜାପାନକୁ ଯୁକ୍ତରାଷ୍ଟ୍ର ଆମେରିକାର ତତ୍ତ୍ୱାବଧାନରେ ରଖାଗଲା । ୧୯୪୯ ମସିହାରେ ଯେତେବେଳେ ରାଜତନ୍ତ୍ର ପୁନଃ ପ୍ରତିଷ୍ଠା ହେଲା, ସେତେବେଳେ ଯୁକ୍ତରାଷ୍ଟ୍ରର ସୈନ୍ୟବାହିନୀ ପ୍ରତ୍ୟାହୃତ ହେଲେ ।

ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘ ମହାଶକ୍ତି ରୂପେ ବିକଶିତ ହେବା ଫଳରେ ସାମ୍ରାଜ୍ୟବାଦ ଦୁର୍ବଳ ହୋଇଗଲା । ପୃଥିବୀ ବର୍ତ୍ତମାନ ଦୁଇଟି କ୍ଷମତା ଗୋଷ୍ଠୀରେ ବିଭକ୍ତ ହେଲା ଯଥା – ସୋଭିଏତ ସଂଘର ନେତୃତ୍ୱରେ କମ୍ୟୁନିଷ୍ଟ ଗୋଷ୍ଠୀ ଓ ଯୁକ୍ତରାଷ୍ଟ୍ର ଆମେରିକାର ନେତୃତ୍ୱରେ ପାଶ୍ଚାତ୍ୟଗୋଷ୍ଠୀ । ଏହି ଦୁଇଟି ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଅସ୍ଥିରତା ଓ ଅସ୍ତ୍ରବିହୀନ ଯୁଦ୍ଧକୁ ଶୀତଳଯୁଦ୍ଧ ଆଖ୍ୟା ଦିଆଗଲା । ଯାହାକି ଦୀର୍ଘ ଦିନଧରି ଲାଗି ରହିଲା ।

ଏହି ଯୁଦ୍ଧର ଗୋଟିଏ ମୁଖ୍ୟ ପ୍ରଭାବ ହେଉଛି ମିଳିତ ଜାତିସଂଘର ପ୍ରତିଷ୍ଠା । ଯାହା ବିଷୟ ତୁମେ ପରବର୍ତ୍ତୀ ବିଭାଗରେ ପଢ଼ିବ । ସେହିଦିନଠାରୁ ପୃଥିବୀରେ ବହୁ ପରିବର୍ତ୍ତନ ଘଟିଲାଣି । ଏହାର ରାଜନୈତିକ ମାନଚିତ୍ର ବଦଳି ଗଲାଣି । ଏସିଆ ଓ ଆଫ୍ରିକାର ବହୁସଂଖ୍ୟାରେ ଦେଶ ଯେଉଁମାନେକି ଉପନିବେଶ ଶାସନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ, ସେମାନେ ବର୍ତ୍ତମାନ ସ୍ୱାଧୀନ ହେଲେଣି । ସମଷ୍ଟିଗତ ଭାବରେ ସେମାନେ ପୃଥିବୀର ଗୋଟିଏ ମୁଖ୍ୟ ଶକ୍ତି ।

## ତୁମ ପାଇଁ କାର୍ଯ୍ୟ ୪.୫

ପୃଥିବୀ ଧ୍ୱଂସକାରୀ ବିଶ୍ୱଯୁଦ୍ଧ ଦେଖିଛି ଏବଂ ଏବେମଧ୍ୟ ବିବାଦ ଓ ଯୁଦ୍ଧ ଲାଗି ରହିବା ଦୃଶ୍ୟ ହେଉଛି । ବିଶ୍ୱଶାନ୍ତିରେ ବାଧା ସୃଷ୍ଟି କରୁଥିବା ଅନ୍ୟୁନ ପାଞ୍ଚଟି ସମସ୍ୟାର ଏକ ତାଲିକା କର । ଏହି ବିଷୟ ପ୍ରକାଶ କରିବା ପାଇଁ ଉପାୟ ଚିନ୍ତା କର ଏବଂ ଜଣେ ବ୍ୟକ୍ତି ଭାବରେ ପୃଥିବୀକୁ ବାସ କରିବା ପାଇଁ ଏକ ଉନ୍ନତ ସ୍ଥାନରେ ପରିଣତ କରିବାକୁ ତୁମର ଅବଦାନ କ'ଣ ?

## ୪.୯ ମିଳିତ ଜାତିସଂଘର ପ୍ରତିଷ୍ଠା

ଯୁଦ୍ଧର ଭୟାବହତା ବିଶ୍ୱନେତାମାନଙ୍କୁ ଏକ ଆନ୍ତର୍ଜାତିକ ଶାନ୍ତି ସଂଗଠନର ଆବଶ୍ୟକତା ଅନୁଭବ କରାଇଥିଲା । ବିଶ୍ୱନେତୃବୃନ୍ଦ ଯଥା – ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଉଇନଷ୍ଟନ ଚର୍ଚ୍ଚିଲ, ସୋଭିଏତ ନେତା ଷ୍ଟାଲିନ୍ ଓ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୁଜଭେଲଟ ବିଭିନ୍ନ ସମ୍ମେଳନୀରେ ଯୋଗଦେଇ ଏହି ସଂଗଠନର ନିର୍ମାଣ ପାଇଁ ସିଦ୍ଧାନ୍ତ ନେଇଥିଲେ । ପରିଶେଷରେ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ସାନଫ୍ରାନସିସକୋ ସମ୍ମେଳନୀରେ ମିଳିତ ଜାତିସଂଘ ସନନ୍ଦ (Unitednations Charter) ୫୦ଟି ରାଷ୍ଟ୍ରଙ୍କ ଦ୍ୱାରା ଅନୁମୋଦିତ ହୋଇ ମିଳିତ ଜାତିସଂଘ ଗଠିତ ହେଲା । ସେହିଦିନଠାରୁ ଅକ୍ଟୋବର ୨୪ ତାରିଖକୁ ବିଶ୍ୱଜାତିସଂଘ ଦିବସ ରୂପେ ପାଳନ କରାଯାଏ । ଜାତିସଂଘ ସମସ୍ତ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ସମାନତା ନୀତି ଉପରେ ଆଧାରିତ । ଜାତିସଂଘର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଶ୍ୱରେ ଶାନ୍ତି ଓ ସୁରକ୍ଷା ରକ୍ଷା କରିବା, ଭବିଷ୍ୟତ ଯୁଦ୍ଧକୁ ଅଟକାଇବା, ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବା, ଆନ୍ତର୍ଜାତିକ ସହଯୋଗ ବୃଦ୍ଧି କରିବା ।

**ତୁମେ ଜାଣ କି**

ଜାତିସଂଘର ପତାକା ସଂଘର ସରକାରୀ ସଂକେତକୁ ନେଇ ଗଠିତ – ଗୋଟିଏ ବୃତ୍ତାକର ପୃଥିବୀ ମାନଚିତ୍ର ଉତ୍ତରମେରୁଠାରୁ ଦେଖିଲେ ଯେପରି ଦେଖାଯାଏ, ଚାରିପଟେ ଅଲିଭ୍ ଡାଳର ଗୋଟିଏ ମାଳର କେନ୍ଦ୍ର ଧଳା ଓ ପଶ୍ଚାତ୍‌ଭାଗ ଈଷତ୍ ନୀଳ ।

## ୪.୯.୧ ମିଳିତ ଜାତି ସଂଘର ଲକ୍ଷ୍ୟ

ଜାତିସଂଘ ଯାହା ପ୍ରଥମ ବିଶ୍ୱଯୁଦ୍ଧ ପରେ ପ୍ରତିଷ୍ଠା ହୋଇଥିଲା, ସେହିଭଳି ମିଳିତ ଜାତିସଂଘର ମୁଖ୍ୟ ଲକ୍ଷ ହେଉଛି, ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ରକ୍ଷା କରିବା । ଏହାର ମଧ ଅନ୍ୟଗୋଟିଏ ମୁଖ୍ୟ ଲକ୍ଷ୍ୟ ହେଉଛି, ସମାନତା ଆଧାରରେ ରାଷ୍ଟ୍ରମାନଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରିବା ଏବଂ ଆର୍ଥିକ, ସାମାଜିକ, ସଂସ୍କୃତିକ, ମାନବୋଚିତ ସମସ୍ୟାଗୁଡ଼ିକ ସମାଧାନ କରି ଆନ୍ତର୍ଜାତିକ ସହଯୋଗ ଲାଭ କରିବା । ବ୍ୟକ୍ତି ଅଧିକାର ଏବଂ ପୃଥିବୀର ଲୋକମାନଙ୍କ ପାଇଁ ମୌଳିକ ସ୍ୱାଧୀନତାର ଉନ୍ନତି କରିବା ଜାତିସଂଘର ଅନ୍ୟଏକ ଲକ୍ଷ୍ୟ । ଜାତିସଂଘର ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ରାଷ୍ଟ୍ର ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏହା ଏକ ସାଧାରଣ ମଞ୍ଚ ଭାବରେ କାର୍ଯ୍ୟ କରେ ।

## ପାଠଗତ ପ୍ରଶ୍ନାବଳୀ ୪.୩

୧. ବଲକାନ ରାଜ୍ୟର ଅନ୍ୟୁନ ୪ଟିର ନାମ ଲେଖ ।

୨. କେଉଁ ଦେଶଗୁଡ଼ିକ ମିତ୍ରଶକ୍ତି ଗଠନ କରିଥିଲେ ?

୩. ପ୍ରଥମ ବିଶ୍ୱଯୁଦ୍ଧର ଅନ୍ୟୁନ ୩ଟି କାରଣ ଲେଖ ।

୪. ଦୁଇଟି ଦେଶର ନାମ ଲେଖ ଯେ ୧୯୨୦ ମସିହା ପରେ ଏକଛତ୍ର ଶାସନ ଗ୍ରହଣ କରିଥିଲେ ।

୫. ୧୯୨୯ର ବୃହତ୍ ମାନ୍ଦା ଅବସ୍ଥାର ମୁଖ୍ୟ କାରଣ କ'ଣ ?

୬. କେବେ ଓ କେଉଁଠାରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ଗଠିତ ହୋଇଥିଲା ?

## ତୁମେ କ'ଣ ଶିଖିଲ ?

- ନୂତନ ଉପନିବେଶ ସ୍ଥାପନ ଯାହା ନୂତନ ସାମ୍ରାଜ୍ୟବାଦ ବା ଉପନିବେଶବାଦ ବୋଲି ଜଣାଯାଏ, ତାହା ବିଂଶ ଶତାବ୍ଦୀର ଶେଷ ଚତୁର୍ଥାଂଶରେ ଆରମ୍ଭ ହୋଇଥିଲା ।
- ଉପନିବେଶ ବୃଦ୍ଧିର ମୁଖ୍ୟ କାରଣ ହେଲା – ଶିଳ୍ପ ବିପ୍ଳବ ଦ୍ୱାରା ଦେଖାଦେଇଥିବା ଆବଶ୍ୟକତା ପରିବହନ ଓ ଯୋଗାଯୋଗର ବୃଦ୍ଧି, କ୍ଷମତାର ଅଭିଳାଷ, ଉଗ୍ରଜାତୀୟତାବାଦ ଓ ଲୋକମାନଙ୍କୁ ସଭ୍ୟ କରିବାର ଜିଜ୍ଞାସା ।
- ସାମ୍ରାଜ୍ୟବାଦୀ ଶକ୍ତି ଭାବରେ ଉତ୍‌ଥାନ ଘଟିଥିବା ଜାପାନ ହେଉଛି ଏକମାତ୍ର ଏସୀୟରାଷ୍ଟ୍ର ।





- ଇଉରୋପୀୟ ଦେଶଗୁଡ଼ିକ ମଧ୍ୟରେ ତୁମୁଳ ସାମ୍ରାଜ୍ୟବାଦୀ ପ୍ରତିଦ୍ୱନ୍ଦିତା ଏବଂ ସାମରିକ ମୈତ୍ରୀ ସ୍ଥାପନ ଯୋଗୁଁ ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ।
- ଭର୍ସାଇଲସ୍ ଚୁକ୍ତି ସ୍ୱାକ୍ଷର ମାଧ୍ୟମରେ ଜର୍ମାନୀ ପ୍ରତି କଠୋର ଓ ଅପମାନଜନକ ଆଚରଣ, ପରାଜିତ ଶକ୍ତିମାନଙ୍କ ଉପନିବେଶ ହରାଇବା, ଇଉରୋପରେ ବହୁମାତ୍ରାରେ ଆଞ୍ଚଳିକ ପରିବର୍ତ୍ତନ, ଅଟୋମାନ ସାମ୍ରାଜ୍ୟର ବିଭାଜନ, ହଙ୍ଗେରୀର ସ୍ୱାଧୀନତା ଏବଂ ଜାତିସଂଘ ସ୍ଥାପନ ଇତ୍ୟାଦି ପ୍ରଥମ ବିଶ୍ୱଯୁଦ୍ଧର ପରିଣାମ ଅନ୍ତର୍ଭୁକ୍ତ ।
- ଇଟାଲୀରେ ମୁସୋଲିନଙ୍କ ନେତୃତ୍ୱରେ ଫାସିବାଦ ଜର୍ମାନୀରେ ହିଟଲରଙ୍କ ନେତୃତ୍ୱରେ ନାଜିବାଦର ଉତ୍ପତ୍ତି, ୧୯୧୯ ରୁ ୧୯୩୯ ମଧ୍ୟରେ ଏହି ଏକଛତ୍ରବାଦ ଶାସନ ଗଣତନ୍ତ୍ର, ସ୍ୱତନ୍ତ୍ରତା, ସମାଜବାଦ ଓ ସାମ୍ୟବାଦର ଦମନ କରିଥିଲା ।
- ପାଶ୍ଚାତ୍ୟ ଶକ୍ତିମାନଙ୍କର ଜର୍ମାନୀ ଓ ଇଟାଲୀ ପ୍ରତି ତୁଷ୍ଟିକରଣ ନୀତି ଅନ୍ତିମରେ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ହେଲା ।
- ମିଳିତ ଜାତିସଂଘର ସ୍ଥାପନ, ଜର୍ମାନୀର ବିଭାଜନ, ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ପତନ ଏବଂ ଏସିଆ ଓ ଆଫ୍ରିକାରେ ସ୍ୱାଧୀନରାଷ୍ଟ୍ରମାନଙ୍କର ଉତ୍ପତ୍ତି ଇତ୍ୟାଦି ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିଣାମମାନଙ୍କ ମଧ୍ୟରୁ କେତେକ ଥିଲା ।
- ଯୁଦ୍ଧ ପରବର୍ତ୍ତୀ ସମୟରେ ଦୁଇଟି ମହାଶକ୍ତି ଯଥା – ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ ସଂଘର ଉତ୍ପତ୍ତି ଏବଂ ସେ ଦୁଇ ଶକ୍ତି ଗୋଷ୍ଠୀ ମଧ୍ୟରେ ଏକ ତୁମୁଳ ଶୀତଳ ଯୁଦ୍ଧର ଆରମ୍ଭ ।
- ଯୁଦ୍ଧର ପରିଶେଷରେ ପୃଥିବୀରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ମିଳିତ ଜାତିସଂଘର ଗଠନ କରାଗଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ବୟନଶିଳ୍ପର ଉଦ୍ଭାବନ କିପରି ସୂତା ଲୁଗାର ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଆଣିଲା ?

୨. ଇଂଲଣ୍ଡର ଶିଳ୍ପାୟନ ପାଇଁ ଅବଦାନ ଥିବା ବିଭିନ୍ନ ଉପାଦାନ ଗୁଡ଼ିକ – ରାଜନୈତିକ, ଅର୍ଥନୈତିକ, ଭୌଗୋଳିକ ଏବଂ ଔଦ୍ୟୋଗିକ – କ'ଣ ?

୩. ଶିଳ୍ପ ବିପ୍ଳବ ଫଳରେ ସମାଜରେ ଦେଖାଦେଇଥିବା ଉଭୟ ସୁବିଧା ଓ ଅସୁବିଧା ବର୍ଣ୍ଣନା କର ।

୪. ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ଶିଳ୍ପବିପ୍ଳବ ଘଟି ନଥିବା ରାଜ୍ୟଗୁଡ଼ିକର ବିଭିନ୍ନ ଅଞ୍ଚଳ ଅଧିକାର କରବା ପାଇଁ କାହିଁକି ନିଜ ନିଜ ଭିତରେ ଯୁଦ୍ଧ ଆରମ୍ଭ କଲେ ?

୫. ଉପନିବେଶ ପାଇଁ ଚାଲିଥିବା ପ୍ରତିଯୋଗିତାରେ ଜାପାନ ଯୋଗଦେବାର କାରଣ କ'ଣ ?

୬. ସାମ୍ରାଜ୍ୟବାଦର ଉପନିବେଶଗୁଡ଼ିକ ଉପରେ ପଡୁଥିବା ସକାରାତ୍ମକ ଓ ନାକାରାତ୍ମକ ପ୍ରଭାବଗୁଡ଼ିକ ଲେଖ ।

୭. ପ୍ରଥମ ବିଶ୍ୱଯୁଦ୍ଧର ପରିଣାମଗୁଡ଼ିକ ନିରୀକ୍ଷଣ କର ।

୮. ପାଶ୍ଚାତ୍ୟ ଶକ୍ତିର ତୁଷ୍ଟିକରଣ ନୀତି କିପରି ଇଟାଲୀରେ ଫାସିବାଦ ଓ ଜର୍ମାନରେ ନାଜିବାଦ ବିକାଶରେ ସହାୟକ ହେଲା ?

୯. ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟର ଘଟଣାବଳୀ ବର୍ଣ୍ଣନା କର ।

୧୦. ମିଳିତ ଜାତିସଂଘର ମୁଖ୍ୟ ଲକ୍ଷ୍ୟଗୁଡ଼ିକ କ'ଣ ?

୧୧. ପୃଥିବୀର ସୀମା ମାନଚିତ୍ରରେ ନିମ୍ନଲିଖିତ ସ୍ଥାନଗୁଡ଼ିକ ଦେଖାଅ –

(କ) ବ୍ରିଟେନ ଓ ଫ୍ରାନ୍ସ ପ୍ରତ୍ୟେକଙ୍କର ଦୁଇଟି ଲେଖାଏଁ ଉପନିବେଶ

(ଖ) ପ୍ରଥମ ବିଶ୍ୱଯୁଦ୍ଧର ତ୍ରିଶକ୍ତି ମୈତ୍ରୀ ଓ ତ୍ରିଶକ୍ତି ଚୁକ୍ତି ।

(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧର ମିତ୍ରଶକ୍ତି ଓ କେନ୍ଦ୍ର ଶକ୍ତି ।




ଚିତ୍ର ୪.୩ – ସୀମା ଚିହ୍ନିତ ଭାରତର ପ୍ରାକୃତିକ ମାନଚିତ୍ର

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୪.୧ ୧. କୋଇଲା ଓ ଲୁହା

୨. କଞ୍ଚାମାଲ ଓ କାରଖାନା ଉତ୍ପାଦନକୁ ସେମାନଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ସେମାନେ ଏକ ଦ୍ରୁତ ଓ ବିଶ୍ୱାସଯୋଗ୍ୟ ପରିବହନ ବ୍ୟବସ୍ଥା ଯୋଗାଇ ଦେଲେ ଓ ବ୍ୟବସାୟିକ କାରବାର ଦ୍ରୁତତର କଲେ ।

୩. ପିଲାମାନଙ୍କୁ କାର୍ଯ୍ୟରେ ଲଗାଯାଉଥିଲା କାରଣ ସେମାନଙ୍କର କ୍ଷୁଦ୍ର ଆକାର ଯୋଗୁଁ ଭୂସମାନ୍ତରାଳ ଅପ୍ରଶସ୍ତ କୋଇଲା ଖଣିରେ ଗତି କରିବା ସୁବିଧା ହେଉଥିଲା । ତାଛଡ଼ା ସେମାନଙ୍କୁ ବୟସ୍କ ଲୋକଙ୍କ ତୁଳନାରେ କମ୍ ମଜୁରୀ ଦିଆଯାଉଥିଲା । ତେଣୁ ସେମାନଙ୍କୁ କାରଖାନାରେ କାମ ପାଇଁ ଅଧିକ ପସନ୍ଦ କରୁଥିଲେ ।

୪. (କ) ୩ (ଖ) ୫ (ଗ) ୧ (ଘ) ୨

**୪.୨** ୧. ସାମ୍ରାଜ୍ୟବାଦ ହେଉଛି ଅନ୍ୟ ଦେଶର ରାଜନୈତିକ ଓ ଅର୍ଥନୈତିକ ଜୀବନ ଉପରେ ଅଧିକାର କିମ୍ବା ଶାସନ ବିସ୍ତାର କରିବା ।

୨. ଦୁଇଟି ଦିଗ ହେଉଛି –

(କ) ଦ୍ରବ୍ୟଗୁଡ଼ିକୁ ଉପନିବେଶ ସାମ୍ରାଜ୍ୟବାଦୀ ରାଷ୍ଟ୍ରକୁ ନେବା ଆଣିବା କରିବା ସହଜ ହେଲା ।

(ଖ) ସୈନ୍ୟମାନେ ସହଜରେ ଉପନିବେଶଗୁଡ଼ିକୁ ପଠାଯାଇ ପାରିଲେ ଓ ସେଗୁଡ଼ିକୁ ଅଧିନରେ ରଖିପାରିଲେ ।

୩. ଆଫ୍ରିକାର ଲୋକମାନଙ୍କୁ ଇଉରୋପୀୟମାନଙ୍କ ଦ୍ୱାରା ଆମେରିକାରେ ଥିବା ସେମାନଙ୍କର କୃଷିକ୍ଷେତ୍ରକୁ କ୍ରୀତଦାସ ଭାବରେ କାମ କରିବାକୁ ଆମଦାନୀ କରିବାକୁ କ୍ରୀତଦାସ ବ୍ୟବସାୟ କୁହାଯାଏ ।

୪. (କ) ୧ (ଖ) ୩ (ଗ) ୨ (ଘ) ୩

**୪.୩** ୧. ଗ୍ରୀସ୍, ରୋମାନିଆ, ବୁଲଗେରିଆ, ସର୍ବିଆ, ମଣ୍ଟେନିଗ୍ରୋ

୨. ଜର୍ମାନୀ, ଅଷ୍ଟ୍ରିଆ, ଇଟାଲୀ

୩. ପ୍ରଥମ ବିଶ୍ୱଯୁଦ୍ଧର ପ୍ରଧାନ କାରଣ ହେଉଛି –

(କ) ଜର୍ମାନୀ ଗୋଟିଏ ଶିଳ୍ପ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବାରୁ କଞ୍ଚାମାଲ ଆବଶ୍ୟକତା ବୃଦ୍ଧି ପାଇଲା । ତେଣୁ ଉପନିବେଶ ପାଇଁ ତାର ଇଂଲଣ୍ଡ ଓ ଫ୍ରାନ୍ସ ସହ ସାମ୍ରାଜ୍ୟବାଦୀ ଶତ୍ରୁତା ଦେଖାଦେଲା ।

(ଖ) ସାମରିକ ଚୁକ୍ତି ଇଉରୋପକୁ ଦୁଇଟି ବିରୋଧି ଗୋଷ୍ଠୀରେ ବିଭକ୍ତ କଲା – ଯଥା ତ୍ରିଶକ୍ତି ମୈତ୍ରୀ ଓ ତ୍ରିଶକ୍ତି ଚୁକ୍ତି – ଏହା ଗଣ୍ଡଗୋଳ ଓ ବିବାଦର କାରଣ ହେଲା ।

(ଗ) ବଲକାନ ରାଜ୍ୟରେ ଜାତୀୟତାବାଦର ପୁନଃଆଗମନ ହେଲା ଯାହାକୁ ପାନ୍‌ସ୍ଲାଭ ଆନ୍ଦୋଳନ କୁହାଯାଏ । ବର୍ତ୍ତମାନ ଲୋକମାନେ ସ୍ୱାଧୀନ ହେବାକୁ ଚାହିଁଲେ ।

୪. ଇଟାଲୀ ଏବଂ ଜର୍ମାନୀ

୫. ଉତ୍ପାଦନ ବୃଦ୍ଧି ଫଳରେ ଜିନିଷଗୁଡ଼ିକର ମୂଲ୍ୟ ହ୍ରାସ ପାଇଲା । ଏହା ଶେୟାର ମୂଲ୍ୟ ହ୍ରାସ ଘଟାଇଲା । ବ୍ୟାଙ୍କଗୁଡ଼ିକ ବନ୍ଦ ହୋଇଗଲା ଏବଂ ଲୋକମାନେ ସେମାନଙ୍କର ସାରା ଜୀବନର ସଞ୍ଚୟ ହରାଇଲେ । ଏହାକୁ ୧୯୨୯ ମସିହାର ବୃହତ୍ ମାନ୍ଦା ଅବସ୍ଥା କୁହାଯାଏ ।

୬. ଯୁକ୍ତରାଷ୍ଟ୍ର ଆମେରିକା ସାନ୍‌ଫ୍ରାନସିସକୋଠାରେ ହୋଇଥିବା ସମ୍ମେଳନରେ ୧୯୪୫ ମସିହା ଅକ୍ଟୋବର ୨୪ ତାରିଖରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବେ ଗଠିତ ହେଲା ।

# ୪

# ଭାରତ ଉପରେ ବ୍ରିଟିଶ ଶାସନର ପ୍ରଭାବ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ (୧୭୫୭ – ୧୮୫୭)

ଅଷ୍ଟାଦଶ ଶତାବ୍ଦୀ ବେଳକୁ ପୃଥିବୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ଏଭଳି ଗୋଟିଏ ଘଟଣା ହେଉଛି ଶିଳ୍ପ ବିପ୍ଳବ ଯାହା ଇଂଲଣ୍ଡରେ ଘଟିଥିଲା । ଏହା କ୍ରମେ କ୍ରମେ ଇଉରୋପର ଅନ୍ୟାନ୍ୟ ଦେଶକୁ ମଧ୍ୟ ବ୍ୟାପିଥିଲା । ତୁମେ ନିଶ୍ଚିତ ଭାବରେ ଇଂଲଣ୍ଡରେ ଘଟିଥିବା ଶିଳ୍ପ ବିପ୍ଳବ ବିଷୟରେ ପଢ଼ିଥିବ ଏବଂ ଆଉ ମଧ୍ୟ ନୂତନ ସାମୁଦ୍ରିକ ଓ ବାଣିଜ୍ୟିକ ପଥ ବିଷୟରେ ପଢ଼ିଥିବ । ଏହିପରି ଭାରତକୁ ଏକ ସାମୁଦ୍ରିକପଥ ୧୪୯୮ ମସିହାରେ ପର୍ତ୍ତୁଗୀଜ ନାବିକ ଭାସ୍କୋଡ଼ାଗାମାଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ଏହା ଫଳରେ ଇଂରେଜ, ଫରାସୀ, ପର୍ତ୍ତୁଗୀଜ ଓ ଡଚ୍‌ମାନେ ଭାରତକୁ ବାଣିଜ୍ୟ କରିବାକୁ ଆସିଲେ । ସେମାନେ ମଧ୍ୟ ଏହାକୁ ଭାରତରେ ଧର୍ମପ୍ରଚାର କାର୍ଯ୍ୟ ପାଇଁ ବ୍ୟବହାର କଲେ । ତୁମେ ଜାଣକି ଭାରତ ଇତିହାସରେ ଆଧୁନିକ ଯୁଗର ଆରମ୍ଭ ଭାରତକୁ ଇଉରୋପୀୟ ଶକ୍ତିର ଆଗମନରେ ଆରମ୍ଭ ହୋଇଥିଲା ? ଏହି ଅଧ୍ୟାୟରେ ଭାରତକୁ ବ୍ରିଟିଶମାନଙ୍କ ପ୍ରବେଶ ଏବଂ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ର ବିଷୟରେ ତୁମେ ଅଧ୍ୟୟନ କରିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିଲା ପରେ ତୁମେ –

- ବ୍ରିଟିଶ୍‌ମାନେ ଭାରତକୁ ଆସିବାର କାରଣ ଆଲୋଚନା କରିବାକୁ ସମର୍ଥ ହେବ ।
- ଭାରତକୁ ଉପନିବେଶରେ ପରିଣତ କରିବାକୁ ଇଂରେଜମାନେ ଗ୍ରହଣ କରିଥିବା ବିଭିନ୍ନ ପଦ୍ଧତିକୁ ଚିହ୍ନଟ କରିବାକୁ ସମର୍ଥ ହେବ ।
- ବ୍ରିଟିଶ୍ ଶାସନ ସମୟରେ ଆର୍ଥିକ ପ୍ରଭାବ ଅଧ୍ୟୟନ କରିବାକୁ ସମର୍ଥ ହେବ ।
- ଭାରତୀୟ ସମାଜ ଓ ସଂସ୍କୃତି ଉପରେ ବ୍ରିଟିଶ୍‌ମାନଙ୍କର ପ୍ରଭାବ ଆଲୋଚନା କରିବାକୁ ସମର୍ଥ ହେବ ।
- ୧୮୫୭ ମସିହା ପୂର୍ବରୁ ସେମାନଙ୍କ ଶାସନ ଅଧିନରେ ଘଟିଥିବା ବିରୋଧି ଆନ୍ଦୋଳନର କାରଣ ସୂଚିତ କରିବାକୁ ସମର୍ଥ ହେବ ।


## ୪.୧ ଭାରତକୁ ଆସିବାର କାରଣ

ଇଉରୋପୀୟ ଓ ବ୍ରିଟିଶ ବଣିକମାନେ ମୂଳତଃ ଭାରତକୁ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଆସିଥିଲେ । ବ୍ରିଟେନ୍‌ରେ ହୋଇଥିବା ଶିଳ୍ପ ବିପ୍ଳବ ଫଳରେ ସେଠାରେ ତାଙ୍କ କାରଖାନାଗୁଡ଼ିକ ପାଇଁ କଞ୍ଚାମାଲର ଆବଶ୍ୟକତା ବଢ଼ିଗଲା ।

ତତ୍ ସଙ୍ଗେ ସଙ୍ଗେ ସେମାନେ ତାଙ୍କର ପ୍ରସ୍ତୁତ ଉତ୍ପାଦନର ବିକ୍ରୟ ପାଇଁ ଗୋଟିଏ ବଜାର ଆବଶ୍ୟକ କରୁଥିଲେ । ବ୍ରିଟେନର ଏହି ସମସ୍ତ ଆବଶ୍ୟକତା ପୂରଣ ପାଇଁ ଭାରତ ଏଭଳି ଏକ ଉପଯୁକ୍ତ ସ୍ଥାନ ଥିଲା । ଅଷ୍ଟାଦଶ ଶତାବ୍ଦୀ ଭାରତରେ ଆଭ୍ୟନ୍ତରିଣ କ୍ଷମତା ଲଢ଼େଇର ସମୟ ଥିଲା । ମୋଗଲ ସାମ୍ରାଜ୍ୟର କ୍ଷମତାର ପତନ ସମୟରେ ବ୍ରିଟିଶ କର୍ମଚାରୀମାନଙ୍କୁ ଭାରତୀୟ ଅଞ୍ଚଳ ଉପରେ ସେମାନଙ୍କର ଅଧିକାର ପ୍ରତିଷ୍ଠା ପାଇଁ ଉପଯୁକ୍ତ ସୁଯୋଗ ମିଳିଲା । ସାରା ଭାରତରେ ଅନେକ ଆଞ୍ଚଳିକ ଶକ୍ତିଗୁଡ଼ିକ ସହ ଅନେକଗୁଡ଼ିଏ ଯୁଦ୍ଧ, ବାଧ୍ୟତାମୂଳକ ସନ୍ଧିଚୁକ୍ତି, ରାଜ୍ୟ ଅଧିକାର ଓ ମିତ୍ରତାସ୍ଥାପନ ମାଧ୍ୟମରେ ସେମାନେ ଏସବୁ କରିବାରେ ସଫଳ ହୋଇଥିଲେ । ସେମାନଙ୍କର ନୂତନ ପ୍ରଶାସନିକ ଓ ଅର୍ଥନୈତିକ ନୀତି ଦେଶ ଉପରେ ସେମାନଙ୍କର ଅଧିକାର ଦୃଢ଼ କରିବାରେ ସାହାଯ୍ୟ କରିଥିଲା । ସେମାନଙ୍କର ଜମିର ରାଜସ୍ୱ ନୀତିଗୁଡ଼ିକ ଗରିବ କୃଷକମାନଙ୍କୁ ନିୟନ୍ତ୍ରଣ କରିବାକୁ ସାହାଯ୍ୟ କରିଥିଲା ଏବଂ ତାବଦଳରେ ସେମାନେ ଖଜଣା ଆକାରରେ ପ୍ରଚୁର ଟଙ୍କା ପାଇଥିଲେ । ସେମାନେ କୃଷିକୁ ବ୍ୟବସାୟୀକରଣ କରିବା ପାଇଁ ବିଭିନ୍ନ ଅର୍ଥକାରୀ ଫସଲ କିମ୍ବା ଇଂଲଣ୍ଡର ଶିଳ୍ପ ପାଇଁ କଞ୍ଚାମାଲ ଚାଷ କରିବାକୁ ବାଧ୍ୟ କରୁଥିଲେ । ଦୃଢ଼ ରାଜନୈତିକ ଅଧିକାର ଥିବାରୁ ଇଂରେଜମାନେ ଭାରତ ସହିତ ବାଣିଜ୍ୟକୁ ଏକଚାଟିଆ କରିଦେଇଥିଲେ । ସେମାନେ ବାଣିଜ୍ୟ କ୍ଷେତ୍ରରେ ସେମାନଙ୍କର ବିଦେଶୀ ଶତ୍ରୁମାନଙ୍କୁ ପରାଜିତ କରିଥିଲେ । ତେଣୁ କୌଣସି ପ୍ରତିଯୋଗିତା ନଥିଲା । ସେମାନେ ସମସ୍ତ ପ୍ରକାର କଞ୍ଚାମାଲର ବିକ୍ରିକୁ ଏକଚାଟିଆ କରିଥିଲେ ଏବଂ ସେଗୁଡ଼ିକୁ କମ୍ ମୂଲ୍ୟରେ କ୍ରୟ କରୁଥିଲେ । କିନ୍ତୁ ଭାରତୀୟ ତନ୍ତୀମାନେ ତାକୁ ବହୁ ଅଧିକ ମୂଲ୍ୟରେ କ୍ରୟ କରୁଥିଲେ । ନିଜର ଶିଳ୍ପକୁ ରକ୍ଷା କରିବା ପାଇଁ ଭାରତୀୟ ଦ୍ରବ୍ୟଗୁଡ଼ିକ ବ୍ରିଟେନ ଭିତରକୁ ପ୍ରବେଶ କଲାବେଳେ ଭାରତୀୟ ଦ୍ରବ୍ୟ ଉପରେ ବହୁତ ଶୁଳ୍କ ଦାବୀ କରୁଥିଲେ । ଦେଶରେ ପରିବହନ ଓ ଯୋଗାଯୋଗ ପଦ୍ଧତିର ଉନ୍ନତି ପାଇଁ ବିଭିନ୍ନ ପ୍ରକାରରେ ଅର୍ଥବ୍ୟୟ କରାଯାଉଥିଲା । ଏହାଦ୍ୱାରା କଞ୍ଚାମାଲ କୃଷିକ୍ଷେତ୍ରରୁ ବନ୍ଦରକୁ ଓ ତିଆରି ଜିନିଷଗୁଡ଼ିକ ବନ୍ଦରରୁ ବଜାରକୁ ସହଜରେ ପଠାଇବାର ସୁବିଧା କରାଯାଇପାରିଲା । ଗୋଟିଏ ଗୋଷ୍ଠୀ ଶିକ୍ଷିତ ଭାରତୀୟ ସୃଷ୍ଟି କରିବା ପାଇଁ ଇଂରାଜୀ ଶିକ୍ଷା ପ୍ରଚଳନ କରାଗଲା ଯେଉଁମାନେ ଦେଶର ବ୍ରିଟିଶ ଶାସନରେ ସାହାଯ୍ୟ କରିବେ ଓ ସେମାନଙ୍କର ରାଜନୈତିକ ପ୍ରଭୁତ୍ୱକୁ ଦୃଢ଼ୀଭୂତ କରିବେ । ଏହିସବୁ ପଦକ୍ଷେପଗୁଡ଼ିକ ଇଂରେଜମାନଙ୍କୁ ଭାରତରେନିଜର ଶାସନ ପ୍ରତିଷ୍ଠା କରିବା, ଦୃଢ଼ୀଭୂତ କରିବା ଓ ଚଳେଇ ରଖିବା ପାଇଁ ସାହାଯ୍ୟ କଲା ।




ଚିତ୍ର ୫.୧ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଚଳିତ ମୁଦ୍ରା




ଚିତ୍ର ୫.୨ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଚଳିତ ମୁଦ୍ରା

## ୫.୨ ଭାରତରେ ଉପନିବେଶ ପ୍ରତିଷ୍ଠାର ପଦ୍ଧତି

ଇଉରୋପର ମାନଚିତ୍ରକୁ ଦେଖ । ଏହା ମଧ୍ୟରେ ତୁମେ ଅନେକଗୁଡ଼ିଏ ବଡ଼ ଓ ଛୋଟ ରାଜ୍ୟ ଦେଖିବ । ଯେତେବେଳେ ଇଉରୋପରେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା, ଏହି କ୍ଷୁଦ୍ର ରାଜ୍ୟଗୁଡ଼ିକରେ ସେମାନଙ୍କ ଶିଳ୍ପ ପାଇଁ ଯଥେଷ୍ଟ କଞ୍ଚାମାଲ ନଥିଲା କିମ୍ବା ସେମାନଙ୍କର ତିଆରି ହୋଇଥିବା ପଦାର୍ଥ ପାଇଁ ବଜାର ନଥିଲା । ଏହି ଦେଶଗୁଡ଼ିକ ବର୍ତ୍ତମାନ ଏସିଆ ଓ ଆଫ୍ରିକାରେ ବଜାର ଖୋଜିବାରେ ଲାଗିଲେ । ଇଂଲଣ୍ଡ ଭାରତ ସହ ବାଣିଜ୍ୟ କରିବାରେ ସଫଳ ହେଲା ଏବଂ ୧୬୦୦ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା କଲା । ଏହି କମ୍ପାନୀ ବ୍ରିଟିଶ ସରକାରଙ୍କ ସମର୍ଥନ ଲାଭ କଲା । ଏହା ସାହାଯ୍ୟରେ ଇଂଲଣ୍ଡ ତାର ଆଞ୍ଚଳିକ ସୀମାକୁ ଭାରତୀୟ ଉପମହାଦେଶକୁ ବିସ୍ତାର କରିବାକୁ ସକ୍ଷମ ହେଲା । ୧୬୧୩ ଖ୍ରୀଷ୍ଟାବ୍ଦରେ ସୁରାଟରେ ପ୍ରଥମ କାରଖାନା ପ୍ରତିଷ୍ଠା ହେଲା । ୧୬୧୫ ଖ୍ରୀଷ୍ଟାବ୍ଦରେ ଥୋମାସରୋ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କଠାରୁ ଆଗ୍ରା, ଅହମଦାବାଦ ଏବଂ ବ୍ରୋଚରେ ଅଧିକ କାରଖାନା ବସାଇବାର ଅନୁମତି ପ୍ରାପ୍ତ ହେଲେ । ସେମାନଙ୍କର ଦକ୍ଷିଣ ଉପକୂଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବସ୍ଥିତି ଥିଲା ମାଦ୍ରାଜ ଯେଉଁଠାରେ ସେମାନେ ଦୁର୍ଗଦ୍ୱାରା ସୁଦୃଢ଼ କାରଖାନା ବସାଇଲେ ତାର ନାମ ହେଉଛି ସେଣ୍ଟଜର୍ଜ ଦୁର୍ଗ । ଏହା ହେଉଛି ଭାରତୀୟ ମାଟିରେ କମ୍ପାନୀଦ୍ୱାରା ଅଧିକୃତ ପ୍ରଥମ ସତ୍ତ୍ୱାଧୀକାର । କ୍ରମେକ୍ରମେ କମ୍ପାନୀତାର ବ୍ୟବସାୟିକ ସମ୍ପର୍କ ବିସ୍ତାର କଲା । ଏହି ସମୟ ମଧ୍ୟରେ କମ୍ପାନୀ ଭାରତରେ ପ୍ରତିଷ୍ଠିତ ହୋଇ ସାରିଥିଲା । ଏହା ମଧ୍ୟ ଅନ୍ୟ ଇଉରୋପୀୟ ପ୍ରତିଦ୍ୱନ୍ଦୀ ଶକ୍ତିମାନଙ୍କୁ ଭାରତରୁ ବିତାଡ଼ିତ କରିବା ପାଇଁ ସକ୍ଷମ ହୋଇଥିଲା । ସେମାନେ ମଧ୍ୟ ଭାରତୀୟ ଶାସକମାନଙ୍କର ରାଜନୈତିକ ଘଟଣାଗୁଡ଼ିକରେ ହସ୍ତକ୍ଷେପ କରିବାକୁ ଆରମ୍ଭ କଲେ ।





ଚିତ୍ର ୫.୩ ବର୍ତ୍ତମାନର ଇଉରୋପ ମାନଚିତ୍ର

## ? ତୁମେ ଜାଣ କି

୧୬୯୬ ମସିହାରେ କମ୍ପାନୀ ୩ଟି ଗ୍ରାମକୁ ଏକତ୍ର ଉନ୍ନତି କରାଇ ବଙ୍ଗଳାରେ ଗୋଟିଏ ସହରରେ ପରିଣତ କଲା ଏବଂ ତାର ନାମ ଦେଲା କୋଲକୋତା । ସେମାନେ ମଧ୍ୟ ଏହି ସହର ନିକଟରେ ଗୋଟିଏ ଦୁର୍ଗ ନିର୍ମାଣ କଲେ, ଯାହାର ନାମ ଫୋର୍ଟଉଇଲିୟମ ।

ଉନବିଂଶ ଶତାବ୍ଦୀରେ ଭାରତର ମାନଚିତ୍ର ଦେଖ । ତୁମେ କ'ଣ ଦେଖୁଛ ? ତୁମେ ଅନେକ ବଡ଼ ଓ ସାନ ସ୍ୱାଧୀନ ରାଜ୍ୟ ସ୍ଥାପିତ ହୋଇଥିବାର ଦେଖିବ । ସେହି ରାଜ୍ୟ ଗୁଡ଼ିକର ତାଙ୍କର ନିଜର ଶାସକ, ଅର୍ଥନୀତି, ଭାଷା ଓ ସଂସ୍କୃତି ରହିଥିଲା । ଏହି ରାଜ୍ୟଗୁଡ଼ିକ ସଦାସର୍ବଦା ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ସେମାନେ ସହଜରେ ଇଉରୋପୀୟ ଶକ୍ତି ମୁଖ୍ୟତଃ ବ୍ରିଟିଶ୍‌ମାନଙ୍କର ଶିକାର ହେଲେ । ୧୭୫୭ ଖ୍ରୀଷ୍ଟାବ୍ଦରେ ପଲାସୀ ଯୁଦ୍ଧ ଏବଂ ୧୭୬୪ର ବକ୍ସାର ଯୁଦ୍ଧ ଯାହାକି ଭାରତରେ ବ୍ରିଟିଶ୍‌ମାନଙ୍କର ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଦେଲା । ଏହି ଯୁଦ୍ଧ ମାଧ୍ୟମରେ ଦୀର୍ଘ ବର୍ଷ ଧରି ଭାରତ ଉପରେ ବ୍ରିଟିଶ ରାଜନୈତିକ ଅଧିକାର





ଚିତ୍ର ୫.୪ ଭାରତର ଉନବିଂଶ ଶତାବ୍ଦୀର ମାନଚିତ୍ର

ଆରମ୍ଭ ହେଲା । ବଙ୍ଗଳାରେ ପଲାସୀଯୁଦ୍ଧରେ ଇଂରେଜମାନେ ବିଜୟ ଲାଭ କଲେ । ଇଂରେଜମାନେ ମିରଜାଫରଙ୍କୁ ବଙ୍ଗଳାର ନୂତନ ନବାବ କଲେ । ଏହା ପରିବର୍ତ୍ତେ ସେମାନେ ପ୍ରଚୁର ଟଙ୍କା ପାଇବା ସହିତ ନବାବଙ୍କଠାରୁ ୨୪ ପ୍ରଗଣା ଅଞ୍ଚଳ ପାଇଲେ । କିନ୍ତୁ ମିରଜାଫର ସେମାନଙ୍କୁ ପରବର୍ତ୍ତୀ ସମୟରେ ଅର୍ଥ ପ୍ରଦାନ କରିବାକୁ ସକ୍ଷମ ହେଲେ ନାହିଁ । ଯାହାଫଳରେ ତାଙ୍କ ପରିବର୍ତ୍ତେ ମିରକାସିମ୍ ନବାବ ହେଲେ ଯେ କି ଜଣେ ଦକ୍ଷ ଶାସକ ଭାବରେ ପ୍ରମାଣିତ ହୋଇଥିଲେ । ମିରକାସିମ୍ ସେମାନଙ୍କର ଅଧିକ ଅର୍ଥ ଓ ଅଧିକାର ଦାବୀକୁ ପୂରଣ କରିବାକୁ ପ୍ରସ୍ତୁତ ନଥିଲେ । ଫଳରେ ମିରକାସିମ୍‌ଙ୍କୁ ବିତାଡ଼ିତ କରାଗଲା ଓ ମିରଜାଫରଙ୍କୁ ପୁନର୍ବାର ନବାବ କରାଗଲା । ମିରକାସିମ୍ ତାପରେ ଅଯୋଧ୍ୟାର ନବାବ, ସୁଜାଉଦ୍ଦୌଲା ଏବଂ ମୋଗଲ ସମ୍ରାଟ ସାହା ଆଲମ ୨ୟଙ୍କ ସହ ହାତ ମିଳାଇ ଇଂରେଜମାନଙ୍କ ବିରୁଦ୍ଧରେ ଯୋଜନା କଲେ । ୧୭୬୪ ମସିହା ଅକ୍ଟୋବର ୨୨ ତାରିଖରେ ବକ୍‌ସାର ନାମକ ସ୍ଥାନରେ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ସେମାନଙ୍କ ପରାଜୟ ଅନ୍ତିମ ଯୁଦ୍ଧ ଥିଲା ।

ଯଦିଓ ଇଂରେଜମାନେ ସଫଳତାର ସହିତ ବଙ୍ଗଳା ଉପରେ ନିଜର ଅଧିକାର ଲାଭ କଲେ, କିନ୍ତୁ ସାରା ଭାରତରେ ଇଂରେଜ ଶାସନ ପ୍ରତିଷ୍ଠା କରିବା ଏତେ ସହଜସାଧ କାର୍ଯ୍ୟ ନଥିଲା । ବହୁ ସଂଖ୍ୟାରେ ଆଞ୍ଚଳିକ ଶକ୍ତି ସେମାନଙ୍କୁ ବିରୋଧ କଲେ ଏବଂ ଇଂରେଜମାନଙ୍କର ରାଜ୍ୟ ବିସ୍ତାର ଉଦ୍ୟମକୁ ପ୍ରତିହତ କରିବାକୁ ଚେଷ୍ଟା କଲେ । ବ୍ରିଟିଶମାନଙ୍କ ଦ୍ୱାରା ଭାରତୀୟ ରାଜ୍ୟଗୁଡ଼ିକ ବିରୁଦ୍ଧରେ ହୋଇଥିବା ବିଭିନ୍ନ ସମରଗୁଡ଼ିକ ବିଷୟରେ ପଢ଼ିବା ।

### ୧. ଆଙ୍ଗ୍ଲୋ-ମହୀଶୂର ଯୁଦ୍ଧ

ଅଷ୍ଟାଦଶ ଶତାବ୍ଦୀର ୨ୟ ଭାଗରେ ମହୀଶୂର ହାଇଦର ଅଲ୍ଲି ଏବଂ ତାଙ୍କ ପୁତ୍ର ଟିପୁ ସୁଲତାନଙ୍କ ଦକ୍ଷ ନେତୃତ୍ୱ ଅଧିନରେ ଗୋଟିଏ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ମହୀଶୂର ଓ ବ୍ରିଟିଶମାନଙ୍କ ମଧ୍ୟରେ ଚାରୋଟି ଯୁଦ୍ଧ ସଂଘଟିତ ହୋଇଥିଲା । ସର୍ବଶେଷରେ ୧୭୯୯ ମସିହାରେ ଟିପୁ ସୁଲତାନଙ୍କର ପରାଜୟ ଓ ମୃତ୍ୟୁ ଫଳରେ ଚତୁର୍ଥ ଆଙ୍ଗ୍ଲୋ-ମହୀଶୂର ସମରର ପରିସମାପ୍ତି ଘଟିଥିଲା । ଏହା ସହିତ ମହୀଶୂର ଓ ଇଂରେଜମାନଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧର ମହତ୍ୱପୂର୍ଣ୍ଣ ଅଧ୍ୟାୟର ପରିସମାପ୍ତି ଘଟିଲା । ବଡ଼ ବଡ଼ ବନ୍ଦର ଯଥା କାନାରା, କୋଏମ୍ବାଟୁର ସେରଙ୍ଗାପଟ୍ଟମ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା ।



ଚିତ୍ର ୫.୫ ଟିପୁ ସୁଲତାନ

### ୨. ଆଙ୍ଗ୍ଲୋ ମରାଠା ଯୁଦ୍ଧ

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ମରାଠାମାନେ ପଶ୍ଚିମ ଓ କେନ୍ଦ୍ର ଭାରତରେ ଅନ୍ୟଏକ ପ୍ରବଳ ଶକ୍ତିଶାଳି ଶାସକ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ କ୍ଷମତା ପାଇଁ ଲଢ଼େଇ ଇଂରେଜମାନଙ୍କୁ ସେମାନଙ୍କର ଆଭ୍ୟନ୍ତରିଣ ଘଟଣାଗୁଡ଼ିକ ମଧ୍ୟରେ ପ୍ରବେଶ କରିବା ପାଇଁ ସୁଯୋଗ ଆଣିଦେଲା । ବ୍ରିଟିଶ ଓ ମରାଠାମାନଙ୍କ ମଧ୍ୟରେ ବହୁ ଯୁଦ୍ଧ ସଂଘଟିତ ହୋଇଥିଲା ମୁଖ୍ୟତଃ ସାମନ୍ତ ସନ୍ଧି ପାଇଁ ତୃତୀୟ ଆଙ୍ଗ୍ଲୋ ମରାଠା ସମର (୧୮୧୭-୧୯) ସେମାନଙ୍କ ମଧ୍ୟରେ ଶେଷ ଯୁଦ୍ଧ ଥିଲା । ଇଂରେଜମାନେ ପେଷାଓ୍ୱାଙ୍କୁ ପରାଜିତ କଲେ, ତାଙ୍କୁ ସିଂହାସନ ଚ୍ୟୁତ କଲେ ଓ ତାଙ୍କର ସମସ୍ତ ଅଞ୍ଚଳ ଅଧିକାର କରିନେଲେ । ପେଷଓ୍ୱାଙ୍କୁ ପେନ୍‌ସନ ଦେଇ ଉତ୍ତର ପ୍ରଦେଶର କାନପୁର ନିକଟବର୍ତ୍ତୀ ବିଥୁରକୁ ପଠାଇ ଦେଲେ ।

### ୩. ଆଙ୍ଗ୍ଲୋ-ଶିଖ ସମର

ଉତ୍ତର ପଶ୍ଚିମ ଭାରତରେ, ଶିଖମାନେ ସେମାନଙ୍କର ଦକ୍ଷ ନେତା ମହାରାଜା ରଣଜିତ ସିଂହ (୧୭୯୧-୧୮୩୯)ଙ୍କ ଅଧିନରେ ଗୋଟିଏ ପ୍ରଭାବଶାଳୀ ରାଜନୈତିକ ଓ ସାମରିକ ଶକ୍ତି ଥିଲା । ଭାରତର ଇଂରେଜ ଶକ୍ତି ଶିଖମାନଙ୍କର ଉତ୍‌ଥାନକୁ ଗୋଟିଏ ବଡ଼ ଧରଣର ବିପଦ ବୋଲି ଭାବୁଥିଲେ । ତେଣୁ ଇଂରେଜମାନେ ଶିଖମାନଙ୍କୁ ସେମାନଙ୍କ ଅଧିନକୁ ଆଣିବାକୁ ଇଚ୍ଛାକଲେ । ୧୮୩୯ ଖ୍ରୀଷ୍ଟାବ୍ଦରେ ରଣଜିତ ସିଂହଙ୍କ ମୃତ୍ୟୁ ପରେ ପଞ୍ଜାବରେ ଅରାଜକତା ଦେଖା ଦେଲା । ଇଂରେଜମାନେ ଏହାର ସୁଯୋଗ ନେଲେ ଏବଂ ୧୮୪୫ ଖ୍ରୀଷ୍ଟାବ୍ଦରେ ପ୍ରଥମ ଆଙ୍ଗ୍ଲେ-ଶିଖ-ସମର ଆରମ୍ଭ ହେଲା । ଯାହାକି ଶିଖ୍ମାନଙ୍କର ପରାଜୟରେ ପରିସମାପ୍ତି ଘଟିଲା । ୧୮୪୯ ମସିହାରେ ଦ୍ୱିତୀୟ ଆଙ୍ଗ୍ଲୋ-ଶିଖ ସମରରେ ଇଂରେଜମାନେ ସେମାନଙ୍କୁ ଗୁଜୁରାତ ଯୁଦ୍ଧରେ ସମ୍ପୂର୍ଣ୍ଣ (୧୮୪୯) ପରାଜିତ କଲେ । ଗୁଜୁରାତ ଚେନାବ ନଦୀ ଉପରେ ଗୋଟିଏ ସହର । ଶିଖମାନଙ୍କର ମୁଖ୍ୟମାନେ ଅଧିନତା ସ୍ୱୀକାର କଲେ ଏବଂ ପଞ୍ଜାବ ଲର୍ଡ ଡେଲାହାଉସୀଙ୍କ ଦ୍ୱାରା ଅଧିକୃତ ହେଲା । ମହାରାଜା ରଣଜିତ୍ ସିଂହଙ୍କ ପୁତ୍ର ମହାରାଜ ଦିଲ୍ଲିପ ସିଂହଙ୍କୁ ପେନସନ ଦିଆଯାଇ ଲଣ୍ଡନକୁ ପଠାଇ ଦିଆଗଲା ।



ଚିତ୍ର ୫.୬ ମହାରାଜ ରଣଜିତ୍ ସିଂହ

## ୫.୨.୧ ଅନ୍ୟାନ୍ୟ ବିଜୟ, ସନ୍ଧି ଚୁକ୍ତି ଓ ଅଧିକାର

୧୭୬୧ ଖ୍ରୀଷ୍ଟାବ୍ଦରେ ମରାଠାମାନଙ୍କ ବିରୁଦ୍ଧରେ ତୃତୀୟ ପାନିପଥ ଯୁଦ୍ଧ ଭାରତରେ ଇଂରେଜମାନଙ୍କ ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କରି ସାରିଥିଲେ । ଖୁବ୍ ଶୀଘ୍ର ଆହୁରି ଅନେକ ଦେଶୀୟ ରାଜ୍ୟ ଇଂରେଜ ଶାସନାଧିନକୁ ଆସିଲେ । ଏହା ଗୋଟିଏ ସନ୍ଧି ଚୁକ୍ତି ପଦ୍ଧତି ଦ୍ୱାରା ସମ୍ପାଦିତ ହୋଇଥିଲା, ଯାହାକୁ ରାଜସତ୍ତ୍ୱ ଲୋପନୀତି ଓ

ସାମନ୍ତ ସନ୍ଧି କୁହାଯାଏ । ରାଜସତ୍ତ୍ୱ ଲୋପନୀତି ଦ୍ୱାରା ଅନେକ ସଂଖ୍ୟାରେ ସ୍ୱାଧୀନ ରାଜ୍ୟଗୁଡ଼ିକ ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ଅଧିକୃତ ହୋଇଥିଲା। ଏହି ରାଜ୍ୟଗୁଡ଼ିକ ଇଂରେଜମାନଙ୍କର ସୁରକ୍ଷା ଉପଭୋଗ କରୁଥିଲେ । କିନ୍ତୁ ସେ ରାଜ୍ୟଗୁଡ଼ିକର ରାଜାମାନେ ମୃତ୍ୟୁବରଣ କଲାପରେ ରାଜସିଂହାସନ ପାଇଁ କୌଣସି ବଂଶାନୁକ୍ରମିକ ଉତ୍ତରାଧିକାରୀ ନଥିଲେ, ସେମାନଙ୍କର ପୋଷ୍ୟପୁତ୍ରମାନଙ୍କୁ ସମ୍ପତ୍ତି ଓ ପେନ୍‌ସନର ଅଧିକାର ମିଳିଲା ନାହିଁ । ଏହି ଉପାୟରେ ଡେଲାହାଉସୀ ମରାଠା ରାଜ୍ୟଗୁଡ଼ିକ ଯଥା ସାତରା (୧୮୪୮), ଉଦୟପୁର (୧୮୫୨) ନାଗପୁର (୧୮୫୩) ଝାନସୀ (୧୮୫୪) ଏବଂ ଅଯୋଧ୍ୟା (୧୮୫୬)ରେ ଅଧିକାର କଲେ । ସାମନ୍ତ ସନ୍ଧିରେ ଇଂରେଜମାନଙ୍କ ସୁରକ୍ଷା ଭିତରେ ଥିବା ଭାରତୀୟ ରାଜ୍ୟଗୁଡ଼ିକ ତାଙ୍କ ସେନାବାହିନୀକୁ ବାତିଲ କରିବାକୁ ପଡୁଥିଲା ଓ ତା'ପରିବର୍ତ୍ତେ ଗୋଟିଏ ଇଂରେଜ ସେନାବାହିନୀକୁ ରଖିବାକୁ ପଡୁଥିଲା । ସେମାନଙ୍କୁ ସେମାନଙ୍କ ବୈଦେଶିକ କାର୍ଯ୍ୟକଳାପ ଉପରୁ ନିୟନ୍ତ୍ରଣ ହରାଇବାକୁ ପଡୁଥିଲା ଏବଂ କୌଣସି ଅର୍ଥନୈତିକ ରାଜନୈତିକ ଉଦ୍ଦେଶ୍ୟରେ ଅନ୍ୟ କୌଣସି ରାଜ୍ୟ ସହ ସନ୍ଧି କରିବାର ଅଧିକାର ବାହାର କରି ନିଆଯାଇଥିଲା । ତା'ପରିବର୍ତ୍ତେ ସେମାନଙ୍କୁ ସେମାନଙ୍କ ଶତ୍ରୁଙ୍କଠାରୁ ସୁରକ୍ଷା ଦିଆଯାଉଥିଲା ।

ଏହି ଅଧିକାର କରିବା ନୀତି କେବଳ ଯେ ଭାରତୀୟ ଶାସକମାନଙ୍କୁ କ୍ଷତିଗ୍ରସ୍ତ କରିଥିଲା ତାନୁହେଁ, ଯେଉଁମାନେ ତାଙ୍କ ଉପରେ ନିର୍ଭର କରୁଥିଲେ ଯାଥା – ସୈନ୍ୟମାନେ, କାରିଗର ଏପରିକି ସମ୍ଭ୍ରାନ୍ତମାନେ ମଧ୍ୟ କ୍ଷତିଗ୍ରସ୍ତ ହେଲେ । ଏପରିକି ପରମ୍ପରାଗତ ପଣ୍ଡିତ ଓ ଧର୍ମ ପୁରୋହିତ ଶ୍ରେଣୀ ଏହି ଶାସକ ଦଳପତି, ସମ୍ଭ୍ରାନ୍ତ ଓ ଜମିଦାରମାନଙ୍କର ପୃଷ୍ଠପୋଷକତା ହରାଇଲେ ଏବଂ ସେମାନେ ଗରିବ ହୋଇଗଲେ । ତେଣୁ ଉନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଇଂରେଜମାନଙ୍କୁ ବିରୋଧ ବା ପ୍ରତିରୋଧ କରିବା ପାଇଁ କୌଣସି ଗୋଟିଏ ହେଲେ ଭାରତୀୟ ଶକ୍ତି ନଥିଲେ । ଆସାମ, ଆରାଖାନ, ଉତ୍ତରପୂର୍ବ ଅଞ୍ଚଳ, ନେପାଳର କିଛି ଅଂଶ, ବର୍ମା ଅଧିକୃତ ହୋଇସାରିଥିଲା (୧୯୧୯-୧୮୨୬) । ଇଂରେଜମାନେ ୧୮୪୩ ମସିହାରେ ସିନ୍ଧ ଅଧିକାର କଲେ ।



ଚିତ୍ର ୫.୭ ଝାନସିରାଣୀ ଲକ୍ଷ୍ମୀବାଈ

## ତୁମ ପାଇଁ କାର୍ଯ୍ୟ ୫.୧

ମନେକର ତୁମର ବୟସ ୧୫ ବର୍ଷ ଏବଂ ତୁମେ ଉନବିଂଶ ଶତାବ୍ଦୀ ଭାରତର କୌଣସି ରାଜ୍ୟର ଶାସକଙ୍କର ପୁତୁରା ବା ଝିଆରୀ । ତୁମ କକେଇଙ୍କର ନିଜର କୌଣସି ପୁଅ ଝିଅ ନାହାଁନ୍ତି । ତେଣୁ ତୁମେ ସିଂହାସନର ଉତ୍ତରାଧିକାରୀ । ଯଦି ଇଂରେଜମାନେ ତୁମ ରାଜ୍ୟରେ ରାଜସତ୍ତ୍ୱ ଲୋପ ନୀତି ଲଦି ଦେବା ସହ କକେଇଙ୍କ ପରେ ସିଂହାସନ ଆରୋହଣ ପାଇଁ ଅନୁମତି ନଦିଅନ୍ତି, ତୁମେ କ'ଣ ପଦକ୍ଷେପ ନେବ ।

## ପାଠଗତ ପ୍ରଶ୍ନାବଳୀ ୫.୧

୧. ଠିକ୍ ଉତ୍ତରକୁ ଠିକ୍ ଚିହ୍ନ ଦିଅ ।

(କ) ଇଂରେଜମାନେ ଭାରତକୁ କିପରି ଭାବରେ ଆସିଥିଲେ ।

୧. ବିଜୟୀ ୨. ଭ୍ରମରକାରୀ ୩. ଆକ୍ରମଣକାରୀ ୪. ବଣିକ

(ଖ) ମିରଜାଫର କେଉଁଠାର ନବାବ ଥିଲେ ।

୧. ମହୀଶୂର ୨. ପଞ୍ଜାବ ୩. ବଙ୍ଗଳା ୪. ବେରାର

୨. ଇଂରେଜମାନେ ଭାରତକୁ କାହିଁକି ଆସିଥିଲେ ? ଅନ୍ୟୁନ ଦୁଇଟି କାରଣ ଦର୍ଶାଅ ।

୩. ଇଂରେଜମାନେ ଭାରତୀୟ ଦେଶୀୟ ରାଜ୍ୟକୁ ନିଜ ରାଜ୍ୟରେ ମିଶାଇବା ପାଇଁ କେଉଁ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରିଥିଲେ ?

## ୫.୩ ଅର୍ଥନୈତିକ ପ୍ରଭାବ

ଶିଳ୍ପ ବିପ୍ଳବ ଇଂରେଜ ବଣିକମାନଙ୍କୁ ଏସିଆ ଆଫ୍ରିକା ଓ ଆମେରିକା ଆଦି ଦେଶଗୁଡ଼ିକରୁ ପ୍ରଚୁର ଅର୍ଥ ଲାଭ କରିବାରେ ସାହାଯ୍ୟ କରିଥିଲା । ସେମାନେ ବର୍ତ୍ତମାନ ସେହି ଅର୍ଥ ବିନିଯୋଗ କରି ଭାରତରେ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠା କରିବାକୁ ଇଚ୍ଛା କଲେ । ବର୍ତ୍ତମାନ ସମୟରେ ଆମେ କଳକାରଖାନା ଦ୍ୱାରା ପ୍ରଚୁର ପରିମାଣରେ ପଦାର୍ଥ ଉତ୍ପାଦିତ ହେଉଥିବାର ଦେଖୁଛୁ । ତାହା ପ୍ରଥମେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଓ ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ମାଧ୍ୟମରେ ଆରମ୍ଭ ହୋଇଥିଲା । ଏହା ତିଆରି ପଦାର୍ଥ ଉତ୍ପାଦନରେ ଏକ ବଡ଼ ଧରଣର ବୃଦ୍ଧି ଘଟାଇଲା । ଇଷ୍ଟଇଣ୍ଡିଆ କମ୍ପାନୀ ତାର ଶିଳ୍ପଭିତ୍ତିଗୁଡ଼ିକୁ ଅର୍ଥଯୋଗାଇବା ଓ ବିସ୍ତାର କରାଇବାରେ ସାହାଯ୍ୟ କଲା । ଏହି ସମୟ ମଧ୍ୟରେ ଇଂଲଣ୍ଡରେ ଗୋଟିଏ ଶ୍ରେଣୀର ଉତ୍ପାଦନକାରୀ ଉତ୍ପାଦନ କରିବା ଅପେକ୍ଷା ବିକ୍ରୟ କରିବାରେ ବିଶେଷ ଲାଭବାନ ହେଲେ । ସେମାନେ ଭାରତରୁ ଅଧିକ କଞ୍ଚାମାଲ ନେବା ଓ ସେମାନଙ୍କର ତିଆରି ଜିନିଷ ଭାରତକୁ ପଠାଇବାରେ ବିଶେଷ ଆଗ୍ରହ ପ୍ରଦର୍ଶନ କଲେ । ୧୭୯୩ ରୁ ୧୮୧୩ ମସିହା ମଧ୍ୟରେ ଏହି ଇଂରେଜ ଉତ୍ପାଦନକାରୀମାନେ କମ୍ପାନୀ ତାର ଏକଚାଟିଆ ବାଣିଜ୍ୟ ଓ ଉପଭୋଗ କରୁଥିବା ସୁବିଧା ଆଦି ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କଲେ । ସର୍ବଶେଷରେ ସେମାନେ ଇଷ୍ଟଇଣ୍ଡିଆ କମ୍ପାନୀର ଭାରତୀୟ ବାଣିଜ୍ୟରେ ଥିବା ଏକଚାଟିଆ ନୀତିକୁ ଉଚ୍ଛେଦ କରିବାକୁ ସଫଳ ହେଲେ । ଏହା ସହିତ ଭାରତ ଶିଳ୍ପ ସମୃଦ୍ଧ

ଇଂଲଣ୍ଡର ଏକ ଆର୍ଥିକ ଉପନିବେଶରେ ପରିଣତ ହେଲା । ଚାଲ ବିଭିନ୍ନ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ଉପରେ ପଡୁଥିବା ଅର୍ଥନୈତିକ ପ୍ରଭାବ ଉପରେ ଅଧିକ ଅଧ୍ୟୟନ କରିବା ।

## ୫.୩.୧ ବୟନ ଶିଳ୍ପ ଓ ବାଣିଜ୍ୟ

ଆଗରୁ ଭାରତୀୟ ହସ୍ତତନ୍ତ ବସ୍ତ୍ରର ଇଉରୋପରେ ବିଶାଳ ବଜାର ଥିଲା । ଭାରତୀୟ ବୟନଶିଳ୍ପ ଯଥା ତୁଳା, ଲାଇଲେନ, ରେଶମ ଓ ପଶମ ତିଆରି ପଦାର୍ଥଗୁଡ଼ିକର ଏସିଆ ଓ ଆଫ୍ରିକାରେ ବଜାର ଥିଲା । ଇଂଲଣ୍ଡରେ ଶିଳ୍ପ ବିସ୍ତାର ଫଳରେ ସେଠାରେ ବୟନ ଶିଳ୍ପରେ ଏକଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଲା । ଫଳରେ ବ୍ରିଟେନ ଓ ଭାରତ ମଧ୍ୟରେ ବୟନ ଶିଳ୍ପ ବିପରୀତମୁଖୀ ଦିଗରେ ଗତି କଲା । ପ୍ରଚୁର ପରିମାଣରେ କଳତିଆରି ଲୁଗା ଇଂଲଣ୍ଡ କାରଖାନାରୁ ଭାରତୀୟ ବଜାରକୁ ଆମଦାନୀ ହେବାରେ ଲାଗିଲା । ଇଂଲଣ୍ଡରେ କଳଚାଳିତ ତନ୍ତ ଦ୍ୱାରା ପ୍ରସ୍ତୁତ ପ୍ରଚୁର ପରିମାଣରେ ଉତ୍ପାଦନ ଭାରତକୁ ଆମଦାନୀ ହେବା ଫଳରେ ଭାରତର ହସ୍ତଶିଳ୍ପ ପ୍ରତି ବିପଦ ବଢ଼ିବାରେ ଲାଗିଲା କାରଣ ଇଂଲଣ୍ଡ ତିଆରି ପଦାର୍ଥଗୁଡ଼ିକ ଖୁବ୍ ଶସ୍ତାଦରରେ ବିକ୍ରୟ କରାଗଲା ।

ଇଂରେଜମାନେ ସେମାନଙ୍କର ଜିନିଷଗୁଡ଼ିକୁ ଶସ୍ତାଦରରେ ବିକିବାକୁ ସଫଳ ହେଲେ କାରଣ ବିଦେଶୀ ଜିନିଷଗୁଡ଼ିକ ଭାରତ ମଧ୍ୟକୁ କୌଣସି ଶୁଳ୍କ ନଦେଇ ମୁକ୍ତ ଭାବରେ ପ୍ରବେଶ କରିବାର ଅଧିକାର ଦିଆଯାଇଥିଲା । ଅନ୍ୟ ପକ୍ଷରେ ଭାରତୀୟ ହସ୍ତଶିଳ୍ପଗୁଡ଼ିକ ଦେଶ ବାହାରକୁ ପଠାଗଲାବେଳେ ତା'ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯାଉଥିଲା । ଏହା ବ୍ୟତୀତ ଶିଳ୍ପପତିମାନଙ୍କର ଚାପରେ ଇଂରେଜ ସରକାର ବହୁ ସମୟରେ ଭାରତୀୟ ବୟନଶିଳ୍ପ ଉପରେ ସୁରକ୍ଷା କର ବସାଉଥିଲେ । ତେଣୁ ଖୁବ୍ କମ ଦିନ ମଧ୍ୟରେ ଭାରତ ଯେ କି ବସ୍ତ୍ରର ରପ୍ତାନୀକାରୀ ଥିଲା ସେ କଞ୍ଚାମାଲର ରପ୍ତାନୀକାରୀ ଓ ବ୍ରିଟିଶ ବସ୍ତ୍ରର ଆମଦାନୀକାରୀରେ ପରିଣତ ହେଲା । ଏହି ବିପରୀତ କ୍ରିୟା ଭାରତୀୟ ହସ୍ତତନ୍ତ ବୟନ ଶିଳ୍ପ ଉପରେ ଗଭୀର ପ୍ରଭାବ ପକାଇବା ସହ ସେଗୁଡ଼ିକ ଲୋପ ପାଇବାର କାରଣ ହେଲା । ଏହା ମଧ ଗୋଟିଏ ବିରାଟ ତନ୍ତୀ ସମ୍ପ୍ରଦାୟର ଲୋକମାନଙ୍କୁ ବେରୋଜଗାରୀ କରିଦେଲା । ସେମାନଙ୍କ ମଧ୍ୟରୁ ଅନେକ ଗ୍ରାମାଞ୍ଚଳକୁ ଯାଇ ସେମାନଙ୍କ କୃଷି କ୍ଷେତ୍ରରେ କୃଷି ଶ୍ରମିକ ଭାବରେ କାର୍ଯ୍ୟ କଲେ । ଏହା ଧୀରେ ଧୀରେ ଗ୍ରାମ୍ୟ ଅର୍ଥନୀତି ଓ ଜୀବନଧାରଣ ଉପରେ ଚାପ ବୃଦ୍ଧି କଲା । ଭାରତୀୟ ହସ୍ତତନ୍ତ ଶିଳ୍ପ ଏହି ଯେଉଁ ଅସମତୁଲ ପ୍ରତିଯୋଗିତା ପଦ୍ଧତିର ସମ୍ମୁଖିନ ହେଲା, ପରେ ଭାରତୀୟ ଜାତୀୟବାଦୀ ନେତାମାନଙ୍କ ଦ୍ୱାରା ଅଣ-ଶିଳ୍ପାୟନ ନାମରେ ନାମିତ କରାଗଲା ।

### ? ତୁମେ ଜାଣ କି

**ଶୁଳ୍କ** - ଜିନିଷର କ୍ରୟ ଓ ବିକ୍ରୟ ଉପରେ ସରକାରଙ୍କୁ ଦିଆଯାଉଥିବା ଶୁଳ୍କ

**କର** - କୌଣସି ନିର୍ଦ୍ଦିଷ୍ଟ ସୁବିଧା ବା ସେବା ପାଇଁ ସରକାର ଦାବୀ କରୁଥିବା ଅର୍ଥ କିମ୍ବା ଆୟ ସମ୍ପତ୍ତି ଓ ବିକ୍ରୟ ଉପରେ ଆଦାୟ କରାଯାଏ ।

**ଟାରିଫ** - ଆମଦାନୀ ଓ ରପ୍ତାନୀ ଉପରେ ସରକାରଙ୍କ ଦ୍ୱାରା ବସାଯାଉଥିବା ଶୁଳ୍କର ଏକ ସାରଣୀ ।

ଇଂରେଜମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଭାରତକୁ ବ୍ରିଟିଶ୍ ଜିନିଷର ଖାଉଟିରେ ପରିଣତ କରିବା । ଯାହାଫଳରେ ବୟନଶିଳ୍ପ, ଧାତୁଶିଳ୍ପ, କାଚ ଓ କାଗଜ ଶିଳ୍ପଗୁଡ଼ିକ ଖୁବ୍ ଶୀଘ୍ର ଅକାମି ହୋଇଗଲା । ୧୮୧୩ ମସିହା ବେଳକୁ

ଭାରତୀୟ ହସ୍ତଶିଳ୍ପ ଉଭୟ ଦେଶୀୟ ଏବଂ ବୈଦେଶିକ ବଜାର ହରାଇ ବସିଲା । ଭାରତୀୟ ଜିନିଷଗୁଡ଼ିକ ବ୍ରିଟିଶ କାରଖାନାର ମେସିନ ଦ୍ୱାରା ତିଆରି ଜିନିଷଗୁଡ଼ିକ ସହ ପ୍ରତିଯୋଗିତା କରି ପାରିଲା ନାହିଁ । ଏହି ବଜାରଗୁଡ଼ିକ ଯୁଦ୍ଧଦ୍ୱାରା କିମ୍ବା ଉପନିବେଶ ସ୍ଥାପନ ଦ୍ୱାରା ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା କିମ୍ବା ଏକଚାଟିଆ ହୋଇଗଲା । ଭାରତ ଗୋଟିଏ ରପ୍ତାନୀକାରୀ ଦେଶରୁ ପରିବର୍ତ୍ତିତ ହୋଇ ସେହି ଦ୍ରବ୍ୟଗୁଡ଼ିକର ଆମଦାନୀକାରୀ ହୋଇଗଲା । ସେମାନେ ଭାରତୀୟ ଶାସକ, ବଣିକଗଣ, ଜମିଦାରଗଣ ଏବଂ ଏପରିକି ସାଧାରଣ ଲୋକଙ୍କଠାରୁ ଅର୍ଥଶୋଷଣ କରିବାକୁ ଲାଗିଲେ । ତା'ସହ ବ୍ୟବସାୟରୁ ହେଉଥିବା ଲାଭ ଏବଂ କର୍ମଚାରୀମାନଙ୍କର ଦରମା ମଧ୍ୟ ଏହି ଶୋଷଣ ସହିତ ଯୋଗ ହେଲା । ଏହା ନିଶ୍ଚିତ ଥିଲାଯେ, ସେମାନଙ୍କର ଆର୍ଥିକ ନୀତି ଇଷ୍ଟଇଣ୍ଡିଆ କମ୍ପାନୀର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ପରେ ବ୍ରିଟିଶ୍ ସାମ୍ରାଜ୍ୟ ପାଇଁ ଉଦ୍ଦିଷ୍ଟ ହେଲା ।

## ତୁମ ପାଇଁ କାର୍ଯ୍ୟ ୫.୨

ବେହରିଆର ଏବଂ ଗରେରିଆର ଯାଜାବରମାନଙ୍କର ସମ୍ପର୍କରେ ଆଲୋଚନା ସମ୍ବାଦରେ ପ୍ରକାଶିତ ଖବର ଅନୁସାରେ ବିହାରର ଗୟା ଜିଲ୍ଲା ଝାଡ଼ଖଣ୍ଡର ଏହି ସମ୍ପ୍ରଦାୟର ୭୫ ଜଣ ମେଣ୍ଢାଲୋମ ବୟନକାରୀ ଅର୍ଥାଭାବ ଯୋଗୁଁ କମଳ ତିଆରି କାର୍ଯ୍ୟ ଛାଡ଼ିଦେଲେ । (The Sunday Tribune Spectrum, March, 11, 2012) ଜଣେ ବୟନକାରୀ କହିଲା, 'ଆମେ ବଜାରରେ ବିକ୍ରୟ ହେଉଥିବା କମଳ ସହ ପ୍ରତିଯୋଗିତା କରିପାରିବୁ ନାହିଁ । ଅନ୍ୟ ଜଣେ କହିଲା, ଆମେ ଆମ ଉତ୍ପାଦନକୁ ଗାଁ ଭିତରେ ବିକ୍ରି କରିବାକୁ ବାଧ୍ୟ ହେଉଛୁ କାରଣ ସହରର ବଜାରଗୁଡ଼ିକରେ ଆମର ବିଶେଷ ପ୍ରବେଶ ନାହିଁ ।

ବ୍ରିଟିଶ୍ ଅଧିନସ୍ଥ ଭାରତ ବର୍ଷର ବୁଣାଳୀ ଏବଂ ବର୍ତ୍ତମାନର ଭାରତର ବୁଣାଳୀମାନଙ୍କର ପରିସ୍ଥିତିର ତୁଳନା କର । ଏହା ସମାନ ନା ପୃଥକ୍ ? ସେମାନଙ୍କର ଅବସ୍ଥାର ଉନ୍ନତି ପାଇଁ ତୁମେ କି ପଦକ୍ଷେପର ପ୍ରସ୍ତାବ ଦେଉଛ ?

## ୫.୩.୨ ଭୂମିର ରାଜସ୍ୱ ନୀତି ଓ ଜମି ବନ୍ଦୋବସ୍ତ

ପ୍ରାଚୀନକାଳରୁ ଲୋକମାନଙ୍କ ପାଇଁ ଜୀବନ ଧାରଣର ମୁଖ୍ୟ ମାଧ୍ୟମ ଥିଲା କୃଷି । ତେଣୁ ସାରାପୃଥିବୀରେ ସମସ୍ତ ରାଜାମାନଙ୍କ ପାଇଁ ଜମିର ଖଜଣା, ଆୟର ମୁଖ୍ୟ ମାଧ୍ୟମ ଥିଲା । ଅଷ୍ଟାଦଶ ଶତାବ୍ଦୀରେ ଭାରତର ଲୋକମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା କୃଷି । ଇଂରେଜ ଶାସନ କାଳରେ ଜମିର ରାଜସ୍ୱ ବୃଦ୍ଧି କରାଗଲା ଏବଂ ଏହାର ବିଭିନ୍ନ କାରଣ ଅଛି । ପୂର୍ବରୁ ଇଂରେଜମାନେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ । କାଳକ୍ରମେ ସେମାନେ ଭାରତର ଏକ ବିସ୍ତୃତ ଅଞ୍ଚଳ ଅଧିକାର କରିବା ପାଇଁ ଇଚ୍ଛା କଲେ ଯେଉଁଥିପାଇଁ ସେମାନେ ପ୍ରଚୁର ଅର୍ଥ ଆବଶ୍ୟକ କଲେ । ସେମାନେ ମଧ୍ୟ ବ୍ୟବସାୟ, କମ୍ପାନୀର ବିଭିନ୍ନ ଯୋଜନା ଏବଂ ପ୍ରଶାସନକୁ ଚଳାଇବା ଖର୍ଚ୍ଚ ପାଇଁ ଅର୍ଥ ଆବଶ୍ୟକ କଲେ । ଇଂରେଜମାନେ ଅନେକଗୁଡ଼ିଏ ଜମିର ରାଜସ୍ୱର ପରୀକ୍ଷା ନିରୀକ୍ଷା କଲେ, ଯାହାକି କୃଷକମାନଙ୍କ ପାଇଁ ବଡ଼ କଠିନ ହେଲା । ସେମାନେ ସେମାନଙ୍କର ନୀତି ଓ ଯୁଦ୍ଧ କାର୍ଯ୍ୟର ଖର୍ଚ୍ଚ ତୁଲାଇବା ପାଇଁ କୃଷକମାନଙ୍କଠାରୁ ଟିକସ ଆଦାୟ କଲେ । ଇଂରେଜମାନଙ୍କ ପାଇଁ ଟିକସ ଆଦାୟ କରିବାକୁ ବିଭିନ୍ନ ପ୍ରତ୍ୟକ୍ଷ ଓ ପରୋକ୍ଷ ପଦ୍ଧତି ଅବଲମ୍ବନ କରାଗଲା । ଏହା ନିଜର ନିତିଦିନିଆ ଗୁଜୁରାଣ ମେଣ୍ଟାଇ ପାରୁନଥିବା ଲୋକମାନଙ୍କଜୀବନକୁ ବିଶେଷ ପ୍ରଭାବିତ କଲା । କାରଣ ସେମାନଙ୍କୁ ଜମିମାଲିକ ଓ ଖଜଣା ଆଦାୟକାରୀଙ୍କୁ ସେମାନଙ୍କର ଭାଗ ଦେବାକୁ ପଡୁଥିଲା । ସ୍ଥାନୀୟ ଶାସନ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ଏଥିରୁ ରିହାତି ଓ ପ୍ରକୃତ ନ୍ୟାୟ ଦେବାକୁ ଅସମର୍ଥ

ହେଲା । ୧୭୯୩ ମସିହାରେ ଲର୍ଡକର୍ଣ୍ଣୱାଲିସ ବେଙ୍ଗଲ ଓ ବିହାରରେ ସ୍ଥାୟୀ ଜମିବନ୍ଦୋବସ୍ତ ପ୍ରଚଳନ କଲେ । ସେ ଜମିମାଲିକ ବା ଜମିଦାରମାନଙ୍କୁ ରାଜ୍ୟ ଟ୍ରେଜେରୀରେ ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଜମା କରିବାକୁ ନିର୍ଦ୍ଦେଶ ଦେଲେ । ଯାହା ବଦଳରେ ସେମାନଙ୍କୁ ଜମିର ବଂଶାନୁକ୍ରମିକ ମାଲିକ ଭାବରେ ସ୍ୱୀକୃତି ମିଳିବ । ଏହା ଜମିଦାରମାନଙ୍କୁ ଜମିଗୁଡ଼ିକର ମାଲିକ କରିଦେଲା । କମ୍ପାନୀକୁ କେତେ ଖଜଣା ଦିଆଯିବ ତାହା ଗୋଟିଏ ସମୟସୀମା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇଥିଲା । ଯାହାକି ଇଂରେଜମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ଥିଲା । ତେଣୁ ସେମାନେ ରାଜ୍ୟଗୁଡ଼ିକରୁ କେତେ ଖଜଣା ଆସିବ ତାହା ଆଗରୁ ଜାଣିପାରିଲେ । ଜମିଦାର ମଧ୍ୟ ଜାଣିଲେ ତାଙ୍କୁ କେତେ ଖଜଣା ଦେବାକୁ ହେବ । ସେମାନଙ୍କ ପାଇଁ ବଳକା ରାଜସ୍ୱ ପାଇବାକୁ ସେମାନେ କୃଷକମାନଙ୍କୁ ଉତ୍ପାଦନ ବଢ଼ାଇବାକୁ କହିଲେ । କିନ୍ତୁ ଯଦି ଜଣେ ଜମିଦାର ସ୍ଥିରୀକୃତ ରାଜସ୍ୱ ଠିକ୍ ସମୟ ଦେବାରେ ଖିଲାପ କରନ୍ତି, ତାଙ୍କ ଜମି ଅନ୍ୟଜଣେ ଜମିଦାରକୁ ବିକ୍ରିକରାଯାଏ । ଇଂରେଜମାନେ ଏହି ବନ୍ଦୋବସ୍ତରୁ ଲାଭ ପାଇଲେ କାରଣ ଯେଉଁ ନୂତନ ଜମିଦାରମାନେ ସୃଷ୍ଟି ହେଲେ ସେମାନେ ଇଂରେଜମାନଙ୍କର ରାଜନୈତିକ ବନ୍ଧୁ ହେଲେ । ସେମାନେ ଇଂରେଜମାନଙ୍କୁ ଆବଶ୍ୟକ ବେଳେ ସାହାଯ୍ୟ କଲେ ଏବଂ ସେମାନେ ଇଂରେଜ ଓ କୃଷକମାନଙ୍କ ମଧ୍ୟରେ ନିରପେକ୍ଷ କାର୍ଯ୍ୟ କଲେ । ଏହି ଶ୍ରେଣୀ ପ୍ରକୃତ ପକ୍ଷେ ସ୍ୱାଧୀନତା ଆନ୍ଦୋଳନ ବିପକ୍ଷରେ ଇଂରେଜମାନଙ୍କୁ ସାହାଯ୍ୟ କରୁଥିଲେ ।

୧୮୨୨ ମସିହାରେ ଇଂରେଜମାନେ ଉତ୍ତର ପଶ୍ଚିମ ପ୍ରଦେଶଗୁଡ଼ିକ, ପଞ୍ଜାବ, ଗଙ୍ଗା ଉପତ୍ୟକା ଏବଂ କେନ୍ଦ୍ରୀୟ ଭାରତର କେତେକ ଅଂଶରେ ମାହାଲୱାରୀ ବନ୍ଦୋବସ୍ତ ପ୍ରଚଳନ କଲେ । ଏଠାରେ ମାହାଲ ବା ଉତ୍ପାଦନ ମୂଲ୍ୟାୟନର ଆଧାର ଥିଲା । ମାହାଲ, ଗୋଟିଏ ଗ୍ରାମ ବା ଏକାଧିକ ଗ୍ରାମକୁ ନେଇ ଗଠିତ । ଏଠାରେ ମାହାଲର ସମସ୍ତ ମାଲିକ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରାଜସ୍ୱ ପ୍ରଦାନ କରିବା ପାଇଁ ସମଷ୍ଟି ଗତଭାବରେ ଦାୟୀ । ଦୁର୍ଭାଗ୍ୟବଶତଃ ଏହା କୃଷକମାନଙ୍କୁ କୌଣସି ସୁବିଧା ପ୍ରଦାନ କଲା ନାହିଁ କାରଣ ଇଂରେଜମାନଙ୍କର ଦାବୀ ବହୁତ ଅଧିକ ଥିଲା ।

ଊନବିଂଶ ଶତାବ୍ଦୀର ଆରମ୍ଭରେ ବମ୍ବେ ଓ ମାଡ୍ରାଜ ପ୍ରେସିଡ଼େନ୍‌ସିର ବହୁତ ଅଞ୍ଚଳରେ ରୟତୱାରୀ ବନ୍ଦୋବସ୍ତ ଆରମ୍ଭ ହୋଇଥିଲା । ଏଠାରେ ଜମିର ଖଜଣା ରୟତ ଅର୍ଥାତ୍ ବ୍ୟକ୍ତିଗତ ଚାଷୀ ଯେ ପ୍ରକୃତରେ ଜମିରେ କାମ କରୁଛି ତାଉପରେ ପ୍ରତ୍ୟକ୍ଷ ଭାବରେ ବସାଯାଇଥିଲା । କୃଷକ ଯେତେଦିନ ପର୍ଯ୍ୟନ୍ତ ଖଜଣା ଦେବା ପାଇଁ ସକ୍ଷମ ହେଉଥିବ, ତାକୁ ଜମିର ପ୍ରକୃତ ମାଲିକ ବୋଲି ଗ୍ରହଣ କରାଯିବ, କିନ୍ତୁ ଅଧିକ ଖଜଣା ଦାବୀ କରିବା ଫଳରେ ଶୋଷଣ ଲାଗିରହିଲା ।

## ୫.୩.୩ କୃଷିର ବ୍ୟବସାୟିକରଣ

ବ୍ରିଟିଶ୍ ନୀତିର ଭାରତରେ ଅନ୍ୟଏକ ମୁଖ୍ୟ ଆର୍ଥିକ ପ୍ରଭାବ ହେଉଛି, ବହୁ ସଂଖ୍ୟାରେ ଅର୍ଥକାରୀ ଫସଲ ଯଥା ଚା, କଫି, ନୀଳ, ଅଫିମ, କପା, ଝୋଟ, ଆଖୁ ଓ ତୈଳବୀଜର ଚାଷ ପ୍ରବର୍ତ୍ତନ କରିବା । ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ ବିଭିନ୍ନ ଉଦ୍ଦେଶ୍ୟ ରଖି ପ୍ରଚଳନ କରାଯାଇଥିଲା । ଭାରତୀୟ ଅଫିମ ଚୀନର ଇଂଲଣ୍ଡ ସହିତ ଥିବା ଚା ବ୍ୟବସାୟରେ ସମତାରକ୍ଷା ସହ ଚୀନର ସ୍ୱାର୍ଥପାଇଁ କରାଯାଇଥିଲା । ଅଫିମ ବ୍ୟବସାୟ ବ୍ରିଟିଶ୍ ବଣିକମାନଙ୍କ ଦ୍ୱାରା ଅତି କଟକଣା ଭିତରେ ନିୟନ୍ତ୍ରିତ ହେଉଥିଲା । ଏହା ଭାରତୀୟ ଉତ୍ପାଦନକାରୀମାନଙ୍କ ଲାଭ ପାଇବାପାଇଁ କୌଣସି ସୁଯୋଗ ନଥିଲା । ଭାରତୀୟମାନଙ୍କୁ ନୀଳ ଉତ୍ପାଦନ କରିବାକୁ ବାଧ୍ୟ କରାଯିବା ସହ ଇଂରେଜମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ସର୍ତ୍ତ ଅନୁସାରେ ସିଧାସଳଖ ବିକ୍ରୟ କରାଯାଉଥିଲା । ନୀଳ ଇଂଲଣ୍ଡକୁ ପଠାଯାଉଥିଲା ଏବଂ ବ୍ରିଟେନ୍ ସହରରେ ଉତ୍ପାଦିତ ହେଉଥିବା ଲୁଗାକୁ ରଙ୍ଗ କରିବାରେ ବ୍ୟବହୃତ ହେଉଥିଲା । ନୀଳ ଗୋଟିଏ ଭିନ୍ନ

ପଦ୍ଧତିରେ ଉତ୍ପନ୍ନ ହେଉଥିଲା ଯେଉଁଠାରେକି ସମସ୍ତ କୃଷକ ସେମାନଙ୍କ କୃଷି କ୍ଷେତ୍ରର ୩/୨୦ ଭାଗ ଜାଗାରେ ନୀଳ ଉତ୍ପନ୍ନ କରିବା ବାଧ୍ୟତାମୂଳକ ଥିଲା । ଦୁର୍ଭାଗ୍ୟବଶତଃ ନୀଳ ଚାଷ ଫଳରେ ଜମିଗୁଡ଼ିକ କିଛି ବର୍ଷ ପାଇଁ ଅନୁର୍ବର ହୋଇଗଲା । ଏହା ଫଳରେ କୃଷକମାନେ ଏହା ଚାଷ କରିବା ପାଇଁ କୁଣ୍ଠିତ ହେଲେ । ତା ଚାଷ ଅଞ୍ଚଳର ମାଲିକାନା ବାରମ୍ବାର ବଦଳୁଥିଲା । ସେହି କୃଷିକ୍ଷେତ୍ରଗୁଡ଼ିକର ଶ୍ରମିକମାନେ ବହୁ କଷ୍ଟରେ କାର୍ଯ୍ୟ କରୁଥିଲେ ।

କୃଷିର ବ୍ୟବସାୟିକରଣ ଫଳରେ ଜମିର ମାଲିକାନା ଦ୍ରୁତ ଗତିରେ ବଦଳିଲା ସେଥିପାଇଁ ଭୂମିହୀନ ଶ୍ରମିକମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଲା । ଏହାଦ୍ୱାରା ବହୁ ସଂଖ୍ୟାରେ ବଣିକ ବ୍ୟବସାୟୀ ଓ ମଧ୍ୟସ୍ଥି ଆସିଲେ ଯେଉଁମାନେ ଆହୁରି ଅଧିକ ଶୋଷଣ କଲେ । କୃଷକ ଅମଳ ସମୟରେ ତା'ର ଉତ୍ପାଦନକୁ ବିକ୍ରୟ କରିବା ପାଇଁ ସେମାନଙ୍କ ଉପରେ ନିର୍ଭର କଲା । କାରଣ କୃଷକମାନେ ଅର୍ଥକାରୀ ଫସଲ ଉତ୍ପାଦନ କରିବା ଆରମ୍ଭ କଲେ ଓ ଖାଦ୍ୟଶସ୍ୟ ଉତ୍ପାଦନ କମିବାକୁ ଲାଗିଲା । ତେଣୁ କମ୍ ଶସ୍ୟ ସଞ୍ଚୟ ଫଳରେ ଦୁର୍ଭିକ୍ଷ ଦେଖାଦେଲା । ତେଣୁ କୃଷକମାନେ ବିଦ୍ରୋହ କରିବାରେ କିଛି ଆଶ୍ଚର୍ଯ୍ୟ ହେବାର ନଥିଲା । ତୁମେ ଏବିଷୟରେ ବିସ୍ତୃତ ଭାବର ପରବର୍ତ୍ତୀ ଅଧ୍ୟାୟରେ ପାଠ କରିବ । ବିଭିନ୍ନ ପ୍ରକାର ଆର୍ଥିକ ନୀତି ଦ୍ୱାରା ଆମ ଦେଶରୁ ପ୍ରଚୁର ପରିମାଣରେ ସମ୍ପତ୍ତି ଇଂଲଣ୍ଡକୁ ଚାଲିଗଲା । ଦରମା, ପେନ୍‌ସନ୍ ଏବଂ ଭାରତ ଶାସନ କରିବା ପାଇଁ ଇଂରେଜମାନଙ୍କ ଦ୍ୱାରା ନିଯୁକ୍ତ ସାମରିକ ଓ ବେସାମରିକ କର୍ମଚାରୀଙ୍କର ତାଲିମ ଆଦିରେ ଖର୍ଚ୍ଚ ଦ୍ୱାରା ଭାରତ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିଲା । ଯଦି ସେହି ଅର୍ଥ ଭାରତରେ ଖର୍ଚ୍ଚ ହୋଇଥାନ୍ତା, ତେବେ ଏ ଦେଶର ଆର୍ଥିକ ଅବସ୍ଥା ଉନ୍ନତି କରିବାରେ ଏହା ବିଶେଷ ସାହାଯ୍ୟ କରିଥାନ୍ତା । ବ୍ରିଟିଶ୍‌ମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆର୍ଥିକ ନୀତି କିପରି ଭାରତୀୟ ସମାଜର ସାମାଜିକ ଗଠନକୁ ପରିବର୍ତ୍ତନ କରିଦେଇଥିଲା ତାହା ଏବେ ପଢ଼ିବା ।

## ୫.୩.୪ ନୂତନ ମହାଜନ ଶ୍ରେଣୀ ଉଦ୍ଭବ

ଇଂରେଜ ସରକାର ଦ୍ୱାରା ନିର୍ଦ୍ଦିଷ୍ଟ ସମୟସୀମା ଓ ଅତ୍ୟଧିକ ରାଜସ୍ୱଦାବୀ କୃଷକମାନଙ୍କୁ ମହାଜନମାନଙ୍କଠାରୁ ଋଣ ନେବା ପାଇଁ ବାଧ୍ୟ କଲା । ଏହି ମହାଜନମାନେ ବହୁସମୟରେ କୃଷକମାନଙ୍କୁ ଅଧିକ ସୁଧହାର ଦାବୀକରି ଶୋଷଣ କରୁଥିଲେ । ସେମାନେ ଅନେକ ସମୟରେ ଅନୈତିକ ପଥ ଯଥା ଭୁଲହିସାବ, ମିଥ୍ୟା ଦସ୍ତଖଦ ଏବଂ ଅଙ୍ଗୁଠିଛାପ ବ୍ୟବହାର କରୁଥିଲେ । ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ନୂତନ ଆଇନଗତ ବ୍ୟବସ୍ଥା ଓ ପଦ୍ଧତି କେବଳ ମହାଜନ ଯେଉଁମାନେ ସ୍ଥାନୀୟ ବଣିକ ବା ଜମିଦାର ସେମାନଙ୍କୁ ସାହାଯ୍ୟକଲା । ଅଧିକାଂଶ କ୍ଷେତ୍ରରେ କୃଷକମାନେ ଋଣ ଓ ସମ୍ପୂର୍ଣ୍ଣ ସୁଧ ଫେରସ୍ତ ଦେବାକୁ ଅସମର୍ଥ ହେଉଥିଲେ । ତେଣୁ ସେମାନଙ୍କର ଜମି କ୍ରମେ କ୍ରମେ ଏହି ମହାଜନ ଶ୍ରେଣୀ ଲୋକମାନଙ୍କ ହାତକୁ ଚାଲି ଯାଉଥିଲା ।

## ୫.୩.୫ ନୂତନ ମଧ୍ୟବିତ୍ତ ଶ୍ରେଣୀର ଉତ୍‌ଥାନ

ଭାରତରେ ବ୍ରିଟିଶ ଶାସନର ମୁଖ୍ୟ ପ୍ରଭାବ ହେଉଛି, ଗୋଟିଏ ନୂତନ ମଧ୍ୟବିତ୍ତ ଶ୍ରେଣୀର ଆରମ୍ଭ । ଇଂରେଜମାନଙ୍କର ବ୍ୟବସାୟିକ ସ୍ୱାର୍ଥ ବୃଦ୍ଧି ପାଇବା ଫଳରେ, ଗୋଟିଏ କ୍ଷୁଦ୍ର ଶ୍ରେଣୀର ଭାରତୀୟ ଲୋକମାନଙ୍କ ପାଇଁ ନୂତନ ସୁଯୋଗ ଖୋଲିଗଲା । ସେମାନେ ବ୍ରିଟିଶ ବଣିକମାନଙ୍କର ଏଜେଣ୍ଟ ଓ ମଧ୍ୟସ୍ଥି ଭଳି କାର୍ଯ୍ୟ କଲେ ଓ ବିଶାଳ ସୌଭାଗ୍ୟ ଲାଭ କଲେ । ଏହି ନୂତନ ସମ୍ପତ୍ତି ଆଭିଜାତ୍ୟ ଯାହା ସ୍ଥାୟୀ ବନ୍ଦୋବସ୍ତର ପ୍ରଚଳନ ପରେ ଆରମ୍ଭ ହେଲା, ତାହା ମଧ୍ୟ ଏହି ନୂତନ ଶ୍ରେଣୀ ସୃଷ୍ଟିର ଏକ ଅଂଶ । ପୁରାତନ ସମ୍ପତ୍ତି ଅଧିକାରୀ ଆଭିଜାତ ଶ୍ରେଣୀର ଏକ ମୁଖ୍ୟ ଗୋଷ୍ଠୀ ସେମାନଙ୍କର ସମ୍ପତ୍ତି ଉପରେ ଥିବା ଅଧିକାର ହରାଇଲେ ଏବଂ ଅନେକ କ୍ଷେତ୍ରରେ ନୂତନ ଶ୍ରେଣୀରେ ସମ୍ପତ୍ତି ମାଲିକ ତାଙ୍କ ସ୍ଥାନରେ ସୃଷ୍ଟି ହେଲେ । ଏହି ଲୋକମାନେ କିଛି ଇଂରାଜୀ ଶିକ୍ଷା ପାଇଲେ ଏବଂ ଏକ ନୂତନ

ମର୍ଯ୍ୟାଦା ସମ୍ପନ୍ନ ଶ୍ରେଣୀରେ ପରିଣତ ହେଲେ । ବ୍ରିଟିଶକ୍ଷମତାର ପ୍ରସାର ଫଳରେ ନୂତନ ଚାକିରୀର ସୁଯୋଗ ସୃଷ୍ଟି ହେଲା । ଭାରତୀୟ ସମାଜ ନୂତନ ଆଇନ ଅଦାଲତ, ସରକାରୀ କର୍ମଚାରୀ ଓ ବ୍ୟବସାୟିକ ସଂସ୍ଥା ଆଦିର ଆରମ୍ଭ ଲକ୍ଷ୍ୟ କଲା । ଇଂରାଜୀ ଶିକ୍ଷାପ୍ରାପ୍ତ ଲୋକମାନେ ତାଙ୍କର ଔପନିବେଶିକ ଶାସକମାନଙ୍କଠାରୁ ଆବଶ୍ୟକୀୟ ସମର୍ଥନ ଲାଭ କଲେ । ତେଣୁ ଜମିଦାରଙ୍କ ଛଡ଼ା ଗୋଟିଏ ନୂତନ ବ୍ୟବସାୟିକ ଓ ଚାକିରୀରେ ନିଯୁକ୍ତ ମଧ୍ୟବିତ୍ତ ଶ୍ରେଣୀ ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି ହେଲା ।

## ୫.୩.୬ ପରିବହନ ଓ ଯୋଗାଯୋଗ

ସେ ସମୟରେ ଭାରତରେ ବଳଦଗାଡ଼ି, ଓଟ ଏବଂ ଭାରବାହୀ ପଶୁଗୁଡ଼ିକ ପରିବହନର ମାଧ୍ୟମ ଥିଲା । ଅନ୍ୟପକ୍ଷରେ ଇଂଲଣ୍ଡ ରେଳ ଲାଇନ୍ ଆବଶ୍ୟକ କରୁଥିଲା ଯାହା କଞ୍ଚାମାଲ ଉତ୍ପାଦିତ ଅଞ୍ଚଳ ସହିତ ରପ୍ତାନୀ କରାଯାଉଥିବା ବନ୍ଦରକୁ ସଂଯୋଗ କରୁଥିଲା । ଫଳରେ ଇଂରେଜମାନଙ୍କ ଦ୍ୱାରା ତିଆରି ଜିନିଷଗୁଡ଼ିକ ଦେଶର ବିଭିନ୍ନ ଅଞ୍ଚଳକୁ ପଠାଯିବା ସହିତ କଞ୍ଚାମାଲକୁ ବନ୍ଦରକୁ ଅଣାଯାଇ ପାରିଲା । ବର୍ତ୍ତମାନ ତୁମେମାନେ ଯେଉଁ ବିସ୍ତୃତ ଅଞ୍ଚଳକୁ ଯୋଗ କରୁଥିବା ରେଳ ଲାଇନ ଦେଖୁଛ, ତାହା ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ହୋଇଥିଲା । ଏହା ବ୍ରିଟିଶ ବ୍ୟାଙ୍କ ଏବଂ ଅର୍ଥ ଲଗାଣକାରୀମାନଙ୍କୁ ସେମାନଙ୍କର ବଳକା ଅର୍ଥ ଓ ପଦାର୍ଥକୁ ରେଳପଥ ନିର୍ମାଣରେ ବିନିଯୋଗ କରିବାର ସୁଯୋଗ ସୃଷ୍ଟି କଲା । ରେଳପଥ ଇଂରେଜ ପୁଞ୍ଜିପତିମାନଙ୍କୁ ଦୁଇଟି ମୁଖ୍ୟ ଦିଗରେ ଲାଭବାନ କରାଇଲା । ପ୍ରଥମତଃ ଆନ୍ତର୍ଜାତିକ ବଜାରକୁ ବନ୍ଦର ସହ ସଂଯୋଗ କରିବା ଫଳରେ ଜିନିଷ ପତ୍ରର ବ୍ୟବସାୟ ସହଜ ଓ ଲାଭଦାୟକ ହେଲା । ଦ୍ୱିତୀୟତଃ ରେଳଇଞ୍ଜିନ, ରେଳଡବା ଓ ରେଳଲାଇନ୍ ତିଆରି ପାଇଁ ପୁଞ୍ଜି ଇଂଲଣ୍ଡରୁ ଆସିଲା । ଇଂରେଜ ପୁଞ୍ଜିପତି ଯେଉଁମାନେ ରେଳପଥ ପାଇଁ ଅର୍ଥ ବିନିଯୋଗ କରିଥିଲେ, ତାଙ୍କୁ ସରକାର ସର୍ବନିମ୍ନ ୫% ଲାଭ ଦେବା ପାଇଁ ପ୍ରତିଶୃତି ଦେଲେ । ଏହି କମ୍ପାନୀଗୁଡ଼ିକୁ ଜମି ବିନାମୂଲ୍ୟରେ ୯୯ ବର୍ଷ ପାଇଁଲିଜ୍ ଦିଆଗଲା ।

ଯଦିଓ ରେଳପଥ ଇଂରେଜମାନଙ୍କର ବାଣିଜ୍ୟର ବିକାଶ ପାଇଁ ନିର୍ମାଣ କରାଯାଇଥିଲା, ତାହା ମଧ୍ୟ ଦେଶରେ ଜାତୀୟ ଜାଗରଣ ସୃଷ୍ଟି ପାଇଁ ମୁଖ୍ୟ ଭୂମିକା ଗ୍ରହଣ କଲା । ଇଂରେଜମାନେ କେବେ ସମ୍ଭାବନା କରିନଥିଲେ ଯେ, ବିସ୍ତୃତ ପରିବହନ ବ୍ୟବସ୍ଥା ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ଲୋକମାନଙ୍କୁ ଓ ସେମାନଙ୍କର ଚିନ୍ତାଧାରାକୁ ପରସ୍ପର ନିକଟବର୍ତ୍ତୀ କରିବ ।

ବ୍ରିଟିଶ ଶାସନ ସମୟରେ, ଭାରତ ସ୍ୱାଧୀନତା, ସମାନତା, ମାନବିକ ଅଧିକାର, ବିଜ୍ଞାନ ଓ କାରିଗରୀ ଆଦି ଚିନ୍ତାଧାରା ପାଶ୍ଚାତ୍ୟ ଦେଶରୁ ଲାଭ କଲେ । ଏହା ଆଧୁନିକୀକରଣକୁ ଆଗକୁ ଆଗେଇ ନେଲା । ବର୍ତ୍ତମାନ ଆମେ ଭାରତୀୟ ସମାଜ ଉପରେ ଆଧୁନିକ ଚିନ୍ତାଧାରାର ପ୍ରଭାବ ବିଷୟରେ ପଢ଼ିବା ।

### ? ତୁମେ ଜାଣ କି

ପ୍ରଥମ ରେଳ ଲାଇନ୍ ହେଉଛି ମାଦ୍ରାଜର 'ରେଡ୍‌ହିଲ୍ ରେଲରୋଡ୍ ଲାଇନ୍' । ଏହା ୧୮୩୭ ମସିହାରେ ଆରମ୍ଭ ହେଲା ଏବଂ ଗ୍ରାନାଇଟ୍ ପଥର ପରିବହନ ପାଇଁ ବ୍ୟବହୃତ ହେଲା । ପ୍ରଥମ ଯାତ୍ରୀବାହୀ ରେଳ ଲାଇନ୍ ୧୮୫୩ ମସିହାରେ ବମ୍ବେରୁ ଥାନେ ପର୍ଯ୍ୟନ୍ତ ନିର୍ମିତ ହୋଇଥିଲା । ସେହି ବର୍ଷ ଡ଼େଲହାଉସୀ କଲିକତାରୁ ଆଗ୍ରା ପର୍ଯ୍ୟନ୍ତ ପ୍ରଥମ ଟେଲିଫୋନ୍ ଲାଇନ୍ ଆରମ୍ଭ କଲେ ଏବଂ ଭାରତରେ ପୋଷ୍ଟାଲ ସେବା ଆରମ୍ଭ କଲେ ।

## ପାଠଗତ ପ୍ରଶ୍ନାବଳୀ ୫.୨

୧. ସତ୍ୟ କିମ୍ବା ମିଥ୍ୟା ଦର୍ଶାଅ ଓ ତୁମ ମତାମତର ଯୁକ୍ତିଯୁକ୍ତତା ପ୍ରତିପାଦନ କର ।

(କ) ବିଦେଶୀଦ୍ରବ୍ୟର ଶୁଳ୍କବିହୀନ ପ୍ରବେଶ ଭାରତୀୟ ଅର୍ଥନୀତି ପାଇଁ ଭଲ ।

(ଖ) ସମସ୍ତ ଜମି ବନ୍ଦୋବସ୍ତ ଇଂରେଜମାନଙ୍କୁ ଲାଭବାନ କରିଥିଲା ।

(ଗ) ନୀଳ, ଧାନ, ଗହମ, ଚା ଓ ଅଫିମ ହେଉଛି ଇଂରେଜମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପାଞ୍ଚଟି ମୁଖ୍ୟ ଅର୍ଥକାରୀ ଫସଲ ।

(ଘ) କେତେକ ମହାଜନ ଶ୍ରେଣୀ ନୂତନ ଜମିମାଲିକ ହୋଇଗଲେ ।

୨. ଇଂରେଜମାନେ କାହିଁକି ଭାରତରେ ବିସ୍ତୃତ ରେଳ ଲାଇନ ନିର୍ମାଣ କଲେ ?

## ୫.୪ ସମାଜ ଓ ସଂସ୍କୃତି ଉପରେ ଇଂରେଜମାନଙ୍କର ପ୍ରଭାବ

ଇଂରେଜମାନେ ଭାରତକୁ ଆସିବା ପରେ ଭାରତୀୟ ସମାଜରେ ଅନେକ ପରିବର୍ତ୍ତନ ଘଟିଲା । ଉନବିଂଶ ଶତାବ୍ଦୀରେ କେତେକ ସାମାଜିକ ପ୍ରଥା ଯଥା – କନ୍ୟା ଶିଶୁ ହତ୍ୟା, ବାଲ୍ୟବିବାହ, ସତୀଦାହ, ବହୁ ପତ୍ନୀ ବିବାହ ଓ କଠୋର ଜାତିପ୍ରଥା ଅଧିକ ପ୍ରଚଳିତ ଥିଲା । ଏହି ପ୍ରଥାଗୁଡ଼ିକ ମାନବିକ ମର୍ଯ୍ୟାଦା ଓ ମୂଲ୍ୟବୋଧର ବିରୋଧି ଥିଲା । ସ୍ତ୍ରୀ ଲୋକମାନଙ୍କୁ ଜୀବନର ଯେକୌଣସି ଅବସ୍ଥାରେ ମଧ୍ୟ ପୃଥକ ଭାବେ ବ୍ୟବହାର କରାଯାଉଥିଲା ଏବଂସେମାନେ ସମାଜରେ ସବୁଠାରୁ ଅବହେଳିତ ଶ୍ରେଣୀ ଥିଲେ । ସେମାନଙ୍କର ସ୍ଥିତିର ଉନ୍ନତି କରିବାକୁ କୌଣସି ଉନ୍ନତ ସୁଯୋଗରେ ତାଙ୍କର ପ୍ରବେଶାଧିକାର ନଥିଲା । ଶିକ୍ଷା ମଧ୍ୟ ଅଳ୍ପ କେତେକ ଉଚ୍ଚଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସୀମିତ ଥିଲା । ବ୍ରାହ୍ମଣମାନଙ୍କର ବେଦଧ୍ୟୟନ ଅଧିକାର ଥିଲା ଯାହାକି କେବଳ ସଂସ୍କୃତରେ ଲିପିବଦ୍ଧ ହୋଇଥିଲା । ଖର୍ଚ୍ଚ ବହୁଳ ପୂଜା, ବଳୀ ପ୍ରଥା ଏବଂ ଜନ୍ମ ଓ ମୃତ୍ୟୁ ପରେ ପ୍ରଚଳିତ ପ୍ରଥା ଓ ପରମ୍ପରାଗୁଡ଼ିକ ପାଳନ ପୁରୋହିତ ଶ୍ରେଣୀ ଦ୍ୱାରା ସ୍ଥିରୀକୃତ ହେଉଥିଲା । ଯେତେବେଳେ ଇଂରେଜମାନେ ଭାରତକୁ ଆସିଲେ, ସେମାନେ ଅନେକ ନୂତନ ଚିନ୍ତାଧାରା ଯଥା ସ୍ୱାଧୀନତା, ସମାନତା, ସ୍ୱାଧୀନତା ଏବଂ ମାନବିକ ଅଧିକାର ପ୍ରଭୃତି ପୁନର୍ଜାଗରଣ, ପୁନର୍ଗଠନ ଆନ୍ଦୋଳନ ଓ ଇଉରୋପରେ ସଂଘଟିତ ହୋଇଥିବା ବିଭିନ୍ନ ବିପ୍ଳବରୁ ଆଣିଥିଲେ । ଏହି ଚିନ୍ତାଧାରାଗୁଡ଼ିକ ଆମ ସମାଜର କେତେକ ଶ୍ରେଣୀର ଲୋକମାନଙ୍କୁ ପ୍ରଭାବିତ କଲା ଏବଂ ଅନେକ ସଂସ୍କାର ଆନ୍ଦୋଳନ ଦେଶର ବିଭିନ୍ନ ଭାଗରେ ଆରମ୍ଭ ହେଲା । ଏହି ଆନ୍ଦୋଳନଗୁଡ଼ିକର ସମ୍ମୁଖ ଭାଗରେ କେତେକ ଦୂରଦୃଷ୍ଟି ସମ୍ପନ୍ନ ଭାରତୀୟ ଯଥା ରାଜା ରାମମୋହନରାୟ, ସାର୍ ସୟଦ ଅହମ୍ମଦ ଖାଁ, ଅରୁଣା ଆସଫଅଲ୍ଲି ଏବଂ ପଣ୍ଡିତ ରମାବାଈ ପ୍ରଭୃତି ରହିଥିଲେ । ଏହି ବିପ୍ଳବଗୁଡ଼ିକ ସାମାଜିକ ଏକତା ଆଶା କରିବା ସହ ସ୍ୱାଧୀନତା, ସମତା ଓ ଭ୍ରାତୃଭାବ ଆଣିବା ପାଇଁ ଉଦ୍ୟମ କଲେ । ସ୍ତ୍ରୀଲୋକମାନଙ୍କର ସ୍ଥିତିର ଉନ୍ନତି ପାଇଁ ଅନେକ ଆଇନଗତ ପଦକ୍ଷେପ ନିଆଗଲା । ଉଦାହରଣ ସ୍ୱରୂପ ସତୀପ୍ରଥା ୧୮୨୯ରେ ସେ ସମୟର ଗଭର୍ଣ୍ଣର ଜେନେରାଲ ଲର୍ଡ ବେଣ୍ଟିଙ୍କଙ୍କ ଦ୍ୱାରା ବନ୍ଦ ହେଲା । ୧୮୫୬ରେ ଆଇନ ତିଆରି କରି ବିଧବା ବିବାହକୁ ଅନୁମତି ପ୍ରଦାନ କରାଗଲା । ୧୮୭୨ରେ ଗୋଟିଏ ଆଇନ ତିଆରି କରି ଭିନ୍ନଜାତି ଓ ଭିନ୍ନ ସମ୍ପ୍ରଦାୟ ବିବାହ, ବାଲ୍ୟବିବାହକୁ ବିରୋଧ କରି ୧୯୨୯ରେ ଶାରଦା ଆଇନ । ଏହି ଆଇନରେ ବ୍ୟବସ୍ଥା ରଖାଗଲା ଯେ, ୧୪ ବର୍ଷରୁ କମ୍ ଝିଅ ଓ ୧୮ ବର୍ଷରୁ କମ୍ ପୁଅ

ବିବାହ କରିବା ଆଇନ ସଙ୍ଗତ ନୁହେଁ, ଏହା ବେଆଇନ କାର୍ଯ୍ୟ । ଏହି ସମସ୍ତ ବିପ୍ଳବ ଜାତିପ୍ରଥା ସ୍ୱତନ୍ତ୍ର ଭାବରେ ଅସ୍ପୃଶ୍ୟତା ପ୍ରଥାକୁ ଅତିଭୟଙ୍କର ଭାବରେ ସମାଲୋଚନା କରିଥିଲେ ।

ବହୁ ସଂଖ୍ୟାରେ ବ୍ୟକ୍ତି ବିଶେଷ ସଂସ୍କାରବାଦୀ ସଂଗଠନ ଓ ଧାର୍ମିକ ଅନୁଷ୍ଠାନଗୁଡ଼ିକର ଉଦ୍ୟମର ପ୍ରଭାବ ଚାରିଆଡ଼େ ଅନୁଭୁତ ହେଲା ଏବଂ ଜାତୀୟ ଆନ୍ଦୋଳନରେ ସର୍ବାପେକ୍ଷା ଅଧିକ ପରିସ୍ଫୁଟ ହେଲା । ନାରୀମାନେ ଉନ୍ନତ ଶିକ୍ଷା ସୁବିଧା ପାଇବାକୁ ଆରମ୍ଭ କଲେ ଏବଂ ସେମାନଙ୍କ ଘର ବାହାରେ ବିଭିନ୍ନ ବ୍ୟବସାୟ ଓ ସାଧାରଣ ନିଯୁକ୍ତିମାନ ଗ୍ରହଣ କଲେ । ନାରୀମାନଙ୍କର ଭୂମିକା ଯଥା ଭାରତୀୟ ଜାତୀୟ ବାହିନୀର କ୍ୟାପଟେନ ଲକ୍ଷ୍ମୀସେହଗାଲ, ସରୋଜିନୀ ନାଇଡୁ, ଆନିବେଶାନ୍ତ, ଅରୁଣା ଆସଫଅଲ୍ଲୀ ଏବଂ ଆହୁରି ଅନେକ ଭାରତର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।



ଚିତ୍ର ୫.୮ କ୍ୟାପଟେନ ଲକ୍ଷ୍ମୀସେହଗାଲ (ଆଗଧାଡ଼ି ମଝି) ଏବଂ ଅନ୍ୟ (INA) ସଦସ୍ୟ ସହିତ ନେତାଜୀ ସୁଭାଷଚନ୍ଦ୍ର ପୋଷ (ବାମ ଆଗଧାଡ଼ି)

## ୫.୪.୧ ସାମାଜିକ ଏବଂ ସାଂସ୍କୃତିକ ନୀତି

ଇଂରେଜମାନେ ଭାରତକୁ ଆସିଥିଲେ ପ୍ରଚୁର ଲାଭ କରିବା ଆଶାରେ । ଏହାର ଅର୍ଥ କଞ୍ଚାମାଲ ଖୁବ୍ ଶସ୍ତାଦରରେ କିଣି ତିଆରି ଜିନିଷକୁ ବହୁତ ଅଧିକ ମୂଲ୍ୟରେ ବିକ୍ରି କରିବା । ଇଂରେଜମାନେ ଚାହିଁଥିଲେ ଯେ, ଭାରତୀୟମାନେ ନିଜଦେଶର ଦ୍ରବ୍ୟକୁ ବ୍ୟବହାର କରିବାପାଇଁ ଶିକ୍ଷିତ ଓ ଆଧୁନିକ ହୁଅନ୍ତୁ କିନ୍ତୁ ଏତେ ପରିମାଣରେ ହୁଅନ୍ତୁ ନାହିଁ ଯାହାଦ୍ୱାରା ଇଂରେଜମାନଙ୍କ ସ୍ୱାର୍ଥ ପ୍ରତି ହାନିକାରକ ହେବ ।

ଇଂରେଜମାନଙ୍କ ମଧ୍ୟରୁ କେତେକ ଭାବୁଥିଲେ ଯେ, ପାଶ୍ଚାତ୍ୟ ଚିନ୍ତାଧାରା ହେଉଛି ଆଧୁନିକ ଓ ଉନ୍ନତ ଏବଂ ଭାରତୀୟ ଚିନ୍ତାଧାରା ପୁରୁଣା ଓ ଅନୁନ୍ନତ । ଏହା ପ୍ରକୃତରେ ଠିକ୍ ନୁହେଁ । ଭାରତୀୟମାନଙ୍କର ଏକ ଉନ୍ନତ ପରମ୍ପରାଗତ ଜ୍ଞାନ ରହିଥିଲା ଯାହାକି ବର୍ତ୍ତମାନ ମଧ୍ୟ ଉପଯୋଗୀ । ସେହି ସମୟରେ ଇଉରୋପରେ ଦଳେ ସଂସ୍କାରବାଦୀ ଥିଲେ ଯେଉଁମାନଙ୍କର ଭାରତୀୟମାନଙ୍କ ପ୍ରତି ଏକ ମାନବବାଦୀ ଚିନ୍ତାଧାରା ଥିଲା । ସେମାନେ ଚାହୁଁଥିଲେ, ଭାରତ ଆଧୁନିକ ଓ ବିକଶିତ ବିଜ୍ଞାନ ଜଗତର ଏକ ଅଂଶ ହେବା ଦରକାର । କିନ୍ତୁ ଇଂରେଜ

ସରକାର ଭାରତରେ ଦ୍ରୁତ ଆଧୁନିକତା ପ୍ରସାର କରିବାରେ ବଡ଼ ସାବଧାନ ଥିଲେ । ସେମାନେ ଭୟ କରୁଥିଲେ ଯେ, ଯଦି ଲୋକମାନଙ୍କ ଧାର୍ମିକ ଭାବନା ଓ ସାମାଜିକ ପ୍ରଥା ଉପରେ ଅତ୍ୟଧିକ ହସ୍ତକ୍ଷେପ ଘଟେ, ତେବେ ସେମାନଙ୍କ ମନରେ ବିରୋଧିଭାବ ସୃଷ୍ଟି ହେବ । ତାଙ୍କର ନିୟମ ଭାରତରେ ପ୍ରଚଳିତ କରିବା ପାଇଁ ଇଂରେଜମାନେ ଚାହୁଁଥିଲେ ଓ ଲୋକମାନଙ୍କ ମନରେ ଆଦୌ ପ୍ରତିକ୍ରିୟା ନଥିଲା । ତେଣୁ, ଯଦିଓ ସେମାନେ ପୁନର୍ଗଠନ ଆରମ୍ଭ କରିବା ଆଲୋଚନା କରୁଥିଲେ, ପ୍ରକୃତପକ୍ଷେ ଖୁବ୍‌କମ୍ ପଦକ୍ଷେପ ଗ୍ରହଣ କରାଯାଇଥିଲା ଏବଂ ସେଗୁଡ଼ିକ ମଧ୍ୟ ଆଗ୍ରହ ଶୂନ୍ୟ ଥିଲା ।

## ୫.୪.୨ ଶିକ୍ଷା ନୀତି

ଇଂରେଜମାନେ ଭାରତରେ ଇଂରାଜୀ ଭାଷାର ପ୍ରସାର ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ସେମାନେ ଏହା କରିବା ପାଇଁ ଅନେକ କାରଣ ଥିଲା । ଭାରତୀୟମାନଙ୍କୁ ଇଂରାଜୀଭାଷା ଶିକ୍ଷା ଦେବା ସେମାନଙ୍କ କୌଶଳର ଏକ ଅଂଶ ଥିଲା । ଭାରତୀୟମାନେ କମ୍ ଦରମାରେ କିରାଣୀ ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବେ ଯେଉଁ କାମ ପାଇଁ କି ଇଂରେଜମାନେ ବହୁତ ଅଧିକ ଦରମା ଦାବୀ କରୁଥିଲେ । ଏହା ଶାସନ କ୍ଷେତ୍ରରେ ଖର୍ଚ୍ଚକୁ କମାଇ ଦେବ । ଏହା ମଧ୍ୟ ଆଶା କରାଯାଉଥିଲା ଯେ, ଏହାଦ୍ୱାରା ଇଂରେଜମାନଙ୍କ ପ୍ରତି କୃତଜ୍ଞ ଥିବା ଗୋଟିଏ ଶ୍ରେଣୀର ଭାରତୀୟ ସୃଷ୍ଟି ହେବେ ଏବଂ ଅନ୍ୟ ଭାରତୀୟଙ୍କ ସହ ସମ୍ପର୍କ ରଖିବାକୁ ସମର୍ଥ ହେବେ ନାହିଁ । ଏହି ଶ୍ରେଣୀର ଭାରତୀୟମାନଙ୍କୁ ଇଂରାଜୀ ସଂସ୍କୃତି ଓ ମତାମତକୁ ଅଧିକ ପସନ୍ଦ କରିବାକୁ ଶିକ୍ଷା ଦିଆଯିବ । ଏହାଛଡ଼ା ସେମାନେ ବିଦେଶୀ ଜିନିଷର ବଜାରକୁ ବୃଦ୍ଧି କରିବା ପାଇଁ ସାହାଯ୍ୟ କରିବେ । ସେମାନେ ଚାହୁଁଥିଲେ ଦେଶରେ ସେମାନଙ୍କର ରାଜନୈତିକ ପ୍ରଭୁତ୍ୱକୁ ଦୃଢ଼ୀଭୂତ କରିବା ପାଇଁ ଶିକ୍ଷା ମାଧ୍ୟମ ହେବ । ସେମାନେ ଭାବୁଥିଲେ ଅଳ୍ପକିଛି ଶିକ୍ଷିତ ଭାରତୀୟ ସମସ୍ତଙ୍କ ମଧ୍ୟରେ ଇଂରାଜୀ ସଂସ୍କୃତିର ବିସ୍ତାର କରିପାରିବେ ଏବଂ ସେମାନେ ଏହି ଶିକ୍ଷିତ ଭାରତୀୟମାନଙ୍କ ମଧ୍ୟରେ ଶାସନ କରିବାକୁ ସକ୍ଷମ ହେବେ । ଇଂରେଜମାନେ ଇଂରାଜୀ ଜାଣିଥିବା ଭାରତୀୟମାନଙ୍କୁ କେବଳ ଚାକିରି ଦେଉଥିଲେ ଏବଂ ଏହାଦ୍ୱାରା ବହୁ ଭାରତୀୟଙ୍କୁ ଇଂରାଜୀ ଶିକ୍ଷା ପାଇବା ପାଇଁ ବାଧ କରୁଥିଲେ । ଶିକ୍ଷା ଧନୀ ଓ ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଏକଚାଟିଆ ଅଧିକାର ହୋଇଗଲା ।

୧୮୧୩ ମସିହାରେ ବ୍ରିଟିଶ୍ ପାର୍ଲାମେଣ୍ଟ ଚାର୍ଟର ଆକ୍ଟ ପ୍ରଣୟନ କଲା ଯାହାଦ୍ୱାରା ଭାରତରେ ପାଶ୍ଚାତ୍ୟ ବିଜ୍ଞାନର ପ୍ରସାର ପାଇଁ ଏକଲକ୍ଷ ଟଙ୍କା ମଞ୍ଜୁର କରାଗଲା । କିନ୍ତୁ ସଙ୍ଗେ ସଙ୍ଗେ ଗୋଟିଏ ବିବାଦ ସୃଷ୍ଟି ହେଲା । କେତେକ ଚାହିଁଲେ ଏହି ଟଙ୍କା କେବଳ ପାଶ୍ଚାତ୍ୟ ଚିନ୍ତାଧାରାରେ ପ୍ରଚାର ପାଇଁ ଖର୍ଚ୍ଚ କରାଯିବ । ଅନ୍ୟ କେତେକ ପରମ୍ପରାଗତ ଭାରତୀୟ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ । କେତେକ ଆଞ୍ଚଳିକ ଭାଷାକୁ ଶିକ୍ଷାଦାନରେ ମାଧ୍ୟମ କରିବାକୁ ସୁପାରିଶ କଲେ ଓ ଅନ୍ୟମାନେ ଇଂରାଜୀ ସପକ୍ଷରେ କହିଲେ । ଏହି ଦ୍ୱନ୍ଦ୍ୱ ମଧ୍ୟରେ ଲୋକମାନେ ଇଂରାଜୀଭାଷାକୁ ଶିକ୍ଷାର ମାଧ୍ୟମ ଓ ଇଂରାଜୀକୁ ଶିକ୍ଷାର ଏକ ବିଷୟ ଭାବରେ ଥିବା ପାର୍ଥକ୍ୟ କ'ଣ ଲକ୍ଷ୍ୟ କରି ପାରିଲେ ନାହିଁ । ଅବଶ୍ୟ ଇଂରେଜମାନେ ପାଶ୍ଚାତ୍ୟ ଚିନ୍ତାଧାରା ଓ ସାହିତ୍ୟକୁ କେବଳ ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷା ଦେବା ସପକ୍ଷରେ ସିଦ୍ଧାନ୍ତ ଗ୍ରହଣ କଲେ । ଏହିଦିଗରେ ଅନ୍ୟ ଏକ ପଦକ୍ଷେପ ହେଉଛି, ୧୯୫୪ ମସିହାର 'ଉଡସ୍ ଡେସ୍ପାଚ' । ଏହା ଭାରତର ସରକାରକୁ ଜନସାଧାରଣଙ୍କ ଶିକ୍ଷାର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ହେଲା । ଉଡ଼ସ୍ ଡେସ୍ପାଚଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ଅଂଶ ସ୍ୱରୂପ ଶିକ୍ଷା ବିଭାଗ ସମସ୍ତ ପ୍ରଦେଶରେ ପ୍ରତିଷ୍ଠିତ ହେଲା ଓ ସହବନ୍ଧିତ ବିଶ୍ୱବିଦ୍ୟାଳୟମାନ ୧୮୫୭ ମସିହାରେ କଲିକତା, ମାନ୍ଦ୍ରାଜ ଓ ବମ୍ବେରେ ଖୋଲାଗଲା । ଅନେକ ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ଅଳ୍ପ କିଛି ଇଂରାଜୀ ମାଧ୍ୟମ ସ୍କୁଲ ଓ କଲେଜ ଖୋଲାଗଲା । ସେମାନେ ସାଧାରଣ ଜନତାଙ୍କ ଶିକ୍ଷାକୁ ଉପେକ୍ଷା କଲେ । କିନ୍ତୁ ପ୍ରକୃତ ପକ୍ଷେ ଭାରତୀୟ ଲୋକମାନଙ୍କର ଆବଶ୍ୟକତା ପୂରଣ ପାଇଁ ଏହା ଯଥେଷ୍ଟ ନଥିଲା ।

ଯଦିଓ ଇଂରେଜମାନେ ଭାରତରେ ଏକ ଆଗ୍ରହ ଶୂନ୍ୟ ଶିକ୍ଷାନୀତି ଗ୍ରହଣ କଲେ, ଇଂରାଜୀ ଭାଷା ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମାଜ ଉପରେ କେତେକ ସକାରାତ୍ମକ ପ୍ରଭାବ ପଡ଼ିଲା । ଅନେକ ସଂସ୍କାରକ ଯଥା ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସାର୍‌ସୟଦ ଅହମ୍ମଦ ଖାଁ ଓ ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଚିନ୍ତାଧାରାର ଉଦାରବାଦ ଓ ଗଣତନ୍ତ୍ରକୁ ଗ୍ରହଣ କଲେ ଏବଂ ସେସମୟର କେତେକ ଅମାନବୀୟ ସାମାଜିକ ଓ ଧାର୍ମିକ ପରମ୍ପରାର ପରିବର୍ତ୍ତନ ପାଇଁ ଏହାକୁ ବ୍ୟବହାର କଲେ । ଯଦିଓ ଶିକ୍ଷା ଜନସାଧାରଣଙ୍କ ପାଖରେ ପହଞ୍ଚିପାରିଲା ନାହିଁ, କିନ୍ତୁ କେତେକ ସାମ୍ରାଜ୍ୟବାଦ ବିରୋଧି ଚିନ୍ତାଧାରା, ଜାତୀୟତା, ସାମାଜିକ ଓ ଅର୍ଥନୈତିକ ସମାନତାର ବୀଜବପନ ରାଜନୈତିକ ଦଳଗୁଡ଼ିକ, ଆଲୋଚନା ଏବଂ ସାଧାରଣ ସ୍ଥାନରେତର୍କ ଆଲୋଚନା ଓ ସମ୍ବାଦ ସଂସ୍ଥା ଦ୍ୱାରା କରାଯାଇଥିଲା ।

ଇଂରାଜୀଭାଷା ଓ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଭାରତୀୟମାନଙ୍କୁ ଆଧୁନିକତା ହେତୁବାଦ, ଗଣତନ୍ତ୍ର, ଉଦାର ଓ ଦେଶପ୍ରେମ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବାକୁ ସାହାଯ୍ୟ କଲା । ବିଜ୍ଞାନ, କଳା ଓ ସାହିତ୍ୟ କ୍ଷେତ୍ରରେ ନୂତନ ଜ୍ଞାନ ସେମାନଙ୍କ ପାଇଁ ମୁକ୍ତ ହେଲା । ଇଂରାଜୀ ଭାରତର ଶିକ୍ଷିତ ଲୋକମାନଙ୍କର ଭାଷା ହୋଇଗଲା । ଏହା ସେମାନଙ୍କୁ ଏକତ୍ରିତ କଲା ଏବଂ କ୍ରମେ ସେମାନଙ୍କୁ ସେମାନଙ୍କର ଅଧିକାର ପାଇଁ ରାଜନୈତିକ ସଚେତନତା ସୃଷ୍ଟିକଲା । ଏହା ମଧ୍ୟ ଭାରତୀୟମାନଙ୍କୁ ଇଂଲଣ୍ଡରେ ପଢ଼ିବା ଓ ସେଠାରେ ଗଣତାନ୍ତ୍ରିକ ଅନୁଷ୍ଠାନର କାର୍ଯ୍ୟ ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ସୁଯୋଗ ଆଣିଦେଲା । ଜନ୍‌ଲକ, ରସକିନ୍, ମିଲ, ରଷୋ ଏବଂ ଆହୁରି ଅନେକ ସେମାନଙ୍କ ଭିତରେ ସ୍ୱାଧୀନତା, ସମାନତା, ଭ୍ରାତୃଭାବ, ମାନବିକ ଅଧିକାର ଏବଂ ସ୍ୱାଧୀନ ସରକାର ଆଦି ଚିନ୍ତାଧାରା ଉଦ୍ରେକ କରାଇଲେ । ଫ୍ରାନ୍‌ସ ଓ ଆମେରିକା ବିପ୍ଳବ ଓ ଜର୍ମାନୀ ଏବଂ ଇଟାଲୀର ଏକତ୍ରୀକରଣ ପୁନର୍ବାର ସେହି ଚିନ୍ତାଧାରା ପ୍ରତି ତାଙ୍କର ଆଦରକୁ ଆହୁରି ଦୃଢ଼ୀଭୂତ କଲା । କାଭୁର, ଗାରିବାଲଡିଓ ମାଜିନି ସେମାନଙ୍କର ଅତିପ୍ରିୟ ନାୟକ ହେଲେ । ସେମାନେ ଭାରତରେ ଏହି ଚିନ୍ତାଧାରାର ଉଦ୍ରେକ ପାଇଁ ଇଚ୍ଛା କଲେ । ମାକ୍ସମୁଲାର ଓ ଆନିବେସାନ୍ତ ଭଳି ପାଶ୍ଚାତ୍ୟ ଚିନ୍ତାନାୟକ ଭାରତୀୟ ପରମ୍ପରା ଓ ସଂସ୍କୃତି ପ୍ରତି ଗର୍ବ ଭାବର ଚେତନା ସୃଷ୍ଟି କରିବା ପାଇଁ ମାତୃଭାଷା ଓ ରଚନାତ୍ମକ କାର୍ଯ୍ୟଗୁଡ଼ିକୁ ଉତ୍ସାହିତ କଲେ । ଏହା ଭାରତୀୟମାନଙ୍କୁ ସେମାନଙ୍କର ପ୍ରାଚୀନ ସଂସ୍କୃତିର ପୁନରୁଦ୍ଧାର ପାଇଁ ସକ୍ଷମକଲା । ଆଉମଧ୍ୟ ରାଜନୈତିକ ଜାଗରଣ ଓ ଚିନ୍ତାଧାରାର ବିନିମୟକୁ ଉଦ୍ରେକ କରାଇବା କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ପ୍ରଣିଧାନର ଯୋଗ୍ୟ । ସମ୍ବାଦ ପତ୍ର ଏବଂ ପତ୍ରିକାଗୁଡ଼ିକ ଚିନ୍ତାଧାରା ଓ ସମସ୍ୟାଗୁଡ଼ିକରେ ଭାଗ ନେବା ପାଇଁ ସୁଯୋଗ ଆଣିଦେଲା । ସେହିପରି ଉପନ୍ୟାସ, ନାଟକ, କ୍ଷୁଦ୍ରଗଳ୍ପ, କବିତା, ସଙ୍ଗୀତ, ନୃତ୍ୟ, ଅଭିନୟ, କଳା ଓ ଚଳଚିତ୍ର ଆଦି ଏହି ଚିନ୍ତାଧାରାର ପ୍ରସାର କଲା ଓ ଔପନିବେଶିକ ଶାସନ ପ୍ରତି ବିରୋଧାଭାବ ପ୍ରକାଶ କଲା । ସେମାନେ ଲୋକମାନଙ୍କ ଭାଷା କହିଲେ ଓ ସେମାନଙ୍କର ନିତିଦିନିଆ ଜୀବନ, ଆନନ୍ଦ ଓ ଦୁଃଖକୁ ନିଜ ଭିତରେ ସାଇତି ରଖିଲେ । ସମ୍ବାଦପତ୍ର ଓ ପତ୍ରିକା ସହିତ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ, ଆତ୍ମସମ୍ମାନ, ସଚେତନତା ଓ ଦେଶାତ୍ମବୋଧ ଭାବର ଉଦ୍ରେକ ହେଲା ଏବଂ ଯାହାଫଳରେ ଜାତୀୟ ସଚେତନତା ଭାବ ଉଦ୍ରେକ ହେଲା ।

### ? ତୁମେ ଜାଣ କି

ଭାରତୀୟ ଲୋକମାନଙ୍କର ନାଟକ ସମାଜ ୧୯୪୩ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ବିବାଦ ଓ ବିରୋଧି ପ୍ରକାଶ ପାଇଁ ଏହା ସଙ୍ଗୀତକୁ ଏକ ପୂର୍ଣ୍ଣାଙ୍ଗ ମାଧ୍ୟମ ଭାବରେ ବ୍ୟବହାର କରୁଥିଲା ଏବଂ ଏପରିକି ସ୍ୱାଧୀନତା ପରେ ମଧ୍ୟ ତାର ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଶୋଷଣ ସମ୍ପର୍କରେ ସଚେତନତାଠାରୁ ଆରମ୍ଭକରି

କୃଷକମାନଙ୍କର ତ୍ୟାଗକୁ ଅମର ରଖିବା, ୧୮୫୭ର ବିଦ୍ରୋହ ଏବଂ ଅମୃତସରର ଜାଲିଓ୍ୱାନାବାଗରେ ଗଣହତ୍ୟା ପର୍ଯ୍ୟନ୍ତ ସଂଗୀତର ସୀମା ପରିବ୍ୟାପ୍ତ ଥିଲା । ତାଙ୍କ ଗୀତ ମାଧ୍ୟମରେ ସେ ଯୁଦ୍ଧ ଓ ହିଂସାର ଅର୍ଥହୀନତା ଉଦ୍ଧାର କରିଥିଲେ ଏବଂ ଭାରତର ବିଭାଜନକୁ ବିରୋଧ କରିଥିଲେ ।

ଇଂରେଜମାନେ ସେମାନଙ୍କର ଶାସନକୁ ପ୍ରଭାବଶାଳୀ କରିବା ପାଇଁ ବିଭିନ୍ନ ପ୍ରକାରର କୌଶଳ ଚିନ୍ତା କଲେ । ଓ୍ୱାରେନ୍‌ହେଷ୍ଟିଙ୍ଗସ୍, ଉଇଲିୟମଜୋନ୍‌ସ, ଦନାଥନ ଡୁନକାନ ଓ ଅନ୍ୟମାନଙ୍କ ଭଳି ପୂର୍ବବର୍ତ୍ତୀ ଇଂରେଜ ପ୍ରଶାସକମାନେ ଭାରତର ଅତୀତକୁ ମହିମାନ୍ୱିତ କରିଥିଲେ । ଏହି ପଣ୍ଡିତ ଓ ପ୍ରଶାସକମାନଙ୍କୁ ପ୍ରାଚ୍ୟ ଶାସ୍ତ୍ରଜ୍ଞ କୁହାଯାଉଥିଲା । ସେମାନେ ଭାବୁଥିଲେ ଯଦି ସେମାନେ ଭାରତୀୟଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଭଲ ଭାବରେ ବୁଝିବେ, ଏହା ସେମାନଙ୍କୁ ଭାରତ ଶାସନ କରିବା ପାଇଁ ସୁବିଧାଜନକ ହେବ । ଯେଉଁ ମୁଖ୍ୟ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଉଦ୍ୟମ ପାଇଁ ବିଶେଷ ଚିହ୍ନିତ ହୋଇଥିଲେ, ସେଗୁଡ଼ିକ ହେଉଛି, ୧୭୮୧ରେ ଓ୍ୱାରେନ୍‌ହେଷ୍ଟିଙ୍ଗସ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ କଲିକତା ମାଦ୍ରାସା, ୧୭୮୪ରେ ଉଇଲିୟମ ଜୋନ୍‌ସଙ୍କ ଦ୍ୱାରା ପ୍ରତିଷ୍ଠିତ ବନାରସ ସଂସ୍କୃତ ମହାବିଦ୍ୟାଳୟ ଏବଂ ୧୮୦୦ ମସିହାରେ ଓ୍ୱେଲସେଲେଙ୍କ ଦ୍ୱାରା ପ୍ରତିଷ୍ଠିତ ଫୋର୍ଟ ଉଇଲିୟମ କଲେଜ । ଏହି ଅନୁଷ୍ଠାନଗୁଡ଼ିକ ଯଥା ଆସଏଟିକ୍ ସୋସାଇଟି ଏବଂ ଫୋର୍ଟ ଉଇଲିୟମ କଲେଜ ଭାରତୀୟ ସଂସ୍କୃତି, ଭାଷା ଓ ସାହିତ୍ୟ ଶିକ୍ଷାର ଉପକେନ୍ଦ୍ରରେ ପରିଣତ ହୋଇଥିଲା । ପ୍ରଥମଥର ପାଇଁ ବିଶିଷ୍ଟ ପ୍ରାଚୀନ ସଂସ୍କୃତ ଲେଖକମାନେ ଯଥା କାଳିଦାସ ସାରା ପୃଥିବୀରେ ପରିଚିତ ହେଲେ ଯେତେବେଳେ ତାଙ୍କର ଚିରସ୍ଥାୟୀ ପାଣ୍ଡିତ୍ୟପୂର୍ଣ୍ଣ ଲେଖାକୁ ଇଂରାଜୀରେ ଅନୁବାଦ କରାଗଲା ।

## ତୁମ ପାଇଁ କାର୍ଯ୍ୟ ୫.୩

ଏହି ସମୟ ମଧ୍ୟରେ କେତେକ ବ୍ୟକ୍ତିବିଶେଷ ଥିଲେ ଯେଉଁମାନେକି ଭାରତର ସଂସ୍କୃତି ଜ୍ଞାନ, ପରମ୍ପରାର ମହତ୍ତ୍ୱବୃଦ୍ଧି ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନିମ୍ନରେ କେତେକ ବିଶିଷ୍ଟ ବ୍ୟକ୍ତି ଯେଉଁମାନଙ୍କର ଅବଦାନ ସାରା ବିଶ୍ୱରେ ପରିଚିତ, ସେମାନଙ୍କର ଏକ ତାଲିକା ପ୍ରଦାନ କରାଯାଇଛି । ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଅଧିକ ସୂଚନା ପାଇବା ପାଇଁ ଲାଇବ୍ରେରୀ ଓ ଇଣ୍ଟରନେଟ୍ ଦେଖି ସୂଚନା ସଂଗ୍ରହ କର ।

୧. ଆର୍ଯ୍ୟଭଟ୍ଟ
୨. ଚରକ
୩. ମୈତ୍ରେୟୀ
୪. ଗାର୍ଗୀ

ତୁମେ କିପରି ଭାବୁଛ ଯେ, ନିଜର ଅତୀତ ଇତିହାସକୁ ନେଇ ଗର୍ବ କରିବା ଓ ଆତ୍ମସମ୍ମାନ ଫେରିପାଇବା ପାଇଁ ଏହା ନିଶ୍ଚିତ ଭାବରେ ଭାରତୀୟମାନଙ୍କୁ ସାହାଯ୍ୟ କରିଥିଲା ?

### ୫.୪.୩ ସଂସ୍କାର ଆନ୍ଦୋଳନର ପ୍ରଭାବ

କିପରି ସାମାଜିକ ଓ ଧାର୍ମିକ ସଂସ୍କର ଆନ୍ଦୋଳନ ଜାତୀୟ ଆନ୍ଦୋଳନରେ ପରିଣତ ହେଲା ? ସଂସ୍କାରକମାନଙ୍କର କ୍ରମାଗତ ଉଦ୍ୟମର ସମାଜ ଉପରେ ପ୍ରବଳ ପ୍ରଭାବ ଥିଲା । ଧାର୍ମିକ ପୁନର୍ଗଠନ ଆନ୍ଦୋଳନ ଭାରତୀୟମାନଙ୍କ

ମନରେ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ଦେଶପାଇଁ ଗର୍ବ କରିବାର ଭାବନା ଉନ୍ନତ କଲା । ଏହି ସଂସ୍କାର ଆନ୍ଦୋଳନ ଆଧୁନିକ ପୃଥିବୀ ସହ ପରିଚିତ କରାଇବା ପାଇଁ ଅନେକ ଭାରତୀୟଙ୍କୁ ସାହାଯ୍ୟ କଲା । ସଂସ୍କାରକମାନେ ଅନୁଭବ କଲେ ଯେ, ଆଧୁନିକ ଚିନ୍ତାଧାରା ଓ ସଂସ୍କୃତି ଭଲଭାବରେ ଗ୍ରହଣ କରିହେବ, ଯଦି ସେମାନେ ଭାରତୀୟ ସଂସ୍କୃତି ସ୍ରୋତରେ ନିଜକୁ ସାମିଲ କରିପାରିବେ । ସେ ମଧ୍ୟ ଦେଶର ଅନ୍ୟମାନଙ୍କୁ ଉପଲବ୍ଧି କରିବାକୁ ସାହାଯ୍ୟ କରୁଥିଲେ ଯେ, ସମସ୍ତ ଆଧୁନିକ ଚିନ୍ତାଧାରା ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧର ବିରୋଧି ନୁହେଁ । ଆଧୁନିକ ଶିକ୍ଷାର ପ୍ରଚଳନ ଭାରତୀୟମାନଙ୍କୁ ବୈଜ୍ଞାନିକ ଓ ଯୁକ୍ତିବାଦୀ ଚିନ୍ତାଧାରା ପ୍ରତି ଆକୃଷ୍ଟ କଲା । ଭାରତୀୟମାନେ ନିଜର ସ୍ୱତନ୍ତ୍ର ପରିଚୟ ପ୍ରତି ସଚେତନ ହେଲେ ଯାହା ପରିଶେଷରେ ସେମାନଙ୍କୁ ଇଂରେଜମାନଙ୍କ ବିରୁଦ୍ଧରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏକତ୍ରିତ ଭାବରେ ଲଢ଼ିବାକୁ ପ୍ରେରଣା ଦେଇଥିଲା ।

## ୫.୪.୫ ଇଂରେଜ ଶାସନ ଏବଂ ନ୍ୟାୟିକ ବ୍ୟବସ୍ଥା

ଭାରତୀୟମାନେ ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ନୂତନ ଶାସନ ପଦ୍ଧତି ସହ ନିଜକୁ ଖାପଖୁଆଇବା କଷ୍ଟକର ହେଲା । ଭାରତୀୟମାନଙ୍କୁ ସେମାନଙ୍କର ରାଜନୈତିକ ଅଧିକାର ପ୍ରଦାନ କରାଯାଇନଥିଲା ଏବଂ ବ୍ରିଟିଶ କର୍ମଚାରୀମାନେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ । ଭାରତୀୟମାନଙ୍କୁ ସମସ୍ତ ସାମରିକ ଓ ବେସାମରିକ ପ୍ରଶାସନରେ ଉଚ୍ଚପଦବୀରେ ନିଯୁକ୍ତ ଦିଆଯାଉ ନଥିଲା ।

ଇଂରେଜମାନେ ମଧ୍ୟ ଭାରତରେ ଗୋଟିଏ ନୂତନ ପଦ୍ଧତିର ଆଇନ ଓ ବିଚାର ବ୍ୟବସ୍ଥା ପ୍ରବର୍ତ୍ତନ କଲେ । ବିଭିନ୍ନ ସ୍ତରର ରାଜସ୍ୱ ଓ ଫୌଜଦାରୀ ଅଦାଲତ ସ୍ଥାପିତ ହେଲା । ଆଇନଗୁଡ଼ିକ ଲିପିବଦ୍ଧ ହେଲା ଏବଂ ବିଚାର ବିଭାଗକୁ ପ୍ରଶାସନିକ ବିଭାଗଠାରୁ ଅଲଗା କରିବା ପାଇଁ ଉଦ୍ୟମ କରାଗଲା । ଭାରତରେ 'ଆଇନର ଶାସନ' ପ୍ରତିଷ୍ଠା ପାଇଁ ଉଦ୍ୟମ କରାଗଲା । କିନ୍ତୁ ଏହା କେବଳ ଇଂରେଜମାନଙ୍କୁ ମନମୁଖୀ କ୍ଷମତାର ବ୍ୟବହାର ଏବଂ ଭାରତୀୟମାନଙ୍କର ଅଧିକାର ଓ ସ୍ୱାଧୀନତାରେ ହସ୍ତକ୍ଷେପ କରିବା ପାଇଁ ସାହାଯ୍ୟ କଲା । ଆଇନ ଅଦାଲତଗୁଡ଼ିକ ସାଧାରଣ ଲୋକମାନଙ୍କ ପାଇଁ ପ୍ରାୟ ଅପହଞ୍ଚ ଥିଲା । ନ୍ୟାୟ ଗୋଟିଏ ମୂଲ୍ୟବାନ ବିଷୟ ହୋଇଗଲା । ନୂତନ ନ୍ୟାୟିକ ବ୍ୟବସ୍ଥାରେ ଇଉରୋପୀୟ ଓ ଭାରତୀୟମାନଙ୍କୁ ସ୍ୱତନ୍ତ୍ର ଭାବରେ ବିଚାର କରାଯାଉଥିଲା ।

## ପାଠଗତ ପ୍ରଶ୍ନାବଳୀ ୫.୩

୧. ଠିକ୍ ଭାବରେ ଯୋଗ କର

| | |
|---|---|
| (କ) ବିଧବା ବିବାହ ଆଇନ | (୧) ୧୮୫୭ |
| (ଖ) ଚାର୍ଟର ଆଇନ | (୨) ୧୭୯୪ |
| (ଗ) ଶିକ୍ଷା ବିଭାଗ | (୩) ୧୮୧୩ |
| (ଘ) ବନାରସ ସଂସ୍କୃତ ମହାବିଦ୍ୟାଳୟ | (୪) ୧୮୫୬ |
| | (୫) ୧୮୫୫ |


୨. ଇଂରେଜମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ୟୁନ ଦୁଇଟି ଭାରତୀୟ ସଂସ୍କୃତି ଓ ଭାଷାକେନ୍ଦ୍ରର ନାମ ଲେଖ ।

୩. ଇଂରେଜ ଶାସିତ ଭାରତରେ ନାରୀମାନଙ୍କର ସ୍ଥିତିକୁ ଉନ୍ନତ କରିବା ପାଇଁ ନିଆଯାଇଥିବା ଅତିକମ୍‌ରେ ଦୁଇଟି ନ୍ୟାୟିକ ପଦକ୍ଷେପ ବର୍ଣ୍ଣନା କର ।

## ୫.୫ ପ୍ରତିବାଦ ଆନ୍ଦୋଳନ

ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଇଂରେଜ ଶାସନର ପ୍ରତିକୂଳ ପ୍ରଭାବ ଫଳରେ ଭାରତୀୟ ଲୋକମାନଙ୍କର ବିଦେଶୀମାନଙ୍କ ବିରୋଧରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହେଲା । ଏହା ଫଳରେ ସାରା ଦେଶରେ ଅନେକଗୁଡ଼ିଏ ଇଂରେଜ ବିରୋଧି ଆନ୍ଦୋଳନ ଆରମ୍ଭ ହେଲା । କୃଷକ ଏବଂ ଆଦିବାସୀମାନେ ଶୋଷଣ କରୁଥିବା ଶାସକମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଏ ବିଷୟ ବିଶେଷ ଭାବରେ ପରବର୍ତ୍ତୀ ବିଷୟଗୁଡ଼ିକରେ ଆଲୋଚିତ ହେବ । ଇଂରେଜଶାସନ ସମୟରେ ଭାରତରେ ଘଟିଥିବା ଯେଉଁ ବିପ୍ଳବଗୁଡ଼ିକୁ ଲିପିବଦ୍ଧ କରାଯାଇଛି, ଏତେ ସଂଖ୍ୟାରେ ପୂର୍ବରୁ କେବେ ହୋଇନଥିଲା । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ୭ଟି ବଡ଼ବଡ଼ ଦୁର୍ଭିକ୍ଷର ତାଲିକା କରାଯାଇଛି, ଯାହାଦ୍ୱାରା ୧୫ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । ସେହିପରି ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ମଧ୍ୟରେ ୨୪ଟି ଦୁର୍ଭିକ୍ଷ ଘଟିଥିଲା ଓ ପ୍ରାୟ ୨୦୦ ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟିଥିଲା । ସବୁଠାରୁ ଅଧିକ କ୍ଷତିକାରକ ହୋଇଥିଲା ୧୯୪୩ ମସିହାର ବଙ୍ଗଳା ଦୁର୍ଭିକ୍ଷ ଯାହାଦ୍ୱାରା ୩ ରୁ ୪ ଲକ୍ଷ ଲୋକ ମୃତ୍ୟୁବାରଣ କରିଥିଲେ । କୃଷକମାନଙ୍କ ଉପରେ ଟିକସ ବୋଝ ଜମିରୁ ଉଚ୍ଛେଦ, ବଙ୍ଗଳା ଦୁର୍ଭିକ୍ଷରୁ ବଞ୍ଚିଯାଇଥିବା ଲୋକ ଏହି ବିଦ୍ରୋହୀ ସନ୍ୟାସୀ ଓ ଫକୀର ଦଳରେ ଯୋଗଦେଲେ । ୧୭୮୩ ମସିହାରେ ବିଦ୍ରୋହୀମାନେ କମ୍ପାନୀ ଏଜେଣ୍ଟମାନଙ୍କୁ ଖଜଣା ଦେବା ବନ୍ଦ କରିଦେଲେ । ଯାହାହେଉ, ପରିଶେଷରେ ବିଦ୍ରୋହୀମାନେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ । ସେହିପରି ତାମିଲନାଡୁ, ମାଲବାର ଓ ଆନ୍ଧ୍ର ଉପକୂଳର ପୋଲିଗାରମାନେ ଓ ମାଲବାରର ମାପିଲାମାନେ ଔପନିବେଶକୁ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ଉତ୍ତରଭାରତରେ ପଶ୍ଚିମ ଉତ୍ତର ପ୍ରଦେଶ ଓ ହରିଆନାର ଜାଠମାନେ ୧୮୨୪ରେ ବିଦ୍ରୋହ କଲେ । ମହାରାଷ୍ଟ୍ର ଓ ଗୁଜୁରାଟର କୋଲିସମାନେ ବିଦ୍ରୋହ କଲେ ।

ଦେଶର ବିଭିନ୍ନ ଅଞ୍ଚଳର ଆଦିବାସୀମାନେ ମଧ୍ୟ ବିଦ୍ରୋହ କଲେ କାରଣ ଔପନିବେଶିକ ସରକାର ଆଦିବାସୀ ଅଞ୍ଚଳଗୁଡ଼ିକରେ ତାଙ୍କର ଅଧିକାର ବଢ଼ାଇବାକୁ ଲାଗିଲେ । ଏହି ଆଦିବାସୀମାନଙ୍କୁ ବିଭିନ୍ନ ପ୍ରକାର ବଳପୂର୍ବକ



ଚିତ୍ର ୫.୯ – ସାନ୍ତାଳ ବିଦ୍ରୋହ ରେଲୱେ ଇଞ୍ଜିନିୟର ଓ ସାନ୍ତାଳମାନଙ୍କ ମଧ୍ୟରେ ଲଢ଼େଇ (ଲଣ୍ଡନ ନିଉଜ ୧୮୫୬ରୁ ଗୃହୀତ)

ଅତ୍ୟାଚାର କରାଯାଉଥିଲା । ଆଦିବାସୀ ନେତାମାନେ ଯଥା ଖଣ୍ଡେଶର ଭିଲମାନେ ଓ ସିଂହଭୂମିର କୋଲିମାନେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ଯାହାହେଉ ଇଂରେଜମାନେ ସେମାନଙ୍କୁ ଅତି ଅମାନୁଷିକ ଭାବରେ ଦମନ କଲେ । ବଙ୍ଗଳା, ବିହାର ଏବଂ ଓଡ଼ିଶା ସୀମାରେ ଥିବା ଅତ୍ୟାଚାରିତ ସାନ୍ତାଳମାନେ ମଧ୍ୟ ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହ କଲେ କାରଣ ସେମାନେ ସେମାନଙ୍କର ବାସସ୍ଥାନରୁ ଉଚ୍ଛେଦ କରାଗଲା । ସେମାନେ ସେମାନଙ୍କର ସ୍ୱତନ୍ତ୍ର ସରକାର ଗଠନ କଲେ । କିନ୍ତୁ ଇଂରେଜମାନେ ତାଙ୍କ ବିଦ୍ରୋହକୁ ଦମନ କରିଦେଲେ । ଯଦିଓ ଏହି ବିଦ୍ରୋହୀମାନେ ସଫଳ ହେଲେ ନାହିଁ, ସେମାନେ ଔପନିବେଶିକ ଶାସନର ଜନବିରୋଧି ଚରିତ୍ରକୁ ଲୋକଲୋଚନକୁ ଆଣିଲେ । ଏବେ ମଧ୍ୟ ଆମ୍ଭେମାନେ ଆମ ସମାଜରେ ବହୁ ଭେଦଭାବ ଦେଖୁଛୁ । ଅତିକମ୍‌ରେ ସମୁଦାୟ ଜନସଂଖ୍ୟାର ଏକତୃତୀୟାଂଶ ବଞ୍ଚିରହିବା ପାଇଁ ସର୍ବନିମ୍ନ ଆବଶ୍ୟକତାରୁ ବଞ୍ଚିତ । ଯଦି ତୁମେ ବର୍ତ୍ତମାନର ଏହି ପରିସ୍ଥିତିକୁ ସ୍ୱାଧୀନତା ସମୟର ପରିସ୍ଥିତି ସହ ତୁଳନା କରିବ, ତେବେ ଆମେ ବହୁତ ଉନ୍ନତି କରିଛୁ କିନ୍ତୁ ତଥାପି ଆମକୁ ଆହୁରି ଦୀର୍ଘ ପଥ ଯିବାକୁ ବାକି ଅଛି ।

## ତୁମ ପାଇଁ କାର୍ଯ୍ୟ ୫.୪

ବିଶେଷଜ୍ଞମାନଙ୍କ ବିଶ୍ଳେଷଣ ଅନୁସାରେ ୨୦୦୨ ରୁ ୨୦୦୬ ମଧ୍ୟରେ ୧୭,୫୦୦ରୁ ଉର୍ଦ୍ଧ୍ୱ କୃଷକ ଆତ୍ମହତ୍ୟା କରିଛନ୍ତି । ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, କେରଳ, ପଞ୍ଜାବ, ଛତିଶଗଡ଼, ତାମିଲନାଡୁର କୃଷକମାନେ ଆତ୍ମହତ୍ୟା କରିଥିବାର ତଥ୍ୟ ସଂଗୃହୀତ ହୋଇଛି । ମୁଖ୍ୟ କାରଣ ହେଉଛି ଫସଲହାନି ଓ ଋଣ । ଆଉ ମଧ୍ୟ ଅନେକ କୃଷକଙ୍କ ପତନ ଘଟିବାର କାରଣ ହେଉଛି, କୃଷିକୁ ତ୍ୟାଗ କରିବା । ଅଧିକ ସୂଚନା ସମ୍ବାଦପତ୍ର, ପତ୍ରିକା ଓ ଇଣ୍ଟରନେଟ୍‌ରୁ ସଂଗ୍ରହ କର କିମ୍ବା ୫, ୬ ଜଣ କୃଷକଙ୍କ ସହ ଏଭଳି ଚରମ ପଦକ୍ଷେପ ନେବାର ସାମ୍ଭାବ୍ୟ କାରଣ ସମ୍ପର୍କରେ ଆଲୋଚନା କର । ତୁମ ନିଜ ମତାମତ ମଧ୍ୟ ପ୍ରଦାନ କର ।

## ୫.୫.୧ ୧୮୫୭ ବିଦ୍ରୋହର ପ୍ରଭାବ

କୃଷକ ଓ କାରିଗରମାନଙ୍କର ଆର୍ଥିକ ପତନର ପ୍ରଭାବ ୧୭୭୦ରୁ ୧୮୫୭ ମଧ୍ୟରେ ହୋଇଥିବା ୧୨ଟି ବୃହତ୍ ଓ ଅନେକ କ୍ଷୁଦ୍ର ଦୁର୍ଭିକ୍ଷରେ ଦେଖିବାକୁ ମିଳିଥିଲା । ଏହି ସମସ୍ତ କାରଣ ଇଂରେଜ ବିରୋଧି ମନୋଭାବ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା ଯାହାକି ସର୍ବଶେଷରେ ୧୮୫୭ର ବିଦ୍ରୋହର ରୂପନେଲା । ଇଂରେଜମାନେ ସାଧାରଣ ଜନତାଙ୍କ ପ୍ରତି ସହାନୁଭୂତିଶୀଳ ନଥିଲେ, ତାଙ୍କୁ ନିଷ୍ଠୁର ଭାବରେ ଶାସନ କରୁଥିଲେ । ସେମାନଙ୍କ ଦ୍ୱାରା କେତେକ ପ୍ରଥା ଓ ପରମ୍ପରାକୁ ଲୋପ କରିବା ପାଇଁ କେତେକ ସଂସ୍କାର କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଗଲା । ତାହାଦ୍ୱାରା ଲୋକମାନେ ଭାବିଲେ ଯେ, ସରକାର ସେମାନଙ୍କୁ ଖ୍ରୀଷ୍ଟିଆନ ଧର୍ମକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛି । ଯାହାଫଳରେ ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ବିରୁଦ୍ଧରେ ବହୁ ସଂଖ୍ୟାରେ ବିଦ୍ରୋହ ମୁଣ୍ଡଟେକି ଉଠିଲା । ପରବର୍ତ୍ତୀ ଅଧ୍ୟାୟରେ ତୁମେ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ଜନପ୍ରିୟ ବିଦ୍ରୋହ ବିଷୟରେ ପଢ଼ିବ ଏବଂ ସେହି ବିଦ୍ରୋହଗୁଡ଼ିକର ପ୍ରକୃତି ଓ ଗୁରୁତ୍ୱ ବିଶ୍ଳେଷଣ କରିବ । ତୁମେ ମଧ୍ୟ ୧୮୫୭ର ବିଦ୍ରୋହ ସମ୍ପର୍କରେ ପଢ଼ିବ ଯାହାର ଜାତୀୟ ଆନ୍ଦୋଳନ ଉପରେ ଗଭୀର ପ୍ରଭାବ ଥିଲା । ପ୍ରଥମଥର ପାଇଁ ଏହା ବିଭିନ୍ନ ମତବାଦ, ଧର୍ମ ଓ ଶ୍ରେଣୀର ଲୋକମାନଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଏକାଠି କରିପାରିଥିଲା । ଏହି ବିଦ୍ରୋହ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନର ପରିସମାପ୍ତି ଘଟାଇବା ସହିତ ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ବ୍ରିଟିଶମାନଙ୍କର ନୀତିରେ ପରିବର୍ତ୍ତନ ଆଣିଲା । ଏହି ବିଦ୍ରୋହର ଗୋଟିଏ ବଡ଼ ଲାଭ ହେଉଛି, ଏହା ଜାତୀୟତାବାଦର ଉଦ୍ରେକ କରାଇଲା ।

ଭାରତୀୟମାନେ ଦେଶପାଇଁ ଜୀବନ ଦେଇଥିବା ବୀରମାନଙ୍କ ବିଷୟରେ ଜାଣିପାରିଲେ ଯାହାଫଳରେ ଅନ୍ୟମାନେ ସମୟ ଆସିବ ଯେତେବେଳେ ମୁକ୍ତ ଭାରତରେ ବାସ କରିପାରିବେ । ଏହି ବିଦ୍ରୋହ ହିନ୍ଦୁ ଓ ମୁସଲମାନମାନଙ୍କ ଭିତରେ ସମ୍ପର୍କକୁ ତିକ୍ତ କରିଥିଲା କାରଣ ଇଂରେଜମାନେକ ବିଭାଜନ ଦ୍ୱାରା ଶାସନ କରିବାର ପଦ୍ଧତି "Devide and rule" ଗ୍ରହଣ କରିଥିଲେ । ସେମାନେ ଅନୁଭବ କରିଥିଲେ ଯେ, ସେମାନେ ଭାରତରେ ତାଙ୍କର ଶାସନ ଜାରି ରଖିବାକୁ ହେଲେ ହିନ୍ଦୁ ଓ ମୁସଲମାନଙ୍କୁ ଅଲଗା କରିବା ନିହାତି ଜରୁରୀ ।

## ୫.୫.୨ ବର୍ତ୍ତମାନ ପ୍ରଭାବ

ଏହି ବିଷୟ ପାଠ କଲା ପରେ ତୁମେ ଇଂରେଜ ଶାସନ କିପରି ଭାରତୀୟ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥିଲା ସେ ବିଷୟରେ ସଚେତନ ହୋଇପାରିବ । ଏହି ରାଜନୈତିକ ଅଧିକାର ମଧ୍ୟ ଦୁଇଟି ସଂପୂର୍ଣ୍ଣ ସ୍ୱତନ୍ତ୍ର ସଂସ୍କୃତି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । କେତେକ ପରିବର୍ତ୍ତନ ଇଚ୍ଛାମୂଳକ ଭାବେ ପ୍ରବର୍ତ୍ତନ କରାଯାଇଥିଲା । କାରଣ ଇଂରେଜମାନଙ୍କର ରାଜନୈତିକ ଓ ବ୍ୟବସାୟିକ ସ୍ୱାର୍ଥ ଦୃଢ଼ୀଭୂତ ହେବ । ଆଉକେତେକ ଥିଲା ଯାହାକି ଭାରତୀୟ ଓ ପାଶ୍ଚାତ୍ୟ ସଂସ୍କୃତିର ସମନ୍ୱୟର ଉପଉପାଦାନ ଥିଲା । ବହୁ ସଂଖ୍ୟାରେ ଇଂରେଜ ଓ ଇଉରୋପୀୟ ଏହି ସମୟରେ ଆମ ଦେଶରେ ବସତି ସ୍ଥାପନ କଲେ । ଯାହା ସାଂସ୍କୃତିକ ପରିବର୍ତ୍ତନ ଆଣିଥିଲା ।

ଆମେମାନେ ବୁଝିବା ଉଚିତ ଯେ, ଆମର ବର୍ତ୍ତମାନର ଜୀବନ ଆମର ନିକଟ ଅତୀତ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ଏହି ନିକଟ ଅତୀତରେ ଇଂରେଜମାନଙ୍କର ଦେଶର ଏକ ବୃହତ ଅଞ୍ଚଳ ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ । କେତେକ ସାଂସ୍କୃତିକ ଓ ନ୍ୟାୟିକ ପରିବର୍ତ୍ତନ ଘଟୁଛି କାରଣ ଏବେ ମଧ୍ୟ ବ୍ରିଟିଶ ଶାସନ ଆମ ଜୀବନକୁ ପ୍ରଭାବିତ କରୁଛି । ରେଳ, କ୍ଲବଜୀବନ, ରାଷ୍ଟ୍ରପତି ଭାବନ ଭଳି ଆଡ଼ମ୍ବରପୂର୍ଣ୍ଣ ପ୍ରାସାଦ ଏବଂ ସଂସଦ ଭବନ ଆଦି ଭାରତରେ ବ୍ରିଟିଶ ଶାସନକୁ ସ୍ମରଣ କରାଏ । ଅନେକ ଖାଦ୍ୟପଦାର୍ଥ ଯଥା ରୁଟି, ଚା, କେକ୍ ଯାହା ଆମେ ଏବେ ବ୍ୟବହାର କରୁଛୁ, ତାହା ବ୍ରିଟିଶ ଶାସନ ସମୟର ଇଉରୋପୀୟମାନଙ୍କର ପ୍ରତ୍ୟକ୍ଷ ପ୍ରଭାବର ଫଳ । ତୁମେ ଜାଣିଲେ ବିସ୍ମିତ ହେବ ଯେ, ବହୁ ସଂଖ୍ୟାରେ ପୋଷାକ ଯାହା ଭାରତର ସହରାଞ୍ଚଳରେ ବ୍ୟବହୃତ ହେଉଛି, ତାହା ଇଂରେଜ ଶାସନ ସମୟରେ ଗ୍ରହଣ କରାଯାଇଥିଲା । ଉଦାହରଣ ସ୍ୱରୂପ ଟ୍ରାଉଜର, କୋର୍ଟ, ଟାଇ ପ୍ରଭୃତି । ଭାରତୀୟ ବେସାମରିକ ସେବାର ପ୍ରଚଳନ ଏହି ସମୟରେ ଆରମ୍ଭ ହୋଇଥିଲା । ଭାରତୀୟ ସେନାବାହିନୀରେ ଏବେ ମଧ୍ୟ ଇଉରୋପୀୟ ତାଲିମ ଓ ସଂସ୍କୃତିର କେତେକ ଦିଗ ପ୍ରଚଳିତ ରହିଛି । ଆମର ଶିକ୍ଷାଦାନ ଓ ଶିକ୍ଷାର ମାଧ୍ୟମରେ ମଧ୍ୟ ଇଂରାଜୀର ପ୍ରାଧାନ୍ୟ ରହୁଛି । ଦେଶର ଉଚ୍ଚତମ ଓ ଉଚ୍ଚନ୍ୟାୟାଳୟ ତାଙ୍କର ରାୟ ମଧ୍ୟ ଇଂରାଜୀରେ ପ୍ରଦାନ କରୁଛନ୍ତି । ଏହି ଭାଷା ଇଂରେଜ ଶାସନରୁ ଉତ୍ତରାଧିକାର ସୂତ୍ରରେ ଆମେ ପାଇଛୁ ଏବଂ ନିଜ ଦେଶରେ ଚାକିରୀ ପାଇବା ପାଇଁ ଭାରତୀୟମାନଙ୍କର ସାଧାରଣ ଭାଷା ଭାବରେ ରହିଆସିଛି ।

## ପାଠଗତ ପ୍ରଶ୍ନାବଳୀ ୫.୪

୧. ଭାରତରେ କୃଷକ ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରତିବାଦ ଆନ୍ଦୋଳନ କରିବାର ଦୁଇଟି କାରଣ ଲେଖ ।

୨. ଇଂରେଜମାନଙ୍କ "Devide and rule" ନୀତି କିପରି ଭାବରେ ଦେଶର ଜାତୀୟ ସ୍ୱାର୍ଥକୁ ପ୍ରଭାବିତ କରିଥିଲା ୩୦ଟି ଶବ୍ଦରେ ବର୍ଣ୍ଣନା କର ।

## ତୁମେ କ'ଣ ଶିଖିଲ ?

- ଇଂରେଜମାନେ ଭାରତକୁ ବ୍ୟବସାୟୀ ଭାବରେ ଆସିଥିଲେ କିନ୍ତୁ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ଅଭିଳାଷ ଥିଲା । କ୍ରମେ ସେମାନେ ପ୍ରତ୍ୟକ୍ଷ ଆକ୍ରମଣ ରାଜ୍ୟ ମିଶ୍ରଣ ଓ କୂଟନୀତି ଭଳି ବିଭିନ୍ନ ଉପାୟ ଅବଲମ୍ବନ କରି ସମୁଦାୟ ଭାରତ ଅଧିକାର କଲେ ।
- ୧୭୫୭ ମସିହାର ପଲାସୀ ଯୁଦ୍ଧ ଭାରତରେ ଇଂରେଜମାନଙ୍କର ରାଜନୈତିକ ପ୍ରାଧାନ୍ୟ ଆରମ୍ଭ ହୋଇଥିଲା । ବ୍ରିଟିଶ ଶାସନ ଭାରତୀୟମାନଙ୍କର ରାଜନୈତିକ ଓ ସାମାଜିକ ଜୀବନ ଉପରେ ଗଭୀର ପ୍ରଭାବ ବିସ୍ତାର କରିଥିଲା ।
- ବ୍ରିଟିଶ ଶାସନର ଅର୍ଥନୈତିକ ପ୍ରଭାବ ସୁଦୂର ପ୍ରସାରୀ ଥିଲା । ଏହା ଭାରତର ପାରମ୍ପରିକ ଅର୍ଥନୀତିକୁ ଧ୍ୱଂସ କରିଦେଲା ଏବଂ ଭାରତର ଧନ ଇଂଲଣ୍ଡକୁ ବୋହିନେଲା । ଇଂରେଜମାନଙ୍କର ଅର୍ଥନୀତି କୃଷକ ଓ କାରିଗର ଶ୍ରେଣୀର ଲୋକମାନଙ୍କ ଉପରେ ବିଶେଷ ପ୍ରତିକୂଳ ପ୍ରଭାବ ପକାଇଥିଲା ।
- ବ୍ରିଟିଶ ଶାସନ ଦ୍ୱାରା ଯେଉଁ ଅଶାନ୍ତି ସୃଷ୍ଟି ହେଲା । ତାହା ଫଳରେ ଇଂରେଜମାନଙ୍କ ବିରୁଦ୍ଧରେ ବହୁ ସଂଖ୍ୟାରେ ବିରୋଧି ଆନ୍ଦୋଳନ ସୃଷ୍ଟି ହେଲା । ସନ୍ୟାସୀ ଓ ଫକୀର ବିଦ୍ରୋହ, ଫରାଜୀ ଆନ୍ଦୋଳନ, ୱାହବୀ ଆନ୍ଦୋଳନ ଏବଂ ସାନ୍ତାଳ ବିଦ୍ରୋହ ପ୍ରଭୃତି ବ୍ରିଟିଶ ଶାସନ ବିରୁଦ୍ଧରେ ଆନ୍ଦୋଳନର କେତୋଟି ଉଦାହରଣ ।
- ଭାରତୀୟମାନଙ୍କର ସାମରିକ ଓ ରାଜନୈତିକ ଦୁର୍ବଳତା ପାଇଁ ୧୮୫୭ର ବିଦ୍ରୋହ ପରାଜୟରେ ପରିସମାପ୍ତି ଘଟିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ଇଂରେଜମାନଙ୍କର ରାଜସ୍ୱ ନୀତି କିପରି ଭାରତୀୟ କୃଷକମାନଙ୍କୁ କ୍ଷତି ପହଞ୍ଚାଇଥିଲା ?

୨. ଚିରସ୍ଥାୟୀ ବନ୍ଦୋବସ୍ତ ଏବଂ ମାହାଲୱାରୀ ପଦ୍ଧତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୩. ଭାରତରେ ଜାତୀୟତାବାଦ ଉତ୍‌ଥାନରେ ଇଂରାଜୀ ଶିକ୍ଷାର ଅବଦାନ କ'ଣ ?

୪. ଦେଶରେ ଇଂରାଜୀ ଶିକ୍ଷାର ସଫଳତାର କାରଣଗୁଡ଼ିକ କ'ଣ ?

୫. ତୁମେ କ'ଣ ଏକମତ ଯେ, ଏବେ ମଧ୍ୟ ଇଂରେଜମାନଙ୍କର ପ୍ରଭାବ ଦେଖିବାକୁ ମିଳୁଛି ଯଦି ହଁ, କିପରି ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୫.୧ ୧. (କ) ୪ (ଖ) ୩

୨. ସେମାନଙ୍କର ବ୍ରିଟେନରେ ଥିବା ଶିଳ୍ପ ପାଇଁ କଞ୍ଚାମାଲ ପାଇବା ଏବଂ ତିଆରି ଜିନିଷ ପାଇଁ ବଜାର ଖୋଜିବା ।

୩. ରାଜସତ୍ୱଲୋପ ନୀତି ଓ ସାମନ୍ତସନ୍ଧି

**୫.୨** ୧. (କ) ନାହିଁ, କାରଣ ଶସ୍ତା ବିଦେଶୀ ଜିନିଷ ଭାରତୀୟ ହସ୍ତତନ୍ତ ପାଇଁ ବିପଦ ଥିଲା । ଭାରତର ବୁଣାକାରମାନେ ପ୍ରଚୁର କ୍ଷତି ସହିଲେ ।

(ଖ) ନାହିଁ, କାରଣ ଉଚ୍ଚରାଜସ୍ୱ ଆଦାୟ ବହୁ କୃଷକଙ୍କୁ ଇଂରେଜଶାସନ ବିରୁଦ୍ଧରେ ବିଦ୍ରୋହ କରିବାକୁ ପ୍ରବର୍ତ୍ତାଇଲା । ଯଦିଓ ଇଂରେଜ ସାମ୍ରାଜ୍ୟ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେଲା, କିନ୍ତୁ ପରବର୍ତ୍ତୀ ସମୟରେ ରାଜନୈତିକ କ୍ଷତି ସହିଲେ ।

(ଗ) ନାହିଁ, କାରଣ ଧାନ ଓ ଗହମ ହେଉଛି ଖାଦ୍ୟ ଶସ୍ୟ ।

(ଘ) ନାହିଁ, କାରଣ ଯେତେବେଳେ କୃଷକମାନେ ଋଣ ଶୁଝିପାରୁ ନଥିଲେ, ସେତେବେଳେ ସେମାନଙ୍କର ଜମିଗୁଡ଼ିକ ମହାଜନଙ୍କ ପାଖକୁ ଚାଲିଯାଉଥିଲା ।

୨. ବାଣିଜ୍ୟିକ ବନ୍ଦର ଓ ଶିଳ୍ପ ସହରଗୁଡ଼ିକୁ ଗ୍ରାମାଞ୍ଚଳ ଯେଉଁଠାରେ କଞ୍ଚାମାଲ ଯଥା ଅର୍ଥକାରୀ ଫସଲ ହେଉଥିବା ସ୍ଥାନ ସହ ସଂଯୋଗ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସହଜ ଓ ଶୀଘ୍ର ପରିବହନ ଏବଂ ତିଆରି ଜିନିଷକୁ ବାଣିଜ୍ୟିକ ବନ୍ଦରରୁ ବିଭିନ୍ନ ବଜାରକୁ ବୋହିନେବା ।

**୫.୩** ୧. (କ) ୪ (ଖ) ୩ (ଗ) ୧ (ଘ) ୨

୨. ବଙ୍ଗଳାର ଆସିଏଟିକ୍ ସୋସାଇଟ୍ ୧୭୮୪ ମସିହାରେ ଉଇଲିୟମ ଜୋନ୍ସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଫୋର୍ଟ ଇଉଲିୟମ କଲେଜ ୧୮୦୦ ମସିହାରେ ଲର୍ଡ ୱେଲସେଲେଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

୩. ସତୀପ୍ରଥା ଯେଉଁଥିରେ ସ୍ତ୍ରୀକୁ ସ୍ୱାମୀର ଚିତାଗ୍ନିରେ ଝାସ ଦେବାକୁ ପଡୁଥିଲା, ତାହା ୧୮୨୯ ମସିହାରେ ଉଚ୍ଛେଦ କରାଗଲା । ସାରଦା ଆକ୍ଟ ଯେଉଁଥିରେ ବିବାହ ବୟସ ୧୪ ଝିଅମାନଙ୍କ ପାଇଁ ଓ ପୁଅମାନଙ୍କ ପାଇଁ୧୮କୁ ବୃଦ୍ଧି କରାଗଲା ଓ ବାଲ୍ୟ ବିବାହକୁ ବନ୍ଦ କରାଗଲା, ତାହା ୧୯୨୯ ମସିହାରେ ପାରିତ ହୋଇଥିଲା ।

**୫.୪** ୧. (କ) କୃଷକମାନଙ୍କ ଉପରେ ଅଧିକ ଟିକସ ଓ ଅଧିକ ଖଜଣା ଆଦାୟ ଏବଂ ଇଂରେଜମାନଙ୍କର ଶୋଷଣ ପ୍ରଭୃତି ।

(ଖ) ବିଭିନ୍ନ ଅନ୍ୟାୟ ଓ ବଳପୂର୍ବକ ଅଧିକାର କରିବା ନୀତି ଓ ଆଦିବାସୀ ଅଞ୍ଚଳରେ ଇଂରେଜମାନଙ୍କର କ୍ଷମତା ବୃଦ୍ଧି ।

୨. ଇଂରେଜମାନଙ୍କର ବିଭାଜିତ ଶାସନ "Devide and rule" ପଦ୍ଧତି ଦେଶକୁ ଧର୍ମ ଆଧାରରେ ବିଭାଜିତ କଲା । ଇଂରେଜମାନେ ନିଜର ଶାସନ ଚଳାଇ ରଖିବା ପାଇଁ ଦେଶୀୟ ଲୋକଙ୍କ ବିରୁଦ୍ଧରେ ଦେଶୀୟ ଲୋକଙ୍କୁ ଲଗାଇଲେ ଏବଂ ଏହା ହିନ୍ଦୁ ଓ ମୁସଲମାନ ମଧ୍ୟରେ ଥିବା ବନ୍ଧୁତ୍ୱକୁ କ୍ଷତି ପହଞ୍ଚାଇଲା ।

# ୬

# ଭାରତୀୟ – ଉପନିବେଶରେ ଧାର୍ମିକ ଓ ସାମାଜିକ ଜାଗରଣ

ତେର ବର୍ଷୀୟା ମିମି ଏବଂ ତାହାର ଜେଜ ମାଆଙ୍କର କଥୋପକଥନକୁ ପଢ଼ ।

**ମିମି :** – ଜେଜେମାଆ ଆପଣ କେଉଁ କଲେଜକୁ ଯାଉଥିଲେ ?

**ଜେଜେ ମାଆ (ମୁରୁକି ହସି) :** – ମୋର ପ୍ରିୟ ମିମି, ମୁଁ କୌଣସି କଲେଜକୁ ଯାଇ ନଥିଲି । ମୁଁ କେବଳ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲି । ତୁମ ବୟସର ହେଲା ବେଳକୁ ମୋର ବିବାହ ହୋଇଯାଇଥିଲା ।

ଯେତେବେଳେ ଜେଜେମା ପିଲାଥିଲେ ସେତେବେଳର ସାମାଜିକ ପ୍ରଥା ମିମି ମନରେ କୌତୁହଳ ସୃଷ୍ଟି କଲା । ସମୟର ପରିବର୍ତ୍ତନରେ ପ୍ରଥା ଗୁଡ଼ିକର ପରିବର୍ତ୍ତନ ମିମିକୁ ଆଶ୍ଚର୍ଯ୍ୟରେ ପକାଇଲା । ଏହି ପରିବର୍ତ୍ତନ ଆଣିବାରେ କେଉଁ ଲୋକମାନେ ଦାୟୀ ଅଟନ୍ତି ? ଏସମସ୍ତ ବିଷୟ ଏବଂ ଏହାଠାରୁ ଆହୁରି ଅଧିକ ବିଷୟ ଜାଣିବାକୁ ମିମି ଇଚ୍ଛା କଲା । ଭାରତରେ ଊନ୍‌ବିଂଶ ଏବଂ ବିଂଶ ଶତାବ୍ଦିରେ କିପରି ପରିବର୍ତ୍ତନକୁ ଉପସ୍ଥାପନ କରାଗଲା ତୁମେମାନେ ଏହି ପାଠରେ ତାକୁ ପଢ଼ିବ । ତୁମେମାନେ ଆହୁରି ମଧ୍ୟ ପଢ଼ିବ ଯେ ଏହି ପରିବର୍ତ୍ତନର ସମାଜ ଉପରେ କିପରି ପ୍ରଭାବ ପଡ଼ିଥିଲା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ –

- ଊନ୍‌ବିଂଶ ଶତାବ୍ଦୀରେ ଆମ ସମାଜରେ ପ୍ରଚଳିତ ସାମାଜିକ ପ୍ରଥାର ବିବରଣୀ ।
- ସାମାଜିକ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଊନ୍‌ବିଂଶ ଏବଂ ବିଂଶ ଶତାବ୍ଦୀରେ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିବା ପାଇଁ ହୋଇଥିବା ସାମାଜିକ –ଧାର୍ମିକ ଆନ୍ଦୋଳନ ସମ୍ବନ୍ଧରେ ଆଲୋଚନା ।
- ଜାତିପ୍ରଥା, ବାଲ୍ୟବିବାହ, ସତୀପ୍ରଥାର ପରିବର୍ତ୍ତନର ପ୍ରଭାବର ବର୍ଣ୍ଣନା ଓ ବୈଧାନିକ ଓ ଅନ୍ୟ ଉପାୟରେ ତାହାର ବିରୋଧ ।
- ଊନବିଂଶ ଶତାବ୍ଦୀରୁ ଆଗକୁ ବିଦ୍ୟାଳୟ ପାଠ୍ୟକ୍ରମରେ ସମାଜ ସଂସ୍କାରକଙ୍କ ଭୂମିକାର ଆଲୋଚନା ।
- ସଂସ୍କାରମୂଳକ ଆନ୍ଦୋଳନର ଭାରତୀୟ ସମାଜ ଉପରେ ପ୍ରଭାବର ବ୍ୟାଖ୍ୟା ।

## ୬.୧ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମାଜ

୨୦୧୨ ମସିହାରେ ତୁମେ ଯେଉଁ ଭାରତୀୟ ସମାଜକୁ ଦେଖୁଛ ତାହା ଉନ୍‌ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ଭିନ୍ନ ଥିଲା । ସମାଜର ପ୍ରଗତିରେ ବାଧା ସୃଷ୍ଟି କରିବାର ଦୁଇଗୋଟି ମୁଖ୍ୟ କାରଣ ରହିଅଛି । ପ୍ରଥମଟି ହେଲା ଶିକ୍ଷାର ଅଭାବ ଏବଂ ଦ୍ୱିତୀୟଟି ହେଲା ମହିଳାମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖିବା । ଭାରତୀୟ ସମାଜର ଅନେକ ଗୁଡ଼ିଏ ଶ୍ରେଣୀର ରକ୍ଷଣଶୀଳ ମନୋଭାବ ଥିଲା ଓ ସେମାନେ ଅନୁସରଣ କରୁଥିବା ପ୍ରଥାଗୁଡ଼ିକ ମାନବୀୟ ଦୃଷ୍ଟିକୋଣରୁ ମୂଲ୍ୟହୀନ ଅଟେ ।

### ୬.୧.୧ ଶିକ୍ଷାର ଅଭାବ (Lack of Education)

ସେ ସମୟରେ ଅଧିକାଂଶ ଲୋକ ଅଶିକ୍ଷିତ ଥିଲେ । ସାରା ପୃଥିବୀରେ ଶିକ୍ଷା ମୁଷ୍ଟିମେୟ ଲୋକଙ୍କ ହାତରେ ନ୍ୟସ୍ତ ଥିଲା । ଭାରତରେ ମଧ୍ୟ ଶିକ୍ଷା ଉଚ୍ଚବର୍ଗର ଲୋକଙ୍କ ମଧ୍ୟରେ ସୀମିତ ଥିଲା । ଭାରତରେ ବ୍ରାହ୍ମଣମାନେ ବେଦ, ଯାହାକି ସଂସ୍କୃତରେ ଲେଖାଯାଇଥିଲା, ତାହାର କେନ୍ଦ୍ରବିନ୍ଦୁ ଥିଲେ । ସେହିମାନଙ୍କୁ କେବଳ ସଂସ୍କୃତ ଜଣାଥିଲା । ଏହିମାନେ ଧାର୍ମିକ କାର୍ଯ୍ୟମାନଙ୍କୁ ନିଜ ଆୟତ୍ତରେ ରଖିଥିଲେ । ନିଜନିଜର ସ୍ୱାର୍ଥ ସାଧନ ପାଇଁ ସେମାନେ ଏହାକୁ ବିନିଯୋଗ କରୁଥିଲେ । ପୁରୋହିତ ଶ୍ରେଣୀର ଲୋକମାନେ ବ୍ୟୟବହୁଳ ପୂଜା, ଜୀବବଳି, ଜନ୍ମ ହେବା ପରେ ଏବଂ ମୃତ୍ୟୁ ହେବା ପରର ଧର୍ମ କର୍ମର ଦାୟିତ୍ୱ ନେଇଥିଲେ । ଏହାକୁ କରିବା ସମସ୍ତଙ୍କ ପାଇଁ ବାଧ୍ୟବାଧକତା ଥିଲା, କାରଣ ସେମାନେ ମୃତ୍ୟୁ ପରେ ଅଧିକ ସୁଖକର ଜୀବନ ଚାହୁଁଥିଲେ । କେହି ହେଲେ ବ୍ରାହ୍ମଣ ପୁରୋହିତମାନଙ୍କୁ ଏହା ସମ୍ବନ୍ଧରେ ପ୍ରଶ୍ନ ପଚାରି ପାରୁ ନଥିଲେ କାରଣ ସଂସ୍କୃତରେ କ'ଣ ଲେଖା ଯାଇଛି ତାଙ୍କୁ ଜଣା ନଥିଲା । ଏହିପରି ୟୁରୋପରେ 'ବାଇବେଲ' ମଧ୍ୟ ଲାଟିନ୍ ଭାଷାରେ ଲେଖା ଯାଇଥିଲା । ଏହା 'ଗିର୍ଜା'ର ଭାଷା ଥିଲା ଏବଂ ତାହାର ପୁରୋହିତ ସେହି ଅନୁସାରେ ଧାର୍ମିକ କାର୍ଯ୍ୟ ସମ୍ପାଦନ କରୁଥିଲେ । ତେଣୁକରି ଏହାର ପ୍ରତିକ୍ରିୟା ଫଳ ସ୍ୱରୂପ ୟୁରୋପ ନବଜାଗରଣ ଏବଂ ସଂସ୍କାରମୂଳକ ଆନ୍ଦୋଳନକୁ ଦେଖିଲା । ଏହି ସମ୍ବନ୍ଧରେ ଆମ୍ଭେମାନେ ପୂର୍ବରୁ ପଢ଼ିଅଛୁ । ଏହିପରିକି ସମାନତା, ସ୍ୱାଧୀନତା, ମାନବାଧିକାର ସମ୍ବନ୍ଧୀୟ ମନୋଭାବ ୟୁରୋପରେ ବିଭିନ୍ନ ବିଦ୍ରୋହ ବେଳେ ଉପସ୍ଥାପିତ କରାଯାଇଥିଲା ।

### ୬.୧.୨ ମହିଳାମାନଙ୍କ ସ୍ଥିତି

ଆଜିକାଲି ଝିଅ ଓ ମହିଳାମାନଙ୍କ ଉନ୍ନତି ପାଇଁ ଅଧିକ ସୁବିଧା ସୁଯୋଗ ରହିଅଛି । ସେମାନଙ୍କର ପଢ଼ିବା ପାଇଁ ଏବଂ ଘରୁ ବାହାରକୁ ଯାଇ କାମ କରିବାକୁ ସ୍ୱାଧୀନତା ରହିଅଛି । ଉନବିଂଶ ଶତାବ୍ଦିର ପଶ୍ଚାତ ଭାଗ ଅଧିକାଂଶ ମହିଳାମାନଙ୍କ ପକ୍ଷେ ଜୀବନ ଧାରଣ କରିବାପାଇଁ କଷ୍ଟସାଧ୍ୟ ଥିଲା । ଜନ୍ମିତ ଶିଶୁକନ୍ୟାକୁ ହତ୍ୟା କରିବା, ବାଲ୍ୟବିବାହ, ସତୀପ୍ରଥା ଏବଂ ବହୁ ବିବାହ ପ୍ରଥା ଭଳି ଅନେକ ସାମାଜିକ ପ୍ରଥା ଭାରତୀୟ ସମାଜର ଅନେକ ଜାତିରେ ପାଳନ କରାଯାଉଥିଲା । ଜନ୍ମିତ ଶିଶୁ କନ୍ୟାକୁ ହତ୍ୟା କରିବା ଗୋଟିଏ ସାଧାରଣ ଅଭ୍ୟାସ ଥିଲା । ଯେଉଁ ଝିଅମାନେ କନ୍ୟା ହତ୍ୟାରୁ ରକ୍ଷାପାଇ ଯାଉଥିଲେ ସେମାନଙ୍କୁ ଅଳ୍ପ ବୟସରେ ବୟସ୍କ ଲୋକମାନଙ୍କ ସହିତ ବିବାହ କରି ଦିଆଯାଉଥିଲା । ବହୁତ ଜାତି ଏବଂ ଧର୍ମରେ ଏକାଧିକ ପତ୍ନୀ ଗ୍ରହଣ କରିବା ଗୋଟିଏ ଧାରାରେ ପଡ଼ିଯାଇଥିଲା । ଦେଶର କେତେକ ଅଂଶରେ ସତୀପ୍ରଥା ପ୍ରଚଳିତ ଥିଲା । ବିଧବା ପତ୍ନୀଙ୍କୁ ପତିଙ୍କ ଚିତାଗ୍ନିରେ ଝାସ ଦେବାକୁ ପଡୁଥିଲା । ଯେଉଁମାନେ ପତିଙ୍କ ଚିତାଗ୍ନିରେ ଝାସ ଦେଉ ନଥିଲେ ସେମାନଙ୍କୁ ଦୟନୀୟ ଭାବରେ ଜୀବନଯାପନ କରିବାକୁ ପଡୁଥିଲା । ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ନଥିଲା । ସେମାନଙ୍କର ଶିକ୍ଷା ପ୍ରାପ୍ତିର ସୁଯୋଗ ନଥିଲା । ଏହିପରି ଭାବରେ ମହିଳାମାନଙ୍କ ସ୍ଥିତି ସମାଜରେ ବହୁତ ତଳେ ଥିଲା । ଆକ୍ରମଣକାରୀଙ୍କ ଭୟ ଏବଂ

ପରିବାରର ସମ୍ମାନହାନି ଆଉ ଗୋଟିଏ କାରଣ ଥିଲା । ଅନ୍ୟ କାରଣଗୁଡ଼ିକ ହେଲା ଯୌତୁକ, ପୈତୃକ ସମ୍ପତ୍ତିର ବଣ୍ଟୁଆରା । ଏହିସବୁ କାରଣ ଯୋଗୁଁ ମହିଳାମାନଙ୍କ ସ୍ଥିତିରେ ଅବନତି ଦେଖା ଦେଇଥିଲା ।

ଭାରତର ପ୍ରଗତି ବେଳେ କେତେକ ଅଭ୍ୟାସ ଏବଂ ଅନ୍ଧବିଶ୍ୱାସକୁ ଗ୍ରହଣ କରାଯାଉଥିବାର ପ୍ରମାଣ ରହିଥିଲା । ଲୋକମାନଙ୍କର ସାମାଜିକ ଏବଂ ଧାର୍ମିକ ସ୍ଥିତିକୁ ବଦଳାଇବା ପାଇଁ ସଂସ୍କାର ଦରକାର ଥିଲା ।

**? ତୁମେ ଜାଣ କି**

**Infanticide :** (ଶିଶୁ ହତ୍ୟା) ନବ ଜନ୍ମିତ ଜୀବନ୍ତ ଶିଶୁକୁ ହତ୍ୟା କରିବା

**Child Sex Ratio :** (ଶିଶୁଲିଙ୍ଗ ଅନୁପାତ) ଛଅ ବର୍ଷ ଆୟୁ ମଧ୍ୟରେ ଏକହଜାର ବାଳକଙ୍କ ପିଛା ବାଳିକାମାନଙ୍କର ଅନୁପାତ । ୧୯୬୧ ମସିହାରେ ୧୦୦୦ ବାଳକଙ୍କ ପିଛା ବାଳିକାମାନଙ୍କ ସଂଖ୍ୟା ୯୭୬ ଥିଲା । ୨୦୧୧ ଜନଗଣନା ଅନୁସାରେ ୧୦୦୦ ବାଳକଙ୍କ ପିଛା ବାଳିକାମାନଙ୍କ ସଂଖ୍ୟା ୯୧୪ ଥିଲା । ପୃଥିବୀର ପିଲାଙ୍କ ଅନୁପାତ ଅନୁସାରେ ଝିଅମାନଙ୍କ ସଂଖ୍ୟା ଏକ ହଜାରର ପୁଅଙ୍କ ମଧ୍ୟରେ ୯୫୦ ରହିବା କଥା ।

## ତୁମ ପାଇଁ କାର୍ଯ୍ୟ ୬.୨

୨୦୧୧ ଜନଗଣନା ଅନୁସାରେ କେରଳରେ ୧୦୦୦ ପୁରୁଷଙ୍କ ପିଛା ନାରୀମାନଙ୍କର ଅନୁପାତ ୧୦୮୪ ଥିଲା ଏବଂ ହରିୟାଣାରେ ୧୦୦୦ ପୁରୁଷଙ୍କ ପିଛା ନାରୀମାନଙ୍କର ଅନୁପାତ ୮୭୭ ଥିଲା । ଆଉ ପାଞ୍ଚଗୋଟି ରାଜ୍ୟର ନାମଲେଖ ଯେଉଁମାନଙ୍କର କି ୧୦୦୦ ପୁରୁଷଙ୍କ ପିଛା ନାରୀମାନଙ୍କ ସଂଖ୍ୟା ୯୧୪ରୁ କମ୍ ଅଛି ।

## ୬.୨ ସାମାଜିକ–ଧାର୍ମିକ ଜାଗରଣର ପରିବର୍ତ୍ତନ ପାଇଁ ପ୍ରୟାସ

ପ୍ରଭେଦ ଓ ଅସମାନତା ବିରୁଦ୍ଧରେ ଲୋକମାନଙ୍କୁ ଜାଗ୍ରତ କରିବାର କାରଣ କ'ଣ ହୋଇପାରେ ବୋଲି ତୁମେ ଭାବୁଛ ? ସଂସ୍କାରକ ରାଜାରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଜ୍ୟୋତିବା ଫୁଲେ, ସାର ସୟଦ ଅହମ୍ମଦ ଖାଁ ଏବଂ ପଣ୍ଡିତା ରମାବାଈ ବୁଝିଥିଲେ ସେ ସମାଜର ଅଜ୍ଞତା ଏବଂ ପଶ୍ଚାତଗତି ଏହାର ପ୍ରଗତି ଏବଂ ଉନ୍ନତିରେ ବାଧା ଦେବାପାଇଁ ଦାୟୀ ଅଟେ । ସେମାନେ ଯେତେବେଳେ ୟୁରୋପୀୟମାନଙ୍କ ସଂସ୍ପର୍ଶରେ ଆସିଲେ, ଜାଣିବାକୁ ପାଇଲେ ଯେ ପୃଥିବୀର ଅନ୍ୟ ଅଂଶରେ ଜୀବନଯାପନରେ ପାର୍ଥକ୍ୟ ରହିଛି । ଯେତେବେଳେ ବ୍ରିଟିଶ ଧର୍ମପ୍ରଚାରକମାନେ ଖ୍ରୀଷ୍ଟଧର୍ମ ପ୍ରଚାର ଆରମ୍ଭ କଲେ ସେମାନେ ଆମର କେତେକ ସାମାଜିକ ଏବଂ ଧାର୍ମିକ ଅଭ୍ୟାସର କଟୁ ସମାଲୋଚନା କଲେ ଏବଂ ସେ ସମ୍ବନ୍ଧରେ ପ୍ରଶ୍ନ ଉଠାଇଲେ । ସେମାନଙ୍କର ଅନେକ ମନୋଭାବକୁ ଆମ ଦେଶର ସଂସ୍କାରକମାନେ ଗ୍ରହଣ କରିନେଲେ । ସମାଜକୁ ବଦଳାଇବାର ଇଚ୍ଛାଶକ୍ତି ଏତେ ପ୍ରବଳ ଥିଲା ଯେ ସେମାନେ ଭାରତୀୟ ରକ୍ଷଣଶୀଳଙ୍କ ପ୍ରତିରୋଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେଲେ । ସମାଜରେ କେତେଗୁଡ଼ିଏ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ପାଇଁ ସେମାନେ କେତେକ ଆନ୍ଦୋଳନ ଆରମ୍ଭ କଲେ ।

ଏଗୁଡ଼ିକ ବିଜ୍ଞବ୍ୟକ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏବଂ ରାଜା ରାମ ମୋହନ ରାୟଙ୍କ ଯୋଗୁଁ ସମ୍ଭବ ହେଲା । ସେମାନେ ଧାର୍ମିକ ଧର୍ମଗ୍ରନ୍ଥ ପଢ଼ିଲେ ଏବଂ ପ୍ରଚଳିତ ଧାର୍ମିକ ଏବଂ ସାମାଜିକ ଅଭ୍ୟାସଗୁଡ଼ିକର ସମାଲୋଚନା





କଲେ । ସେମାନଙ୍କ ଅନୁସାରେ ପୁରୁଷ, ମହିଳା ଉଭୟଙ୍କ ସ୍ୱାଧୀନତା ଏବଂ ସମାନତାକୁ ଭିତ୍ତିକରି ସମାଜ ଗଠନ କରିବା ଉଚିତ । ଏହା ସେତେବେଳେ ସମ୍ଭବପର ହେବ ଯେତେବେଳେ ମହିଳାମାନଙ୍କ ମଧ୍ୟରେ ଆଧୁନିକ ଏବଂ ବୈଜ୍ଞାନିକ ଶିକ୍ଷା ପ୍ରସାର ଲାଭ କରିବ । ଏହି ଆନ୍ଦୋଳନକୁ ସାମାଜିକ ଧାର୍ମିକ ଆନ୍ଦୋଳନ କୁହାଗଲା । କାରଣ ସଂସ୍କାରକମାନେ ଅନୁଭବ କଲେ ଯେ ଯେଉଁ ପର୍ଯ୍ୟନ୍ତ ଧର୍ମରେ ସଂସ୍କାର ହୋଇନାହିଁ ସେ ପର୍ଯ୍ୟନ୍ତ ସମାଜରେ ପରିବର୍ତ୍ତନ ସମ୍ଭବପର ନୁହେଁ । ଆମ୍ଭେମାନେ ଅଧ୍ୟୟନ କରି ଜାଣିପାରିବା ଯେ କାହିଁକି ସମାଜର ଉଚ୍ଚବର୍ଗର ଲୋକମାନଙ୍କ ପାଇଁ ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେଉଥିଲା ।

## ୬.୨.୧ ଜାତିପ୍ରଥା

ଭାରତୀୟ ସମାଜରେ ବହୁ ପୁରାତନ କାଳରୁ କୌଳିକ ବୃତ୍ତିକୁ ଭିତ୍ତିକରି ଜାତିପ୍ରଥା ପ୍ରଚଳିତ ହୋଇଥିଲା । ବହୁକାଳ ଧରି ନିମ୍ନ ବର୍ଗର ଲୋକମାନଙ୍କର ଧର୍ମ ସମ୍ବନ୍ଧୀୟ ଜ୍ଞାନର ଅଭାବ ଯୋଗୁଁ ଉଚ୍ଚବର୍ଗର ଲୋକମାନେ ଧର୍ମର ବ୍ୟାଖ୍ୟା ଯାହା କରୁଥିଲେ ଅନ୍ଧ ବିଶ୍ୱାସର ବଶବର୍ତ୍ତି ହୋଇ ନିମ୍ନବର୍ଗର ଲୋକେ ତାହାକୁ ଗ୍ରହଣ କରୁଥିଲେ । ଫଳସ୍ୱରୂପ ଉଚ୍ଚବର୍ଗର ଲୋକେ ନିମ୍ନବର୍ଗର ଲୋକଙ୍କୁ ଶୋଷଣ କରୁଥିଲେ ।

ହିନ୍ଦୁ ସମାଜ ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟ ଏବଂ ଶୁଦ୍ରଙ୍କୁ ଭିତ୍ତିକରି ଗଢ଼ାଯାଇଥିଲା । ଏହି ପ୍ରଣାଳୀ ଅନୁସାରେ ଲୋକମାନେ ନିଜ ନିଜର ବୃତ୍ତି ଅନୁସାରେ ବିଭକ୍ତ ହୋଇଥିଲେ । ଲୋକେ ଯେଉଁମାନେ ଠାକୁରଙ୍କ ପୂଜା ଅର୍ଚ୍ଚନା କଲେ ସେମାନେ ବ୍ରାହ୍ମଣ ନାମରେ ପରିଚିତ ହେଲେ । ଯେଉଁମାନେ ଯୁଦ୍ଧ କରୁଥିଲେ ସେମାନଙ୍କୁ କ୍ଷେତ୍ରୀୟ କୁହାଯାଉଥିଲା । ଯେଉଁମାନେ କୃଷି ଏବଂ ବାଣିଜ୍ୟ କରୁଥିଲେ ତାଙ୍କୁ ବୈଶ୍ୟ କୁହାଯାଉଥିଲା । ଯେଉଁମାନେ ଉପରଲିଖିତ ତିନି ଶ୍ରେଣୀର ଲୋକମାନଙ୍କର ସେବା କରୁଥିଲେ ତାଙ୍କୁ ଶୁଦ୍ର କୁହାଯାଉଥିଲା । ଏହି ଜାତିପ୍ରଥା ଯାହାକି ବୃତ୍ତିକୁ ନେଇ ସୃଷ୍ଟି କରାଯାଇଥିଲା ତାହା ବଂଶାନୁକ୍ରମିକ ହୋଇଗଲା । ଜଣେ ଲୋକ ଯେ କି ଗୋଟିଏ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମଗ୍ରହଣ କରିଥିଲା, ସେ ନିଜର ବୃତ୍ତି ବଦଳାଇଥିଲେ ମଧ୍ୟ ଜାତି ବଦଳାଇ ପାରୁ ନଥିଲା । ଏହା ସମାଜରେ ଅସମାନତା ସୃଷ୍ଟି କଲା । ନିଚ୍ଚ ଜାତିର ଲୋକମାନଙ୍କୁ ଏହା ଶୋଷଣ ଆଡ଼କୁ ଆଗେଇ ନେଲା । ତେଣୁ କରି ଜାତି ପ୍ରଥା, ସୁସ୍ଥ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ସମାଜ ଗଠନ କରିବାରେ ବାଧା ସୃଷ୍ଟି କଲା ।

ଅନେକ ସାମାଜିକ ଧାର୍ମିକ ସଂସ୍କାରକ ଏବଂ ଅନୁଷ୍ଠାନମାନେ ଏହି ସାମାଜିକ ପ୍ରଥା ବିରୁଦ୍ଧରେ ଲଢ଼ିବାକୁ ଆଗେଇ ଆସିଲେ । ବ୍ରହ୍ମ ସମାଜ, ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ, ରାମକୃଷ୍ଣ ମିଶନ ଭଳି ଅନୁଷ୍ଠାନ ଏବଂ ଜ୍ୟୋତି ବା ଫୁଲେ, ପଣ୍ଡିତା ରମାବାଈ, ଶ୍ରୀନାରାୟଣ ଗୁରୁ, ପେରିୟାର, ବିବେକାନନ୍ଦ, ମହାତ୍ମାଗାନ୍ଧୀଙ୍କ ଭଳି ଆହୁରି ଅନେକ ସଂସ୍କାରକ ରକ୍ଷଣଶୀଳତାର ଦୃଢ଼ ପ୍ରତିବାଦ କଲେ । ବେଦ ଏବଂ ଅନ୍ୟ ଧର୍ମଗ୍ରନ୍ଥଗୁଡ଼ିକ ମୂଳ ଲକ୍ଷ୍ୟରୁ ଏହା ବିଚ୍ୟୁତ ହୋଇଥିବାରୁ ଜାତିପ୍ରଥାକୁ ବାରଣ କରିବାକୁ ଅନେକ ସଂସ୍କାରକ ବିଚାର କଲେ । ସେମାନେ ଜାତିପ୍ରଥାକୁ ଅଗଣତାନ୍ତ୍ରିକ ଏବଂ ଅବୈଜ୍ଞାନିକ ବୋଲି ବିଚାର କଲେ । ମାନବିକତାର ବିରୁଦ୍ଧାଚରଣ ଏହା କରୁଛି ବୋଲି ସେମାନେ ଅନୁଭବ କଲେ । ସମାଜ ସଂସ୍କାରକମାନଙ୍କର ଏହି କାର୍ଯ୍ୟ ଲୋକମାନଙ୍କୁ ପରସ୍ପର ପ୍ରତି ଅଧିକ ସହନଶୀଳ ହେବାକୁ ସାହାଯ୍ୟ କଲା ।

### ? ତୁମେ ଜାଣ କି

ଭାରତୀୟ ସମ୍ବିଧାନର ଧାରା ୧୪ରେ ବର୍ଣ୍ଣନା କରାଯାଇଅଛି ଯେ, ଏହା କୌଣସି ନାଗରିକର ଧର୍ମ, ଜାତି, ଶ୍ରେଣୀ, ଲିଙ୍ଗ, ଜନ୍ମସ୍ଥାନର ବିରୁଦ୍ଧାଚରଣ କରିବ ନାହିଁ । ଏହି ସମ୍ବିଧାନିକ ବ୍ୟବସ୍ଥା ଦେଶର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଉନ୍ନତିରେ ଅଂଶ ଗ୍ରହଣ କରିବାର ସୁବିଧା ଦେଇଅଛି ।

## ୬.୨.୨ ବ୍ୟାପକ ଧାର୍ମିକ ଅଭ୍ୟାସ

ଧର୍ମ ନାମରେ ଅଧିକାଂଶ ସାମାଜିକ ଅଭ୍ୟାସ (କାର୍ଯ୍ୟ)ଗୁଡ଼ିକୁ କରାଯାଉଥିଲା । ଏଣୁକରି ଧର୍ମ ସଂସ୍କାର ବିନା ସାମାଜିକ ସଂସ୍କାର ନିରର୍ଥକ ଥିଲା । ଆମ ସଂସ୍କାରକମାନଙ୍କର ଭାରତୀୟ ପରମ୍ପରା, ମନସ୍ତତ୍ତ୍ୱ ଏବଂ ଧାର୍ମିକତ୍ତ୍ୱ ସମ୍ବନ୍ଧରେ ଅଧିକ ଜ୍ଞାନ ଥିଲା । ପାଶ୍ଚାତ୍ୟ ମନୋଭାବ, ଗଣତନ୍ତ୍ର ଏବଂ ସମାନତା ସମ୍ବନ୍ଧୀୟ ନିୟମ ସହିତ ଭାରତୀୟ ଆସ୍ତିସୂଚନ ମୂଲ୍ୟବୋଧକୁ ଜାଣିବାକୁ ସେମାନେ ସକ୍ଷମ ହୋଇଥିଲେ । ଏହି ଜ୍ଞାନକୁ ଭିତ୍ତିକରି ସେମାନେ ଭାରତୀୟ ସମାଜରେ ଧର୍ମ ସମ୍ବନ୍ଧୀୟ ଥିବା ରକ୍ଷଣଶୀଳତା ଏବଂ ଅନ୍ଧବିଶ୍ୱାସର ଆପତ୍ତି କରିଥିଲେ । ଉନ୍ବିଂଶ ଶତାବ୍ଦୀରେ ବ୍ୟାପକ ଭାବରେ କରାଯାଉଥିବା ଧାର୍ମିକ ପ୍ରଥା ଧର୍ମଶାସ୍ତ୍ରର ବିରୁଦ୍ଧାଚରଣ କରୁଛି ବୋଲି ସେମାନେ ଦେଖାଇଲେ । ସେମାନଙ୍କ ମଧ୍ୟରୁ ବିଜ୍ଞ, ବିଚାରଶକ୍ତି ସମ୍ପନ୍ନ ବ୍ୟକ୍ତିମାନେ ପ୍ରଚଳିତ ଧର୍ମ, ଯାହାକି ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ ଏବଂ ଦୁର୍ନୀତି ଗ୍ରସ୍ତ ପୁରୋହିତଙ୍କ ଦ୍ୱାରା ଶୋଷିତ, ତାହାର ଉପରେ ପ୍ରଶ୍ନ ଉଠାଇଥିଲେ । ସଂସ୍କାରକମାନେ ଚାହିଁଲେ ଯେ ସମାଜ ଯୁକ୍ତି ସଂଗତ ଓ ବୈଜ୍ଞାନିକ କାର୍ଯ୍ୟକୁ ଗ୍ରହଣ କରୁ । ସେମାନେ ସମସ୍ତ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ମାନବିକ ସମ୍ମାନ ଏବଂ ସାମାଜିକ ସମାନତା ନିୟମ ଉପରେ ବିଶ୍ୱାସ କରିଥିଲେ ।

## ୬.୨.୩ ଶିକ୍ଷା ସମ୍ବନ୍ଧୀୟ

ଉନ୍ବିଂଶ ଶତାବ୍ଦୀରେ ବହୁତଗୁଡ଼ିଏ ପିଲା ବିଶେଷକରି ଝିଅ ପିଲାମାନଙ୍କୁ ସ୍କୁଲକୁ ପଠାଯାଉ ନଥିଲା । ଶିକ୍ଷା ପାରମ୍ପାରିକ ପାଠଶାଳା, ମଦ୍ରାସା, ମସ୍ଜିଦ୍ ଏବଂ ଗୁରୁକୁଳରେ ଦିଆଯାଉଥିଲା । ଧର୍ମ ସମ୍ବନ୍ଧୀୟ ଶିକ୍ଷା ସହିତ ସଂସ୍କୃତ, ବ୍ୟାକରଣ, ଗଣିତ, ଧର୍ମ ଏବଂ ଦର୍ଶନ ବିଷୟରେ ଶିକ୍ଷା ଦିଆଯାଉଥିଲା । ବିଜ୍ଞାନ ଏବଂ ଯାନ୍ତ୍ରିକ ଶିକ୍ଷା ବିଦ୍ୟାଳୟ ପାଠ୍ୟକ୍ରମରେ ନଥିଲା । ବହୁତଗୁଡ଼ିଏ ଅନ୍ଧ ବିଶ୍ୱାସ ସମାଜରେ ତିଷ୍ଠି ରହିଥିଲା । କେତେକ ସମ୍ପ୍ରଦାୟରେ ଝିଅମାନଙ୍କୁ ପଢ଼ିବାର ସୁଯୋଗ ଦିଆଯାଉ ନଥିଲା । ବିବାହ ପରେ ଶିକ୍ଷିତ ମହିଳାମାନେ ଶିଘ୍ର ବିଧବା ହୋଇଯିବେ, ଲୋକମାନଙ୍କର ଏହା ଧାରଣା ଥିଲା । ଭାରତୀୟମାନଙ୍କ ମଧ୍ୟରେ ଶିକ୍ଷା ଏବଂ ସଚ୍ଚେତତାର ଅଭାବ ସାମାଜିକ ଓ ଧାର୍ମିକ ଅଧଃପତନର ମୂଳ କାରଣ ଥିଲା । ତେଣୁ କରି ଆଧୁନିକ ଶିକ୍ଷା ପ୍ରସାରର ଗୁରୁତ୍ୱ ଅଧିକ ଥିଲା ।

ସମସ୍ତ ସାମାଜିକ – ଧାର୍ମିକ ସଂସ୍କାରକ, ହିନ୍ଦୁ, ମୁସଲିମ୍, ଶିଖ କିମ୍ବା ପାରସୀ ଯେଉଁ ସମ୍ପ୍ରଦାୟର ହୋଇଥାନ୍ତୁ ନା କାହିଁକି ସମସ୍ତେ ଆଧୁନିକ ଶିକ୍ଷାର ପ୍ରସାର ପାଇଁ ଲକ୍ଷ ରଖିଥିଲେ । ଆମ ସମାଜକୁ ଆଧୁନିକ ଏବଂ ଜାଗ୍ରତ କରିବା ପାଇଁ ଶିକ୍ଷା ହିଁ ଫଳପ୍ରଦ ଅସ୍ତ୍ର ବୋଲି ସେମାନେ ବିଶ୍ୱାସ କରୁଥିଲେ ।

## ପାଠଗତ ପ୍ରଶ୍ନାବଳୀ ୬.୧

୧. କେଉଁ ଦୁଇଗୋଟି ସମାଜିକ ଅଭ୍ୟାସ ବିରୁଦ୍ଧରେ ସଂସ୍କାର ଆନ୍ଦୋଳନ ଆରମ୍ଭ ହେଲା ।

୨. କାହିଁକି ଜାତିପ୍ରଥାକୁ ଅମାନବୀୟ ଏବଂ ଅବୈଜ୍ଞାନିକ ବୋଲି ବିଚାର କରାଯାଉଥିଲା ?

୩. ଧର୍ମରେ ଥିବା କଠୋରତାକୁ ସମାଲୋଚନା କରିବା ପାଇଁ ସଂସ୍କାରକଙ୍କ ପାଖରେ କ'ଣ ଭିତ୍ତିଭୂମି ଥିଲା ?

୪. ଅନୁଚ୍ଛେଦକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅ ।

ଡ଼. ଭୀମରାଓ ଆମ୍ବେଦକର ଗୋଟିଏ ଗରିବ ମାହାର ପରିବାରରୁ ଆସିଥିଲେ । ଅଛୁଆଁ ଜାତି ବୋଲି ବିବେଚିତ ହେଉଥିଲେ । ସେ ଭାରତରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଲାଭ କରିଥିଲେ । ପରେ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏବଂ ଲଣ୍ଡନର ଅର୍ଥଶାସ୍ତ୍ର ସ୍କୁଲରୁ ଶିକ୍ଷା ଏବଂ ଗବେଷଣା ପାଇଁ ଉପାଧି ଏବଂ ଡ଼କ୍ଟରେଟ ଅର୍ଜନ କରିଥିଲେ । ଭାରତୀୟ ସଂବିଧାନ ପ୍ରସ୍ତୁତିରେ ଡ୍ରାଫଟିଙ୍ଗ କମିଟିର ସେ ସଭାପତି ଥିଲେ । କଠିନ ସାମାଜିକ ଓ ଆର୍ଥିକ ସ୍ଥିତିର ସେ ସମ୍ମୁଖୀନ ହୋଇଥିଲେ । ତଥାପି ଡ଼. ଆମ୍ବେଦକର ତାଙ୍କର ସାରା ଜୀବନ ସମାଜରେ ଥିବା ଅସମାନତା ବିରୁଦ୍ଧରେ ଲଢ଼ିବାରେ ଲଗାଇ ଦେଇଥିଲେ । ତେଣୁକରି ତାଙ୍କୁ ୧୯୯୦ରେ ଭାରତ ରତ୍ନ ଉପାଧିରେ ବିଭୂଷିତ କରାଯାଇଥିଲା ।

୧. ଶିକ୍ଷା ସହିତ ଆଉ କେଉଁ ଗୁଣ ଡ଼. ଆମ୍ବେଦକରଙ୍କୁ ସମାଜରେ ଥିବା ଅସମାନତା ବିରୁଦ୍ଧରେ ଲଢ଼ି ସମାଜକୁ ସଜାଡ଼ିବାରେ ସକ୍ଷମ କରିଥିଲା ?

## ତୁମ ପାଇଁ କାର୍ଯ୍ୟ ୬.୨

ଜାତି - ଭିତ୍ତିକ ଦୁଇଗୋଟି ଅସମାନତାକୁ ଲକ୍ଷ୍ୟ କରି ଦୁଇଗୋଟି ଘଟଣା ସମ୍ବନ୍ଧରେ ତୁମର ଉତ୍ତର ୫୦ଗୋଟି ଶବ୍ଦ ମଧ୍ୟରେ ଲେଖ ।

## ୬.୩ ଊନବିଂଶ ଶତାବ୍ଦୀର ସାମାଜିକ - ଧାର୍ମିକ ସଂସ୍କାରକ

ବହୁତ ଭାରତୀୟ ଚିନ୍ତାଶୀଳ ବ୍ୟକ୍ତି ଏବଂ ସଂସ୍କାରକମାନେ ସମାଜରେ ପରିବର୍ତ୍ତନ ପାଇଁ ଆଗେଇ ଆସିଲେ । ସେମାନଙ୍କ ଅନୁସାରେ ସମାଜ ଏବଂ ଧର୍ମ ପରସ୍ପର ସହିତ ଅଙ୍ଗାଙ୍ଗିଭାବେ ଜଡ଼ିତ ଥିଲା । ଉଭୟେ ପରିବର୍ତ୍ତନ ଇଚ୍ଛା କରୁଥିଲେ ଯାହା ଦ୍ୱାରା କି ଆସ୍ତିସୂଚକ ବୃଦ୍ଧି ଏବଂ ଦେଶର ଉନ୍ନତିକୁ ହାସଲ କରାଯାଇପାରିବ । ତେଣୁକରି ଆମର ସଂସ୍କାରକମାନେ ଭାରତୀୟ ଜନତାକୁ ଜାଗ୍ରତ କରିବାକୁ ଭୂମିକା ଗ୍ରହଣ କଲେ । ସେହି ସମାଜ ସଂସ୍କାରକମାନଙ୍କ ମଧ୍ୟରୁ କେତେକ ଅନୁଷ୍ଠାନ ଗଢ଼ିଲେ ଯାହାଦ୍ୱାରା କି ଜାଗରଣର ପ୍ରସାର ଘଟିଲା । ସେହି ସଂସ୍କାରକମାନଙ୍କ ସମ୍ବନ୍ଧରେ ତୁମେ ପଢ଼ିବ । ସଂସ୍କାରକମାନଙ୍କର ଅନ୍ୟଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଶିକ୍ଷାର ପ୍ରସାର ।



ଚିତ୍ର-୬.୧ ରାଜା ରାମ ମୋହନ ରାୟ

### ୬.୩.୧ ରାଜା ରାମ ମୋହନ ରାୟ

ବଂଗର ଗୋଟିଏ ବ୍ରାହ୍ମଣ ପରିବାରରେ ରାଜା ରାମ ମୋହନ ରାୟ ଜନ୍ମ ଗ୍ରହଣ କରିଥିଲେ । ସେ ବହୁତଗୁଡ଼ିଏ ଭାଷା ଜାଣିଥିଲେ । ସେ କୋରାନ, ବାଇବେଲ, New Testament ସହିତ ହିନ୍ଦୁ ଧର୍ମଶାସ୍ତ୍ର ମଧ୍ୟ ପଢ଼ିଥିଲେ ଏବଂ ସେଥିରେ ତାଙ୍କର ଗଭୀର ଜ୍ଞାନ ଥିଲା । ଉଦାର ଶିକ୍ଷା ତାଙ୍କୁ ବିଭିନ୍ନ ସଭ୍ୟତା ଏବଂ ଦର୍ଶନ ସମ୍ବନ୍ଧରେ ଜାଣିବାକୁ ସୁଯୋଗ ଦେଇଥିଲା । ତାଙ୍କ ଭାଇଙ୍କର ବିଧବାପତ୍ନୀଙ୍କୁ 'ସତୀ' ହେବାକୁ ବାଧ୍ୟ କରାଯାଉଥିବାର ଦେଖି ସେ ବିଚଳିତ ହୋଇଯାଇଥିଲେ । ଏହି ସାମାଜିକ ପ୍ରଥାକୁ ଉଚ୍ଛେଦ କରିବାକୁ


ସେ ଦୃଢ଼ ନିଶ୍ଚିତ ହେଲେ । ସେ ସମୟରେ ସମାଜ ଏବଂ ଧର୍ମରେ ପାଳନ କରାଯାଉଥିବା କେତେକ ଅନୈତିକ ଅଭ୍ୟାସ ତାଙ୍କୁ ବିରୋଧ କରିବାକୁ ଆଗେଇ ନେଲା । ୧୮୨୮ରେ ସେ ବ୍ରାହ୍ମସମାଜର ସ୍ଥାପନା କଲେ । ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ସତୀପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହା ଶିଘ୍ର ତାଙ୍କର ସାରା ଜୀବନ ପାଇଁ ଧର୍ମ ଯୁଦ୍ଧ ହୋଇଗଲା । ଯେ ଜନମତକୁ ପ୍ରଭାବିତ କରାଇଲେ ଏବଂ ଧର୍ମ ଶାସ୍ତ୍ରମାନଙ୍କରୁ ଉଦ୍ଧାର କରି ଦେଖାଇଦେଲେ ଯେ ହିନ୍ଦୁ ଧର୍ମରେ କୌଣସି ସ୍ଥାନରେ ସତୀଦାହ କରିବାର ଉଲ୍ଲେଖ ନାହିଁ । ଏହି କାର୍ଯ୍ୟ ପାଇଁ ସେ ଅସନ୍ତୋଷର ସମ୍ମୁଖୀନ ହେଲେ, ହିନ୍ଦୁ ରକ୍ଷଣଶୀଳମାନଙ୍କର ଶତ୍ରୁ ହୋଇଗଲେ । ତାଙ୍କର ଏହି କାର୍ଯ୍ୟକୁ ଭାରତର ଗଭର୍ଣ୍ଣର ଜେନେରାଲ ଉଇଲିୟମ ବେଣ୍ଟିଙ୍କ ସମର୍ଥନ କରିଥିଲେ । ୧୮୨୯ ମସିହାରେ ସତୀଦାହ ପ୍ରଥାକୁ ବେଆଇନ୍ ଘୋଷଣା କରାଗଲା ଏବଂ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରାଗଲା । ସେ ବିଧବା ବିବାହ ପ୍ରଚଳନ କରିବାକୁ ଚାହୁଁଥିଲେ ଏବଂ ବାଲ୍ୟ ବିବାହ ଉଚ୍ଛେଦ କରିବାକୁ ସେ କାର୍ଯ୍ୟ କରିଥିଲେ ।

ସେ ପୂର୍ବ ପଶ୍ଚିମ ଭାବନାର ଏକ ସଂଶ୍ଲେଷଣ ଉପସ୍ଥାପନ କରିଥିଲେ । ବେଦ ବେଦାନ୍ତ ଏବଂ ଉପନିଷଦ ଉପରେ ସେ ନିଜର କର୍ତ୍ତୃତ୍ୱ ଜାହିର କରିଥିଲେ । ସେ ସମସ୍ତ ଧର୍ମରେ ଥିବା ସର୍ବଶ୍ରେଷ୍ଠ କଥାକୁ ପ୍ରକାଶ କରିଥିଲେ କାରଣ ତାଙ୍କର ସମସ୍ତ ଧର୍ମଗ୍ରନ୍ଥ ସମ୍ବନ୍ଧରେ ଭଲ ଜ୍ଞାନ ଥିଲା । ସେ ବେଦର ଗୁରୁତ୍ୱ ଉପରେ ଯୁକ୍ତି ବାଢ଼ିଥିଲେ ଏବଂ ସବୁଧର୍ମର ମୂଳତତ୍ତ୍ୱ ସହିତ ବେଦକୁ ଉଲ୍ଲେଖ କରିଥିଲେ । ସେ ପ୍ରଧାନ ପ୍ରାଚୀନ ହିନ୍ଦୁ ଧର୍ମଗ୍ରନ୍ଥଗୁଡ଼ିକରେ ଏକ ଈଶ୍ୱରଙ୍କୁ ପୂଜା କରିବା ଏବଂ ଏକାଧିକ ଦେବାଦେବୀଙ୍କ ପୂଜାକୁ ବାରଣ କରାଯାଇଥିବା ବିଷୟରେ ଲେଖାଥିବାର ଦୃଷ୍ଟାନ୍ତ ଦେଇଥିଲେ । ସେ ମୂର୍ତ୍ତି ପୂଜା ଏବଂ ଖର୍ଚ୍ଚ ବହୁଳ ଅର୍ଥହୀନ ପୂଜା ପଦ୍ଧତିକୁ ସମାଲୋଚନା କରିଥିଲେ ।

ସେ ଇଂରାଜୀ ଭାଷା, ସାହିତ୍ୟ, ପ୍ରଗତିଶୀଳ ବିଜ୍ଞାନ, ଯାନ୍ତ୍ରିକ ଶିକ୍ଷା ପ୍ରଚଳନ ପାଇଁ ଯୁକ୍ତି ବାଢ଼ିଥିଲେ । କାରଣ ଏହାଦ୍ୱାରା ଭାରତକୁ ଆଧୁନିକରଣ କରାଯାଇପାରିବ । ସେ ନିଜ ଖର୍ଚ୍ଚରେ କୋଲକାତାଠାରେ ଗୋଟିଏ ଇଂରାଜୀ ବିଦ୍ୟାଳୟ ଚଳାଇଥିଲେ । ଅନ୍ୟ ବିଷୟମାନଙ୍କ ସହିତ ଯନ୍ତ୍ରବିଜ୍ଞାନ ଏବଂ ଦର୍ଶନ ବିଷୟରେ ଶିକ୍ଷା ସେଠାରେ ଦିଆଯାଉଥିଲା । ତାଙ୍କ ଉଦ୍ୟମରେ ୧୮୨୫ ମସିହାରେ ଗୋଟିଏ ବେଦାନ୍ତ କଲେଜ ଖୋଲା ଯାଇଥିଲା । ରାଜା ରାମମୋହନ ରାୟ କୋଲକାତାରେ ଉଚ୍ଚଶିକ୍ଷା ପାଇଁ ଗୋଟିଏ ହିନ୍ଦୁ କଲେଜ ଖୋଲିବାକୁ ସାହାଯ୍ୟ କରିଥିଲେ ।

## ୬.୩.୨ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଜଣେ ଶ୍ରେଷ୍ଠ ପଣ୍ଡିତ ଓ ସଂସ୍କାରକ ଥିଲେ । ସେ ତାଙ୍କର ସାରାଜୀବନ ସମାଜ ସଂସ୍କାର ପାଇଁ ଉତ୍ସର୍ଗ କରି ଦେଇଥିଲେ । ତାଙ୍କର ଉଦ୍ୟମ ଯୋଗୁଁ ୧୮୫୬ ମସିହାରେ ବିଧବା ପୁନଃ ବିବାହ ଆଇନ ଉପସ୍ଥାପିତ ହୋଇଥିଲା । ସେ ବାଲ୍ୟ ବିବାହ ଏବଂ ବହୁ ବିବାହକୁ ବିରୋଧ କରୁଥିଲେ । ସେ ଧର୍ମ ସମ୍ବନ୍ଧୀୟ ପ୍ରଶ୍ନ ସହିତ ଜଡ଼ିତ ନଥିଲେ ମଧ୍ୟ ଯେଉଁମାନେ ଧର୍ମନାମରେ ସଂସ୍କାରର ବିରୋଧ କରୁଥିଲେ ସେ ସେମାନଙ୍କର କଥାର ବିରୋଧ କରୁଥିଲେ ।


ଚିତ୍ର–୬.୨ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର

ସେ ଯଦିଓ ସଂସ୍କୃତ ପଣ୍ଡିତ ଥିଲେ । ତଥାପି ତାଙ୍କ ମନକୁ ପାଶ୍ଚାତ୍ୟ ଭାବନା ପାଇଁ ଉନ୍ମୁକ୍ତ ରଖିଥିଲେ । ଶିକ୍ଷା ସମ୍ବନ୍ଧରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଅଟେ । ସେ ସଂସ୍କୃତ ଏବଂ ବଙ୍ଗଳା ଶିକ୍ଷାକୁ ଉତ୍ସାହିତ କରୁଥିଲେ । ଭାରତୀୟମାନଙ୍କ ମଧ୍ୟରେ ରହିଥିବା ବହୁ ବର୍ଗର ବିଶ୍ୱାସର ପରିବର୍ତ୍ତନ ପାଇଁ ସେ ସଂସ୍କୃତ କଲେଜରେ ପାଶ୍ଚାତ୍ୟ ଭାବଧାରାକୁ ପ୍ରବେଶ କରାଇଥିଲେ

ଯାହାର ଫଳ ସ୍ୱରୂପ ଭାରତୀୟମାନେ ସେମାନଙ୍କ ଭାବଧାରାକୁ ଆଧୁନିକରଣ କରିପାରିବେ । ଶିକ୍ଷା ଦ୍ୱାରା ମହିଳାମାନଙ୍କ ଅବସ୍ଥା ବଦଳି ଯିବ ବୋଲି ସେ ବିଶ୍ୱାସ କରୁଥିଲେ । ତାଙ୍କ ଏ ସମ୍ବନ୍ଧୀୟ ଚେଷ୍ଟା ପ୍ରଶଂସନୀୟ ଅଟେ । ସେ ବଙ୍ଗରେ ପ୍ରାୟ ୩୫ ଗୋଟି ବାଳିକା ବିଦ୍ୟାଳୟ ଖୋଲିବାରେ ସାହାଯ୍ୟ କରିଥିଲେ । ସେ ସ୍ତ୍ରୀ ଶିକ୍ଷାର ପ୍ରସାର ପାଇଁ ପ୍ରଚାର କରୁଥିଲେ । ତାଙ୍କ ପ୍ରଚେଷ୍ଟାରେ ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ ବର୍ଗର ପିଲାମାନେ ସଂସ୍କୃତ କଲେଜରେ ପଢ଼ିବା ସମ୍ଭବପର ହୋଇ ପାରିଥିଲା ।

## ୬.୩.୩ ସ୍ୱାମୀ ଦୟାନନ୍ଦ ସରସ୍ୱତୀ


ଚିତ୍ର–୬.୩ ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ଉତ୍ତର ଭାରତରେ ହିନ୍ଦୁ ଧର୍ମରେ ସଂସ୍କାର ଆଣିବା ପାଇଁ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ' ସ୍ଥାପନା କରିଥିଲେ । ବେଦ ସବୁ ଜ୍ଞାନର ମୂଳଦୁଆ ବୋଲି ସେ ଅକାଟ୍ୟ ବିଚାର କରୁଥିଲେ । ସମସ୍ତ ଧର୍ମିକ ଭାବଧାରା ଯାହାକି ବେଦ ସହିତ ଦ୍ୱନ୍ଦ ସୃଷ୍ଟି କରୁଛି ତାକୁ ସେ ବିରୋଧ କରୁଥିଲେ କରିଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କର ଈଶ୍ୱରଙ୍କ ସଙ୍ଗରେ ସିଧାସଳଖ ସମ୍ପର୍କ ସ୍ଥାପନର ଅଧିକାର ଅଛି ବୋଲି ସେ କହୁଥିଲେ । ଯେଉଁ ହିନ୍ଦୁମାନେ ଇସଲାମ ଧର୍ମ କିମ୍ବା ଖ୍ରୀଷ୍ଟଧର୍ମରେ ଦିକ୍ଷିତ ହୋଇଛନ୍ତି ତାଙ୍କୁ ନିଜ ଧର୍ମକୁ ଫେରାଇ ଆଣିବାକୁ ସେ ସୁଦ୍ଧି ଆନ୍ଦୋଳନ ଆରମ୍ଭ କରିଥିଲେ । 'ସତ୍ୟାର୍ଥ ପ୍ରକାଶ' ତାଙ୍କ ପ୍ରସିଦ୍ଧ ପୁସ୍ତକ ଅଟେ । ସାମାଜିକ ସଂସ୍କାର ପାଇଁ ଆର୍ଯ୍ୟ ସମାଜ ଯୁକ୍ତିବାଢ଼ିଥିଲା ଏବଂ ମହିଳାମାନଙ୍କ ଅବସ୍ଥାର ଉନ୍ନତି ପାଇଁ କାର୍ଯ୍ୟ କରୁଥିଲା । ଏହା ଅସ୍ପୃଶ୍ୟତା, ଜାତିପ୍ରଥାରେ ଥିବା ବଂଶାନୁକ୍ରମିକ ରକ୍ଷଣଶୀଳତା ବିରୁଦ୍ଧରେ ଲଢ଼ିଲା । ଉତ୍ତରଭାରତର ଲୋକଙ୍କ ମଧ୍ୟରେ ନିଜର ବାର୍ତ୍ତାକୁ ପହଞ୍ଚାଇବା ପାଇଁ ହିନ୍ଦି ଭାଷାରେ ପୁସ୍ତକ ଲେଖିଲେ ଏବଂ ପ୍ରଚାର ମଧ୍ୟ କଲେ । ଆର୍ଯ୍ୟ ସମାଜ ଜାତୀୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଲୋକମାନଙ୍କ ମନରେ ଆତ୍ମ ସମ୍ମାନ ଏବଂ ଆତ୍ମ ବିଶ୍ୱାସ ଜାଗ୍ରତ କରିବାକୁ ସେ ପ୍ରୋତ୍ସାହନ ଦେଉଥିଲା ।



ଲୋକମାନଙ୍କ ମଧ୍ୟରେ ଶିକ୍ଷାର ବିକାଶ କରିବା ପାଇଁ ଆର୍ଯ୍ୟ ସମାଜର ଭୂମିକାକୁ ସ୍ୱୀକାର କରିହେବ । ସ୍ୱାମୀ ଦୟାନନ୍ଦଙ୍କର କେତେକ ଅନୁଗାମୀ ଦେଶରେ ପରେ ଡି.ଏ.ଭି (ଦୟାନନ୍ଦ ଆଙ୍ଗ୍ଲୋ ଭେଦିକ୍) ସ୍କୁଲ ଏବଂ କଲେଜ ସ୍ଥାପନ କରିବା ଆରମ୍ଭ କରି ଦେଇଥିଲେ । ସେଠାରେ ବୈଦିକ ଶିକ୍ଷାଧାରା ସହିତ ସାଲିସ ନକରି ପାଶ୍ଚାତ୍ୟ ଧାରାରେ ଶିକ୍ଷା ଦିଆଯାଉଥିଲା । ସେ ଇଂରାଜୀ ଶିକ୍ଷା ଏବଂ ଆଧୁନିକ ବିଜ୍ଞାନ ଶିକ୍ଷା ସହିତ ସଂସ୍କୃତ ଏବଂ ବୈଦିକ ଶିକ୍ଷା ପାଇଁ ଉତ୍ସାହିତ କରୁଥିଲେ ।

## ୬.୩.୪ ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦ

ରାମକୃଷ୍ଣ ପରମହଂସ (୧୮୩୬–୧୮୮୬) ଧର୍ମମାନଙ୍କ ମଧ୍ୟରେ ଥିବା ଅତି ଦରକାରୀ ସାମଜସ୍ୟ ଉପରେ ଆଲୋକପାତ କରିଥିଲେ । ଯେଉଁ ସାମଜସ୍ୟଗୁଡ଼ିକ କି ଆଧ୍ୟାତ୍ମିକ ଜୀବନଧାରା ପାଇଁ ଦରକାର ଏବଂ ତାକୁ ଆଗେଇ ନିଏ । ସେ ବିଶ୍ୱାସ କରୁଥିଲେ ଯେ ପୃଥିବୀର ବିଭିନ୍ନ ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ଅଲଗା ଅଲଗା ରାସ୍ତା । ସ୍ୱାମୀ ବିବେକାନନ୍ଦ (୧୮୬୩–୧୯୦୨) ତାଙ୍କର ସର୍ବୋତ୍ତମ ଶିଷ୍ୟ ଥିଲେ ।


> ପୃଥିବୀର ଇତିହାସ ହେଉଛି ବହୁତ କମ ଲୋକଙ୍କର ଇତିହାସ ଯେଉଁମାନଙ୍କର ବିଶ୍ୱାସ ନିଜ ଉପରେ ଥିଲା । ସେହି ବିଶ୍ୱାସକୁ ତାହା ମଧ୍ୟରେ ଥିବା ଐଶ୍ୱରିକ ବିଶ୍ୱାସ କୁହାଯାଏ । ତୁମେ କୌଣସି କାର୍ଯ୍ୟ କରିପାର । ତୁମେ ଯେତେବେଳେ ତୁମ ଭିତରେ ଥିବା ଅସୀମ ଶକ୍ତିକୁ ବିଷଦ ଭାବରେ ଦୂରେଇ ନଦେଇଛ ତୁମେ ଅସଫଳ ହେବ। ଯେତେ ଶୀଘ୍ର କୌଣସି ଲୋକ କିମ୍ବା ଦେଶ ତାହାର ଆତ୍ମବିଶ୍ୱାସ ହରାଏ ସେତେବେଳେ ତାହାର ମୃତ୍ୟୁ ଆସେ । ପ୍ରଥମେ ତୁମେ ତୁମ ଉପରେ ବିଶ୍ୱାସ କର ପରେ ଭଗବାନଙ୍କ ଉପରେ ।
>
> ସ୍ୱାମୀ ବିବେକାନନ୍ଦ

ବିବେକାନନ୍ଦ ହେଉଛନ୍ତି ପ୍ରଥମ ଆଧାତ୍ମିକ ନେତା ଯେକି ଧର୍ମ ସମ୍ବନ୍ଧୀୟ ସଂସ୍କାର ଆଣିବାକୁ ଚିନ୍ତା କଲେ । ସେ ଅନୁଭବ କଲେ ଯେ ଭାରତର ଜନସାଧାରଣ ଧର୍ମ ନିରପେକ୍ଷ ଏବଂ ଆଧାତ୍ମିକ ଜ୍ଞାନରେ ଶକ୍ତିଶାଳୀ ହେବାକୁ ଚାହୁଁଛନ୍ତି ଯାହାଦ୍ୱାରା କି ତାଙ୍କର ନିଜ ଉପରେ ବିଶ୍ୱାସ ସୃଷ୍ଟି ହୁଏ । ଗୁରୁ ରାମକୃଷ୍ଣଙ୍କ ନାମାନୁସାରେ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନ ସ୍ଥାପନ କଲେ । ତାଙ୍କର ବକ୍ତୃତା ଏବଂ ଲେଖାମାଧ୍ୟମରେ ସେ ହିନ୍ଦୁ ସଂସ୍କୃତି ଏବଂ ଧର୍ମର ସାରତତ୍ତ୍ୱକୁ ପଦାକୁ ଆଣିଲେ । ସେ ବେଦାନ୍ତର ଆଧାତ୍ମିକତା ଉପରେ ବିଶ୍ୱାସ କରୁଥିଲେ । ଆହୁରି ମଧ୍ୟ ସମସ୍ତ ଧର୍ମରେ ଥିବା ସମାନତା ଏବଂ ଏକତା ଉପରେ ବିଶ୍ୱାସ କରୁଥିଲେ । ସେ ଧାର୍ମିକ ଅନ୍ଧ ବିଶ୍ୱାସ ଏବଂ ପୁରୁଣା ସାମାଜିକ ପ୍ରଥାକୁ ଉଠାଇ ଦେବାକୁ ଗୁରୁତ୍ୱ ଦେଉଥିଲେ । ସେ ଧର୍ମରେ ଥିବା କଠୋରତାକୁ ଉଠାଇବାକୁ ଚେଷ୍ଟା କଲେ ଏବଂ ଛୁଆଁଅଛୁଆଁ ଭେଦଭାବକୁ ଉଠାଇବାକୁ ଚେଷ୍ଟା କଲେ । ସେ ଯେତେବେଳେ ମହିଳାମାନଙ୍କ ପ୍ରଗତି ଏବଂ ଶିକ୍ଷା ପାଇଁ କାମ କରୁଥିଲେ ସେ ଲୋକମାନଙ୍କୁ ମହିଳାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପ୍ରବର୍ତ୍ତାଉ ଥିଲେ । ଲୋକମାନଙ୍କ ମଧ୍ୟରେ ଥିବା ଅଜ୍ଞାନତାକୁ ଦୂର କରିବାକୁ ପ୍ରଥମେ ଗୁରୁତ୍ୱ ଦେଉଥିଲେ ।

ଚିତ୍ର ୬.୪ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ

## ୬.୩.୫ ସାର ସୟଦ ଅହମଦ ଖାଁ



ଚିତ୍ର – ୬.୫ ସାର ସୟଦ ଅହମ୍ମଦ ଖାଁ


ସାର ସୟଦ ଅହମ୍ମଦ ଖାଁ ବିଶ୍ୱାସ କରୁଥିଲେ ଯେ ମୁସଲମାନମାନଙ୍କ ଧାର୍ମିକ ଏବଂ ସାମାଜିକ ଜୀବନ ଆଧୁନିକ ପାଶ୍ଚାତ୍ୟ ବୈଜ୍ଞାନିକ ଜ୍ଞାନ ଏବଂ ସଭ୍ୟତା ଦ୍ୱାରା ଉନ୍ନତ କରାଯାଇ ପାରିବ । ମୁସଲମାନମାନଙ୍କ ମଧ୍ୟରେ ଥିବା ସାମାଜିକ ଏବଂ ଶିକ୍ଷାଗତ ପଶ୍ଚାତଗତିକୁ ଦୂର କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେ ମୁସଲମାନ ମହିଳାମାନଙ୍କ ସ୍ଥିତିର ଉନ୍ନତି ପାଇଁ କଠିନ ପରିଶ୍ରମ କରି ଥିଲେ । ସେ ପର୍ଦ୍ଦା ପ୍ରଥା, ବହୁବିବାହ ପ୍ରଥା, ଛାଡ଼ପତ୍ର ପ୍ରଥା ଏବଂ ନାରୀ ଶିକ୍ଷାର ଅଭାବର ବିରୁଦ୍ଧରେ ଥିଲେ । କାରଣ ଜାଣିବା ଅଧିକାର (In the right of reason)ରେ ସେ କୋରାନକୁ ବ୍ୟାଖ୍ୟା (interpret) କରିବାକୁ ଚେଷ୍ଟା କରିଥିଲେ ଏବଂ କପୋଳକଳ୍ପିତ ଏବଂ ଅଜ୍ଞାନତାର ବିରୋଧ ବିଷୟରେ କହିଥିଲେ । ମୁସଲମାନ ସମାଜର ଉନ୍ନତି ପାଇଁ ସେ ମଧ୍ୟ ସାମାଜିକ ସଂସ୍କାରକୁ ପ୍ରବର୍ତ୍ତାଇ ଥିଲେ ।

ତାଙ୍କର ପ୍ରାରମ୍ଭିକ ଜୀବନରେ ନୈଷ୍ଠିକ ମୁସଲମାନମାନଙ୍କ ବିରୋଧ ସତ୍ତ୍ୱେ ସେ ଇଂରାଜୀ ଶିକ୍ଷା ଦେବା ସପକ୍ଷରେ ଥିଲେ । କେବଳ ଆଧୁନିକ ଶିକ୍ଷା ମୁସଲମାନମାନଙ୍କୁ ଉନ୍ନତି ଆଡ଼କୁ ଆଗେଇ ନେବ ବୋଲି ସେ ବିଚାର କରୁଥିଲେ । ସେ ୧୮୬୪ ମସିହାରେ 'ଗାଜିପୁର' (ଉତ୍ତର ପ୍ରଦେଶରେ)ଠାରେ ଗୋଟିଏ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ୧୮୭୫ ମସିହାରେ ମହମ୍ମଡାନ୍ ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ଠାରେ ଆରମ୍ଭ କରିଥିଲେ । ଯାହାକି ପରେ ଆଲିଗଡ଼ ମୁସଲିମ୍ ୟୁନିଭରସିଟି ହୋଇଥିଲା । ଇଂରାଜୀ ଭାଷା ମାଧ୍ୟମରେ ଏଠାରେ ବିଜ୍ଞାନ ଏବଂ ମାନବିକତା ସମ୍ବନ୍ଧରେ ଶିକ୍ଷା ଦିଆଯାଉଥିଲା । ଇଂରାଜୀ ବହିଗୁଡ଼ିକ ଅନୁବାଦ କରିବା ପାଇଁ ସେ ଗୋଟିଏ ସାଇନ୍‌ଟିଫିକ୍ ସୋସାଇଟି ସ୍ଥାପନ କରିଥିଲେ । ସାମାଜିକ ସଂସ୍କାର ବିଶେଷକରି ଆଧୁନିକ ଶିକ୍ଷାର ପ୍ରସାର ପାଇଁ ମୁସଲମାନମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ସେ ଗୋଟିଏ ପତ୍ରିକା ପ୍ରକାଶ କରିଥିଲେ । ସେ ମହମ୍ମଡାନ୍ ଶିକ୍ଷା ସମ୍ମିଳନୀର ଆରମ୍ଭ କରିଥିଲେ । ମୁସଲମାନମାନଙ୍କ ମଧ୍ୟରେ ଥିବା ଉଦାର ମନୋଭାବର ପ୍ରସାର ପାଇଁ ସେ ଏହା କରିଥିଲେ । ସଂସ୍କାର ପାଇଁ ସେ ଯେଉଁ ଆନ୍ଦୋଳନ କରିଥିଲେ ତାହା ଆଲିଗଡ଼ ଆନ୍ଦୋଳନ ନାମରେ ଅଭିହିତ ହୋଇଅଛି । ଏହି ଆନ୍ଦୋଳନ ମୁସଲମାନମାନଙ୍କ ମଧ୍ୟରେ ରାଜନୈତିକ ଓ ସାମାଜିକ ଜାଗରଣ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଥିଲା ।

## ୬.୩.୬ ଜ୍ୟୋତିରାଓ ଓ ଗୋବିନ୍ଦରାଓ ଫୁଲେ


ମହାରାଷ୍ଟ୍ରର ଜ୍ୟୋତିରାଓ ଓ ଗୋବିନ୍ଦରାଓ ଫୁଲେ କୃଷକ ଏବଂ ନିମ୍ନ ଜାତିର ଲୋକଙ୍କୁ ସମାନ ଅଧିକାର ଦେବା ସମ୍ବନ୍ଧରେ କାମ କରିଥିଲେ । ମହିଳା ଏବଂ ନିଜ ଜାତିର ଲୋକମାନଙ୍କୁ ଶିକ୍ଷିତ କରିବା ପାଇଁ ଫୁଲେ ଏବଂ ତାଙ୍କ ପତ୍ନୀ ସାବିତ୍ରୀ ଫୁଲେ କାମ କରିଥିବାରୁ ସମସ୍ତଙ୍କର ଜଣାଶୁଣା ଥିଲେ । ସେ ସର୍ବପ୍ରଥମେ ନିଜର ପତ୍ନୀଙ୍କୁ ଶିକ୍ଷିତ କରାଇଲେ । ତାହାପରେ ଉଭୟେ ମିଶି ଭାରତରେ ବାଳିକାମାନଙ୍କ ପାଇଁ ୧୮୪୮ ମସିହା ଅଗଷ୍ଟରେ ଗୋଟିଏ ସ୍କୁଲ ଖୋଲିଥିଲେ । ୧୮୫୧ ମସିହାରେ ପୁଣେଠାରେ ସେ ଗୋଟିଏ ବାଳିକା ବିଦ୍ୟାଳୟ ଆରମ୍ଭ କଲେ । ବିଧବାମାନଙ୍କ ବିବାହ ପାଇଁ କାର୍ଯ୍ୟ କରିଥିବାରୁ ସେ ସ୍ମରଣୀୟ ଅଟନ୍ତି । ୧୮୭୩ ମସିହା ସେପ୍ଟେମ୍ବର ମାସରେ ଫୁଲେ ତାଙ୍କର ଅନୁଗାମୀମାନଙ୍କ ସହିତ ମିଶି 'ସତ୍ୟ ଶୋଧକ ସମାଜ' (ସତ୍ୟ ସନ୍ଧାନୀ ଦଳ) ଗଠନ କରି

ଥିଲେ । ଏହାର ମୂଳ ଲକ୍ଷ୍ୟ ଥିଲା ନିଚ୍ଚ ଜାତିର ଲୋକଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବା ଏବଂ ସେମାନଙ୍କୁ ଶୋଷଣରୁ ସୁରକ୍ଷା ଦେବା । ସେ ଜ୍ୟୋତିବା ନାମରେ ଲୋକପ୍ରିୟ ହୋଇଥିଲେ ।



ଚିତ୍ର ୬.୬ ଜ୍ୟୋତିବା ଫୁଲେ ଓ ତାଙ୍କ ପତ୍ନୀ ସାବିତ୍ରୀ ଫୁଲେ

## ୬.୩.୭ ବିଚାରପତି ମହାଦେବ ଗୋବିନ୍ଦ ରାଣାଡ଼େ



ଚିତ୍ର ୬.୭ ବିଚାରପତି ମହାଦେବ ଗୋବିନ୍ଦରାଣାଡ଼େ

୧୮୬୭ ମସିହାରେ ବିଚାରପତି ମହାଦେବ ଗୋବିନ୍ଦରାଣାଡ଼େ 'ପୁନା ସର୍ବଜନିକ ସଭା' ଏବଂ 'ପ୍ରାର୍ଥନା ସମାଜ' ବମ୍ୱେଠାରେ ସ୍ଥାପନ କରିଥିଲେ । ଧର୍ମ ସମ୍ବନ୍ଧୀୟ ସଂସ୍କାର ଆଣିବାକୁ ଏହା କରାଯାଇଥିଲା । ଏହା ଜାତିଗତ ଅବରୋଧକୁ ଦୂର କରିବାକୁ ସ୍ୱର ଉତ୍ତୋଳନ କରିଥିଲା । ବାଲ୍ୟ ବିବାହ ଉଚ୍ଛେଦ, ବିଧବାମାନଙ୍କୁ ସୁରକ୍ଷା, ବ୍ୟୟ ବହୁଳ ବିବାହ ବିରୁଦ୍ଧରେ ସ୍ୱର ମଧ୍ୟ ଉତ୍ତୋଳନ କରିଥିଲା । ସେ ନାରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହିତ ବିଧବା ବିବାହକୁ ସମର୍ଥନ କରୁଥିଲେ । ସେ ବ୍ରହ୍ମ ସମାଜ ପରି ଗୋଟିଏ ଦେବତାକୁ ପୂଜା କରିବାକୁ ଯୁକ୍ତି ବାଢୁଥିଲେ । ସେ ମୂର୍ତ୍ତି ପୂଜାକୁ ବିରୋଧ କରିଥିଲେ ଏବଂ ଧାର୍ମିକ ଘଟଣାରେ ପୁରୋହିତମାନଙ୍କର ସର୍ବଭୌମତ୍ୱକୁ ମଧ୍ୟ ବିରୋଧ କରିଥିଲେ । ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସେ ମାତୃଭାଷାକୁ ଉପସ୍ଥାପନ କରିଥିଲେ, ଯାହା ଫଳରେକି ଉଚ୍ଚ ଶିକ୍ଷା ଭାରତୀୟମାନଙ୍କ ପାଇଁ ସହଜ ହୋଇଯାଇଥିଲା । ଭାରତର ଉଚ୍ଚ ସାଂସ୍କୃତିକ ପରମ୍ପରା ନଷ୍ଟ ନକରି ସମାଜରେ ଥିବା ଦୃଢ଼ ପ୍ରଥାଗୁଡ଼ିକର ସଂସ୍କାର ଆଣିବାକୁ ସେ ଚେଷ୍ଟା କରିଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ମୂଳ ସଭ୍ୟ ଥିଲେ ।

## ୬.୩.୮ ପଣ୍ଡିତା ରମାବାଈ

ମହାରାଷ୍ଟ୍ରରେ ପଣ୍ଡିତା ରମାବାଈ ଜଣେ ପ୍ରସିଦ୍ଧ ସମାଜ ସଂସ୍କାରିକା ଥିଲେ । ସେ ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ ଲଢ଼ିଥିଲେ ଏବଂ ବାଲ୍ୟ ବିବାହର ବିରୋଧ କରିଥିଲେ । ସେ ବାଳିକାଙ୍କ ଶିକ୍ଷାକୁ ଉନ୍ନତ କରିଥିଲେ । ୧୮୮୧ ମସିହାରେ ସେ ଆର୍ଯ୍ୟ ମହିଳା ସମାଜ ପୁନେରେ ଆରମ୍ଭ କରିଥିଲେ । ସେ ମହିଳାମାନଙ୍କ ଅବସ୍ଥାରେ ଉନ୍ନତି

ଆଣିବା ପାଇଁ ଏହା କରିଥିଲେ । ବିଶେଷ ଭାବରେ ବାଳ ବିଧବା ପାଇଁ ସେ ପୁଣେରେ ୧୮୮୯ରେ ମୁକ୍ତି ମିଶନ ସ୍ଥାପନ କରିଥିଲେ । ଯୁବା ବିଧବା ଯେଉଁମାନେ କି ତାଙ୍କ ପରିବାର ଦ୍ୱାରା ଲାଞ୍ଛିତ ଏବଂ ବିଚ୍ୟୁତ ହୋଇଯାଇଥିଲେ ତାଙ୍କ ପାଇଁ ମୁକ୍ତି ମିଶନ ଖୋଲିଥିଲେ । ସେ ଆହୁରି ମଧ୍ୟ ସାରଦା ସଦନ ଆରମ୍ଭ କରିଥିଲେ । ଯାହାକି ବିଧବା, ପିତୃମାତୃହୀନ ପିଲାଙ୍କୁ ରହିବା ପାଇଁ ସ୍ଥାନ ଯୋଗାଉଥିଲା, ସେମାନଙ୍କର ଶିକ୍ଷାର ବ୍ୟବସ୍ଥା କରୁଥିଲା ଏବଂ ସେମାନଙ୍କୁ ବୈଷୟିକ ଟ୍ରେନିଂ ଦିଆଯାଉଥିଲା । ସେ ଅନେକ ପୁସ୍ତକ ଲେଖିଲେ ଯେଉଁଥିରେ କି ମହିଳା, ବାଳବିଧବା ଏବଂ ପିଲାଙ୍କର କଷ୍ଟକର ଜୀବନଚର୍ଯ୍ୟା ବିଷୟରେ ବର୍ଣ୍ଣନା କରାଯାଇଅଛି । ପଣ୍ଡିତା ରମାବାଈଙ୍କର ମୁକ୍ତି ମିଶନ ଆଜି ମଧ୍ୟ କାର୍ଯ୍ୟ କରୁଅଛି ।


ଚିତ୍ର–୬.୮ ପଣ୍ଡିତା ରମାବାଈ

## ୬.୩.୯ ଆନି ବେସାନ୍ତ

ଆନି ବେସାନ୍ତ ଥିଓସୋଫିକାଲ୍ ସୋସାଇଟିର ଜଣେ ସଦସ୍ୟ ଥିଲେ । ୧୮୯୩ ମସିହାରେ ସେ ପ୍ରଥମ କରି ଭାରତକୁ ଆସିଥିଲେ । ଏହି ଆନ୍ଦୋଳନ ପଶ୍ଚିମର ଲୋକମାନଙ୍କ ଦ୍ୱାରା ଆଗେଇ ଥିଲା । ଯେଉଁମାନେ କି ଭାରତୀୟ ଧାର୍ମିକ ଏବଂ ଦାର୍ଶନିକ ପ୍ରଥାକୁ ଗୌରବାନ୍ୱିତ କରିଥିଲେ । ମାତୃଭାଷା ଏବଂ ସାହିତ୍ୟିକ କାର୍ଯ୍ୟକୁ ଉତ୍ସାହିତ କରୁଥିଲେ । ଭାରତୀୟ ସଭ୍ୟତା ଏବଂ ବଂଶାନୁକ୍ରମିକତାକୁ ଏଥିପାଇଁ ଗର୍ବ ଅନୁଭବ କରିବାକୁ ପଡୁଥିଲା । ଏହା ରାଜନୈତିକ ଜାଗରଣ ଉଦ୍ରେକ କଲା ଓ ଭାରତୀୟମାନଙ୍କୁ ସେମାନଙ୍କର ଆତ୍ମବିଶ୍ୱାସ ଫେରି ପାଇବାକୁ ସାହାଯ୍ୟ କଲା ଏବଂ ନିଜ ଦେଶରେ ସେମାନେ ଗୌରବ ଉପଲବ୍ଧ କଲେ । ମନୁଷ୍ୟର ବିଶ୍ୱ ଭାତୃଭାବକୁ ସମାଜ ପ୍ରଚାର କଲା । ଆଧୁନିକ ଭାରତର ଉନ୍ନତି ପାଇଁ ଏହାର ଅସୀମ ଅବଦାନ ରହିଅଛି । ୧୯୦୭ରେ ଆନି ବେସାନ୍ତ ବ୍ରହ୍ମଜ୍ଞାନ ସମିତିର ସଭାପତି ହୋଇଗଲେ ।


ଚିତ୍ର–୬.୯ ଆନି ବେସନ୍ତ

ଆନି ବେସାନ୍ତ ବାଳକମାନଙ୍କ ପାଇଁ ଗୋଟିଏ କଲେଜ ଖୋଲିଲେ, ବନାରସରେ ଗୋଟିଏ ହିନ୍ଦୁ କଲେଜ ଖୋଲିଲେ । ଯାହାକି ବ୍ରହ୍ମଜ୍ଞାନ ନୀତି ଉପରେ ଆଧାରିତ ଥିଲା । ଭାରତ ପାଇଁ ନୂତନ ନେତୃତ୍ୱକୁ ତିଆରି କରିବା ଏହାର ଲକ୍ଷ୍ୟ ଥିଲା । ଆଧୁନିକ ବିଜ୍ଞାନ ସହିତ ଏଠାକାର ଛାତ୍ରମାନେ ଧର୍ମ ସମ୍ବନ୍ଧୀୟ ପୁସ୍ତକ ପଢୁଥିଲେ । ଏହି କଲେଜ ନୂଆ ବିଶ୍ୱବିଦ୍ୟାଳୟର ଗୋଟିଏ ଅଂଶ ହୋଇଗଲା । ୧୯୧୭ରୁ ଏହା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ହୋଇଅଛି ।

## ତୁମ ପାଇଁ କାର୍ଯ୍ୟ ୬.୩


ସରକାର ନିୟମ କରିବା ସତ୍ତ୍ୱେ ଏବଂ ଅନେକ ସଂସ୍କାରମୂଳକ ଆନ୍ଦୋଳନ ହେବା ସତ୍ତ୍ୱେ ବର୍ତ୍ତମାନ ଚାଲିଥିବା ଦୁଇଗୋଟି ସାମାଜିକ ପ୍ରଥା କିମ୍ବା ଅନ୍ଧବିଶ୍ୱାସକୁ ଚିହ୍ନଟ କର । ତୁମେ ଏହି ସାମଜିକ ପ୍ରଥା କିମ୍ବା ଅନ୍ଧବିଶ୍ୱାସକୁ ବ୍ୟକ୍ତି ବିଶେଷ ଭାବରେ କିପରି ପ୍ରତିଦ୍ୱନ୍ଦିତା କରିପାରିବ ?

**ସୂତ୍ର :** ସାମାଜିକ ପ୍ରଥା କିମ୍ବା ଅନ୍ଧ ବିଶ୍ୱାସ, ଯୌତୁକ, ଲିଙ୍ଗ ଜନିତ ବ୍ୟତିକ୍ରମ, ନିରକ୍ଷରତା, ବାଲ୍ୟବିବାହ, ଶିଶୁ କନ୍ୟା ନିବାରଣ ପ୍ରଭୃତି ହୋଇପାରେ ।

**ସମ୍ଭବପର କାର୍ଯ୍ୟ :** ବ୍ୟକ୍ତିଗତ ଉଦାହରଣ ଦେବା ଦ୍ୱାରା ସମୂହ ଆଲୋଚନା ପାଇଁ ବ୍ୟବସ୍ଥା କରିବା ଦ୍ୱାରା ସମ୍ବାଦପତ୍ରକୁ ଚିଠି ଲେଖିବା ଦ୍ୱାରା ସର୍ବଜନୀନ ସ୍ଥାନରେ ଲୋକମାନଙ୍କୁ ଦୁଃଖ ସମୟରେ ସହଯୋଗ କରିବା ଦ୍ୱାରା ।

## ୬.୩.୧୦ ମୁସଲିମ ସଂସ୍କାର ଆନ୍ଦୋଳନ

ଅଳ୍ପ କେତେଗୁଡ଼ିଏ ଆନ୍ଦୋଳନ ହୋଇଥିଲା, ଯାହାର ଲକ୍ଷ୍ୟ ଆଧୁନିକ ଶିକ୍ଷାର ପ୍ରସାର ଏବଂ ସମାଜରେ ଥିବା ବହୁ ବିବାହ ପ୍ରଥାର ଉଚ୍ଛେଦ ଥିଲା । ଅବଦୁଲ ଲତିଫଙ୍କ ଦ୍ୱାରା ୧୮୬୩ ମସିହାରେ କଲିକତାର ମହମ୍ମଡାନ୍ ସାକ୍ଷର ସୋସାଇଟିର ସ୍ଥାପନା କରାଯାଇଥିଲା । ଏହା ପ୍ରାରମ୍ଭିକ ଅନୁଷ୍ଠାନମାନଙ୍କ ମଧ୍ୟରୁ ଗୋଟିଏ ଥିଲା ଯାହାକି ଆଧୁନିକ ଶିକ୍ଷାକୁ ଉଚ୍ଚ ଏବଂ ମଧ୍ୟମ ବର୍ଗର ମୁସଲମାନମାନଙ୍କ ମଧ୍ୟରେ ପ୍ରସାର କରାଇଥିଲା । ଏହା ହିନ୍ଦୁ-ମୁସଲିମ୍ ଏକତାକୁ ବଜାୟ ରଖିବାର ଭୂମିକା ଗ୍ରହଣ କରିଥିଲା । ବଙ୍ଗର ସରିଆତୁଲ୍ଲା, ବଙ୍ଗର ଫାରାଇଜି ଆନ୍ଦୋଳନର ନେତା, କୃଷକମାନଙ୍କ କାରଣକୁ ଭିତ୍ତିକରି ଆନ୍ଦୋଳନ କରିଥିଲେ । ସେମାନେ ଆହୁରି ମଧ୍ୟ ମୁସଲମାନମାନଙ୍କ ମଧ୍ୟରେ ଥିବା ଜାତିଆଣ ପ୍ରଥାର ମନ୍ଦ ଦିଗକୁ ବରଖାସ୍ତ କରି ଦେଇଥିଲେ ।



ଚିତ୍ର-୬.୧୦ ମହମ୍ମଦ ଇକବାଲ

ଆହୁରି କେତେକ ସାମାଜିକ – ଧାର୍ମିକ ଆନ୍ଦୋଳନ ହୋଇଥିଲା ଯାହାକି ଗୋଟିଏ ଦିଗରେ ବା ଅନ୍ୟ ଦିଗରେ ମୁସଲମାନମାନଙ୍କର ଜାତୀୟ ଜାଗରଣକୁ ସାହାଯ୍ୟ କରିଥିଲା । ୧୮୯୯ ମସିହାରେ ମିର୍ଜା ଗୁଲାମ ଅହମ୍ମଦ 'ଅହମଦିଆ ଆନ୍ଦୋଳନ'ର ଭିତ୍ତିସ୍ଥାପନ କରିଥିଲେ । ଏହି ଆନ୍ଦୋଳନର ଫଳସ୍ୱରୂପ ଅନେକ ସ୍କୁଲ ଏବଂ କଲେଜ ଦେଶସାରା ଖୋଲା ଯାଇଥିଲା । ସେ ଇସ୍‌ଲାମ ଧର୍ମରେ ଥିବା ମାନବିକତାବାଦ, ସର୍ବଜନୀନ ଉପରେ ଜୋର ଦେଉଥିଲେ । ସେ ହିନ୍ଦୁ-ମୁସଲମାନ ଏକତା ସପକ୍ଷରେ ଥିଲେ ।

ଆଧୁନିକ ଭାରତର ପ୍ରସିଦ୍ଧ କବି ମହମ୍ମଦ ଇକବାଲ (୧୮୭୬-୧୯୩୮) ନିଜର ପଦ୍ୟ ମାଧ୍ୟମରେ ବିଗତ କେତେକ ଜେନେରେସନର ଲୋକଙ୍କ ମନସ୍ତତ୍ତ୍ୱ ଏବଂ ଧର୍ମଧାରଣାକୁ ପ୍ରଭାବିତ କରିଥିଲେ ।

**? ତୁମେ ଜାଣ କି**

'ସାରେ ଜହାଁସେ ଆଚ୍ଛା ହିନ୍ଦୁସ୍ତାନ ହମାରା' ପ୍ରସିଦ୍ଧ କବିତାକୁ ଇକ୍‌ବାଲ ଲେଖିଥିଲେ ।


## ୬.୩.୧୧ ଅକାଳୀ ସଂସ୍କାର ଆନ୍ଦୋଳନ

୧୮୭୦ ମସିହାରେ ଅମୃତସର ଏବଂ ଲାହୋରଠାରେ ଗଠିତ ଦୁଇଗୋଟି ସିଂହ ସଭା ଶିଖମାନଙ୍କ ମଧ୍ୟରେ ଧାର୍ମିକ ସଂସ୍କାରର ପ୍ରାରମ୍ଭ ଥିଲା । ୧୮୯୨ ମସିହାରେ ଅମୃତସରରେ ସ୍ଥାପିତ ଖାଲସା କଲେଜ ଗୁରୁମୁଖୀ, ଶିଖ ଶିକ୍ଷା ଏବଂ ପଞ୍ଜାବୀ ସାହିତ୍ୟର ଉନ୍ନତିରେ ସାହାଯ୍ୟ କରିଥିଲା । ବ୍ରିଟିଶ ସହାୟତାରେ କଲେଜ ସ୍ଥାପିତ ହୋଇଥିଲା । ୧୯୨୦ରେ ଅକାଳୀ ଆନ୍ଦୋଳନ ଯାହାକି ପଞ୍ଜାବରେ ଉଠିଥିଲା । ଗୁରୁଦ୍ୱାରମାନଙ୍କର ପରିଚାଳନାକୁ ସୁସ୍ଥ ପରିଷ୍କାର

କରିବା ଆରମ୍ଭ କଲା । ୧୯୨୧ ମସିହାରେ ଗୋଟିଏ ନୂଆ ଗୁରୁଦ୍ୱାର ଆଇନ ପାଶ କରିବାକୁ ବାଧ କଲା । ଏହି ଆଇନ ସାହାଯ୍ୟରେ ଏବଂ ସିଧାସଳଖ କାର୍ଯ୍ୟପନ୍ଥା ଦ୍ୱାରା ସେମାନେ ପବିତ୍ର ସ୍ଥାନ ଗୁଡ଼ିକୁ ଦୁର୍ନିତିଗ୍ରସ୍ତ ମହନ୍ତମାନଙ୍କ କବଳରୁ ମୁକ୍ତ କରିଥିଲେ ।

### ୬.୩.୧୨ ପାରସୀମାନଙ୍କ ମଧ୍ୟ ସଂସ୍କାର ଆନ୍ଦୋଳନ

ଊନବିଂଶ ଶତାବ୍ଦିର ମଧ୍ୟ ଭାଗରେ ନାରୋରଜୀ ଫରଡ଼ୋନଜୀ, ଦାଦାଭାଇ ନାରୋଜୀ, ଏସ୍.ଏସ୍. ବେଙ୍ଗଲୀ ଏବଂ ଅନ୍ୟମାନେ ବମ୍ବେଠାରେ ପାରସୀମାନଙ୍କ ମଧ୍ୟରେ ଧର୍ମ ସଂସ୍କାର ଆନ୍ଦୋଳନ ଆରମ୍ଭ କଲେ । ୧୮୫୧ ମସିହାରେ ସେମାନେ ରାହନୁମାଇ ମାଜଦୟସ୍ନାନ ସଭା କିମ୍ବା ଧର୍ମ ସଂସ୍କାର ସଂଘ ସ୍ଥାପନ କଲେ । ବାଳିକାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ପାରସି ଧର୍ମରେ ଥିବା ରକ୍ଷଣଶୀଳ ମନୋଭାବ ବିରୁଦ୍ଧରେ ସେମାନେ ପ୍ରଚାର କଲେ । ସମୟର ଗତି ମଧ୍ୟରେ ପାରସୀମାନେ ଭାରତୀୟ ସାମଜରେ ଗୋଟିଏ ଉନ୍ନତଶୀଳ ଶ୍ରେଣୀ ହେଲେ ।



ଚିତ୍ର–୧୧ ଦାଦାଭାଇ ନାରୋଜୀ

### ତୁମ ପାଇଁ କାର୍ଯ୍ୟ ୬.୪

ଦଶଜଣ ପ୍ରମୁଖ ବ୍ୟକ୍ତିଙ୍କର ନାମ ଲେଖ ଯେଉଁମାନେ କି ଆମ ସମାଜକୁ ଏକ ସୁଖକର ଜୀବନଯାପନ କରିବାକୁ ସହଯୋଗ କରିଛନ୍ତି । ସେମାନେ କେଉଁ କ୍ଷେତ୍ରରେ ଏହା କରିଛନ୍ତି ଉଲ୍ଲେଖ କର ।

### ପାଠଗତ ପ୍ରଶ୍ନାବଳୀ ୬.୨

୧. ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) He -------------- did not represent the synthesis of the thought of East and West.

(କ) ସ୍ୱାମୀ ବିବେକାନନ୍ଦ (ଖ) ରାମ ମୋହନରାୟ
(ଗ) ଦୟାନନ୍ଦ ସରସ୍ୱତୀ (ଘ) ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର

(ii) -------------- did not emphasize the infallibility of the Vedas.

(କ) ସ୍ୱାମୀ ବିବେକାନନ୍ଦ (ଖ) ରାମକୃଷ୍ଣ ପରମହଂସ
(ଗ) ଦୟାନନ୍ଦ ସରସ୍ୱତୀ (ଘ) ସୟଦ ଅହମଦ ଖାଁ

(iii) The movement started to freed the sacred place from the control and domination of corrupt Mahants.

(କ) ଅକାଳୀ ଆନ୍ଦୋଳନ (ଖ) ଜାତି ସଂସ୍କାର ଆନ୍ଦୋଳନ
(ଗ) ସୁଦ୍ଧି ଆନ୍ଦୋଳନ (ଘ) ସତ୍ୟାଗ୍ରହ ଆନ୍ଦୋଳନ

୨. ଉଭୟ ସ୍ତମ୍ଭ ମଧ୍ୟରେ ସମ୍ପର୍କ ସ୍ଥାପନ କର ।

| | |
|---|---|
| ୧. ବ୍ରହ୍ମ ସମାଜ | (କ) ସ୍ୱାମୀ ବିବେକାନନ୍ଦ |
| ୨. ଆର୍ଯ୍ୟ ସମାଜ | (ଖ) ଆନିବେସାନ୍ତ |
| ୩. ରାମକୃଷ୍ଣ ମିଶନ | (ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ |
| ୪. ଥିୟୋସୋଫିକାଲ ସୋସାଇଟି | (ଘ) ଜ୍ୟୋତିବା ଫୁଲେ |
| ୫. ଅକାଳୀ ଆନ୍ଦୋଳନ | (ଙ) ପଣ୍ଡିତା ରାମାବାଈ |
| ୬. ସତ୍ୟ ଶୋଧକ ସମାଜ | (ଚ) ରାଜା ରାମ ମୋହନ ରାୟ |
| ୭. ଆଲିଗଡ଼ ଆନ୍ଦୋଳନ | (ଛ) ଶିଖ୍ |
| ୮. ଆର୍ଯ୍ୟ ମହିଳା ସମାଜ | (ଜ) ବିଚାରପତି ମହାଦେବ ଗୋବିନ୍ଦ ରାଣାଡ଼େ |
| | (ଝ) ସାର୍ ସୟଦ ମହମ୍ମଦ ଖାଁ |
| | (ଞ) ଦାଦା ଭାଇ ନାରୋଜୀ |

୩. ସଂସ୍କାର ଆନ୍ଦୋଳନ ମଧ୍ୟରେ ଥିବା ଦୁଇଗୋଟି ସୀମାବଦ୍ଧତା ସମ୍ବନ୍ଧରେ ଲେଖ ।

୪. ତଳେ ଦିଆଯାଇଥିବା ଅନୁଚ୍ଛେଦକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

ରମାଦେବୀ ଏନ୍.ଆଇ.ଓ.ଏସ୍ କାର୍ଯ୍ୟାଳୟରେ ପିଅନ ଭାବରେ କାର୍ଯ୍ୟ କରୁଛନ୍ତି । ସେ ୨୧ ବର୍ଷ ବୟସରେ ବିବାହ କରିଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ୨୮ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହେଲା । ତାଙ୍କୁ ତାଙ୍କ ସ୍ୱାମୀଙ୍କର ଚାକିରୀ ପ୍ରଦାନ କରାଗଲା । କାରଣ ସେ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ । ଏହି ଚାକିରୀ ଯୋଗୁଁ ରମାଦେବୀ ନିଜର ଓ ନିଜ ପିଲାମାନଙ୍କର ଯତ୍ନ ନେବାକୁ ସକ୍ଷମ ହୋଇପାରୁଛନ୍ତି । ସେ ଏକ ମହତ୍ତ୍ୱପୂର୍ଣ୍ଣ ଜୀବନଯାପନ କରୁଛନ୍ତି ଓ ତାଙ୍କ ପିଲାମାନେ ମାଆଙ୍କ ପାଇଁ ଗର୍ବିତ ।

(କ) ଯଦି ରମାଦେବୀ ବାଲ୍ୟବୟସରେ ବିବାହ କରିଥାନ୍ତେ, ତେବେ କ'ଣ ଘଟିଥାଆନ୍ତା ?

(ଖ) ଯଦି ରମାଦେବୀଙ୍କୁ ଘର ବାହାରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇ ନଥାନ୍ତା, ତେବେ ତାଙ୍କର ଓ ତାଙ୍କ ପରିବାରର କ'ଣ ଘଟିଥାଆନ୍ତା ?

## ୬.୪ ସଂସ୍କାର ଆନ୍ଦୋଳନର ଭାରତୀୟ ସମାଜ ଉପରେ ପ୍ରଭାବ

ଊନବିଂଶ ଶତାବ୍ଦୀରେ ସଂସ୍କାର ଆନ୍ଦୋଳନ ଭାରତୀୟମାନଙ୍କର ସାମାଜିକ ଧାର୍ମିକ କ୍ଷେତ୍ରରେ ସଚେତନତା ସୃଷ୍ଟି କରିଥିଲା । ଏହି ସମସ୍ତ ଆନ୍ଦୋଳନ ସାମାଜିକ ଏବଂ ଧାର୍ମିକ ମନୋଭାବ ଉପରେ ଯୁକ୍ତି ସଙ୍ଗତ ଚାପ ପକାଇଥିଲା ଏବଂ ବୈଜ୍ଞାନିକ ଓ ମାନବବାଦର ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲା । ସଂସ୍କାରକମାନେ ଅନୁଭବ କଲେ ଯେ ଆଧୁନିକ ଧାରଣା ଏବଂ ସଂସ୍କୃତି ଭାରତୀୟ ସଂସ୍କୃତିକ ସ୍ରୋତ ମଧ୍ୟରେ ସଂଯୋଗ ସ୍ଥାପନ କରିପାରିବ । ଆଧୁନିକ ଶିକ୍ଷାର ଉପସ୍ଥାପନା ଭାରତୀୟମାନଙ୍କୁ ବୈଜ୍ଞାନିକ ଏବଂ ଯୁକ୍ତିସଙ୍ଗତ ଜୀବନଯାପନ କରିବା ଆଡ଼କୁ ପଥ ପ୍ରଦର୍ଶନ କଲା । ସବୁ ଆନ୍ଦୋଳନଗୁଡ଼ିକ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ କାମ କଲା ଏବଂ ଜାତିପ୍ରଥାର ସମାଲୋଚନା କଲା । ବିଶେଷ କରି ଅସ୍ପୃଶ୍ୟତାର ସମାଲୋଚନା କଲା । ଏହି ଆନ୍ଦୋଳନ ସାମାଜିକ ଏକତା ପ୍ରତି ଦୃଷ୍ଟି ଦେଲା ଏବଂ ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ ଆଡ଼କୁ ଅଗ୍ରସର କରାଇଲା ।





ଶିକ୍ଷାପ୍ରତି, ବିଶେଷକରି ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଥିଲା । ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ କେତେକ ଯୁକ୍ତିଯୁକ୍ତ ପରିସରକୁ ଉପସ୍ଥାପନ କରାଗଲା । ଉଦାହରଣ ସ୍ୱରୂପ ସତୀପ୍ରଥା ଏବଂ ଶିଶୁକନ୍ୟା ହତ୍ୟା ପ୍ରଥାକୁ ବେଆଇନ ବୋଲି ଘୋଷଣା କରାଗଲା । ୧୮୫୬ ମସିହାରେ ଆଇନ ପାଶ୍ ହେଲା ପରେ ବିଧବା ବିବାହ ସମ୍ଭବପର ହୋଇ ପାରିଲା ଏବଂ ବିଧବାମାନଙ୍କ ଅବସ୍ଥାର ଉନ୍ନତି ହେଲା । ୧୮୭୨ ମସିହାରେ ଅସବର୍ଣ୍ଣ ଏବଂ ସାମ୍ପ୍ରଦାୟିକ ବିବାହ ଆଇନ ପାଶ୍ ହେଲା । ୧୮୬୦ ଆଇନ ବଳରେ ଝିଅମାନଙ୍କର ବିବାହ ବୟସକୁ ଦଶକୁ ବଢ଼ାଇ ଦିଆଗଲା । ୧୯୨୯ ମସିହାରେ ବାଲ୍ୟବିବାହକୁ ବାରଣ କରିବାକୁ ସାରଦା ଆଇନ ପାଶ୍ ହୋଇଥିଲା । ଏହି ଆଇନ ଅନୁସାରେ ୧୪ ବର୍ଷ ବୟସରୁ କମ୍ ଝିଅ ଏବଂ ୧୮ ବର୍ଷ ବୟସରୁ କମ୍ ପୁଅ ବିବାହ କରି ପାରିଲେ ନାହିଁ । ଏହି ସଂସ୍କାରକମାନଙ୍କର କାର୍ଯ୍ୟର ପ୍ରଭାବ ଜାତୀୟ ଆନ୍ଦୋଳନ ଉପରେ ପରିଲକ୍ଷିତ ହୋଇଥିଲା । ବହୁ ସଂଖ୍ୟକ ମହିଳା ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରିବାକୁ ବାହାରି ଆସିଲେ । ସ୍ୱାଧୀନତା ସଂଗ୍ରାମରେ କ୍ୟାପଟେନ ଲକ୍ଷ୍ମୀ ସେହେଗାଲ (ଭାରତୀୟ ନୌବାହିନୀର), ସରୋଜିନୀ ନାଇଡୁ, ଆନିବେସନ୍ତ, ଅରୁଣା ଆସଫଅଲ୍ଲୀ ଏବଂ ଆହୁରି କେତେକ ମହିଳାଙ୍କ ଭୂମିକା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ବର୍ତ୍ତମାନ ମହିଳାମାନେ ପର୍ଦ୍ଦା ଆଢୁଆଳରୁ ବାହାରିଆସି ଚାକିରି କଲେ ।

ସଂସ୍କାରକମାନଙ୍କର ଅବିରତ ଚେଷ୍ଟା ସମାଜ ଉପରେ ବହୁତ ପ୍ରଭାବ ପକାଇଥିଲା । ଧର୍ମ ସଂସ୍କାର ଆନ୍ଦୋଳନ ଭାରତୀୟମାନଙ୍କ ମନରେ ଆତ୍ମ ସମ୍ମାନ, ଆତ୍ମ ବିଶ୍ୱାସ ଏବଂ ଦେଶପ୍ରତି ଗର୍ବ ଭାବର ଜାଗ୍ରତ କରିଥିଲା । ଏହି ସଂସ୍କାର ଆନ୍ଦୋଳନ ଅନେକ ଭାରତବାସୀଙ୍କୁ ଆଧୁନିକ ପୃଥିବୀ ସହିତ ସମ୍ମିଳିତ କରିବାକୁ ସାହାଯ୍ୟ କଲା । ଭାରତୀୟ ବୋଲି ପରିଚୟ ଦେବାକୁ ଲୋକେ ଅଧିକ ସଜାଗ ହୋଇଗଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହା ପ୍ରକାରାନ୍ତରେ ବ୍ରିଟିଶ ବିରୁଦ୍ଧରେ ମିଳିତ ସଂଗ୍ରାମ ଥିଲା ।

ବିଂଶ ଶତାବ୍ଦିରେ ବିଶେଷ କରି ୧୯୧୯ ପରେ ଭାରତରେ ଜାତୀୟ ଆନ୍ଦୋଳନ ସମାଜ ସଂସ୍କାରର ପ୍ରଧାନ ପ୍ରଚାରକ ଥିଲା । ଭାରତୀୟ ଭାଷାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ବ୍ୟବହାର କରାଗଲା । ସେମାନେ ନଭେଲ, ଡ୍ରାମା, କ୍ଷୁଦ୍ରଗଳ୍ପ, ପଦ୍ୟ, ପ୍ରେସରେ ଏବଂ ୧୯୩୦ରେ ଚଳଚିତ୍ରରେ ଏହାକୁ ବ୍ୟବହାର କରି ସେମାନଙ୍କ ମତର ପ୍ରସାର କଲେ । ଆନ୍ଦୋଳନ ଗୁଡ଼ିକ ଲୋକଙ୍କର ଆତ୍ମ-ବିଶ୍ୱାସ, ଆତ୍ମସମ୍ମାନ, ସଜାଗତା ଏବଂ ଦେଶପ୍ରେମରେ ଉନ୍ନତି ଘଟାଇଲା । ତେଣୁକରି ଜାତୀୟ ସଚେତନତା ଭାବର ଉନ୍ନତି ଘଟିଲା । ଭାରତର ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ ଉପନ୍ୟାସ ପଢ଼ି ଥିବାର ଏବଂ ଚଳଚିତ୍ର ଦେଖିଥିବାର କଥାକୁ ତୁମେ ମନେ ପକାଅ । ଆରମ୍ଭରେ ତୁମେ ସେହି ଲେଖକ ଏବଂ ତାଙ୍କ ପୁସ୍ତକର ତାଲିକା ପ୍ରସ୍ତୁତ କର । କେତେକ ଚଳଚିତ୍ରର ତାଲିକା ପ୍ରସ୍ତୁତ କର । ଆହୁରି ମଧ୍ୟ କେତେକ ଗୀତର ତାଲିକା ପ୍ରସ୍ତୁତ କର । ଏହି ସୂତ୍ର ତୁମକୁ ସାହାଯ୍ୟ କରିବ । **ଇନ୍‌ସାଫକି ଡ଼ାଗର ପେ, ବଚ୍ଚୋ ଦେଖୋ ଚାଲକେ, ଏ ଦେଶ ହଏ ତୁମ୍‌ହାରା, ନେତା ତୁମ୍ ହିହୋ କଲକେ କିମ୍ବା ବନ୍ଦେ ମାତରମ୍** । ସେହି ଗୋଟିଏ ଫିଲିମରେ **ଲତା ମେଙ୍ଗେସ୍‌କର**ଙ୍କ ଦ୍ୱାରା ଗାନ କରାଯାଇଥିଲା ।

ସଂସ୍କାର ଆନ୍ଦୋଳନର ନିର୍ଦ୍ଦିଷ୍ଟ ସୀମା ଥିଲା । ଏହା ଖୁବ୍ କମ ପରିମାଣରେ ଲୋକମାନଙ୍କୁ ପ୍ରଭାବିତ କରିଥିଲା । ବିଶେଷକରି ଶିକ୍ଷିତ ସମାଜ ଏବଂ କୃଷକ ଜନସାଧାରଣଙ୍କ ପାଖରେ ପହଞ୍ଚିପାରି ନଥିଲା ଏବଂ ସହରରେ ଥିବା ଗରିବ ଜନସାଧାରଣଙ୍କ ପାଖରେ ମଧ୍ୟ ପହଞ୍ଚିପାରି ନଥିଲା ।

**Humanitarian :** ସମସ୍ତ ଲୋକଙ୍କର ମଙ୍ଗଳ ଏବଂ ସୁଖସ୍ୱାଛନ୍ଦ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ ।

**Liberty :** କାର୍ଯ୍ୟ କରିବା ଏବଂ ଭାବିବାର ସ୍ୱାଧୀନତା

**Fraternity :** ଦଳେ ସମଭାବାପନ୍ନ ଲୋକ

## ତୁମେ କ'ଣ ଶିଖିଲ ?

- ଭାରତୀୟ ସମାଜକୁ ଅନ୍ଧବିଶ୍ୱାସ, ପଶ୍ଚାତ ଦିଗକୁ ଗତି, ସତୀପ୍ରଥା ପରି ମନ୍ଦ ଅଭ୍ୟାସ ଏବଂ ଛୁଆଁ–ଅଛୁଆଁ ଭେଦଭାବକୁ challenge କରାଯାଇଥିଲା ।
- ରାଜାରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିବା ଫୁଲେ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସାର ସୟଦ୍ ଅହମଦ୍ ଖାଁ, ସ୍ୱାମୀ ବିବେକାନନ୍ଦ ପ୍ରଭୃତିଙ୍କ ଭଳି କେତେକ ଶିକ୍ଷିତ ଭାରତୀୟ ସମାଜ ସଂସ୍କାର ପାଇଁ କାର୍ଯ୍ୟ କଲେ । ସେମାନେ ପ୍ରଥମେ ଧର୍ମ ସଂସ୍କାର କଲେ, ସାମାଜିକ କୁପ୍ରଥାକୁ ଧର୍ମବିଶ୍ୱାସ ଦ୍ୱାରା ଦୂର କରିଦେଲେ ।
- ସମାଜ ଏବଂ ଧର୍ମ ସଂସ୍କାରକମାନେ ଆଧୁନିକ ଶିକ୍ଷା ଏବଂ ସମାଜକୁ ସୁଧାରିବା ପାଇଁ ବୈଜ୍ଞାନିକ ଜ୍ଞାନ ଉପରେ ଅଧିକ ଜୋର ଦେଉଥିଲେ । ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ପାଇଁ ନାରୀ ଶିକ୍ଷା ଉପରେ ଜୋର ଦିଆ ଯାଇଥିଲା ।
- ସଂସ୍କାର ଆନ୍ଦୋଳନର ପ୍ରଭାବ ସମାଜ ଉପରେ ବହୁଳ ଭାବରେ ପଡ଼ିଥିଲା । ସମାଜ ସଂସ୍କାରକମାନଙ୍କର ଅକ୍ଳାନ୍ତ ଚେଷ୍ଟା ଯୋଗୁଁ ସତୀପ୍ରଥା, ଆସ୍ପୃଶ୍ୟତା ନିବାରଣକୁ ଆଇନ ଦ୍ୱାରା ଉଠାଇ ଦିଆ ଯାଇଥିଲା । ବିଧବା ବିବାହ ପ୍ରଥାକୁ ପ୍ରଚଳିତ କରାଯାଇଥିଲା । ସମାଜରେ ଆଧୁନିକ ଶିକ୍ଷାକୁ ଉତ୍ସାହିତ କରାଯାଇଥିଲା ।
- ଏସବୁ ଚେଷ୍ଟା ସତ୍ତ୍ୱେ ଭାରତ ଆହୁରି ଅଧିକ ଶିକ୍ଷିତ ଲୋକ ଦରକାର କରୁଅଛି ଯେଉଁମାନେ କି ସଚେତନତାର ପ୍ରସାର କରିପାରିବେ । ଏଥିରେ ଗଣମାଧ୍ୟମର ନିର୍ଣ୍ଣାୟକ ଭୂମିକା ରହିଅଛି ।

## ଅନ୍ତିମ ପ୍ରଶ୍ନାବଳୀ

୧. ଊନବିଂଶ ଶତାବ୍ଦୀରେ ଭାରତରେ ଥିବା ସାମାଜିକ ଅଭ୍ୟାସଗୁଡ଼ିକର ବର୍ଣ୍ଣନା କର ।

୨. ଆମ ସମାଜକୁ ଜାଗ୍ରତ କରିବାକୁ ସଂସ୍କାରର ଆବଶ୍ୟକତା ଅଛି ବୋଲି ତୁମେ କାହିଁକି ଭାବୁଛ ?

୩. ଧର୍ମ–ସଂସ୍କାର ବିନା ସାମାଜ ସଂସ୍କାର ଆନ୍ଦୋଳନ ନିରର୍ଥକ ବୋଲି ତୁମେ କାହିଁକି ଭାବୁଛ ?

୪. ସଂସ୍କାରକମାନେ ଭାରତୀୟ ସମାଜରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲେ ବୋଲି ତୁମେ ଭାବୁଛ କି ?

୫. ସମାଜ–ଧର୍ମ ସଂସ୍କାର ଆନ୍ଦୋଳନ କିପରି ଜାତୀୟ ଆନ୍ଦୋଳନକୁ ଆଗେଇ ନେଇଥିଲା ?

୬. ନିମ୍ନଲିଖିତ ସଂସ୍କାରକମାନେ କିପରି ଜାତିପ୍ରଥାକୁ ବିରୋଧ କରି ବିଧବା ବିବାହ ପ୍ରଥା ସପକ୍ଷରେ ଯୁକ୍ତି ବାଢ଼ିଥିଲେ ବର୍ଣ୍ଣନା କର ।

(କ) ରାଜା ରାମମୋହନ ରାୟ (ଖ) ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (ଗ) ଜ୍ୟୋତିବା ଫୁଲେ

୭. ନିମ୍ନଲିଖିତ ସଂସ୍କାରକମାନଙ୍କ ମଧ୍ୟରେ କେଉଁ କଥାଗୁଡ଼ିକ ସମାନ ଥିଲା ।

(କ) ଥିୟୋସୋଫିକାଲ ସୋସାଇଟି ଏବଂ ରାମକୃଷ୍ଣ ମିଶନ

(ଖ) ଅକାଳୀ ଆନ୍ଦୋଳନ ଏବଂ ଆର୍ଯ୍ୟ ସମାଜ


୮. ଊନବିଂଶ ଶତାବ୍ଦୀରେ ଭାରତରେ ନାରୀ ଶିକ୍ଷା ପାଇଁ କ'ଣ ସବୁ ପ୍ରତିବନ୍ଧକ ଥିଲା ବ୍ୟାଖ୍ୟା କର ।

୯. କିଏ ମୁସଲମାନମାନଙ୍କ ମଧ୍ୟରେ ଇଂରାଜୀ ଶିକ୍ଷାକୁ ପ୍ରବେଶ କରାଇଲେ ? ତାଙ୍କର ଏଥିପାଇଁ କ'ଣ ଅବଦାନ ରହିଥିଲା ?

୧୦. ଯତ୍ନର ସହିତ ଭାରତ ମାନଚିତ୍ରକୁ ଦେଖ ଏବଂ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) କେଉଁ ସ୍ଥାନରେ ବ୍ରହ୍ମ ସମାଜ, ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ ଏବଂ ଏମ୍.ଏ.ଓ କଲେଜ ପ୍ରସିଦ୍ଧି ଲାଭ କରିଥିଲା ।

(ଖ) ପଶ୍ଚିମ ଭାରତରେ କେଉଁ ସମାଜ ସଂସ୍କାରକମାନେ ସକ୍ରିୟ ଥିଲେ ଏବଂ କେଉଁ ସ୍ଥାନରେ ସେମାନେ ସକ୍ରିୟ ଥିଲେ ।




ଚିତ୍ର ୬.୧୨ ଭାରତ ମାନଚିତ୍ର

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୬.୧

୧. ସତୀ, ଜାତିପ୍ରଥା, ବାଲ୍ୟବିବାହ, ବିଧବା ବିବାହ

୨. କାରଣ ମୂଳ ମାନବିକତାର ଏହା ବିରୁଦ୍ଧାଚରଣ କରୁଥିଲା ।

୩. ସାହାସ, ଦୃଢ଼ ନିଶ୍ଚୟ, ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ଚିନ୍ତାଶକ୍ତି

୪. ସେମାନେ ଦେଖିଲେ ଯେ ଧର୍ମଗ୍ରନ୍ଥ ରକ୍ଷଣଶୀଳତାକୁ ଏବଂ ଅନ୍ଧ ବିଶ୍ୱାସକୁ ସ୍ଥାନ ଦେଇନାହିଁ ।

୬.୨

୧. ୧. (ଗ) ୨. (ଘ) ୩. (କ)

୨. ୧. (ଚ) ୨. (ଗ) ୩. (କ) ୪. (ଖ) ୫. (ଛ) ୬. (ଘ) ୭. (ଝ) ୮. (ଙ)

୩. (କ) ଏହା ବହୁତ କମ ସଂଖ୍ୟକ ଲୋକଙ୍କୁ ପ୍ରଭାବିତ କରିପାରୁଥିଲା ବିଶେଷ କରି ଶିକ୍ଷିତ ଶ୍ରେଣୀକୁ ।

(ଖ) ଏହା ଜନସମୁଦାୟଙ୍କ ପାଖରେ ପହଞ୍ଚି ନଥିଲା ।

୪. (କ) ସେ ଅଶିକ୍ଷିତ ହୋଇପାରିଥାନ୍ତି, ପ୍ରାରମ୍ଭିକ ବୟସରେ ସେ ବିବାହ କରିଥାଇ ପାରନ୍ତି । ତାଙ୍କର ବହୁତ ପିଲା ରହିପାରନ୍ତି, ଭଗ୍ନ ସ୍ୱାସ୍ଥ୍ୟ ଯୋଗୁଁ ବହୁତ କମ ବୟସରୁ ଛୁଆ ଜନ୍ମ ହୋଇଥିବା କାରଣରୁ ଭଗ୍ନ ସ୍ୱାସ୍ଥ୍ୟଗତ ଯନ୍ତ୍ରଣା ଭୋଗ କରନ୍ତି । ସେମାନେ ପ୍ରାୟତଃ ସେମାନଙ୍କ ପିତାମାତାଙ୍କ ଉପରେ ନିର୍ଭର କରନ୍ତି କିମ୍ବା ବଞ୍ଚି ରହିବା ପାଇଁ ଆଇନ୍ ଉପରେ ନିର୍ଭର କରନ୍ତି ।

(ଖ) ଅନ୍ୟମାନଙ୍କ ଉପରେ ସେ ନିର୍ଭର କରେ, ଯେଉଁମାନଙ୍କର କି ନିମ୍ନ ସାମାଜିକ ଏବଂ ଆର୍ଥିକ ସ୍ଥିତି ଥାଏ ।

# ୭
# ଇଂରେଜ ଶାସନର ପ୍ରତିରୋଧ

ସବୁ ଶ୍ରେଣୀର ଭାରତୀୟ ସମାଜ ଉପରେ ବ୍ରିଟିଶ୍ ଉପନିବେଶ ଶାସନର ଭୟଙ୍କର ପ୍ରଭାବ ପଡ଼ିଥିଲା । ବର୍ଷ ପରେ ବର୍ଷ କେତେ (stranger) ଅଚିହ୍ନା ବ୍ୟକ୍ତି ଶାସନ କରିବାର କଳ୍ପନା ତୁମେ କରିପାରୁଛ କି ? ନୁହେଁ ଆମେ କରିପାରୁ ନାହୁଁ । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ୧୯୪୭ରେ ଭାରତ ସ୍ୱାଧୀନ ହେଲାପରେ ଜନ୍ମ ଗ୍ରହଣ କରିଥିଲେ । ତୁମେ ଜାଣ କି ଇଂରେଜମାନେ ଯେତେବେଳେ ଭାରତ ଅଧିକାର କରି ଏବଂ ଏହାର ଅର୍ଥନୀତିକୁ ଉପନିବେଶୀୟ କଲେ ସେତେବେଳେ ସେମାନେ ଲୋକମାନଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । ସେମାନେ ବହୁ ସଂଖ୍ୟକ ଭଦ୍ର ରାଜଦ୍ରୋହୀ ଥିଲେ । ଯେଉଁ ଶାସକମାନେ ଇଂରେଜମାନଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିଲେ, ବିଜିତ ଭାରତୀୟ ରାଜ୍ୟଗୁଡ଼ିକର ପୁରାତନ କର୍ମଚାରୀ, ଜମି ହରାଇଥିବା ଜମିଦାର ଏବଂ Poligarଙ୍କ ଦ୍ୱାରା ଏହି ବିଦ୍ରୋହକୁ ଆଗେଇନିଆ ଯାଇଥିଲା । ଏହା ବିଭିନ୍ନ ଜାତି, ଧର୍ମ ଏବଂ ଶ୍ରେଣୀର ଲୋକମାନଙ୍କୁ ବ୍ରିଟିଶ ଶାସନ ବିରୁଦ୍ଧରେ ଏକତ୍ରିତ କରିଥିଲା । ଏହି ପାଠରେ ଆମ୍ଭେମାନେ କେତେକ ପ୍ରଧାନ ବିଦ୍ରୋହ ବିଷୟରେ ଏବଂ ଏହାର ପ୍ରକୃତି ଓ ଗୁରୁତ୍ୱ ବିଷୟରେ ପଢ଼ିବା । ୧୮୫୭ ମସିହାର ବିଦ୍ରୋହ ଯାହା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଆମର ଜାତୀୟ ଆନ୍ଦୋଳନ ଉପରେ ପଡ଼ିଥିଲା ତାହାକୁ ମଧ୍ୟ ପଢ଼ିବା ।


## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ –

- ୧୮୫୭ ମସିହା ପୂର୍ବରୁ ଉପନିବେଶ ଆଇନ ବିରୁଦ୍ଧରେ ହୋଇଥିବା ଜନବିରୋଧ କାରଣର ଆଲୋଚନା ।
- କୃଷକ ଏବଂ ଗ୍ରାମାଞ୍ଚଳ ବିଦ୍ରୋହର ପ୍ରକୃତି ଓ ଗୁରୁତ୍ୱର ବର୍ଣ୍ଣନା ।
- ୧୮୫୭ ବିଦ୍ରୋହକୁ ଆଗେଇ ନେଇଥିବା ଘଟଣାର ବ୍ୟାଖ୍ୟା ।
- ୧୮୫୭ ବିଦ୍ରୋହର ଗୁରୁତ୍ୱ ଏବଂ ଅଭିପ୍ରାୟର ବ୍ୟାଖ୍ୟା ।

## ୭.୧ ଉପନିବେଶୀୟ ଆଇନ ବିରୁଦ୍ଧରେ ପ୍ରାଥମିକ ଜନପ୍ରତିରୋଧ ଆନ୍ଦୋଳନ (୧୭୫୦–୧୮୫୭)

ଏହି ଜନପ୍ରତିରୋଧ ଆନ୍ଦୋଳନ ଲୋକପ୍ରିୟ ହୋଇଥିଲା ତୁମେ ଏହାର କାରଣ ଭାବି ପାରିବ କି ? ବହୁ ସଂଖ୍ୟକ ଲୋକ ଏଥିରେ ଅଂଶ ଗ୍ରହଣ କରିଥିଲେ ଏହାର କ'ଣ କାରଣ ଥିଲା ? କିମ୍ବା ସେମାନେ ସଫଳତାର ସହିତ





ଏହାର ସମ୍ମୁଖୀନ ହୋଇଥିବାର କାରଣ କ'ଣ ? ଏହି ବିଭାଗକୁ ପଢ଼ିସାରିଲା ପରେ ତୁମେ ଶେଷ ନିଷ୍ପତ୍ତିରେ ପହଞ୍ଚି ପାରିବ ।

## ୭.୧.୧ ଲୋକପ୍ରିୟ ପ୍ରତିରୋଧ ଆନ୍ଦୋଳନର କାରଣ

କାହିଁକି ଲୋକମାନେ ଉତ୍ତେଜିତ ହୁଅନ୍ତି ? ସେମାନେ ଯେତେବେଳେ ଅନୁଭବ କରନ୍ତି ଯେ ସେମାନଙ୍କ ଅଧିକାରଗୁଡ଼ିକୁ ତାଙ୍କଠାରୁ ଛଡ଼ାଇ ନିଆଯାଇଅଛି ସେତେବେଳେ ସେମାନେ ଉତ୍ତେଜିତ ହୁଅନ୍ତି । ଏହାର ଅର୍ଥ ସମସ୍ତ ପ୍ରକାର ବିରୋଧୀ ଆନ୍ଦୋଳନ ଶୋଷଣ ବିରୁଦ୍ଧରେ ଆରମ୍ଭ ହୁଏ ।

ଭାରତୀୟମାନଙ୍କର ଅଧିକାର, ସ୍ଥିତି, ଅର୍ଥନୀତିକୁ ଶୋଷଣ କରିବା ବ୍ରିଟିଶ ସରକାରଙ୍କର ମୁଖ୍ୟ ନୀତି ଥିଲା । ପ୍ରଧାନତଃ ଏହା ରାଜ୍ୟ ହରାଇଥିବା ଶାସକ ଗୋଷ୍ଠୀ, କୃଷକ ଏବଂ ଗ୍ରାମୀଣ ଲୋକଙ୍କର ପ୍ରତିବାଦ ଏବଂ ପ୍ରତିରୋଧ ଥିଲା । ଉଦାହରଣ ସ୍ୱରୂପ ଯେତେବେଳେ ୱାରେନ୍ ହେଷ୍ଟିଙ୍ଗ ଅନ୍ୟାୟ ଭାବରେ ଅର୍ଥ ଏବଂ ସୈନ୍ୟ ସମ୍ବନ୍ଧୀୟ ଦାବି ପୂରଣ କରିବା ପାଇଁ ବନାରସ ଉପରେ ଆକ୍ରମଣ କଲେ ଏବଂ ରାଜା ଚୈତ ସିଂହଙ୍କୁ ବନ୍ଦୀ କଲେ ସେତେବେଳେ ବନାରସର ଲୋକମାନେ ବିଦ୍ରୋହ କରିଥିଲେ । ଯେତେବେଳେ ବ୍ରିଟିଶ୍ ସରକାର ମାଡ୍ରାସ ପ୍ରେସିଡ଼େନସିର ଲୋକମାନଙ୍କର ସାମରିକ ଓ ସମ୍ପତ୍ତିଗତ ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କଲେ ସେତେବେଳେ poligars ବିଦ୍ରୋହ କଲେ । ଧର୍ମ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ହସ୍ତକ୍ଷେପ ଲୋକପ୍ରିୟ ବିଦ୍ରୋହର ଅନ୍ୟ ଏକ କାରଣ ଥିଲା । ପ୍ରାୟ ଏହି ବିଦ୍ରୋହଗୁଡ଼ିକ ଖ୍ରୀଷ୍ଟିଆନ ବିରୋଧୀ ଥିଲା । ଏହା ବ୍ରିଟିଶମାନଙ୍କ ଦ୍ୱାରା ସାମାଜିକ ଧାର୍ମିକ ସଂସ୍କାର ଯାହାକୁ କି ଲୋକେ ଗ୍ରହଣ କରୁ ନଥିଲେ ତାହାରି ଯୋଗୁଁ ହିଁ ହୋଇଥିଲା ।

ଅନ୍ୟ କେତେକ ବିଦ୍ରୋହ ଶାସକମାନଙ୍କ ଧର୍ମ ଏବଂ ଶୋଷିତଙ୍କ ମଧ୍ୟରେ ଥିବା ପାର୍ଥକ୍ୟର ଆଶୁ କାରଣ ହେଲା । ମାପିଲାରେ ମାଲାବାର ଅଞ୍ଚଳର ବିଦ୍ରୋହୀଙ୍କ ମଧ୍ୟରେ ଏହା ଘଟିଥିଲା । ଏଠାରେ ମୁସଲମାନ କୃଷକମାନେ ହିନ୍ଦୁ ଜମିଦାର ଏବଂ ମହାଜନଙ୍କ ବିରୁଦ୍ଧରେ ଲଢ଼ିଲେ । ଏହାର ପରବର୍ତ୍ତୀ ବିଭାଗରେ ଆମ୍ଭେମାନେ ଆନ୍ଦୋଳନର ପ୍ରକୃତି ବିଷୟରେ ପଢ଼ିବା ।

## ୭.୧.୨ ଜନପ୍ରିୟ ପ୍ରତିରୋଧ ଆନ୍ଦୋଳନର ପ୍ରକୃତି

ଶୋଷଣକାରୀମାନଙ୍କ ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ ବିଦ୍ରୋହୀମାନଙ୍କର ହିଂସା ଓ ଲୁଣ୍ଠନ ଦୁଇଟି ମୁଖ୍ୟ ଜନପ୍ରିୟ ଅସ୍ତ୍ର ଥିଲା । ନିମ୍ନ ଓ ଶୋଷିତ ଶ୍ରେଣୀର ଲୋକମାନେ ସେମାନଙ୍କର ଶୋଷଣକାରୀମାନଙ୍କୁ ଆକ୍ରମଣ କଲେ । ସେମାନେ ହେଉଛନ୍ତି, ଇଂରେଜ କିମ୍ବା ଜମିଦାର କିମ୍ବା ଖଜଣା ଆଦାୟକାରୀ କର୍ମଚାରୀ ଓ ଧନୀକ ଶ୍ରେଣୀର ବ୍ୟକ୍ତି ବିଶେଷ । ସାନ୍ତାଳ ବିଦ୍ରୋହୀମାନେ ବଡ଼ଧରଣର ହିଂସା ଘଟାଇଲେ, ଯାହାଦ୍ୱାରା ମହାଜନମାନଙ୍କ ହିସାବ ଖାତା ଓ ସରକାରୀ ଗୃହ ଆଦି ପୋଡ଼ିଗଲା ଓ ସେମାନଙ୍କର ଶୋଷଣକାରୀମାନେ ଦଣ୍ଡ ପାଇଲେ ।


ଏହାର ପୂର୍ବବର୍ତ୍ତୀ ପାଠରେ ଆମ୍ଭମାନେ ବ୍ରିଟିଶମାନଙ୍କର ଭୂମିନୀତି ସମ୍ବନ୍ଧରେ ପଢ଼ିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି କୃଷକ ଏବଂ ଗ୍ରାମୀଣ ଲୋକଙ୍କଠାରୁ ଯେତେ ଅଧିକ ହୋଇପାରେ ଅର୍ଥ ଆଦାୟ କରିବା । ଏହା କୃଷକ ଏବଂ ଗ୍ରାମୀଣ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କଲା । ସେମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ନିଜର ବିରକ୍ତି ପ୍ରକାଶ କରିବା ଆରମ୍ଭ କଲେ ।

ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ଜନପ୍ରିୟ ବିରୋଧୀ ଆନ୍ଦୋଳନର ଲକ୍ଷ୍ୟ ହେଉଛି ବ୍ରିଟିଶ ସରକାରଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ପୁରାତନ ସଂଗଠନ ଏବଂ ସମ୍ପର୍କର ପୁର୍ନଉଦ୍ଧାର । ପ୍ରତ୍ୟେକ ସାମାଜିକ ଶ୍ରେଣୀର ଲୋକଙ୍କର

ଉପନିବେଶକ (colonial) ଶକ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଅଲଗା ଅଲଗା କାରଣ ଥିଲା । ଉଦାହରଣ ସ୍ୱରୂପ ବିତାଡ଼ିତ ହୋଇଥିବା ଜମିଦାର ଏବଂ ଶାସକ ସେମାନଙ୍କର ସମ୍ପତ୍ତି ଏବଂ ଅଞ୍ଚଳ ଫେରିପାଇବାକୁ ଚାହୁଁଥିଲେ । ସେହିପରି ଗ୍ରାମାଞ୍ଚଳର ଲୋକମାନେ ବିଦ୍ରୋହ କଲେ, କାରଣ ସେମାନେ ତାଙ୍କ ଜୀବନରେ ବଣିକ ଏବଂ ମହାଜନମାନଙ୍କ (money lender) ହସ୍ତକ୍ଷେପ ଚାହୁଁ ନଥିଲେ ।

## ୭.୨ ଉନ୍‌ବିଂଶ ଶତାବ୍ଦୀରେ କୃଷକମାନଙ୍କ ଆନ୍ଦୋଳନ ଏବଂ ଗ୍ରାମୀଣ ଲୋକଙ୍କର ବିଦ୍ରୋହ

୧୭୬୦ ଦଶନ୍ଧିରେ ବଙ୍ଗ ଓ ବିହାରରେ ସନ୍ୟାସୀ ବିଦ୍ରୋହ ଏବଂ ଛୁଆର ଉତ୍ତେଜନା ବିଷୟରେ ଜାଣି ତୁମେ ଆଶ୍ଚର୍ଯ୍ୟ ହେବ । ଏପରି କି ଗୋଟିଏ ବର୍ଷ ନଥିଲା ଯେଉଁଥିରେ କି ବିଦ୍ରୋହ ଦମନ ପାଇଁ ଅସ୍ତ୍ର ପ୍ରୟୋଗ କରାଯାଉ ନଥିଲା । ୧୭୬୩ ରୁ ୧୮୫୬ ମଧ୍ୟରେ ୪୦ ଗୋଟି ବଡ଼ ଧରଣର ବିଦ୍ରୋହ ହୋଇଥିଲା ଏହା ବ୍ୟତୀତ ଶହ ଶହ ଛୋଟ ଧରଣର ବିଦ୍ରୋହ ହୋଇଥିଲା । ଏହି ବିଦ୍ରୋହ ସବୁ ଚରିତ୍ର ଏବଂ ପ୍ରଭାବରେ ସ୍ଥାନୀୟ




ଚିତ୍ର – ୭.୧ ଉନ୍‌ବିଂଶ ଶତାବ୍ଦୀରେ କୃଷକ ଓ ଆଦିବାସୀମାନଙ୍କ ବିଦ୍ରୋହ ଭାରତ ମାନଚିତ୍ରରେ ଦର୍ଶାଯାଇଛି

ଥିଲେ । ସେଗୁଡ଼ିକ ଗୋଟିଏରୁ ଅନ୍ୟଟି ଭିନ୍ନ ଥିଲା କାରଣ ପ୍ରତ୍ୟେକ ବିଦ୍ରୋହର ଅଲଗା ଅଲଗା ଉଦ୍ଦେଶ୍ୟ ଥିଲା । ଏହି ପାଠର ପରବର୍ତ୍ତୀ ବିଭାଗରେ ବର୍ତ୍ତମାନ ଆମ୍ଭେମାନେ ଆନ୍ଦୋଳନ ବିଷୟରେ ଅଧିକ ପଢ଼ିବା ।

## ୭.୨.୧ କୃଷକ ବିଦ୍ରୋହ

ପୂର୍ବ ପାଠରେ ତୁମ୍ଭେମାନେ ଜମିଜମା ବନ୍ଦୋବସ୍ତ ବିଷୟରେ ପଢ଼ିଅଛ ଯାହାର ବିପରିତ ପ୍ରଭାବ ଭାରତୀୟ କୃଷକ ଶ୍ରେଣୀ ଉପରେ ପଡ଼ିଥିଲା । ଚିରସ୍ଥାୟୀ ବନ୍ଦୋବସ୍ତ ଜମିଦାରମାନଙ୍କୁ ଜମିର ମାଲିକ କରିଦେଲା । ଯଦି ଠିକ୍ ସମୟରେ ଖଜଣା ପଇଠ କରାଯାଉ ନଥିଲା ସେହି ଜମିକୁ ବିକ୍ରି କରାଯାଇ ପାରୁଥିଲା । ଏହା ଜମିଦାର ଏବଂ ଜମିର ମାଲିକମାନଙ୍କୁ କୃଷକମାନଙ୍କର ଫସଲ ହାନି ହେବା ସତ୍ତ୍ୱେ ତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ବାଧ କରିଥିଲା । ଏହି କୃଷକମାନେ ପ୍ରାୟ ଖଜଣା ଦେବାକୁ ଗାଁ ମହାଜନଙ୍କଠାରୁ ଟଙ୍କା କରଜ ଆଣୁଥିଲେ । ଅଭାବଗ୍ରସ୍ତ କୃଷକମାନେ ତାଙ୍କର ଋଣ ପରିଶୋଧ କରିପାରୁ ନଥିଲେ । ଏଥିଯୋଗୁଁ ସେମାନେ କଷ୍ଟରେ ଜୀବନଯାପନ କରୁଥିଲେ ଏବଂ ତାଙ୍କୁ ଏଥିପାଇଁ ବେଠି ଖଟିବାକୁ ପଡୁଥିଲା । ଏଣୁ ନିମ୍ନ ଶୋଷିତ ବର୍ଗର ଲୋକମାନେ ଶୋଷଣକାରୀଙ୍କ ଶିକାର ହେଉଥିଲେ । ଜମିଦାରମାନେ ଖଜଣା ଦେବାରେ ଅସଫଳ ହେଲେ ତାଙ୍କଠାରୁ ବ୍ରିଟିଶ ସରକାର ଜମି ଫେରସ୍ତ ନେଇ ଯାଉଥିଲେ । ସହରାଞ୍ଚଳର ଲୋକମାନଙ୍କୁ ଅଧିକ ନିଲାମରେ ଏହି ଜମି ଦିଆଯାଉଥିଲା । ସହରର ନୂଆ ଜମିଦାରମାନଙ୍କର ଜମି ଉପରେ ଆଗ୍ରହ ରହୁ ନଥିଲା । ସେମାନେ ବିହନ କିଣିବାରେ ସାର କିଣି ଜମିର ଉର୍ବରତା ବଢ଼ାଇବାରେ ଅର୍ଥ ବ୍ୟୟ କରୁ ନଥିଲେ କିନ୍ତୁ ଯେତେ ଅଧିକ ହୋଇପାରେ ସେତେ ଖଜଣା ଆଦାୟ କରିପାରୁଥିଲେ । ଏହା କୃଷକମାନଙ୍କୁ ପଛୁଆ ଏବଂ ସ୍ଥାଣୁ କରିବା ସହ ସେମାନଙ୍କ ପାଇଁ କ୍ଷତିକାରକ ପ୍ରମାଣିତ ହେଲା ।

ଏହି ଆର୍ଥିକ ଅନାଟନ ଅବସ୍ଥାରୁ ମୁକୁଳିବା ପାଇଁ କୃଷକମାନେ ବର୍ତ୍ତମାନ ତାଙ୍କ ଜମିରେ ନୀଳ, ଆଖୁ, ଝୋଟ, କପା, ଅଫିମ ପ୍ରଭୃତି ଅର୍ଥକାରୀ ଫସଲ ଉତ୍ପାଦନ କରିବା ଆରମ୍ଭ କଲେ । ଏହା କୃଷିର ବାଣିଜ୍ୟିକରଣର ପ୍ରାରମ୍ଭ ଥିଲା । କୃଷକମାନେ ବର୍ତ୍ତମାନ ବ୍ୟବସାୟୀ, ବଣିକ ଏବଂ ମଧ୍ୟସ୍ଥିଙ୍କ ଉପରେ ତାଙ୍କ କୃଷିଜାତ ଦ୍ରବ୍ୟର ବିକ୍ରୟ ପାଇଁ ନିର୍ଭର କଲେ । ସେମାନେ ବାଣିଜ୍ୟିକ କୃଷି କରିବାରୁ ଖାଦ୍ୟ ଶସ୍ୟ ଉତ୍ପାଦନ କମିଗଲା । ଖାଦ୍ୟ ଶସ୍ୟର ସ୍ୱଳ୍ପତା ଦୂର୍ଭିକ୍ଷ ଆଡ଼କୁ ଟାଣି ନେଲା । ଏଣୁ କ୍ଷୁଧାର୍ଥ କୃଷକମାନେ ବିଦ୍ରୋହ କଲେ ତେଣୁକରି ଆଶ୍ଚର୍ଯ୍ୟ ହେବାର ନୁହେଁ । ବ୍ରିଟିଶ ସରକାରଙ୍କ ନୀତି ଦ୍ୱାରା ଆହୁରି ଅଧିକ କୃଷକ ବିଦ୍ରୋହ ହୋଇଥିଲା ଆସ ପଢ଼ିବା ।

### ୧. ଫକୀର ଏବଂ ସନ୍ନ୍ୟାସୀମାନଙ୍କ ବିଦ୍ରୋହ (୧୭୭୦–୧୮୨୦) :

୧୭୫୭ ମସିହାରେ ବ୍ରିଟିଶ ସରକାରଙ୍କର ବଙ୍ଗଳା ଉପରେ ନିୟନ୍ତ୍ରଣ ଜମିର ଖଜଣା ବୃଦ୍ଧି କଲା ଏବଂ କୃଷକମାନଙ୍କୁ ଶୋଷଣ କଲା । ୧୭୭୦ ମସିହାର ବଙ୍ଗଳା–ଦୂର୍ଭିକ୍ଷ କୃଷକମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଦେଲା । ଜମିଦାରଙ୍କ ପାଖକୁ ଜମି ଚାଲିଗଲା । ତାଙ୍କ ବଳକୁ ଭାଙ୍ଗି ଦେଲା ଏବଂ ଗରିବ ଲୋକମାନଙ୍କୁ ବିଦ୍ରୋହ ପାଇଁ ଏକତ୍ରିତ କଲା । ସେମାନେ ସନ୍ନ୍ୟାସୀ ଏବଂ ଫକୀରମାନଙ୍କ ଦ୍ୱାରା ଏକତ୍ରିତ ହେଲେ ।

ଫକୀରମାନେ ହେଉଛନ୍ତି ବଙ୍ଗଳାର ଦଳେ ଧାର୍ମିକ ଗୋଷ୍ଠୀର ଲୋକେ ଯେଉଁମାନେ କି ବିଭିନ୍ନ ସ୍ଥାନ ଭ୍ରମଣ କରୁଥାନ୍ତି । ଯେଉଁ ଦୁଇଜଣ ହିନ୍ଦୁ ନେତା ସେମାନଙ୍କୁ ସମର୍ଥନ କରୁଥିଲେ ସେମାନେ ହେଲେ ଭବାନୀ ପଟ୍ଟନାୟକ ଏବଂ ଦେବୀ ଚୌଧୁରାନୀ, ସେମାନେ ଇଂରେଜ କାରଖାନା ଉପରେ ଆକ୍ରମଣ କଲେ ଏବଂ ସେମାନଙ୍କ ଦ୍ରବ୍ୟ, ଅର୍ଥ ଏବଂ ଗୋଳା ବାରୁଦକୁ ଅଧିକାର କଲେ । ମାଜନୁମ ଶାହ ସେମାନଙ୍କର ଜଣେ ପ୍ରଖ୍ୟାତ ନେତା ଥିଲେ । ଊନବିଂଶ ଶତାବ୍ଦିର ଆରମ୍ଭରେ ସେମାନେ ବ୍ରିଟିଶ ସରକାରଙ୍କ ନିୟନ୍ତ୍ରଣକୁ ଆସିଲେ ।

୧୭୭୦ ରୁ ୧୮୨୦ ମଧ୍ୟରେ ସନ୍ନ୍ୟାସୀମାନଙ୍କର ଜାଗରଣ ବଙ୍ଗଳାରେ ଘଟିଥିଲା । ବଙ୍ଗଳାର ୧୭୭୦ ଦୁର୍ଭିକ୍ଷ ପରେ ସନ୍ନ୍ୟାସୀମାନେ ବିପ୍ଳବ ପାଇଁ ତାତି ଉଠିଥିଲେ । ଯାହା ଫଳରେ କି ତୀବ୍ର ବିଶୃଙ୍ଖଳା ଓ ଦୁଃଖ ସୃଷ୍ଟି ହେଲା । ଯାହାବି ହେଉ ବିଦ୍ରୋହୀମାନଙ୍କର ଆଶୁକାରଣ ହେଉଛି ବ୍ରିଟିଶ ସରକାର ମୁସଲମାନ ଏବଂ ହିନ୍ଦୁ ତୀର୍ଥଯାତ୍ରୀମାନଙ୍କ ଉପରେ କଟକଣା ଲାଗୁ କରିବା ।

## ୨. ନୀଳ ବିଦ୍ରୋହ (୧୮୫୯–୧୮୬୨) :

ବ୍ରିଟିଶମାନେ ଅନେକ ରାସ୍ତା ଗ୍ରହଣ କରିଥିଲେ ଯାହା ଫଳରେ କି ସେମାନଙ୍କ ଲାଭ ବଢ଼ିପାରୁଥିଲା । ଲୋକମାନଙ୍କର ଜୀବନଧାରଣର ମୂଳ ଉପାୟ ଉପରେ ସେମାନେ ମଧ୍ୟ ହସ୍ତକ୍ଷେପ କରିଥିଲେ । ସେ ଯେ କେବଳ ନୂଆ ଶସ୍ୟକୁ କରିଥିଲେ ତାହା ନୁହେଁ ସେମାନେ କୃଷିର ନୂତନ କୌଶଳ ମଧ୍ୟ ଆଣିଥିଲେ । ଅଧିକ ଟିକସ ନେବାକୁ ଏବଂ ବାଣିଜ୍ୟିକ ଶସ୍ୟ ଉତ୍ପାଦନ କରିବାକୁ ସେ ଜମିଦାର ଏବଂ କୃଷକମାନଙ୍କ ଉପରେ ଅଧିକ ଚାପ ପକାଉଥିଲେ । ‘ନୀଳ’ ଚାଷ ହେଉଛି ସେହିପରି ଏକ ବାଣିଜ୍ୟିକ ଚାଷ । ନୀଳ ଚାଷ ଇଂଲଣ୍ଡର ଲୁଗା ବଜାରର ଆବଶ୍ୟକତା ଅନୁସାରେ କରାଯାଉଥିଲା । ତିନିଗୋଟି କାରଣ ଯୋଗୁଁ କୃଷକମାନେ ନୀଳ ଚାଷ କରିବାକୁ ଅସନ୍ତୋଷ ପ୍ରକାଶ କରୁଥିଲେ ।

- ନୀଳ ଚାଷ ପାଇଁ ତାଙ୍କୁ ବହୁତ କମ ପଇସା ଦିଆଯାଉଥିଲା ।
- ନୀଳ ଚାଷ ଲାଭଜନକ ନଥିଲା, କାରଣ ଏହା ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ସମୟରେ କରିବାକୁ ପଡୁଥିଲା ।
- ନୀଳ ଚାଷ କରିବା ଦ୍ୱାରା ଜମିର ଉର୍ବରତା ହ୍ରାସ ପାଉଥିଲା ।




ଚିତ୍ର ୭.୨

ଫଳସ୍ୱରୂପ ଖାଦ୍ୟଶାସ୍ୟ ଉତ୍ପାଦନ କମିବାକୁ ଲାଗିଲା । ବଣିକ ଏବଂ ମଧ୍ୟସ୍ଥିଙ୍କ ହାତରେ କୃଷକମାନେ ଅସୁବିଧା ଭୋଗିବାକୁ ଲାଗିଲେ କାରଣ ସେହିମାନଙ୍କୁ ସେମାନେ ନିଜର ଉତ୍ପାଦିତ ଦ୍ରବ୍ୟ ସମୟ ସମୟରେ ବହୁତ କମ୍ ଦାମରେ ବିକ୍ରୟ କରୁଥିଲେ । ସେମାନଙ୍କର ଆଧିପତ୍ୟକୁ ରକ୍ଷା କରିବାକୁ ସେମାନେ ଜମିଦାରଙ୍କୁ ସମର୍ଥନ କଲେ ଏବଂ ସେ ଅଞ୍ଚଳର ଶାସନ କର୍ତ୍ତାଙ୍କ ପାଖରେ ସେମାନଙ୍କର ସମସ୍ୟାକୁ ଉପସ୍ଥାପନ କରିବାକୁ କହିଲେ ।

ବଙ୍ଗଳାରେ କୃଷକମାନେ ନୀଳ ଚାଷ କରିବେ ନାହିଁ ବୋଲି ଆନ୍ଦୋଳନ କଲେ । ହିନ୍ଦୁ ଓ ମୁସଲମାନମାନେ ଏକାଠି ମିଶି ଆନ୍ଦୋଳନ କଲେ ଏବଂ ରୋପଣକାରୀଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କଲେ । ତାଙ୍କୁ ପ୍ରେସ ଏବଂ ମିଶିଓନାରିମାନେ ସମର୍ଥନ କଲେ । ୧୮୬୦ ନଭେମ୍ବରରେ ସରକାର ଆଦେଶ ପ୍ରଦାନ କଲେ ଯେ ରୟତମାନଙ୍କୁ ନୀଳ ଚାଷ କରିବାକୁ ବାଧ କରିବା ନ୍ୟାୟସଙ୍ଗତ ନୁହେଁ । ବିଦ୍ରୋହୀମାନଙ୍କର ଏହା ବିଜୟ ସୂଚୀତ କଲା ।



ଚିତ୍ର ୭.୩ ବଙ୍ଗଳାରେ କୃଷକମାନଙ୍କ ନୀଳ ଚାଷ

### ୩. ଫାରାଜୀ ଆନ୍ଦୋଳନ (୧୮୩୮–୧୮୪୮) :

ସିରିୟାତୁଲ୍ଲା ଖାଁ ଏବଂ ଜାଦୁମିଆଁଙ୍କ ନେତୃତ୍ୱରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏହା ସର୍ବ ପ୍ରଥମ ଟିକସ ନଦେବା ଡାକରା ଥିଲା । ସେମାନଙ୍କର ସାହସୀ ସ୍ୱେଚ୍ଛାସେବୀମାନେ ରୋପଣକାରୀ ଏବଂ ଜମିଦାରମାନଙ୍କର ସଶସ୍ତ୍ର ବାହିନୀଙ୍କ ସହିତ ଲଢ଼ିଥିଲେ । ଜମିଦାରମାନଙ୍କର ନିଷ୍ଠୁର ଏବଂ ଅଯୌକ୍ତିକ ଶୋଷଣ ବିରୁଦ୍ଧରେ ବଙ୍ଗଳାର ସମସ୍ତ କୃଷକମାନଙ୍କୁ ଏକତ୍ରିତ କରିଥିଲା ।

### ୪. ୱାହାବୀ ଆନ୍ଦୋଳନ (୧୮୩୦–୧୮୬୦) :

ବରେଲିର ସୟଦ ଅହମଦ ବାରିଲଭି ଏହି ଆନ୍ଦୋଳନର ନେତା ଥିଲେ । ସେ ଆରବର ଅବଦୁଲ ୱାହାବ ଏବଂ ଦିଲ୍ଲୀର ସାଧୁ ଶାହ ଓ ଲିଓ୍ୱାଲାଙ୍କ ଧାର୍ମିକ ଶିକ୍ଷାରେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ପ୍ରାରମ୍ଭରୁ ଏହା

ଧାର୍ମିକ ଆନ୍ଦୋଳନ ଥିଲା । ଏହା ଶୀଘ୍ର ଶ୍ରେଣୀ ସଂଘର୍ଷରେ ପରିଣତ ହେଲା, ବିଶେଷ କରି ବଙ୍ଗଳାରେ ହୋଇଥିଲା । ଜାତି ଧର୍ମ ନିର୍ବିଶେଷରେ କୃଷକମାନେ ସେମାନଙ୍କର ଜମିଦାରଙ୍କ ବିରୁଦ୍ଧରେ ଏକତ୍ରିତ ହୋଇଥିଲେ ।

## ୭.୨.୨ କୃଷକ ବିଦ୍ରୋହର ଗୁରୁତ୍ୱ

ବ୍ରିଟିଶମାନଙ୍କ ଉତ୍ତେଜନାପୂର୍ଣ୍ଣ ଅର୍ଥନୈତିକ ନୀତି ଏବଂ ଭାରତର ପରମ୍ପରାଗତ ସତ୍ତ୍ୱାଧିକାର ବ୍ୟବସ୍ଥା କୃଷକମାନଙ୍କ ଅବସ୍ଥାକୁ ଆହୁରି ଅଧିକ ଖରାପ କରିଦେଲା । ଏହି ନୀତିଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ କୃଷକ ବିଦ୍ରୋହ ସଂଗଠିତ ହେଲା । ବ୍ରିଟିଶମାନଙ୍କୁ ଭାରତରୁ ବିତାଡ଼ିତ କରିବା ଏହି ବିଦ୍ରୋହର ଲକ୍ଷ୍ୟ ନଥିଲା । ଏହା ଫଳରେ ସେମାନେ ଭାରତୀୟମାନଙ୍କୁ ସଚେତନ କରାଇ ପାରିଥିଲେ । ଶୋଷଣ ଏବଂ ଅତ୍ୟାଚାର ବିରୁଦ୍ଧରେ ଲଢ଼ିବା ପାଇଁ ଗୋଟିଏ ସଂଗଠନର ଆବଶ୍ୟକତା ରହିଛି ବୋଲି ସେମାନେ ଅନୁଭବ କଲେ । ସଂକ୍ଷେପରେ କହିବାକୁ ଗଲେ ଏହି ବିଦ୍ରୋହୀମାନେ ବିଭିନ୍ନ ଉତ୍ତେଜନାର ଭିତ୍ତିଭୂମି ପ୍ରସ୍ତୁତ କଲେ । ସେଗୁଡ଼ିକ ହେଲା ପଞ୍ଜାବର ଶିଖ୍ ସଂଘର୍ଷ ଏବଂ ୧୮୫୭ ବିଦ୍ରୋହ

## ତୁମ ପାଇଁ କାର୍ଯ୍ୟ ୭.୧

ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ପ୍ରତିରୋଧ ଦେଖାଦେଲା । ଏହି ପ୍ରତିରୋଧ ପ୍ରତିରୋଧମୂଳକ ଆନ୍ଦୋଳନଠାରୁ କିପରି ଅଲଗା ଥିଲା ? କ'ଣ ସବୁ ପ୍ରତିରୋଧ ଆନ୍ଦୋଳନକୁ ଜନପ୍ରିୟ କରାଇଲା ? ଏହି ପ୍ରଶ୍ନ ଉପରେ ସାଙ୍ଗମାନଙ୍କ ସହିତ ଆଲୋଚନା କର କିମ୍ବା ପିୟର ଦଳ ସହିତ କିମ୍ବା ପରିବାର ସହିତ ଆଲୋଚନା କର । ତୁମ ଆଲୋଚନା ଉପରେ ୫୦ ଗୋଟି ଶବ୍ଦରେ ଗୋଟିଏ ନୋଟ ପ୍ରସ୍ତୁତ କର ।

## ୭.୨.୩ ଜନଜାତି ବିଦ୍ରୋହ


ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କରୁଥିବା ଅନ୍ୟ ଏକ ଦଳ ମଫସଲର ଜନଜାତିର ଲୋକ ଥିଲେ । ଗ୍ରାମୀଣ ଲୋକେ ଭାରତ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅବିଚ୍ଛେଦ୍ୟ ଅଂଶ ଥିଲେ । ବ୍ରିଟିଶ ଉପନିବେଶ ସହିତ ସଂଯୁକ୍ତ ହେବା ପୂର୍ବରୁ ସେମାନଙ୍କର ନିଜର ସ୍ୱତନ୍ତ୍ର ସାମାଜିକ ଏବଂ ଅର୍ଥନୀତିକ ଚଳଣି ଥିଲା । ଏହି ଚଳଣିଗୁଡ଼ିକ ପରମ୍ପରାଗତ ଥିଲା ଏବଂ ଜନଜାତିମାନଙ୍କର ଆବଶ୍ୟକତା ପୂରଣ କରୁଥିଲା । ପ୍ରତ୍ୟେକ ଗୋଷ୍ଠୀର ଜଣେ ଜଣେ ମୁଖିଆ ଥିଲେ ଯେଉଁମାନେ କି ଗୋଷ୍ଠୀର ସମସ୍ତ କାର୍ଯ୍ୟକୁ ତୁଲାଉ ଥିଲେ । ସେମାନଙ୍କ ଘଟଣାବଳୀକୁ ସମାଧାନ କରିବାକୁ ସେମାନେ ସ୍ୱାଧୀନ ଥିଲେ । ତାଙ୍କ ଜୀବନ ଧାରଣର ପ୍ରଧାନ ଉତ୍ସ ଭୂମି ଏବଂ ଅରଣ୍ୟ ଥିଲା । ବଞ୍ଚିରହିବା ପାଇଁ ଯେଉଁସବୁ ମୂଳ ଉପାଦାନ ଆବଶ୍ୟକ ତାହା ସେମାନଙ୍କୁ ଜଙ୍ଗଲ ଯୋଗାଉଥିଲା । ଜନଜାତି ଗୋଷ୍ଠୀର ଲୋକମାନେ ଅଣ ଜନଜାତିଠାରୁ ଅଲଗା ଥିଲେ ।

ବ୍ରିଟିଶ ନୀତି ଜନଜାତି ସମାଜକୁ କ୍ଷତି ପହଞ୍ଚାଇଲା । ଏହା ସେମାନଙ୍କର ସ୍ଥିତି ସ୍ଥାପକତା, ଆର୍ଥିକ ଆତ୍ମନିର୍ଭରଶୀଳତା ଏବଂ ଏକତାକୁ ନଷ୍ଟ କରିଦେଲା । ବିଭିନ୍ନ ଅଞ୍ଚଳର ଜନଜାତି ଦଳ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ସେମାନଙ୍କର ଆନ୍ଦୋଳନ ଉପନିବେଶବାଦ୍ ବିରୁଦ୍ଧରେ ଥିଲା କାରଣ ଉପନିବେଶ ଶାସନ ବିରୁଦ୍ଧରେ ସେମାନେ ପରିଚାଳିତ ହୋଇଥିଲେ । ଏହି ଅଧିବାସୀମାନେ ପାରମ୍ପରିକ ଅସ୍ତ୍ରକୁ ବ୍ୟବହାର କରୁଥିଲେ । ବିଶେଷକରି ଧନୁ ଆଉ ଶରକୁ ବ୍ୟବହାର କରୁଥିଲେ । ସେମାନଙ୍କୁ ଦେଷୀ ଏବଂ ଅଣସାମାଜିକ ବୋଲି ଘୋଷଣା କରାଯାଇଥିଲା । ସେମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରାଗଲା । ସେମାନଙ୍କୁ ବନ୍ଦୀ କରାଗଲା । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଫାଶି

ଦିଆଗଲା । ଭାରତରେ ଜନଜାତି ଆନ୍ଦୋଳନ କେତେକ ଅଞ୍ଚଳରେ କେବଳ ସୀମାବଦ୍ଧ ହୋଇ ରହିଥିଲା । ଅନ୍ୟ ସାମାଜିକ ଦଳ ଯେଉଁମାନେ କି ଉପନିବେଶବାଦ ବିରୁଦ୍ଧରେ କାର୍ଯ୍ୟ କରୁଥିଲେ ସେମାନେ ଏମାନଙ୍କଠାରୁ ପଛରେ ପଡ଼ି ନଥିଲେ । ବର୍ତ୍ତମାନ ଆମେ ବ୍ରିଟିଶ ଶାସନ ବିରୁଦ୍ଧରେ ଆନ୍ଦୋଳନ କରିଥିବା ମୁଖ୍ୟ ଜନଜାତି ଆନ୍ଦୋଳନ ବିଷୟରେ ପଢ଼ିବା ।

## ୧. ସାନ୍ତାଳ ବିଦ୍ରୋହ (୧୮୫୫ – ୫୭) :

ସାନ୍ତାଳମାନଙ୍କର କେନ୍ଦ୍ରବିନ୍ଦୁ ଥିବା ଅଞ୍ଚଳ ହେଉଛି ସାନ୍ତାଳ ପ୍ରଗଣାର (ଡାମନାଇଖୋ) ଥିଲା । ଏହା ବିହାରର ଭାଗଲପୁର ଠାରୁ ଓଡ଼ିଶାର ଉତ୍ତରାଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଦକ୍ଷିଣରେ ଏହା ହଜାରିବାଗଠାରୁ ବଙ୍ଗଳାସୀମା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଅନ୍ୟ ଜନଜାତିଙ୍କ ଭଳି ସାନ୍ତାଳମାନେ ଜଙ୍ଗଲ ଏବଂ ଘନଜଙ୍ଗଲ ମଧ୍ୟରେ କଠିନ ପରିଶ୍ରମ କରୁଥିଲେ । ସେମାନେ ସେମାନଙ୍କ ଭୂମିକୁ ଚାଷକରି ଶାନ୍ତିପୂର୍ଣ୍ଣ ଜୀବନଯାପନ ସେ ପର୍ଯ୍ୟନ୍ତ କରୁଥିଲେ, ଯେଉଁ ପର୍ଯ୍ୟନ୍ତ କି ବ୍ରିଟିଶ ସରକାର ସେମାନଙ୍କ ମଧ୍ୟକୁ ବଣିକ, ମହାଜନ, ଜମିଦାର ଏବଂ ବ୍ୟବସାୟୀମାନଙ୍କୁ ଆଣି ନଥିଲେ । ସେମାନେ ଧାରସୂତ୍ରରେ ଜିନିଷ କିଣୁଥିଲେ । ଅମଳ ସମୟରେ ଅଧିକ ସୁଧରେ ଧାର ଟଙ୍କା ପରିଶୋଧ କରିବାକୁ ତାଙ୍କୁ ବାଧ କରାଯାଉଥିଲା । ଏହାର ଫଳସ୍ୱରୂପ କେତେକ ସମୟରେ ସେମାନଙ୍କୁ ମହାଜନ କେବଳ ଯେ ଶସ୍ୟ ଦେବାକୁ ବାଧ କରୁଥିଲେ ତାହା ନୁହେଁ, ସେମାନଙ୍କ ଲଙ୍ଗଳ, ବଳଦ, ସବାଶେଷରେ ସମ୍ପତ୍ତି ଦେବାକୁ ବାଧ କରୁଥିଲେ । ଖୁବ୍ ଶୀଘ୍ର ସେମାନେ ବେଠି ଶ୍ରମିକ ହୋଇ ଯାଉଥିଲେ ଏବଂ ସେମାନଙ୍କର ରଣଦାତାର ସେବା କରୁଥିଲେ । ବର୍ତ୍ତମାନ ଶାନ୍ତଶିଷ୍ଟ ଜନଜାତିର ଲୋକେ, ବ୍ରିଟିଶ ଅଫିସର, ଜମିଦାର ଏବଂ ଋଣ ଦାତାଙ୍କ ବିରୁଦ୍ଧରେ ଅସ୍ତ୍ର ଉଠାଇଲେ ଯେଉଁମାନେକି ସେମାନଙ୍କୁ ଶୋଷଣ କରୁଥିଲେ ।




ଚତ୍ର ୭.୪  ଟିରକା ମଞ୍ଚ

ସିଧୁ ଏବଂ କାହ୍ନୁ ଆଗୁଆ ସାନ୍ତାଳ ବିଦ୍ରୋହୀଙ୍କର ନେତା ଥିଲେ । ସେ ବ୍ରିଟିଶ ସରକାରଙ୍କ ସହିତ ବୀରତ୍ୱ ସହକାରେ ଲଢ଼ିଥିଲେ । ଦୁର୍ଭାଗ୍ୟବଶତଃ ସାନ୍ତାଳ ବିଦ୍ରୋହୀମାନେ ଗୋଟିଏ ଅସମାନ ଯୁଦ୍ଧରେ ଲଢ଼ି ପେଷି ହୋଇଥିଲେ । କିନ୍ତୁ ଏହା ଭବିଷ୍ୟତ ଜମି ବିବାଦକୁ ପ୍ରେରଣା ଯୋଗାଇ ଥିଲା ।

## ୨. ମୁଣ୍ଡା ବିଦ୍ରୋହ (୧୮୯୯–୧୯୦୦) :

୧୮୫୭ ମସିହା ପରେ ଯେଉଁ ସବୁ ବିଦ୍ରୋହ ହୋଇଥିଲା ସେଥିମଧ୍ୟରୁ ମୁଣ୍ଡା ବିଦ୍ରୋହ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଖ୍ୟାତ ଥିଲା । ମୁଣ୍ଡାମାନେ ବଂଶାନୁକ୍ରମେ କେତେଗୁଡ଼ିଏ ଦାବି ଉପଭୋଗ କରୁଥିଲେ । ଯେଉଁ ଜମି ଅନ୍ୟ କାହାରିକୁ ହସ୍ତଗତ କରାଯାଇ ନଥିଲା ସେହି ଜଙ୍ଗଲକୁ ପରିଷ୍କାର କରୁଥିଲେ । କିନ୍ତୁ ଏହି ଜମି ପ୍ରଥା ବ୍ରିଟିଶମାନେ ଆସିବା ପୂର୍ବରୁ ବଣିକ ଓ ମହାଜନଙ୍କ ଦ୍ୱାରା ନଷ୍ଟ ହୋଇ ଯାଇଥିଲା । କିନ୍ତୁ ପ୍ରକୃତରେ ବ୍ରିଟିଶରମାନେ ଯେତେବେଳେ

ଏହି ଅଞ୍ଚଳକୁ ଆସିଲେ ସେମାନେ କଣ୍ଟ୍ରାକ୍ଟର ଏବଂ ବଣିକମାନଙ୍କ ଦ୍ୱାରା ଖୁବ୍ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କଲେ । ଏହି କଣ୍ଟ୍ରାକ୍ଟରମାନେ ତାଙ୍କ ସହିତ କାମ କରିବାକୁ ଚୁକ୍ତି ଭିତ୍ତିକ ଶ୍ରମିକ ଦରକାର କଲେ । କଣ୍ଟ୍ରାକ୍ଟର ଏବଂ ବ୍ରିଟିଶରମାନଙ୍କ ହାତରେ ମୁଣ୍ଡାମାନଙ୍କ ସ୍ଥାନାନ୍ତରିକରଣ ମୁଣ୍ଡା ବିଦ୍ରୋହକୁ ଜନ୍ମ ଦେଲା । ବିର୍ସା ମୁଣ୍ଡା ଏହି ବିଦ୍ରୋହୀମାନଙ୍କ ମଧ୍ୟରେ ପ୍ରସିଦ୍ଧ ଥିଲେ । କାରଣ ସେ ମିଶନାରୀମାନଙ୍କଠାରୁ କିଛି ଶିକ୍ଷା ଲାଭ କରିଥିଲେ । ସେ ବଣୁଆ ଲୋକମାନଙ୍କୁ ତାଙ୍କର ପାରମ୍ପରିକ ପୂଜା, ବଣରେ ଥିବା ପବିତ୍ର ଗଛଲତାକୁ କରିବାକୁ ଉତ୍ସାହିତ କଲେ । ଏହି ପଦକ୍ଷେପ ବ୍ରିଟିଶରମାନଙ୍କୁ ତାଙ୍କ ଭୂମିରୁ ଉଚ୍ଛେଦ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା । ଏଥିପାଇଁ ବିର୍ସା ମୁଣ୍ଡା ଋଣଦାତା / ମହାଜନ ଏବଂ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିଲେ । ସେ ଥାନା, ଚର୍ଚ୍ଚ ଏବଂ ଧର୍ମ ପ୍ରଚାରକମାନଙ୍କୁ ଆକ୍ରମଣ କଲେ । ଦୁର୍ଭାଗ୍ୟବଶତଃ ବିଦ୍ରୋହୀମାନେ ପରାସ୍ତ ହେଲେ ଏବଂ ମୁଣ୍ଡା ୧୯୦୦ ମସିହା ପରେ ଜେଲରେ ମୃତ୍ୟୁ ବରଣ କଲେ । କିନ୍ତୁ ତାଙ୍କର ଉତ୍ସର୍ଗୀକରଣ ବୃଥା ହେଲା ନାହିଁ । ୧୯୦୮ ମସିହାର ଛୋଟ ନାଗପୁର ଟେନନ୍ସି ଆଇନ ବଳରେ ଆଦିବାସୀମାନଙ୍କୁ ବେଠି ଶ୍ରମିକରୁ ବଞ୍ଚିତ କରାଯାଇ କିଛି ଜମିର ମାଲିକାନା ଦିଆଗଲା । ବିର୍ସା ମୁଣ୍ଡା ବିର୍ସା ବିଦ୍ରୋହର ସ୍ଥପତି ଥିଲେ । ଆଜି ମଧ୍ୟ ଲୋକେ ତାଙ୍କୁ ସ୍ମରଣ କରୁଛନ୍ତି ।




ଚିତ୍ର ୭.୫ ବିର୍ସା ମୁଣ୍ଡା

**? ତୁମେ ଜାଣ କି**

ଚୁକ୍ତିବଦ୍ଧ ଶ୍ରମିକ – ଯେକି ଅନ୍ୟ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ପାଇଁ କାମ କରିବାକୁ ଚୁକ୍ତିବଦ୍ଧ ହେଉଥିଲା ତାକୁ Indentured କୁହାଯାଏ । ଜଣେ ଲୋକ ବାହାର ଜାଗାରେ କାମ କରୁଥିଲା ତା ବଦଳରେ ତାକୁ ଯାତ୍ରା ଖର୍ଚ୍ଚ, ରହିବା ଖର୍ଚ୍ଚ ଏବଂ ଖାଦ୍ୟ ଖର୍ଚ୍ଚ ଦିଆଯାଉଥିଲା ।

## ୩. ଜୟନ୍ତିଆ ଏବଂ ଗାରୋ ବିଦ୍ରୋହ (୧୮୬୦–୧୮୭୦)

ପ୍ରଥମ ଆଁଗ୍ଲୋ – ବର୍ମା ଯୁଦ୍ଧ ପରେ ବ୍ରିଟିଶ ବ୍ରହ୍ମପୁତ୍ର ଉପତ୍ୟକା (ବର୍ତ୍ତମାନ ଆସାମରେ)କୁ ସିଲହଟ (ବର୍ତ୍ତମାନ ବଙ୍ଗଳା ଦେଶରେ) ସହିତ ଯୋଗ କରିବାକୁ ଗୋଟିଏ ରାସ୍ତା ନିର୍ମାଣ କରିବାକୁ ଯୋଜନା କଲେ । ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଜୟନ୍ତିଆ ଏବଂ ଗାରୋମାନେ ଏହାର ବିରୋଧ କଲେ । ଏହି ରାସ୍ତା ବ୍ରିଟିଶ ସୈନ୍ୟମାନଙ୍କ ଗମନାଗମନ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୨୭ ମସିହାରେ ଜୟନ୍ତିଆ କାମ ବନ୍ଦ କରିବାକୁ ଚେଷ୍ଟା କଲେ । ଶୀଘ୍ର ଏହି ଅସ୍ଥିରତା ଗାରୋ ପାହାଡ଼ିଆ ଅଞ୍ଚଳକୁ ବ୍ୟାପି ଯାଇଥିଲା । ବ୍ରିଟିଶ ସଶସ୍ତ୍ର ବାହିନୀ କେତେକ ଜୟନ୍ତିଆ ଏବଂ ଗାରୋ ଗାଁକୁ ଜାଳି ଦେଲେ । ୧୮୬୦ ମସିହାରେ ବ୍ରିଟିଶମାନେ ସେଠା ବାସିନ୍ଦାଙ୍କ ଉପରେ ଘର ଟିକସ ଏବଂ ରୋଜଗାର ଟିକସ ଲାଗୁ କଲେ । ଜୟନ୍ତିଆଙ୍କ ନେତା Ukiang Nongbah କୁ ଧରି ନେଇ ସମସ୍ତଙ୍କ ସମ୍ମୁଖରେ ଫାଶି ଦିଆଇଲେ ଏବଂ ଗାରୋ ନେତା Pa Togan Samgama ବ୍ରିଟିଶଙ୍କ ଦ୍ୱାରା ପରାସ୍ତ ହେଲେ ।



ଚିତ୍ର ୭.୬ Ukiang Nongbah ସ୍ମୃତି

### ୪. ଭିଲମାନଙ୍କର ଉତ୍ତେଜନା (୧୮୧୮–୧୮୩୧) :

ଭିଲମାନେ ମହାରାଷ୍ଟ୍ର ଏବଂ ଗୁଜୁରାଟର ଖାନଦେଶ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇ ରହିଥିଲା । ୧୮୧୮ ମସିହାରେ ଖାନଦେଶ ବ୍ରିଟିଶମାନଙ୍କ ଅଧୀନକୁ ଆସିଲା ଭିଲମାନେ ଇଂରେଜଙ୍କୁ ବାହାରର ଲୋକେ ବୋଲି ଭାବୁଥିଲେ । ବାଜିରାଓ ଦ୍ୱିତୀୟଙ୍କର ବିଦ୍ରୋହୀ ମନ୍ତ୍ରୀ ତ୍ରିମ୍ବକଜୀ (Trimbakji)ଙ୍କ ପ୍ରରୋଚନାରେ ଭିଲମାନେ ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ।

### ୫. କୋଲ୍‌ହମାନଙ୍କ ବିଦ୍ରୋହ (୧୮୩୧–୧୮୩୨) :

ଛୋଟ ନାଗପୁର ଅଞ୍ଚଳରେ ସିଂହଭୂମିର କୋହ୍ଲମାନେ ମୁଖ୍ୟଙ୍କ ଅଧୀନର ସ୍ୱତନ୍ତ୍ରତା ଭୋଗ କରୁଥିଲେ । ଇଂରେଜମାନଙ୍କ ପ୍ରବେଶ ଫଳରେ ସେମାନଙ୍କ ସ୍ୱତନ୍ତ୍ରତା ବିପଦ ସଂକୁଳ ହେଲା ପରେ ଆଦିବାସୀମାନଙ୍କର ଭୂମି ହସ୍ତାନ୍ତର ଏବଂ ମହାଜନ, ବ୍ୟବସାୟୀଙ୍କ ପ୍ରବେଶ ଏବଂ ବ୍ରିଟିଶ ଆଇନ ସେମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କଲା । ଏହା କୋହ୍ଲ ସମ୍ପ୍ରଦାୟର ଲୋକଙ୍କୁ ବିଦ୍ରୋହ ପାଇଁ ବାଧ୍ୟ କଲା । ବିଦ୍ରୋହର ପ୍ରଭାବ ଏତେଥିଲା ଯେ ବ୍ରିଟିଶ ଏହାକୁ ଚପାଇ ଦେବାକୁ ଦୂରଦୂରାନ୍ତ ସ୍ଥାନକୁ ସୈନ୍ୟ ପ୍ରେରଣ କଲା ।

### ୬. ମାପିଲାମାନଙ୍କ ବିଦ୍ରୋହ (୧୮୩୬–୧୮୫୪) :

ମାପିଲାମାନେ ହେଉଛି ମାଲବାର ଅଞ୍ଚଳର କୃଷି କରୁଥିବା ମୁସଲିମ ପ୍ରଜା, ଭୂମିହୀନ ଶ୍ରମିକ ଏବଂ ଧୀବର । ବ୍ରିଟିଶ ମାଲବାର ଅଞ୍ଚଳକୁ ନିଜ ଅଧିକାରଭୁକ୍ତ କଲା ଏବଂ ସେଠାରେ ନୂଆ ସମ୍ପତ୍ତି ଆଇନ ଲାଗୁ କରାଇଲା, ଏହା ସହିତ ହିନ୍ଦୁ ଜମିଦାରମାନଙ୍କର ନିଷ୍ଠୁରତା ମାପିଲାମାନଙ୍କୁ ସେମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ଆଗେଇ ନେଲା । ମାପିଲମାନଙ୍କୁ ଦମନ କରିବାକୁ ବ୍ରିଟିଶଙ୍କୁ ବହୁ ବର୍ଷ ଲାଗି ଯାଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୭.୧

୧. ନିମ୍ନଲିଖିତ terms ଗୁଡ଼ିକୁ ଗୋଟିଏ ବାକ୍ୟରେ ବ୍ୟାଖ୍ୟା କର :

(କ) ଫକିର (ଖ) ମହାଜନ (ଗ) ମାପିଲାଜ

୨. ତଳେ ଦିଆଯାଇଥିବା ଖାଲିସ୍ଥାନରେ ତିନିଗୋଟି ଶୋଷିତ କୃଷକ ଶ୍ରେଣୀଙ୍କ ନାମ ଲେଖ

(କ) ................ ........

(ଖ) ........................

(ଗ) ........................

୩. ତଳେ ଦିଆଯାଇଥିବା ଖାଲି ଜାଗାରେ ଜନବିରୋଧି ଆନ୍ଦୋଳନର ତିନିଗୋଟି କାରଣ ଲେଖ

(କ) ................ ........

(ଖ) ........................


(ଗ) ........................

## ୭.୩ ୧୮୫୭ ବିଦ୍ରୋହ – କାରଣ, ବିରୋଧ ଏବଂ ପରିଣାମ

୧୮୫୭ ବିଦ୍ରୋହ ମଇ ମାସ ୧୦ ତାରିଖରେ ଯେତେବେଳେ କମ୍ପାନୀର ଭାରତୀୟ ସେନା ମିରଟ୍‌ଠାରେ ବିଦ୍ରୋହ କଲେ ସେବେଠାରୁ ଏହି ବିଦ୍ରୋହ ଆରମ୍ଭ ହେଲା । ବ୍ରିଟିଶମାନଙ୍କ ଦ୍ୱାରା ଏହା ସିପାହୀ ବିଦ୍ରୋହ ନାମରେ ନାମିତ ହୋଇଥିଲା । ବର୍ତ୍ତମାନ ଏହା ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା ବୋଲି କୁହାଯାଉଅଛି । ଭାରତୀୟ ସୈନ୍ୟମାନେ ସେମାନଙ୍କର ୟୁରୋପୀୟ ଅଫିସରଙ୍କୁ ହତ୍ୟା କଲେ ଏବଂ ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ । ସେମାନେ ଲାଲକିଲ୍ଲାରେ ପ୍ରବେଶ କଲେ ଏବଂ ବୟୋଜ୍ୟେଷ୍ଠ, ଶକ୍ତି ବିବର୍ଜିତ ବୃଦ୍ଧ ବାହାଦୂରଶାହ ଜାଫରଙ୍କୁ ଭାରତର ସମ୍ରାଟ ବୋଲି ଘୋଷଣା କଲେ । ଏହି ଆନ୍ଦୋଳନ ପ୍ରଧାନତଃ ଉପନିବେଶବାଦ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ନୀତି ବିରୁଦ୍ଧରେ ଥିଲା । ବ୍ରିଟିଶ ଶାସନ ବିରୁଦ୍ଧରେ ଏହା ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ସଂଗ୍ରାମ ଥିଲା । ଏହା ସାଂଘାତିକ ରାଗ ଓ ଅସନ୍ତୋଷର ପରିପ୍ରକାଶ ଥିଲା । ଏହା ଭାରତର ଅଧିକାଂଶ ଅଞ୍ଚଳରେ ଉପନିବେଶ ଆଇନର ମୂଳଦୁଆକୁ ଦୋହଲାଇ ଦେଇଥିଲା । ବର୍ତ୍ତମାନ ଆମ୍ଭେମାନେ ଭାରତୀୟମାନଙ୍କ ମଧ୍ୟରେ ଥିବା ଅସନ୍ତୋଷର କାରଣ ଯାହାକି ସେମାନଙ୍କୁ ବ୍ରିଟିଶ ଆଇନ ବିରୁଦ୍ଧରେ ବିଦ୍ରୋହ କରିବାକୁ ବାଧ୍ୟ କରିଥିଲା ପଢ଼ିବା ।

### (କ) ରାଜନୈତିକ କାରଣ :

ଉପନିବେଶର ପରିସୀମା ବୃଦ୍ଧି ଏବଂ ସଂଯୋଗ ଭାରତୀୟ ଶାସକମାନଙ୍କର ଅସନ୍ତୋଷର ମୁଖ୍ୟ କାରଣ ଥିଲା । ବ୍ରିଟିଶ ଅଧିକରୁ ଅଧିକ ଭୂମିକୁ ଅଧିକାର କରିବାକୁ ଚାହୁଁଥିଲା ଏବଂ ଯେତେ ଅଧିକ ପରିମାଣରେ ହୋଇପାରେ ଇଂଲଣ୍ଡ ପାଇଁ ସମ୍ପଦ ସଂଗ୍ରହ କରିପାରୁଥିଲା । ସେମାନଙ୍କର ସଂଯୋଗର ନୀତିକୁ ରାଜ୍ୟସ୍ୱତ୍ୱ ଲୋପନୀତି କୁହାଯାଉଥିଲା




ଚିତ୍ର–୭.୭  ୧୮୫୭ର ବିଦ୍ରୋହରେ ଅଂଶ ଗ୍ରହଣ କରିଥିବା ପ୍ରମୁଖ ସହର ଭାରତ ମାନଚିତ୍ରରେ ଉଲ୍ଲେଖ କରାଯାଇଛି

ଏବଂ ଅନେକ ଗୁଡ଼ିଏ ସ୍ୱାଧୀନ ରାଜ୍ୟ ସହିତ ଚୁକ୍ତି ସ୍ୱାକ୍ଷର କରି ତାକୁ ବ୍ରିଟିଶ ସାମ୍ରାଜ୍ୟ ସହିତ ସଂଯୋଗ କରିଥିଲା । ଏହି ରାଜ୍ୟଗୁଡ଼ିକ ବ୍ରିଟିଶ ସୁରକ୍ଷା ଉପଭୋଗ କରୁଥିଲେ କିନ୍ତୁ ଶାସକମାନେ ପ୍ରାକୃତିକ ଉତ୍ତରାଧିକାରୀ ନରଖି ମୃତ୍ୟୁବରଣ କରୁଥିଲେ । ଫଳସ୍ୱରୂପ ସେମାନଙ୍କ ପୋଷ୍ୟପୁତ୍ରମାନେ ଆଇନ ଅନୁସାରେ ତାଙ୍କ ସମ୍ପତ୍ତିର ମାଲିକ ହୋଇପାରୁ ନଥିଲେ କି ବ୍ରିଟିଶଙ୍କ ଦ୍ୱାରା  ତାଙ୍କୁ ଦିଆଯାଉଥିବା ପେନସନ୍‌ର ହକଦାର ହୋଇପାରୁ ନଥିଲେ  । ଏହି ଉପାୟରେ ଲର୍ଡ ଡେଲାହାଉସୀ ସତାର, ନାଗପୁର, ଝାନସି ଏବଂ ଅନ୍ୟ କେତେକ ଛୋଟ ଛୋଟ ରାଜ୍ୟକୁ ବ୍ରିଟିଶ୍ ଶାସନାଧୀନ କରିଥିଲେ । ବାଜିରାଓ ଦ୍ୱିତୀୟଙ୍କ ମୃତ୍ୟୁ ପରେ ତାଙ୍କ ପେନ୍‌ସନ୍‌କୁ ଉଠାଇ ଦିଆଯାଇଥିଲା । ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ହୋଇଥିବା ଏହି ହସ୍ତକ୍ଷେପକୁ ବହୁତଗୁଡ଼ିଏ ଭାରତୀୟ ଶାସକ ନାପସନ୍ଦ କଲେ । ରାଜ୍ୟସ୍ୱତ୍ୱ ଲୋପନୀତି ପୂର୍ବରୁ ଅପୁତ୍ରିକ ଭାରତୀୟ ଶାସକ ସେମାନଙ୍କର ପୋଷ୍ୟପୁତ୍ର ଗ୍ରହଣ କରିବାର ଅଧିକାର ରହିଥିଲା । କିନ୍ତୁ ବର୍ତ୍ତମାନ ବ୍ରିଟିଶମାନଙ୍କ ପରାମର୍ଶ ଉପରେ ଏହା ନିର୍ଭର କରୁଥିଲା ।

ରାଜ୍ୟ ସଂଯୋଗୀକରଣ ନୀତି ଯେ କେବଳ ରାଜାମାନଙ୍କୁ ବାଧିଥିଲା ତାହା ନୁହେଁ ଏହା ସୈନ୍ୟ, କାରିଗର ଏବଂ ସମ୍ଭ୍ରାନ୍ତ, ଯେଉଁମାନେକି ରାଜାଙ୍କ ଉପରେ ନିର୍ଭର କରୁଥିଲେ ତାଙ୍କୁ ମଧ୍ୟ ବାଧିଥିଲା । ଏପରିକି ପରମ୍ପରାଗତ ପଣ୍ଡିତ ଏବଂ ପୁରୋହିତ ଯେଉଁମାନେକି ରାଜଦତ୍ତ ସମ୍ପତ୍ତି ଭୋଗୁଥିଲେ ତାଙ୍କୁ ମଧ୍ୟ ବାଧିଥିଲା । ହଜାର ହଜାର ଜମିଦାର, ସମ୍ଭ୍ରାନ୍ତ ଏବଂ ପୋଲିଗାରମାନେ ସେମାନଙ୍କ ସମ୍ପତ୍ତି ଏବଂ ଖଜଣା ଉପରୁ ସେମାନଙ୍କର ଅଧିକାର ହରାଇଲେ । ଅଯୋଧ୍ୟାର ନବାବ ଯେ କି ବ୍ରିଟିଶ ଅନୁରକ୍ତ ଥିଲେ ତାଙ୍କର ଶାସନର ତ୍ରୁଟି ଯୋଗୁଁ ଅଯୋଧ୍ୟା ତାଙ୍କ ଠାରୁ ନିଆଯାଇଥିଲା । ବ୍ରିଟିଶ ଅଯୋଧ୍ୟାକୁ ନିଜ ଅଧୀନକୁ ନେବା ପରେ ସେଠାର ଲୋକମାନଙ୍କର ନିଯୁକ୍ତି ପାଇଁ କୌଣସି ବ୍ୟବସ୍ଥା କରି ନଥିଲେ । କୃଷକମାନେ ଅଧିକ ଟିକସ ଦେଉଥିଲେ ଏବଂ ଅଧିକ ସମ୍ପତ୍ତିର ଖଜଣା ଦେଉଥିଲେ ।

ଲୋକମାନଙ୍କ ମୂଳ ଜୀବନ ଧାରଣ ଉପରେ ପରମ୍ପରାଗତ ବିଶ୍ୱାସ ଉପରେ ଏବଂ ଧାର୍ମିକ କାର୍ଯ୍ୟ ସମ୍ପାଦନ ଉପରେ ବ୍ରିଟିଶମାନଙ୍କର କ୍ରମାଗତ ହସ୍ତକ୍ଷେପ ହୋଇଆସୁଥିଲା । ବ୍ରିଟିଶ ଶାସନ କର୍ତ୍ତାମାନେ କ୍ରମାଗତ ଭାବରେ ଅହଙ୍କାରୀ ହୋଇଗଲେ ଏବଂ ସେମାନେ ଲୋକମାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କଲେ ।

## (ଖ) ଅର୍ଥନୈତିକ କାରଣ :

ବିଦ୍ରୋହର ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଭାରତର ପରମ୍ପରାଗତ ଅର୍ଥନୀତିରେ ବିଭେଦର ସୃଷ୍ଟି ଏବଂ ବ୍ରିଟିଶ ଅର୍ଥନୀତିଠାରୁ ଏହାର ନିମ୍ନକୁ ଗମନ । ଇଂରେଜମାନେ ଭାରତ ସହିତ ବାଣିଜ୍ୟ କରିବାକୁ ଏଠାକୁ ଆସିଥିଲେ କିନ୍ତୁ ଶୀଘ୍ର ଭାରତକୁ ଶୋଷଣ ଏବଂ ଦରିଦ୍ର କରିବାକୁ ଠିକ କଲେ । ସେମାନେ ଯେତେ ହୋଇପାରେ ସେତେ ଧନସମ୍ପଦ ଏବଂ କଞ୍ଚାମାଲ ଏଠାରୁ ନିଜ ଦେଶକୁ ନେବାକୁ ଚେଷ୍ଟା କଲେ । ଇଂରେଜମାନେ ଉଚ୍ଚ ଚାକିରି ଏବଂ ଅଧିକ ବେତନ ସେମାନଙ୍କ ପାଇଁ ରଖିଲେ । ସେମାନେ ନିଜର ବାଣିଜ୍ୟର ବୃଦ୍ଧି ପାଇଁ ଏବଂ ବୈଦେଶିକ ଦ୍ରବ୍ୟର ଆମଦାନୀ ରପ୍ତାନି ପାଇଁ ରାଜନୈତିକ ନିୟନ୍ତ୍ରଣ ଜାହିର କଲେ । ଭାରତରୁ ସମ୍ପଦର ଚାଲାଣ ପାଇଁ ଏସବୁ ଉପାୟ କରାଯାଇଥିଲା । ବ୍ରିଟିଶ ନୀତି ଦ୍ୱାରା ଭାରତର ଅର୍ଥନୀତି ବର୍ତ୍ତମାନ ପୀଡ଼ିତ ହେଲା । ଭାରତର ସ୍ୱାର୍ଥ ସମ୍ବଳିତ ବାଣିଜ୍ୟ ବ୍ୟବସାୟ ବିରୁଦ୍ଧରେ ସେମାନେ କାମ କଲେ । ଭାରତର ହସ୍ତଶିଳ୍ପ ସଂମ୍ପୂର୍ଣ୍ଣ ରୂପରେ ରୁଗ୍ଣ ହୋଇଗଲା । ସେମାନେ ଯେତେବେଳେ ରାଜ୍ୟଗୁଡ଼ିକୁ ଅଧିକାର କରିନେଲେ ସେତେବେଳେ ଭାରତୀୟ କାରିଗରମାନଙ୍କୁ ଦିଆଯାଉଥିବା ସୁବିଧାର ଉଚ୍ଛେଦ କରି ସେମାନଙ୍କୁ ଦରିଦ୍ର କରିଦେଲେ । ସେମାନେ ବ୍ରିଟିଶ କାରଖାନା ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସହିତ ସମକକ୍ଷ ହୋଇ ପାରିଲେ ନାହିଁ । ଏହା ଭାରତକୁ ବ୍ରିଟିଶ ଉତ୍ପାଦିତ ଦ୍ରବ୍ୟର ସର୍ବବୃହତ କ୍ରେତା ରୂପେ ପରିଣତ କଲେ ଏବଂ ଇଂଲଣ୍ଡର କାରଖାନାମାନଙ୍କୁ କଞ୍ଚାମାଲ ଯୋଗାଇବାରେ ଶ୍ରେଷ୍ଠ ବୋଲି ବିବେଚିତ ହେଲେ । ବ୍ରିଟିଶ ଭାରତରେ କଳ ତିଆରି ଶସ୍ତା ଲୁଗା ଆଣି ବିକ୍ରୟ କଲା ଯାହାକି ଭାରତର କୁଟୀର ଶିଳ୍ପକୁ ନଷ୍ଟ କରିଦେଲା । ଏହା ଭାରତର ଲକ୍ଷଲକ୍ଷ କାରିଗରଙ୍କୁ ବେକାର କଲା । ବ୍ରିଟିଶ ଆହୁରି ମଧ୍ୟ ଏଠାକାର କଞ୍ଚାମାଲକୁ ଇଂଲଣ୍ଡର କାରଖାନାମାନଙ୍କୁ ଏଠାରୁ ପଠାଇଲା । ଭାରତର ବୁଣାକାରମାନଙ୍କ ପାଇଁ ଅଳ୍ପ ଛାଡ଼ିଗଲା । ଭାରତ ତିଆରି ଜିନିଷ ଉପରେ ବ୍ରିଟିଶରମାନେ ଅଧିକ ଟିକସ ବସାଇଲେ । ବର୍ତ୍ତମାନ ସେମାନେ ଅନ୍ୟ ପ୍ରତିଯୋଗୀ ନଥିବାରୁ ଅଧିକ ଲାଭ କରି ପାରିଥିଲେ । ଏହିପରି ଭାବରେ ଇଂରେଜମାନେ ଭାରତର ସମ୍ପଦ ଏବଂ ପ୍ରାକୃତିକ ସମ୍ବଳକୁ ବୋହି ନେଇଥିଲେ ।

ଭାରତକୁ ଶୋଷଣ କରିବାକୁ ଇଂରେଜମାନେ ଆଉ କେଉଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ? କଞ୍ଚାମାଲ କିଣିବା ପାଇଁ ଏବଂ ସେଥିରୁ ତିଆରି ଜିନିଷ ବିକ୍ରୟ କରିବା ପାଇଁ ବାଷ୍ପଚାଳିତ ଜାହାଜ ଏବଂ ରେଳପଥକୁ ସେମାନେ ଗୁରୁତ୍ୱ ଦେଲେ । ରେଳରାସ୍ତା ବ୍ରିଟିଶମାନଙ୍କ ପାଇଁ ପ୍ରଶସ୍ତ ବଜାର ଖୋଲି ଦେଲା ଭାରତର କଞ୍ଚାମାଲକୁ ବାହାରେ ବିକ୍ରୟ କରିବାକୁ ସୁବିଧା ଯୋଗାଇଲା । ରେଳପଥ କଞ୍ଚାମାଲ ଉତ୍ପାଦିତ ହେଉଥିବା ଅଞ୍ଚଳକୁ ରପ୍ତାନୀ

ବନ୍ଦର ସହିତ ସଂଯୁକ୍ତ କରିଦେଲା । ଫଳସ୍ୱରୂପ ବ୍ରିଟିଶ ଦ୍ରବ୍ୟ ସବୁ ଭାରତୀୟ ବଜାରରେ ପ୍ଲାବିତ ହେଲା । ତୁମେ ଜାଣ କି ? ଏହି ରେଳପଥ ଦେଶର ଜାତୀୟ ଜାଗରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସେ ଲୋକମାନଙ୍କୁ ଏବଂ ସେମାନଙ୍କ ମନୋଭାବ ମାନକୁ ଏକାଠି କରି ଦେଇଥିଲା । ଯାହାକୁ କି ବ୍ରିଟିଶମାନେ ଅନୁମାନ କରି ନଥିଲେ । ୧୮୫୩ ମସିହାରେ ଡେଲାହାଉସି କଲିକତାରୁ ଆଗ୍ରାକୁ ପ୍ରଥମ କରି ଟେଲିଗ୍ରାଫ ଲାଇନ ପ୍ରଚଳନ କରିଥିଲେ । ସେ ଡ଼ାକ ସେବାର ମଧ ପ୍ରଚଳନ କରିଥିଲେ । ସେମାନଙ୍କ ପାଇଁ ସମ୍ପତ୍ତି, ଟିକସ ଆଦାୟର ମୁଖ୍ୟ ଉତ୍ସ ଥିଲା । ବ୍ରିଟିଶରସ୍ମାନେ ବିଭିନ୍ନ ଉପାୟରେ ସମ୍ପତ୍ତିରୁ ଟିକସ ପାଇବାକୁ ଚିନ୍ତା କଲେ । ଭୂ ସମ୍ପତ୍ତିର ଖଜଣା ବୃଦ୍ଧି ଉପନିବେଶ ନୀତିର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହା ଅନେକ କୃଷକଙ୍କୁ ସେମାନଙ୍କର ଭୂସମ୍ପତ୍ତି ହରାଇବାକୁ ବାଧ କଲା । ସେମାନଙ୍କ ସମ୍ପତ୍ତି ଖଜଣା କୃଷକ ମହାଜନ ଏବଂ ବଣିକ ପାଖକୁ ଚାଲିଗଲା । ଏହା ରୟତୱାରୀ ଏବଂ ମାହାଲୱାରୀ ପଦ୍ଧତି ଦ୍ୱାରା ହୋଇପାରିଥିଲା । ବଙ୍ଗ, ବିହାର ଓ ଓଡ଼ିଶାର ଚିରସ୍ଥାୟୀ ବନ୍ଦୋବସ୍ତ କୃଷକମାନଙ୍କ ବଂଶାନୁକ୍ରମିକ ହୋଇପାରି ନଥିଲା । ଅନ୍ୟ ଦିଗରେ ଯଦି ସେମାନେ ଉତ୍ପାଦନର ୧୦/୧୧ ଭାଗ କମ୍ପାନୀକୁ ଦେବାରେ ଅସଫଳ ହୁଅନ୍ତି ତେବେ ତାଙ୍କର ସମ୍ପତ୍ତି ବିକ୍ରି କରାଯାଇପାରୁ ଥିଲା । ଏହି ଅବସ୍ଥାରୁ ରକ୍ଷା ପାଇବା ପାଇଁ କୃଷକମାନେ ଗାଁ ମହାଜନଠାରୁ ଅଧିକ ସୁଧରେ ଋଣ ଆଣୁଥିଲେ । ଏପରିକି ଅଫିସରମାନେ କୃଷକମାନଙ୍କୁ ନିରାଶ କରୁଥିଲେ । ସେମାନେ ଅଧିକ ନିରାଶ ହେବା ଭୟରେ ବିଚାରାଳୟର ଆଶ୍ରୟ ନେଇପାରୁ ନଥିଲେ । ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ନୂଆ ଜମିଦାର ଶ୍ରେଣୀ ସେମାନଙ୍କର ରାଜନୈତିକ ମିତ୍ର ହୋଇଗଲେ । ଦରକାର ବେଳେ ସେମାନେ ତାଙ୍କୁ ସମର୍ଥନ କରୁଥିଲେ ଏବଂ ଇଂରେଜ ଏବଂ ଲୋକମାନଙ୍କ ମଧ୍ୟରେ ଢ଼ାଲ ପରି କାର୍ଯ୍ୟ କରୁଥିଲେ । ସେମାନଙ୍କ ମଧ୍ୟରୁ କେତେକ ସ୍ୱାଧୀନତା ସଂଗ୍ରାମ ବିରୁଦ୍ଧରେ ଇଂରେଜମାନଙ୍କୁ ସମର୍ଥ କରୁଥିଲେ । କୃଷକ ଏବଂ କାରିଗରମାନଙ୍କର ଅର୍ଥନୈତିକ ଅଧଃପତନ, ୧୭୭୦ ରୁ ୧୮୫୭ ମଧ୍ୟରେ ହୋଇଥିବା ୧୨ଗୋଟି ବଡ଼ ଓ ଛୋଟ ଦୁର୍ଭିକ୍ଷ ବେଳେ ପ୍ରତିଫଳିତ ହୋଇଥିଲା । ଏହି ସମସ୍ତ କାରଣ ବ୍ରିଟିଶଙ୍କ ବିରୁଦ୍ଧରେ ଅସନ୍ତୋଷର ପ୍ରସାର ପାଇଁ ସାହାଯ୍ୟ କରିଥିଲା । ଏହା ପରିଶେଷରେ ୧୮୫୭ ବିଦ୍ରୋହର ଶେଷ ସୀମାରେ ପହଞ୍ଚିଥିଲା ।

## (ଗ) ସାମାଜିକ ଏବଂ ଧର୍ମ ସମ୍ବନ୍ଧୀୟ କାରଣ :

ବିଶାଳ ଭାରତୀୟମାନଙ୍କ ମନୋଭାବ ପ୍ରତି ବ୍ରିଟିଶ ଯତ୍ନଶୀଳ ନଥିଲା । ସତୀ ବିରୁଦ୍ଧରେ ସାମାଜିକ ସଂସ୍କାର, ଜନ୍ମିତ ଝିଅଙ୍କୁ ମାରିଦେବା, ବିଧବା ପୁନଃ ବିବାହ, ନାରୀ ଶିକ୍ଷା ବହୁତଗୁଡ଼ିଏ ଲୋକଙ୍କୁ ଅସନ୍ତୁଷ୍ଟ କରିଥିଲା । ଲୋକମାନଙ୍କୁ ଖ୍ରୀଷ୍ଟଧର୍ମରେ ଦିକ୍ଷିତ କରିବା ପାଇଁ ମିସୀଓନାରୀମାନେ ସ୍କୁଲ କଲେଜ ଖୋଲିଥିଲେ । ସେମାନଙ୍କ ଦ୍ରବ୍ୟକୁ କ୍ରୟ କରିବା ପାଇଁ ସେମାନେ ଶିକ୍ଷିତ ଏବଂ ଆଧୁନିକ ଶିକ୍ଷିତ ଲୋକ ଆବଶ୍ୟକ କରୁଥିଲେ । ବ୍ରିଟିଶମାନଙ୍କ ଆଗ୍ରହ ପାଇଁ ଏହା କରିବାର ପ୍ରମାଣ ନଥିଲା । ଏହା ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମି ଥିଲା ଯେ ସରକାର ମସିଓନାରୀମାନଙ୍କ ଜରିଆରେ ସେମାନଙ୍କୁ ଧର୍ମରୁ ବିଚ୍ୟୁତ କରିବେ ଏବଂ ଖ୍ରୀଷ୍ଟଧର୍ମରେ ଦିକ୍ଷିତ କରିବେ । ୧୮୫୦ Act, XXIରେ ଏହା ଉଲ୍ଲେଖ ଥିଲା ଯେ ଯେଉଁମାନେ ଖ୍ରୀଷ୍ଟଧର୍ମରେ ଦିକ୍ଷିତ ହେବେ ସେମାନଙ୍କର ପୈତୃକ ସମ୍ପତ୍ତି ବଜାୟ ରହିବ। ଏହି ନୂଆ ଆଇନ ଏହା ସୂଚାଉ ଥିଲା ଯେ ଖ୍ରୀଷ୍ଟଧର୍ମ ଗ୍ରହଣ ପାଇଁ ଏହା ରିହାତି ଅଟେ । ଯାହାକି ଲୋକମାନଙ୍କ ମନରେ ଭୟ ଏବଂ ବ୍ୟଗ୍ରତା ସୃଷ୍ଟି କଲା ।

୧୮୦୬ ମସିହାରେ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିରେ ସିପାହୀମାନଙ୍କ ଧାର୍ମିକ ମନୋଭାବକୁ ଆଘାତ ପହଞ୍ଚିଲା । ହିନ୍ଦୁମାନଙ୍କୁ ତାଙ୍କ କପାଳରୁ ଚିତାକୁ ଦୂର କରିବାକୁ କୁହାଗଲା ଏବଂ ମୁସଲମାନମାନଙ୍କୁ ଦାଢ଼ି କାଟିବାକୁ କୁହାଗଲା । ଯଦିଓ ସିପାହୀମାନଙ୍କ ଉତ୍ତେଜନାକୁ କମାଇ ଦିଆଯାଇଥିଲା ଏଥିରୁ ଏହା ପ୍ରମାଣ ମିଳିଲା ଯେ ବ୍ରିଟିଶ ଭାରତୀୟ ସୈନ୍ୟମାନଙ୍କୁ ବୁଝି ନଥିଲେ କି ସେମାନଙ୍କୁ ଖାତିର କରୁ ନଥିଲେ । ଆହୁରି ମଧ ସିପାହୀମାନଙ୍କ ରାଜଭକ୍ତିକୁ କେତେକ ମିଲିଟାରୀ





ସଂସ୍କାର ଦ୍ୱାରା ନ୍ୟୁନ କରି ଦିଆଯାଇଥିଲା । ତାଙ୍କୁ ସମୁଦ୍ର ପାରି ହୋଇଯାଇ ଚାକିରି କରିବାକୁ କୁହାଗଲା । ଏହା ତାଙ୍କର ଧର୍ମ ଧାରଣାକୁ ଆଘାତ ଦେଲା । ସେମାନଙ୍କର ଦରିଆ ପାରି ଚାକିରି ପାଇଁ ଘୃଣାଥିଲା କାରଣ ସମୁଦ୍ର ପାରି ହୋଇଯିବା ଅର୍ଥ ସେମାନେ ଧର୍ମ ହରାଇବେ ।

### (ଘ) ସୈନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ :

ଇଷ୍ଟଇଣ୍ଡିଆ କମ୍ପାନୀର ସ୍ଥଳସେନାର ସୈନ୍ୟମାନେ କୃଷକ ପରିବାରରୁ ଆସିଥିଲେ । ଯେଉଁମାନେକି ସରକାରଙ୍କ ନୀତି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିଲେ । ଭାରତୀୟ ସୈନ୍ୟମାନଙ୍କୁ ଉଚ୍ଚ ପଦବୀ, ସୁବେଦାର ପୋଷ୍ଟରେ ରଖାଯାଉ ନଥିଲା । ଦରିଆପାରି ଚାକିରି ପାଇଁ କେତେକ ସୈନ୍ୟ ଅଧିକ ଭତା ଦାବି କଲେ । କେତେ ସମୟରେ ସେମାନଙ୍କୁ ଦିଆଗଲା । ଅଧିକାଂଶ ସମୟରେ ଏହି ଭଡ଼ା ଦିଆଗଲା ନାହିଁ । ତେଣୁ ସେମାନେ ସେମାନଙ୍କ ଅଫିସରକୁ ବିରକ୍ତ କରିବାକୁ ଆରମ୍ଭ କଲେ । ଏହି ଘଟଣାବଳୀ ୧୮୫୭ ମସିହା ବିଦ୍ରୋହକୁ ସହାୟକ ହେଲା । ସୈନ୍ୟମାନଙ୍କର ଅନ୍ୟ ଅଭିଯୋଗ ଥିଲା । ସେମାନେ ଇଂରେଜ ସୈନ୍ୟଙ୍କ ପରି କାମ କରି ମଧ୍ୟ କମ୍ ଦରମା ପାଉଛନ୍ତି । ଫଳ ସ୍ୱରୂପ ଭାରତୀୟ ସିପାହୀମାନଙ୍କର ନୈତିକତା ହ୍ରାସ ପାଇଲା । ଧର୍ମରେ ବାରଣ ଥିବା ଯୋଗୁଁ ସେମାନେ ଯେତେବେଳେ କଳାପାଣି ଅର୍ଥାତ୍ ସାଗର ଓ ମହାସାଗର ଅତିକ୍ରମ କରିବାକୁ ମନା କରିଦେଲେ ସେତେବେଳ ବ୍ରିଟିଶ ତାଙ୍କ ଉପରେ ନିଷ୍ଠୁର ହୋଇଗଲେ ।

### (ଙ) ଆଶୁ କାରଣ :


ଉପରୋକ୍ତ କାରଣ ଭାରତୀୟମାନଙ୍କ ମଧ୍ୟରେ ତୀବ୍ର କ୍ରୋଧ ଜାତ ହେଲା । ସେମାନେ ବିଦ୍ରୋହ କରିବା ପାଇଁ ସୁଯୋଗର ଅପେକ୍ଷାରେ ଥିଲେ । ମଞ୍ଚର ପ୍ରସ୍ତୁତି ସରିଯାଇଥିଲା । କେବଳ ନିଆଁ ଜାଳିବା ପାଇଁ ଅଗ୍ନିସ୍ଫୁଲିଙ୍ଗର ଆବଶ୍ୟକତା ଥିଲା । ୧୮୫୬ ମସିହାରେ ଗ୍ରୀଜ୍‌ଡ କ୍ୟାଟ୍ରିଜର ପ୍ରବେଶ ଯେ ଅଗ୍ନିକୁ ଯୋଗାଇ ଦେଲା । ସରକାର ପୁରୁଣା ବନ୍ଧୁକ ବଦଳରେ ଏନ୍‌ଫିଲଡ଼ ରାଇଫଲକୁ ବ୍ୟବହାର କରିବାକୁ ଠିକ୍ କଲେ । ଏନ୍‌ଫିଲ୍‌ଡ଼ ରାଇଫଲକୁ ଲୋଡ କରିବା ପାଇଁ ବ୍ୟାଟ୍ରିଜକୁ ମୁଁହରେ ପୁରାଇ ଦାନ୍ତରେ ଚୋବାଇବାକୁ ପଡୁଥିଲା । ୧୮୫୭ ଜାନୁଆରୀ ମାସରେ ଗୁଜବ ହେଲା ଯେ ଗ୍ରୀଜ କ୍ୟାଟ୍ରିଜରେ ଗାଇ ଏବଂ ଘୁଷୁରୀର ଚର୍ବି ରହିଅଛି । ଗାଇ ହିନ୍ଦୁମାନଙ୍କ ପାଇଁ ପବିତ୍ର ଅଟେ ଏବଂ ଘୁଷୁରୀ ମୁସଲମାନମାନଙ୍କ ପାଇଁ ତ୍ୟକ୍ତ ଅଟେ । ବର୍ତ୍ତମାନ ସିପାହୀମାନେ ବିଶ୍ୱାସ କଲେ ଯେ ହିନ୍ଦୁ ଏବଂ ମୁସଲମାନମାନଙ୍କ ଧର୍ମକୁ ନେବା ପାଇଁ ଜାଣିଶୁଣି ଗ୍ରିଜଡ କ୍ୟାଟ୍ରିଜକୁ ବ୍ୟବହାର କରାଯାଉଅଛି । ଏଥିଯୋଗୁଁ ୧୮୫୭ ମସିହା ମାର୍ଚ୍ଚମାସ ୨୯ ତାରିଖରେ ବିଦ୍ରୋହର ଅଗ୍ନିସ୍ଫୁଲିଙ୍ଗ ଜଳି ଉଠିଲା ।

## ୭.୩.୨ ବିଦ୍ରୋହର ଗତି :

ମଙ୍ଗଳ ପାଣ୍ଡେ ନାମରେ ଜଣେ ସିପାହୀ ପ୍ରଥମ କରି ପ୍ରକାଶ୍ୟରେ ଆଦେଶ ଅବମାନନା କଲେ । ୧୮୫୭ ମସିହା ମାର୍ଚ୍ଚ ୨୯ ଦିନ ସେ କୋଲକାତା ନିକଟରେ ବାରକପୁରରେ ଦୁଇ ଜଣ ଇଂରେଜ ଅଫିସରଙ୍କୁ ହତ୍ୟା ତଲେ । ସେ ଆରେଷ୍ଟ ହେଲେ । ବାରକପୁରର ରେଜିମେଣ୍ଟକୁ ବରଖାସ୍ତ କରାଗଲା । ମଙ୍ଗଳ ପାଣ୍ଡେଙ୍କର ଖବର ଖୁବ ଶୀଘ୍ର ଦେଶର ଅନ୍ୟ ଅଞ୍ଚଳରେ ପହଞ୍ଚିଗଲା ଏବଂ ଖୋଲା ବିଦ୍ରୋହ ଆରମ୍ଭ ହେଲା ।


ସବୁଠାରୁ ଚରମ ବିଦ୍ରୋହ ମିରଟରେ ହୋଇଥିଲା । ଏଠାରେ ୮୫ ଜଣ ଅଶ୍ୱାରୋହୀ ସିପାହୀ ଗ୍ରୀଜ୍‌ଡ କ୍ୟାଟ୍ରିଜକୁ ବ୍ୟବହାର କରିବାକୁ ମନା କରି ଦେବାରୁ ବିଚାର ହୋଇ ତାଙ୍କୁ ୨ ରୁ ୧୦ ବର୍ଷ ଜେଲଦଣ୍ଡ ଦିଆଗଲା । ତାପର ଦିନ ୧୯୫୭ ମେ ମାସ ୧୦ ତାରିଖ ଦିନ ତିନିଗୋଟି ସୈନ୍ୟ ଦଳ ଖୋଲା ବିଦ୍ରୋହ ଆରମ୍ଭ କଲେ । ସେମାନେ

ବ୍ରିଟିଶ ଅଫିସରଙ୍କୁ ମାରିଦେଲେ, ଜେଲଭାଙ୍ଗି ସେମାନଙ୍କ ସାଙ୍ଗଙ୍କୁ ମୁକ୍ତ କଲେ । ସେମାନେ ଦିଲ୍ଲୀଆଡକୁ ମାଡ଼ିଚାଲିବା ଆରମ୍ଭ କଲେ । ସେଠାରେ ପଦାତିକ ବାହିନୀ ଏବଂ ସାଧାରଣ ଲୋକ ତାଙ୍କ ସହିତ ଯୋଗ ଦେଲେ । ବିଦ୍ରୋହୀମାନେ ଦିଲ୍ଲୀ ଅଧିକାର କଲେ ଏବଂ ଅନେକ ଇଂରେଜ ଅଫିସରଙ୍କୁ ହତ୍ୟା ତଲେ । ସେ ମୋଗଲ ସମ୍ରାଟ ବାହାଦୂର ଶାହଙ୍କୁ ଭାରତର ସମ୍ରାଟ ବୋଲି ଘୋଷଣା କଲେ । ଦିଲ୍ଲୀରୁ ବିଦ୍ରୋହ ଅନ୍ୟ ଆଡ଼କୁ ବ୍ୟାପିଗଲା । କାନପୁରରେ ନାନାସାହେବକୁ ପେଶୱା ବୋଲି ଘୋଷଣା କରାଗଲା । ତାଙ୍କ ସୈନ୍ୟଦଳ ତାନ୍ତେ ଟୋପି ଏବଂ ଅଜିମୁଲ୍ଲାଙ୍କ ଦ୍ୱାରା ପରିଚାଳିତ ହେଲେ । ଲକ୍ଷ୍ନୌରେ ବେଗମ ହଜରତ ମହଲ ମୌଲବୀ ଅହମ୍ମଦଦୁଲ୍ଲାଙ୍କ ଦ୍ୱାରା ସହଯୋଗ କରିଥିଲେ । ଝାନ୍‌ସିରେ ରାଣୀ ଲକ୍ଷ୍ମୀବାଈ ଏବଂ ଆରାରେ କୁଆଁର ସିଂହ ବିଦ୍ରୋହକୁ ଆଗେଇ ନେଲେ । ଖାଁ ବାହାଦୂର ଖାଁ ବରେଲିର ନେତା ଥିଲେ ।



ଚିତ୍ର – ୭.୮ ମଙ୍ଗଳ ପାଣ୍ଡେ

ଦିଲ୍ଲୀକୁ ହରାଇ ଥିବାରୁ ବ୍ରିଟିଶଙ୍କ ସମ୍ମାନରେ ବାଧା ଆସିଲା । ତାଙ୍କ ହତ ସମ୍ମାନକୁ ଫେରିପାଇବା ପାଇଁ ପଞ୍ଜାବର ରାଜକୀୟ ସେନାଙ୍କ ସାହାଯ୍ୟ ଲୋଡ଼ିଲେ । ଏହି ଅବରୋଧ ଚାରିମାସ ପର୍ଯ୍ୟନ୍ତ ରହିଲା ୧୮୫୭ ସେପ୍ଟେମ୍ବର ୧୦ରେ ଦିଲ୍ଲୀ ପୁନଃ ଅଧିକୃତ ହେଲା । ବିଦ୍ରୋହକୁ ଦମନ କରିବାକୁ ଆହୁରି ଦଶ ମାସ ସମୟ ଲାଗିଲା । ଯେତେବେଳେ କି ଗଭର୍ଣ୍ଣର ଜେନେରାଲ ଲର୍ଡ କ୍ୟାନିଂଗ ୮ ଜୁଲାଇ ୧୮୫୮ରେ ବିଦ୍ରୋହର ଶେଷ ବୋଲି ଘୋଷଣା କଲେ ।



ଚିତ୍ର–୭.୯ ବେଗମ ହଜରତ ମହଲ

ବ୍ରିଟିଶ ଶକ୍ତିକୁ ଝାନସୀର ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପେ ଏବଂ କୁଆର ସିଂହଙ୍କ ମିଳିତ ସେନାଙ୍କ ଦ୍ୱାରା ପ୍ରବଳ ବିରୋଧ କରାଯାଇଥିଲା । ଅଶ୍ୱ ପୃଷ୍ଠରେ ବସି ଲକ୍ଷ୍ମୀବାଈ ବୀରତ୍ୱର ସହିତ ବ୍ରିଟିଶ ଅଶ୍ୱାରୋହୀଙ୍କର ସମ୍ମୁଖୀନ ହୋଇଥିଲେ । ଯେତେବେଳେ ତାଙ୍କ ଘୋଡ଼ା ଝୁଣ୍ଟି ତଳେ ପଡ଼ିଗଲା ସେତେବେଳେ ତାଙ୍କୁ ହତ୍ୟା କରାଗଲା । ବ୍ରିଟିଶ୍ କମାଣ୍ଡର ଇନ୍ ଚିଫ୍ ସାର ହ୍ୟୁରୋଜଙ୍କ କହିବା ଅନୁସାରେ ସେ ସର୍ବଶ୍ରେଷ୍ଠ ସାହାସୀ ମିଲିଟାରି ବିଦ୍ରୋହୀମାନଙ୍କ ନେତା ଥିଲେ । ବିହାରର ଅନ୍ୟ ଏକ ଯୁଦ୍ଧରେ କୁଆଁର ସିଂହଙ୍କୁ ହତ୍ୟା କରାଯାଇଥିଲା । ତାନ୍ତିଆ ଟୋପେ ଯେତେବେଳେ ଶୋଇଥିଲେ ତାଙ୍କୁ ଧରି ନିଆଗଲା । ବିଚାର ପରେ ତାଙ୍କୁ ଫାଶୀ ଦିଆଗଲା । ଏହା ବୀରତ୍ୱ ପ୍ରଦର୍ଶନର ଶେଷ ଥିଲା । ଶେଷରେ ବ୍ରିଟିଶଙ୍କ ଦ୍ୱାରା ବିଦ୍ରୋହକୁ ଚାପି ଦିଆଗଲା ।

ବୃଦ୍ଧ ସମ୍ରାଟ ବାହାଦୂର ଶାହ ତାଙ୍କର ଦୁଇ ପୁଅଙ୍କ ସହିତ ବନ୍ଦୀ ହେଲେ । ବିଚାର ପରେ ତାଙ୍କୁ ରେଙ୍ଗୁନକୁ ପଠାଇ ଦିଆଯାଇଥିଲା । ସେଠାରେ ୧୮୬୨ ମସିହାରେ ୮୭ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପୁଅମାନଙ୍କୁ ଦିଲ୍ଲୀରେ ଗୁଳିମାରି ହତ୍ୟା କରାଗଲା । ବର୍ତ୍ତମାନ ଆମେ ବିଦ୍ରୋହର ଅସଫଳତାର କାରଣ ଦେଖିବା ।

## ତୁମ ପାଇଁ କାର୍ଯ୍ୟ ୭.୨

୧୮୫୭ ବିଦ୍ରୋହର କେଉଁ ବ୍ୟକ୍ତିଙ୍କ କାର୍ଯ୍ୟ ତୁମକୁ ସର୍ବାଧିକ ଉତ୍ତେଜିତ କଲା ? ତୁମେ ତାଙ୍କର ଦୁଇଗୋଟି ଗୁଣକୁ ଚିହ୍ନଟ କର ଯେଉଁଥିରେ କି ତୁମେ ଅଂଶ ଗ୍ରହଣ କରିପାରିବ ।

### ୭.୩.୩ ବିଦ୍ରୋହର ପ୍ରକୃତି


୧୮୫୭ ବିଦ୍ରୋହକୁ ଗୋଟିଏ ବଡ଼ ସତ୍ତା ଘେରିଗଲା । ବ୍ରିଟିଶ ଐତିହାସିକମାନେ ୧୮୫୭–୧୮୫୮ ବିଦ୍ରୋହକୁ ସିପାହୀ ବିଦ୍ରୋହ ନାମରେ ଅଭିହିତ କରିଛନ୍ତି । ୧୮୫୭ ବିଦ୍ରୋହ ପୂର୍ବରୁ ସିପାହୀମାନଙ୍କ ମଧ୍ୟରେ ଅନେକ ଉତ୍ତେଜନା ପ୍ରକାଶ ପାଇବା ବିଷୟ ଉଲ୍ଲେଖ ଅଛି । ଉଦାହରଣ ସ୍ୱରୂପ ୧୮୦୬ ଜୁଲାଇରେ ଭେଲୋର ବିଦ୍ରୋହ । ଏଠାରେ ଭାରତୀୟ ସୀପାହୀମାନେ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଦୁର୍ଗରକ୍ଷୀଙ୍କ ବିରୁଦ୍ଧରେ କରିଥିଲେ । ଶିଘ୍ର ଆଦେଶକୁ ପୁନଃଉଦ୍ଧାର କରାଯାଇ ଏହା ପୁଲିସ ଛାଉଣୀ ମଧ୍ୟରେ ସୀମିତ ରହିଥିଲା ।

କିନ୍ତୁ ତୁମେ ଯଦି ୧୮୫୭ ଘଟଣା ଉପରେ ଦୃଷ୍ଟି ନିକ୍ଷେପ କରିବ, ପାର୍ଥକ୍ୟ ଦେଖିପାରିବ । ବିଦ୍ରୋହ ସୀପାହୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା କିନ୍ତୁ ଏଥିରେ ବହୁତ ସାଧାରଣ ଲୋକ ଯୋଗ ଦେଇଥିଲେ । କୃଷକ ଏବଂ କାରିଗରମାନଙ୍କର ଯୋଗଦାନ ବିଦ୍ରୋହକୁ ବିସ୍ତାରିତ ଏବଂ ଲୋକପ୍ରିୟ ଘଟଣା କରିଥିଲା । କେତେକ ଅଞ୍ଚଳରେ ସାଧାରଣ ଲୋକ ସିପାହୀଙ୍କ ସମ୍ମୁଖରେ ବିଦ୍ରୋହ ପ୍ରଦର୍ଶନ କରିଥିଲେ । ଏ ସମସ୍ତରୁ ଜଣାପଡୁଛି ଯେ ଏହା ଏକ ଜନପ୍ରିୟ ବିଦ୍ରୋହ ଥିଲା । ଏହାକୁ ହିନ୍ଦୁ–ମୁସଲିମ୍ ଏକତା ରୂପରେ ଅଭିହିତ କରାଯାଇଅଛି । ବିଭିନ୍ନ ଅଞ୍ଚଳ ମଧ୍ୟରେ ଏକତାକୁ ମଧ୍ୟ ଦର୍ଶାଯାଇ ଅଛି । ଗୋଟିଏ ଅଞ୍ଚଳର ବିଦ୍ରୋହ ଅନ୍ୟ ଅଞ୍ଚଳକୁ ସାହାଯ୍ୟ କଲା । ବିଦ୍ରୋହକୁ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରଥମ ଜାତୀୟ ସ୍ୱାଧୀନତା ସଂଗ୍ରାମ ରୂପରେ ଅଭିହିତ କରିବା ଉଚିତ୍ ।

ତୁମେ ହୃଦୟଙ୍ଗମ କରିବ ଯେ ୧୮୫୭ ବିଦ୍ରୋହ ଗୋଟିଏ ନଥିଲା କିନ୍ତୁ ଅନେକ । ଏହା ଗୋଟିଏ ଶ୍ରେଣୀ ବିଦ୍ରୋହ ନଥିଲା । କୃଷକମାନେ ଜମିଦାରଙ୍କ ବିରୁଦ୍ଧରେ ବିଦ୍ରୋହ କରି ନଥିଲେ । ସେମାନେ କେବଳ ଋଣଦାତା, ଶସ୍ୟ ବିକ୍ରେତା ଭାରତରେ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ, କିନ୍ତୁ ସେମାନଙ୍କ ନୀତି କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୃଢ ଭାବରେ ପ୍ରଭାବ ପକାଇଥିଲା । ଅଯୋଧ୍ୟା ବିଦ୍ରୋହ ଆହୁରି ମଧ୍ୟ ଅନ୍ୟ ଅଞ୍ଚଳରେ ଲୋକପ୍ରିୟ ଥିଲା । ସର୍ବୋପରି ଏହା ଲୋକମାନଙ୍କୁ ଏକତ୍ର କରି ସେମାନଙ୍କ ଦ୍ୱାରା ପାଳନ କରାଯାଉଥିଲା । ଅଯୋଧ୍ୟାର ତାଲୁକଦାର ଏବଂ କୃଷକମାନେ ଏକାଠି ମିଶି ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କଲେ । କିନ୍ତୁ ଏଥିରେ ତିଳେ ମାତ୍ର ସନ୍ଦେହ ନଥିଲା ଯେ ୧୮୫୭ ବିଦ୍ରୋହରେ ପ୍ରଥମ ଥର ପାଇଁ ଭାରତ ସେନା ବାହିନୀର ସୈନ୍ୟ ବିଭିନ୍ନ ସମ୍ପ୍ରଦାୟର ସୈନ୍ୟ, ହିନ୍ଦୁ, ମୁସଲମାନ, ଜମିଦାର ଏବଂ କୃଷକ ଏକତ୍ରିତ ହୋଇ ବ୍ରିଟିଶକୁ ବିରୋଧ କରିଥିଲେ । ପରେ ଏହା ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ଦ୍ୱନ୍ଦ ପାଇଁ ଆବଶ୍ୟକ ମୂଳଦୁଆ ପକାଇଥିଲା ।

## ୭.୪ ବିଦ୍ରୋହର ଅସଫଳତା

ଯଦିଓ ଏହି ବିଦ୍ରୋହ ଭାରତ ଇତିହାସରେ ବିରାଟ ଥିଲା ତଥାପି ଗୋଟିଏ ସୁପରିଚାଳିତ ଶକ୍ତିଶାଳୀ ଶକ୍ତିକୁ ଜିଣିବା ସମ୍ଭବପର ନଥିଲା । ଏହାକୁ ଆରମ୍ଭ ହେବାର ବର୍ଷକ ପରେ ଚାପି ଦିଆଯାଇଥିଲା । ୧୮୫୭ ବିଦ୍ରୋହ ଅସଫଳ ହେବାର ଅନେକଗୁଡ଼ିଏ କାରଣ ଅଛି । ବିଦ୍ରୋହୀମାନଙ୍କ ଉଦ୍ଦେଶ୍ୟ ମଧ୍ୟରେ ଏକତା ନଥିଲା । ବଙ୍ଗଳାର ସିପାହୀମାନେ ମୋଗଲମାନଙ୍କର ହୃତଗୌରବକୁ ଫେରାଇ ଆଣିବାକୁ ଚାହୁଁଥିଲା ବେଳେ ନାନାସାହେବ ଏବଂ





ତାନ୍ତିଆ ଟୋପେ ମରାଠା ଶକ୍ତିର ପୁନରଉତ୍ଥାନ ଚାହୁଁଥିଲେ । ରାଣୀ ଲକ୍ଷ୍ମୀବାଈ ଝାନସିକୁ ଫେରିପାଇବାକୁ ଯୁଦ୍ଧ କରିଥିଲେ । ଯେଉଁ ଝାନ୍‌ସିକୁ ସେ ରାଜସ୍ୱତ୍ୱ ଲୋପ ନୀତି ଅନୁସାରେ ହରାଇଥିଲେ । ଦ୍ୱିତୀୟତଃ ଏହି ବିଦ୍ରୋହର ବିସ୍ତାର ଚାରିଆଡ଼େ ହୋଇ ନଥିଲା । କିନ୍ତୁ ଏହା ଉତ୍ତର ଏବଂ କେନ୍ଦ୍ର ଭାରତରେ ସୀମାବଦ୍ଧ ହୋଇ ରହିଥିଲା । ଏପରିକି ଉତ୍ତର ଭାରତର କାଶ୍ମୀର, ପଞ୍ଜାବ, ସିନ୍ଧୁ ଏବଂ ରାଜପୁତନା ଏହି ବିଦ୍ରୋହର ଦୂରରେ ରହିଥିଲେ । ବ୍ରିଟିଶ ବମ୍ବେ ଓ ମାଡ୍ରାଜ ସୈନ୍ୟ ଦଳର ଏବଂ ଶିଖମାନଙ୍କର ସମର୍ଥନ ଲାଭ କରିବାରେ ସମର୍ଥ ହୋଇଥିଲେ । ଆଫଗାନ ଏବଂ ଗୁର୍ଖାମାନେ ବ୍ରିଟିଶଙ୍କୁ ସମର୍ଥନ କରୁଥିଲେ । ଅନେକ ଭାରତୀୟ ଶାସକ ବିଦ୍ରୋହୀଙ୍କୁ ସାହାଯ୍ୟ କରିବାକୁ ମନା କରି ଦେଲେ । କେତେକ ଖୋଲାଖୋଲି ବ୍ରିଟିଶଙ୍କର ବନ୍ଧୁ ହୋଇଗଲେ ଏବଂ ବିଦ୍ରୋହ ଦମନ ପାଇଁ ତାଙ୍କୁ ସାହାଯ୍ୟ କଲେ । ଉଚ୍ଚ ଏବଂ ମଧ୍ୟମବର୍ଗର ଲୋକେ ଏବଂ ଆଧୁନିକ ଶିକ୍ଷା ଲାଭ କରିଥିବା ଭାରତୀୟ ବିଦ୍ରୋହକୁ ସମର୍ଥନ କରି ନଥିଲେ । ତୃତୀୟତଃ ଏହି ଆନ୍ଦୋଳନର ନେତୃତ୍ୱ ଦୁର୍ବଳ ଥିଲା । ଭାରତୀୟ ନେତାମାନଙ୍କର ସଂଗଠନ ଏବଂ ଯୋଜନା ସମ୍ବନ୍ଧୀୟ ଜ୍ଞାନର ଅଭାବ ଥିଲା । ବିଦ୍ରୋହୀ ନେତାମାନେ ବ୍ରିଟିଶ ସୈନ୍ୟଙ୍କ ସମକକ୍ଷ ନଥିଲେ । ଅଧିକାଂଶ ନେତା ସେମାନଙ୍କ ସ୍ୱାର୍ଥ ବିଷୟରେ ଚିନ୍ତା କରୁଥିଲେ । ସେମାନେ ସଂକୀର୍ଣ୍ଣ ବ୍ୟକ୍ତିଗତ ଲାଭ ପାଇଁ ପ୍ରଲୋଭିତ ହୋଇଥିଲେ । ସେମାନେ କେବଳ ନିଜ ଅଞ୍ଚଳ ପାଇଁ ଲଢୁଥିଲେ । କୌଣସି ଜାତୀୟ ନେତା ଏହାକୁ ସହଯୋଗ କରି ନଥିଲେ କି ବିଦ୍ରୋହର ଉଦ୍ଦେଶ୍ୟ ଏବଂ ଗତି ସମ୍ବନ୍ଧରେ କହି ନଥିଲେ । ଲକ୍ଷ୍ମୀବାଈ, ତାନ୍ତିଆ ଟୋପେ ଏବଂ ନାନାସାହେବ ସାହାସୀ ଥିଲେ, କିନ୍ତୁ ଭଲ ସେନାପତି ନଥିଲେ । ନାନା ସାହେବଙ୍କ ବିଦାୟ ଏବଂ ବାହାଦୂରଶାହଙ୍କ ମୃତ୍ୟୁ ପେଶୱା ନେତୃତ୍ୱ ଏବଂ ମୋଗଲ ଶାସନର ଅନ୍ତ କରି ଦେଇଥିଲା ।

ବିଦ୍ରୋହୀମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଏବଂ ଅର୍ଥର ଅଭାବ ଥିଲା । ଯେଉଁ କେତେକ ଅସ୍ତ୍ର ରହିଥିଲା ସେଗୁଡ଼ିକ ପୁରୁଣା ଏବଂ ସମୟୋପଯୋଗୀ ନଥିଲା । ବ୍ରିଟିଶମାନଙ୍କ ଆଧୁନିକ ଅସ୍ତ୍ର ସହିତ ସେଗୁଡ଼ିକ ସମକକ୍ଷ ନଥିଲା । ବିଦ୍ରୋହୀମାନଙ୍କୁ ଦୁର୍ବଳ ଭାବରେ ପରିଚାଳନା କରାଯାଉଥିଲା । ଦେଶର ବିଭିନ୍ନ ସ୍ଥାନର ବିଦ୍ରୋହ ମଧ୍ୟରେ ତାଳମେଳ ନଥିଲା । ପ୍ରାୟ ସିପାହୀମାନଙ୍କୁ ବିନା ନିୟନ୍ତ୍ରଣ ଢଙ୍ଗରେ ବ୍ୟବହାର କରାଯାଉଥିଲା । ଅନ୍ୟ ଦିଗରେ ଦେଖିବାକୁ ଗଲେ ଟେଲିଗ୍ରାଫ୍ ପଦ୍ଧତି ଏବଂ ଡାକ ସରବରାହ ବ୍ରିଟିଶମାନଙ୍କୁ ଯୁଦ୍ଧ କରିବାକୁ ଚଳଚଞ୍ଚଳ କରିଦେଇ ଥିଲା । ସାମୁଦ୍ରିକ ଯାତ୍ରାର ଦକ୍ଷତା, ସେମାନଙ୍କୁ ଠିକ୍ ସମୟରେ ଇଂଲଣ୍ଡରୁ ସାହାଯ୍ୟ ପାଇବାକୁ ସମର୍ଥ କରି ଦେଇଥିଲା । ଏଣୁ ବିଦ୍ରୋହ ଦମନ କରିବା ତାଙ୍କ ପାଇଁ ସହଜ ସାଧ ହୋଇଥିଲା ।

## ୭.୫ ବିଦ୍ରୋହର ଗୁରୁତ୍ୱ ଏବଂ ପ୍ରଭାବ

୧୯୫୭ର ବିଦ୍ରୋହ ବ୍ରିଟିଶ ଶାସନର ଅନ୍ତ କରିବାକୁ ଭାରତୀୟମାନଙ୍କର ପ୍ରଥମ ଚେଷ୍ଟା ଥିଲା ଏବଂ ସେମାନଙ୍କୁ ଏହି କାରଣ ପାଇଁ ଏକତ୍ରିତ ହେବାକୁ ପ୍ରସ୍ତୁତ କରାଇଥିଲା । ଯଦିଓ ସେମାନେ ଏହି ଆନ୍ଦୋଳନରେ ନିଜର ଲକ୍ଷ୍ୟ ପୂରଣ କରିପାରି ନଥିଲେ ତଥାପି ସେମାନେ ଭାରତୀୟମାନଙ୍କ ମନରେ ଜାତୀୟତାର ବୀଜ ବପନ କରିଥିଲେ । ବିଦ୍ରୋହରେ ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କଲେ ଭାରତୀୟମାନେ ସେମାନଙ୍କ ବିଷୟରେ ଜାଣିବାକୁ ସଜାଗ ହେଲେ । ଏହା ହିନ୍ଦୁ–ମୁସଲମାନମାନଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରାଇଲା । ଯାହା ଫଳରେ କି ବ୍ରିଟିଶମାନେ ଭାରତରେ ଶୋଷଣକାରୀ ଶାସନକୁ ଚଳାଇ ରଖିବାକୁ ସକ୍ଷମ ହେଲେ ।

## ୭.୬ ବିଦ୍ରୋହର ଉତ୍ତର ଦାନ (LEGACY) (ଓସିଅତ)

୧୮୫୭ ବିଦ୍ରୋହ ଏଥିଯୋଗୁଁ ଅଦ୍ୱିତୀୟ ଥିଲା କି ଏହା ଜାତି, ସମ୍ପ୍ରଦାୟ ଏବଂ ବିଭିନ୍ନ ଶ୍ରେଣୀର ବନ୍ଧନକୁ ଛିନ୍ନ କରିଥିଲା । ପ୍ରଥମ ଥର ପାଇଁ ଭାରତର ଲୋକେ ଏକାଠି ମିଶି ବ୍ରିଟିଶ ଶାସନକୁ ବିଦ୍ରୋହ କରିଥିଲେ । କିନ୍ତୁ





ସେମାନେ ବିଦ୍ରୋହରେ ଅସଫଳ ହୋଇଥିଲେ । ବ୍ରିଟିଶ ସରକାର ତାର ନୀତିକୁ ବଦଳାଇବାକୁ ବାଧ୍ୟ ହୋଇଥିଲା । ୧୮୫୮ ଅଗଷ୍ଟରେ ଭାରତରେ ଭଲ ଶାସନ ପାଇଁ ନିୟମ କଲେ । Board of control ଏବଂ Board of Directorsକୁ ଉଠାଇ ଦିଆଯାଇଥିଲା ଏବଂ ଭାରତ ପାଇଁ ଥିବା office of the Secretary of State ସୃଷ୍ଟି ହେଲା, ସେଥିରେ ଭାଇସରାୟଙ୍କୁ ସହଯୋଗ କରିବା ପାଇଁ ଗୋଟିଏ ଭାରତୀୟ କାଉନସିଲ ରହିଲା ସେଥିରେ ୧୫ ଜଣ ସଦସ୍ୟ ରହିଲେ । ଭାରତରେ ଗଭର୍ଣ୍ଣର ଜେନେରାଲ ନାମରେ ସେ ଭୂଷିତ ହେଲେ । ୧୮୫୮ରେ ବ୍ରିଟିଶ ଶାସନ କର୍ତ୍ତା ଭାରତର ପରିଚାଳନା ଦାୟିତ୍ୱ ଇଷ୍ଟ ଇଣ୍ଡିଆ କମ୍ପାନୀ ହାତରେ ଦେଲେ । ୧୮୭୭ରେ ରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ହେଲେ । ଏହା ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନର ପତନ ଘଟାଇଲା । ୧୮୫୮ ନଭେମ୍ବର ଏକରେ ରାଣୀ କମ୍ପାନୀର ଶାସନ ନୀତି ଚାଲୁ ରହିବ ବୋଲି ଘୋଷଣା କଲେ । ଭାରତ ବ୍ରିଟିଶ ସାମ୍ରାଜ୍ୟରେ ଏକ ଉପନିବେଶ ହୋଇଗଲା । ଏହାକୁ ଉପନିବେଶ ରୂପେ ଗ୍ରହଣ କଲାପରେ ଭାରତ ଶାସନ ଆଇନ ପ୍ରସ୍ତୁତ ହେଲା । ଭାରତର ଦେଶୀୟ ରାଜ୍ୟମାନଙ୍କ ସହିତ ହୋଇଥିବା ସନ୍ଧି ଓ ଚୁକ୍ତିକୁ ବଜାୟ ରଖିବାକୁ ବ୍ରିଟିଶ ଶାସନ କର୍ତ୍ତା ପ୍ରତିଜ୍ଞା କଲେ ।

ବର୍ତ୍ତମାନ ସୁଦ୍ଧା ବ୍ରିଟିଶର ହିନ୍ଦୁ ମୁସଲମାନ ଏକତା ଉପରେ ଅବିଶ୍ୱାସ ଥିଲା ସେ Divide and rule ନୀତିକୁ ଅନୁସରଣ କରିବାକୁ ସ୍ଥିର କଲେ । ସେ ସିଭିଲ ଏବଂ ମିଲିଟାରୀ ଶାସନର ଶୀର୍ଷକୁ ନିଜ ନିୟନ୍ତ୍ରଣରେ ରଖିଲେ । ଏହି ପରିପ୍ରେକ୍ଷୀରେ ୧୮୬୧ ଭାରତୀୟ ସିଭିଲ ସର୍ଭିସ୍ ଆକ୍ଟ ପାଶ ହେଲା । ସିଭିଲ ସର୍ଭିସ୍ ନିଯୁକ୍ତି ପାଇଁ ବର୍ଷରେ ଥରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଲଣ୍ଡନରେ ହେବ ବୋଲି ସ୍ଥିର ହେଲା ।

ଆଙ୍ଗ୍ଲୋ–ଭାରତୀୟ ଇତିହାସରେ ଏହି ବିଦ୍ରୋହ କେନ୍ଦ୍ର ବିନ୍ଦୁରେ ଥିଲା । ବ୍ରିଟିଶ ସେମାନଙ୍କ ଶାସନ ସମ୍ବନ୍ଧରେ ସାବଧାନ, ପ୍ରତିରକ୍ଷା ପରାୟଣ ହେଲେ । ବହୁତ ଭାରତୀୟଙ୍କର ସେମାନଙ୍କ ଶାସନ କର୍ତ୍ତାଙ୍କ ଉପରୁ ବିଶ୍ୱାସ ତୁଟିଗଲା । ୧୮୮୫ରେ ଭାରତରେ ଜାତୀୟ କଂଗ୍ରେସ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଏହି ପରି ଚାଲିଥିଲା । ମହାତ୍ମା ଗାନ୍ଧି ଭାରତୀୟମାନଙ୍କୁ ଏକତ୍ରିତ କରି ହୋମ ରୁଲ ପାଇଁ ଉତେଜିତ କରାଇଲେ । ଯେଉଁ ଦଳ ଅସୁବିଧାଠାରୁ ଦୂରରେ ରହିଥିଲେ ବ୍ରିଟିଶମାନଙ୍କୁ ବିରୋଧ କରୁ ନଥିଲେ ସେମାନେ ହେଲେ ଇଂରାଜୀ ଶିକ୍ଷାପ୍ରାପ୍ତ ଭାରତୀୟ । ଏହି ଦଳ ନୂଆ ରୁଲ ପାଇଁ ନିଜକୁ ଋଣି ଭାବୁଥିଲେ । ଏମାନଙ୍କ ଭିତରୁ କେତେକ ନୂଆ ବେଙ୍ଗଲି ଜମିଦାରଙ୍କର ବଂଶଧର ଥିଲେ । ଏହି ଜମିଦାରମାନେ ଚିରସ୍ଥାୟୀ ବନ୍ଦୋବସ୍ତ ବେଳେ ସୃଷ୍ଟି ହୋଇଥିଲେ । ୧୮୫୭ ବିଦ୍ରୋହର ୩୦ କିମ୍ବା ୫୦ ବର୍ଷ ପରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରିଥିଲେ । ୧୮୫୭ ଆତଙ୍କ ପାଇଁ ସେନାବାହିନୀ ପ୍ରଧାନତଃ ଦାୟୀ ଥିଲା । ତେଣୁ ସେନାବାହୀନିରେ ମୌଳିକ ପରିବର୍ତ୍ତନ କରାଗଲା । ୟୁରୋପୀୟ ସୈନ୍ୟଦଳଙ୍କ ସଂଖ୍ୟା ବଢ଼ାଇ ଦିଆଗଲା । ଏବଂ ୧୮୫୭ ପୂର୍ବରୁ ଥିବା ଭାରତୀୟ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରାଗଲା । କେବଳ କେତେକ ପାର୍ବତୀୟ ଆର୍ଟିଲାରି ଦଳ ବ୍ୟତୀତ ଅନ୍ୟସବୁ ଦଳକୁ ବରଖାସ୍ତ କରାଗଲା । ଜାତି, ଧର୍ମ ଏବଂ ଅଞ୍ଚଳକୁ ଭିତ୍ତିକରି ଭାରତର ବାସିନ୍ଦାଙ୍କୁ ବାସିନ୍ଦାମାନଙ୍କ ବିରୁଦ୍ଧରେ ନିୟୋଜିତ କରାଗଲା । ସୈନ୍ୟ ବିଭାଗ ଏବଂ ଗୁଳିଗୋଳା ବିଭାଗର ସମସ୍ତ ଉଚ୍ଚ ଚାକିରି ୟୁରୋପୀୟମାନଙ୍କ ପାଇଁ ରିଜର୍ଭ ରଖାଗଲା । ଭାରତୀୟ ଏବଂ ବ୍ରିଟିଶ ଉଭୟଙ୍କ ମଧ୍ୟରେ ଅବିଶ୍ୱାସ ଏବଂ ଭୟ ଜାତ ହେଲା ।

୧୮୫୭ ବିଦ୍ରୋହର ମୂଳ କାରଣ ହେଉଛି ଶାସକ ଏବଂ ଶାସିତ ମଧ୍ୟରେ ସଂଯୋଗର ଅଭାବ । ଏହିପରି ୧୮୬୧ ଭାରତୀୟ କାଉନ୍‌ସିଲ ଆକ୍ଟ ଅନୁସାରେ ପ୍ରତିନିଧି ମୂଳକ ଅନୁଷ୍ଠାନର ଉନ୍ନତି ଆରମ୍ଭ ହେଲା । ବିଦ୍ରୋହର ପରିବର୍ତ୍ତୀ ଇମୋସନାଲ ପ୍ରଭାବ ବୋଧହୁଏ ଅତ୍ୟଧିକ ଭାଗ୍ୟହୀନ ଥିଲା । ଜାତିଗତ ତିକ୍ତତା ବୋଧହୁଏ ବିଦ୍ରେହର ସବୁଠାରୁ ଖରାପ ଉତ୍ତରଦାନ ଥିଲା ।

## ପାଠଗତ ପ୍ରଶ୍ନାବଳୀ ୭.୨

୧. ଉପନିବେଶୀୟ ଶାସନ ବିରୁଦ୍ଧରେ ଥିବା ସିପାହୀମାନଙ୍କର ଦୁଇଗୋଟି ଅଭିଯୋଗକୁ ଲେଖ ।

୨. ୧୮୫୭ ବିଦ୍ରୋହର ତିନିଜଣ ପ୍ରସିଦ୍ଧ ନେତାଙ୍କର ନାମ ଲେଖ ।

୩. କେତେବେଳେ ଓ କିପରି ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନର ଅବସାନ ଘଟିଲା ?

୪. ୧୮୫୭ ବିଦ୍ରୋହ ଅସଫଳ ହେବାର ତିନିଗୋଟି ମୁଖ୍ୟ କାରଣକୁ ତାଲିକାଭୁକ୍ତ କର ।

## ତୁମେ କ'ଣ ଶିଖିଲ ?

- ଲୋକମାନଙ୍କ ଉପରେ ଶକ୍ତି ପ୍ରୟୋଗ ଏବଂଶୋଷଣ ବିଦ୍ରୋହର ପ୍ରଧାନ କାରଣ ଅଟେ ଏବଂ ଭାରତରେ ବ୍ରିଟିଶ ଶାସନର ବିରୋଧ ଏଥିଯୋଗୁଁ ହୋଇଥିଲା ।

- କୃଷକ ଏବଂ ଜନଜାତିଙ୍କୁ ତାଙ୍କ ସମ୍ପତ୍ତିରୁ ଉଚ୍ଛେଦ କଲାପରେ ସେମାନଙ୍କୁ ନିଜ ଜମିରେ ମୂଲିଆ ହୋଇ କାମ କରିବାକୁ ପଡ଼ିଲା । ବିଭିନ୍ନ ପ୍ରକାର ଟିକସ ତାଙ୍କ ଚଳଣିକୁ ଦୟନୀୟ କରିଦେଲା ।

- ଯେଉଁମାନେ ନିଜ ନିଜର କୁଟୀର ଶିଳ୍ପ କାମରେ ବ୍ୟସ୍ତଥିଲେ, ବ୍ରିଟିଶ କାରଖାନା ତିଆରି ଜିନିଷ ଆମଦାନୀ ହେବା ଦ୍ୱାରା ତାଙ୍କର ଶିଳ୍ପ ବନ୍ଦ ହୋଇ ଯାଇଥିଲା । ଏ ସମସ୍ତ ପରିବର୍ତ୍ତନ ଏବଂ ବ୍ରିଟିଶ ଶାସନର ଅମାନବୀୟ ଆଚରଣ କୃଷକମାନଙ୍କୁ ବିଦ୍ରୋହ ମାଧ୍ୟମରେ ଅଭିଯୋଗ ଜଣାଇବାକୁ ବାଧ୍ୟ କଲା ।

- ଦୁର୍ଭାଗ୍ୟବଶତଃ ବିଦ୍ରୋହୀମାନେ ସୁସଂଗଠିତ ବ୍ରିଟିଶ ସେନାଙ୍କ ସମ୍ମୁଖରେ ଅସଫଳ ହେଲେ । କିନ୍ତୁ ସେମାନେ ଭବିଷ୍ୟତରେ ଭାରତରେ ବ୍ରିଟିଶ ରାଜକୁ ବିରୋଧ କରିବାକୁ ପଥ ଦେଖାଇ ଦେଲେ ।

- ୧୮୫୭ ମସିହା ବିଦ୍ରୋହ ବ୍ରିଟିଶ କର୍ତ୍ତୃପକ୍ଷଙ୍କୁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା । ଏହା ସିପାହୀଙ୍କ ଦ୍ୱାରା ଆଗେଇ ଥିଲା ଏବଂ ସାଧାରଣ ଲୋକେ ତାଙ୍କୁ ସମର୍ଥନ କରୁଥିଲେ ।

- ୧୮୫୭ ବିଦ୍ରୋହ ପାଇଁ ଆର୍ଥିକ, ରାଜନୈତିକ, ସାମାଜିକ, ଧାର୍ମିକ ଏବଂ ସାମରିକ କାରଣଗୁଡ଼ିକ ଦାୟୀ ଥିଲା । ଗ୍ରୀଜ କ୍ୟାଟ୍ରିଜ ଘଟଣା ବିଦ୍ରୋହର ଆଶୁ କାରଣ ଥିଲା ।

- ଭାରତର ବିସ୍ତୃତ ଅଞ୍ଚଳ ଏହି ବିଦ୍ରୋହ ଦ୍ୱାରା ପ୍ରଭାବିତ ହୋଇଥିଲା । ବିଦ୍ରୋହର କେନ୍ଦ୍ର ମିରଟ, ଦିଲ୍ଲୀ, କାନପୁର, ଲକ୍ଷ୍ନୌ, ଝାନସୀ, ବରେଲି ଏବଂ ଆରା ଥିଲା । ବିଦ୍ରୋହର ପ୍ରସିଦ୍ଧ ନେତା ବକ୍ତ ଖାଁ, ନାନା ସାହେବ, ତାନ୍ତିଆ ଟୋପେ, ଅଜିମୁଲ୍ଲା, ବେଗମ ହଜରତ ମହଲ, ମୌଲବୀ ଅହମଦ୍‌ବୁଲ୍ଲା, ରାଣୀ ଲକ୍ଷ୍ମୀବାଇ, ଖାଁ ବାହାଦୂର ଖାଁ ଏବଂ କୁଆଁର ସିଂହ ଥିଲେ ।

- ବିଦ୍ରୋହ ଅସଫଳ ହେଲା । ବିଦ୍ରୋହ ଅସଫଳ ହେବାର ପ୍ରଧାନ କାରଣ ସ୍ଥାନୀୟ ପରିଚାଳନାଗତ ତ୍ରୁଟି, ଦୁର୍ବଳ ନେତୃତ୍ୱ ଏବଂ ଅସ୍ତ୍ରଶସ୍ତ୍ର ଏବଂ ଅର୍ଥର ଅଭାବ ଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. କୃଷକ ଏବଂ ଜନଜାତି ଆନ୍ଦୋଳନରେ ଥିବା ଦୁଇଗୋଟି ସମାନ ଲକ୍ଷଣର ବ୍ୟାଖ୍ୟା କର ।

୨. ୧୮୫୭ ବିଦ୍ରୋହକୁ ରାଜନୈତିକ ଏବଂ ସାମାଜିକ – ଧାର୍ମିକ ଘଟଣା କିପରି ଆଗେଇ ନେଇଥିଲା ।

୩. ୧୮୫୭ ବିଦ୍ରୋହର ଗୁରୁତ୍ୱ ବର୍ଣ୍ଣନା କର ।

୪. ୧୮୫୭ ବିଦ୍ରୋହର ପ୍ରଧାନ ବିଦ୍ରୋହୀଙ୍କର ଟେବୁଲ ତିଆରି କର ଏବଂ ସେମାନେ ବିଦ୍ରୋହରେ ଯୋଗ ଦେବାର କାରଣ ଲେଖ ।

୫. ୧୮୫୭ ବିଦ୍ରୋହ ବ୍ରିଟିଶ ଏବଂ ତାଙ୍କର ଶାସନ ଉପରେ କିଛି ପ୍ରଭାବ ପକାଇ ଥିବାର କ'ଣ ତୁମେ ଭାବୁଛ ? ପରିସ୍ଥିତିକୁ ଅନୁଧ୍ୟାନ କର ଏବଂ ତୁମର ମନୋଭାବ ପ୍ରକାଶ କର ।

୬. ଇତିହାସ କହୁଅଛି ଯେ ଯେତେବେଳେ ଲୋକମାନଙ୍କ ଜୀବନ ଧାରଣ ଉପରେ ବିପଦ ଆସେ ସେତେବେଳେ ସେମାନେ ବିରୋଧ କରନ୍ତି । ତୁମେ କ'ଣ ଭାବୁଛ ଆଜିକାଲି ଏହା ସତ୍ୟ ଅଟେ ? ଖବର କାଗଜ କିମ୍ବା ପତ୍ରିକାରୁ ଏପରି ଏକ ଘଟଣାକୁ ବାଛ ଏବଂ ପଚାଶ ଗୋଟି ଶବ୍ଦରେ ଗୋଟିଏ ରିପୋର୍ଟ ପ୍ରସ୍ତୁତ କର ।

୭. (କ) ଦିଆ ଯାଇଥିବା ଭାରତ ମାନଚିତ୍ରରେ ନିମ୍ନଲିଖିତ ବିଦ୍ରୋହୀମାନଙ୍କର ଅଞ୍ଚଳ ଚିହ୍ନଟ କର ।


୧. ଫକିର ଏବଂ ସନ୍ନ୍ୟାସୀ ଆନ୍ଦୋଳନ

୨. ସାନ୍ତାଳ ଆନ୍ଦୋଳନ

୩. ମୁଣ୍ଡା ଆନ୍ଦୋଳନ

୪. ଜୟନ୍ତିଆ ଏବଂ ଗାରୋ ଆନ୍ଦୋଳନ

(ଖ) ପ୍ରତ୍ୟେକ ବିଦ୍ରୋହର ଗୋଟିଏ ଲେଖାଏଁ କାରଣ ଲେଖ ।



## ପାଠଗତ ପ୍ରଶ୍ନାବଳୀର ଉତ୍ତର

୭.୧ ୧. (କ) ଫକିରମାନେ ହେଉଛନ୍ତି ଦଳେ ଭ୍ରମଣକାରୀ ମୁସଲିମ ଧର୍ମିୟ ଲୋକ ।

(ଖ) ଋଣ ଦାତାଙ୍କୁ ମହାଜନ କୁହାଯାଏ ।

(ଗ) ମାପିଲାଜ ହେଉଛନ୍ତି ମାଲବାର ଅଞ୍ଚଳର ମୁସଲମାନ କୃଷକ, ଭୂମିହୀନ ଶ୍ରମିକ ଏବଂ ଧୀବର ।

୨. ତିନିଗୋଟି ଶୋଷଣକାରି ଦଳ ଥିଲେ :

(କ) ବ୍ରିଟିଶ ସରକାରଙ୍କର କର୍ମଚାରୀ

(ଖ) ଜମିଦାର

(ଗ) ଋଣଦାତା

୩. ଲୋକପ୍ରିୟ ପ୍ରତିରୋଧ ଆନ୍ଦୋଳନର ଚାରିଗୋଟି କାରଣ ଥିଲା :

(କ) ବ୍ରିଟିଶଙ୍କ ଦ୍ୱାରା ଶୋଷଣ

(ଖ) କୃଷକମାନଙ୍କ ଉପରେ ସର୍ବାଧିକ ଖଜଣା

(ଗ) ବାଣିଜ୍ୟିକ ଚାଷକୁ ବାଧ୍ୟତାମୂଳକ କରିବା

(ଘ) ଲୋକମାନଙ୍କ ଧାର୍ମିକ କାର୍ଯ୍ୟ ପାଳନ ଉପରେ ବ୍ରିଟିଶର ହସ୍ତକ୍ଷେପ

୭.୨ ୧. (କ) କମ୍ ଦରମା ଏବଂ ଭତ୍ତା ନାହିଁ, ସମୁଦ୍ର ପାରି ଡ୍ୟୁଟି କରିବାରେ ଅଲଗା ପାରିଶ୍ରମିକ ନଥିଲା ।

(ଖ) ପ୍ରମୋଶନରେ, ପେନ୍‌ସନ୍‌ରେ ଏବଂ ଚାକିରିର ସର୍ତ୍ତରେ ସାମାଜିକ ବ୍ୟତିକ୍ରମ

(ଗ) ଗ୍ରୀଜ୍ କ୍ୟାଟ୍ରିଜର ବ୍ୟବହାର, ଏହାର ମୁହଁରେ ଗୋରୁ ଏବଂ ଘୁଷୁରି ଚର୍ବି ଥିବାରୁ ଏହା ଧାର୍ମିକ ମନୋଭାବକୁ ଆଘାତ ଦେବା ।

୨. ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପେ, ବେଗମ ହଜରତ ମହଲ, ନାନା ସାହେବ ଏବଂ ଆରାର କୁଆଁର ସିଂହ

୩. ୧୮୫୮ ମସିହାରେ ବ୍ରିଟିଶ ପାର୍ଲିଆମେଣ୍ଟରେ ରାଣୀଙ୍କ ଘୋଷଣା ଦ୍ୱାରା ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନର ଉଚ୍ଛେଦ ହୋଇଥିଲା ।

୪. ୧୮୫୭ ବିଦ୍ରୋହ ଅସଫଳ ହେବାର ପ୍ରଧାନ କାରଣ ଥିଲା –

(କ) ଏହି ବିଦ୍ରୋହ ଭାରତ ଇତିହାସରେ ଗୋଟିଏ ବଡ଼ ଘଟଣା ଥିଲା ସୁସଙ୍ଗଠିତ ଏବଂ ଶକ୍ତିଶାଳୀ ସେନାଙ୍କ ବିରୁଦ୍ଧରେ ଲଢ଼ି କୃତକାର୍ଯ୍ୟ ହେବାରେ କମ୍ ସୁଯୋଗ ଥିଲା ।

(ଖ) ଏହା ଉତ୍ତର ଏବଂ ଭାରତର କେନ୍ଦ୍ରାଞ୍ଚଳରେ ସୀମାବଦ୍ଧ ଥିଲା ।

(ଗ) ବିଦ୍ରୋହୀମାନଙ୍କ ଉଦ୍ଦେଶ୍ୟରେ ତାଳମେଳ ନଥିଲା

(ଘ) ବିଦ୍ରୋହର ନେତୃତ୍ୱ ଦୁର୍ବଳ ଥିଲା

(ଙ) ବିଦ୍ରୋହୀଙ୍କ ପାଖରେ ଅସ୍ତ୍ର ଏବଂ ଅର୍ଥର ଅଭାବ ଥିଲା

ମଡ୍ୟୁଲ – ୧
ଯୁଗେ ଯୁଗେ ଭାରତ
ଓ ପୃଥିବୀ

ଟିପ୍ପଣୀ

୮

# ଭାରତୀୟ ଜାତୀୟ ଆନ୍ଦୋଳନ

ପୂର୍ବରୁ ଥିବା କେତେଗୁଡ଼ିଏ ପାଠରେ ପ୍ରାକ୍–ଐତିହାସିକ ଯୁଗରୁ ଆଜିପର୍ଯ୍ୟନ୍ତ ଭାରତ ସଭ୍ୟତାର ଇତିହାସ ସମ୍ବନ୍ଧରେ ତୁମେ ପଢ଼ିଅଛ । ଏହି ପାଠରେ ତୁମେ ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟରେ ପଢ଼ିବା ଏହା ଚିତ୍ତାକର୍ଷକ ଯାତ୍ରା ଥିଲାବୋଲି ତୁମେ କ'ଣ ଭାବୁଛ ? ଲୋକେ ଜଙ୍ଗଲରେ ବାସ କରୁଥିବାର ଅମସୃଣ ପଥରକୁ ନିଜର ସୁରକ୍ଷା ପାଇଁ ବ୍ୟବହାର କରୁଥିବାର, ଜୀବଜନ୍ତୁଙ୍କୁ ମାରି ଖାଦ୍ୟ ପାଉଥିବାର କଥା ତୁମେ ପଢ଼ିଅଛ । ବ୍ରୋଞ୍ଜୟୁଗ ଯେତବେଳେ କି ଧାତୁଗୁଡ଼ିକୁ ଆବିଷ୍କାର କରାଗଲା, ଏବଂ ଏହା ସାହାଯ୍ୟରେ ଛୋଟ ଛୋଟ ଜଙ୍ଗଲକୁ କଟାଗଲା ଏବଂ ଏହା ମନୁଷ୍ୟ ଜୀବନକୁ ଅଧିକ ଆରାମଦାୟକ କରିଦେଲା । ଏହି ବିଷୟରେ ମଧ ତୁମେ ପଢ଼ିଅଛ । ଏହା ଆମକୁ ଲୌହ ଯୁଗ ଆଡ଼କୁ ଆଗେଇନେଲା ଏବଂ ଶିଳ୍ପସ୍ଥାପନ ପାଇଁ ମଧ୍ୟ ଆଗେଇ ନେଲା । ସମାଜ କିପରି ଗଠିତ ହେବା ବିଷୟ ଏବଂ କେତେକ ଲୋକ ଅଧିକ ଶକ୍ତିଶାଳି ହେବା କଥା ତୁମେ ପଢ଼ିଅଛ । ଶକ୍ତିଶାଳି ରାଷ୍ଟ୍ର ହେବାପାଇଁ ଟଙ୍କା ଏବଂ ଭୂମିର ଆବଶ୍ୟକତା ବିଷୟରେ ତୁମେ ପଢ଼ିଅଛ । ପ୍ରାକୃତିକ ଏବଂ ମାନବ ସମ୍ବଳକୁ ଶୋଷଣ କରି ଯେଉଁ ରାଜ୍ୟ କିମ୍ବା ରାଷ୍ଟ୍ର ଅନ୍ୟମାନଙ୍କୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ସେମାନଙ୍କ ଉପରେ ରାଜତ୍ୱ କରିବାକୁ ଚାହୁଁଥିଲେ । ଏହା ସେମାନଙ୍କ ବିରୁଦ୍ଧରେ ପ୍ରତିବାଦ ଜଣାଇବାରେ ଏବଂ ନିଜର ସ୍ଥିତିକୁ ବଜାଇ ରଖିବାକୁ ଆଗେଇ ନେଲା । ଏହା ଆମ ଦେଶ ଭାରତ ଉପରେ ଘଟିଥିଲା । ଏହି ପାଠରେ ତୁମ୍ଭେମାନେ ଭାରତର ମୁକ୍ତି ପାଇଁ ହୋଇଥିବା ଦୀର୍ଘ ସଂଗ୍ରାମ ବିଷୟରେ ପଢ଼ିବା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିବା ପରେ ତୁମେ ସକ୍ଷମ ହେବ ଯେ –

- ଭାରତର ଜାତୀୟତାର ଉଦ୍ରେକ ପାଇଁ ହୋଇଥିବା କାରଣ;
- ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପନାର ଆବଶ୍ୟକତା;
- ଭାରତୀୟ ଜାତୀୟ ଆନ୍ଦୋଳନର ବିଭିନ୍ନ ସ୍ତରର ଆଲୋଚନା;
- ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରମୁଖ ନେତାମାନଙ୍କ ନାମ ତାଲିକା;
- ଏହି ଆନ୍ଦୋଳନରେ ଗାନ୍ଧିଜୀଙ୍କ ଭୂମିକା ।

## ୮.୧ ଜାତୀୟତାର ମୂଳ

ୟୁରୋପରେ ଯେତେବେଳେ ଧର୍ମଗତ କଠୋରତାରୁ ମୁକୁଳିବାକୁ ଚେଷ୍ଟା କରାଯାଇଥିଲା ସେତେବେଳେ ସେଠାରେ ଜାତୀୟତାର ପୁର୍ନଭ୍ୟୁଦୟ ହୋଇଥିଲା । ଫରାସୀ ବିଦ୍ରୋହ ବେଳେ ଏହି ଜାତୀୟତାଭାବକୁ ଅବଧାରଣା କରାଯାଇଥିଲା । ଏହି ରାଜନୈତିକ ପରିବର୍ତ୍ତନ ଫଳ ସ୍ୱରୂପ ସର୍ବଭୌମ କ୍ଷମତା ଏକଛତ୍ର ଶାସକଙ୍କ ହାତରୁ ଫ୍ରାନ୍ସର ନାଗରିକମାନଙ୍କ ହାତକୁ ଆସିଯାଇଥିଲା । ସେମାନଙ୍କର ଜାତିଗଠନର କ୍ଷମତା ରହିବା ସହିତ ଲକ୍ଷ୍ୟକୁ ରୂପ ଦେବାର କ୍ଷମତା ମଧ ଥିଲା । ଫରାସୀ ବିଦ୍ରୋହର ମୂଳମନ୍ତ୍ର ଥିଲା ସ୍ୱାଧୀନତା, ସମାନତା ଏବଂ ଭାତୃତ୍ୱ । ଏହି ତିନିଗୋଟି ମୂଳମନ୍ତ୍ର ସାରା ପୃଥିବୀକୁ ଉତ୍ତେଜିତ କରିଥିଲା । ଆମେରିକା ବିଦ୍ରୋହ, ଋଷ ବିଦ୍ରୋହ ଭଳି ଅନେକ ବିଦ୍ରୋହ (ଯାହାକୁ କି ତୁମେ ତୃତୀୟ ପାଠରେ ପଢ଼ିଛ) ଜାତୀୟତା ଭାବକୁ ସୁଦୃଢ଼ କରିଥିଲା । ଏହି ପାଠରେ ତୁମେ ଭାରତରେ ଜାତୀୟତାର ଉତ୍ଥାନ ସମ୍ବନ୍ଧରେ ଯାହାକି ଉନ୍‌ବିଂଶ ଶତାବ୍ଦିରେ ୧୮୫୭ ବିଦ୍ରୋହ ପରେହୋଇଥିଲା ପଢ଼ିବ ।

### ୮.୧.୧ ଭାରତରେ ଜାତୀୟତାର ଉତ୍ଥାନ

ଭାରତରେ ଜାତୀୟ ଏକ ରୂପତାର ମୂଳ ପ୍ରାଚୀନକାଳରୁ ରହିଆସିଅଛି । ପ୍ରାଚୀନ କାଳରେ ଅଶୋକ ଏବଂ ସମୁଦ୍ରଗୁପ୍ତ ସମ୍ରାଟଙ୍କ ଦ୍ୱାରା ଭାରତ ଶାସିତ ହେଉଥିଲା ଏବଂ ମଧ୍ୟଯୁଗରେ ଆକବରଙ୍କଠାରୁ ଆଉରେଙ୍ଗଜେବ ମୋଗଲ ସମ୍ରାଟଙ୍କ ଦ୍ୱାରା ଭାରତ ଶାସିତ ହେଉଥିଲା । କିନ୍ତୁ ଊନବିଂଶ ଶତାବ୍ଦୀରେ ଜାତୀୟ ଏକତ୍ୱର ଧାରଣା ଏବଂ ଜାତୀୟ ସଚେତନତା ପୁନଃ ଜାଗରିତ ହେଲା । ଉପନିବେଶବାଦ ବିରୋଧ ଆନ୍ଦୋଳନ ସହିତ ଏହି ଭାବଧାରା ଦୃଢ଼ ଭାବରେ ସଂଯୁକ୍ତ ହୋଇଥିବାର ତୁମେ ୪ର୍ଥ ପାଠରେ ପଢ଼ି ଅଛ । ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କାରଣଗୁଡ଼ିକ ଲୋକମାନଙ୍କୁ ଜାତୀୟ ଏକତ୍ୱ ହାସଲ କରିବାକୁ ପ୍ରେରଣା ଦେଲା । ଲୋକମାନେ ଉପନିବେଶବାଦ ବିରୁଦ୍ଧରେ ଲଢ଼ିଲାବେଳେ ସେମାନଙ୍କର ଏକତାକୁ ଆବିଷ୍କାର କଲେ ।

ଉପନିବେଶ ଶାସନରେ ଜର୍ଜରିତ ହୋଇଥିବା କାରଣରୁ ବିଭିନ୍ନ ଦଳଗୁଡ଼ିକ ଏକତା ବନ୍ଧନରେ ଆବଦ୍ଧ ହେଲେ ପ୍ରତ୍ୟେକ ଶ୍ରେଣୀ ଏବଂ ପ୍ରତ୍ୟେକ ଦଳ ବିଭିନ୍ନ ରୂପରେ ଉପନିବେଶ ବାଦର ପ୍ରଭାବ ଅନୁଭବ କଲେ । ସେମାନଙ୍କ ଅନୁଭୂତିରେ ଭିନ୍ନତା ଥିଲା । ସେମାନଙ୍କର ଜାତୀୟ ସ୍ୱାଧୀନତା ସବୁବେଳେ ଏକ ପ୍ରକାର ନଥିଲା । ଜାତୀୟତାର ଉତ୍ଥାନ ଏବଂ ବୃଦ୍ଧି ପାଇଁ ଆହୁରି ଅନ୍ୟ କାରଣ ଥିଲା । କେତେକ ଅଞ୍ଚଳରେ ବ୍ରିଟିଶ୍ ସରକାରଙ୍କର ନିୟମ ଲାଗୁ କରାଯିବାରୁ ରାଜନୈତିକ ଏବଂ ଶାସନଗତ ଏକତାକୁ ଏହା ଆଗେଇ ନେଲା । ଏହା ନାଗରିତ୍ୱକୁ ମଜବୁତ କଲା ଏବଂ ଭାରତୀୟମାନଙ୍କ ମଧରେ ଗୋଟିଏ ଜାତୀୟତାକୁ ଚିହ୍ନଟ କଲା । ତୁମେ ଲୋକପ୍ରିୟ ଜନବିରୋଧୀ ଆନ୍ଦୋଳନ କଥା ମନେ ରଖିଛକି ? ଯେତେବେଳେ କୃଷକ ଏବଂ ଜନଜାତିର ଲୋକମାନଙ୍କ ସମ୍ପତ୍ତି ଏବଂ ଦାବିକୁ ଛଡ଼ାଇ ନିଆଯାଇଥିଲା ତୁମେ ମନେ ପକାଉଅଛକି ? ଏହିପରି ଭାବରେ ବ୍ରିଟିଶ ସରକାରଙ୍କର ଆର୍ଥିକ ଶୋଷଣ ଅନ୍ୟ ଲୋକମାନଙ୍କୁ ଏକତ୍ରିତ କରି ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଲଢ଼ିବାକୁ ଉତ୍ତେଜିତ କଲା । ଊନବିଂଶ ଶତାବ୍ଦୀର ସାମାଜିକ ଏବଂ ଧର୍ମସମ୍ବନ୍ଧୀୟ ସଂସ୍କାର ମଧ ଜାତୀୟତା ମନୋଭାବକୁ ଏକତ୍ରିତ କଲା । ସ୍ୱାମୀ ବିବେକାନନ୍ଦ, ଆନିବେସାନ୍ତ, ହେନେରୀ ଡ଼ିରୋଜିଓ ଏବଂ ଆହୁରି ଅନେକଙ୍କ କଥା ପଢ଼ିଥିବାର ତୁମେ ମନେ ପକାଉଅଛକି ? ସେମାନେ ପ୍ରାଚୀନ ଭାରତର ଗୌରବକୁ ଜାଗରିତ କରିଥିଲେ । ଲୋକମାନଙ୍କ ମନରେ ଧର୍ମ ଏବଂ ସଭ୍ୟତା ସମ୍ବନ୍ଧିୟ ବିଶ୍ୱାସ ସୃଷ୍ଟି କରିଥିଲେ । ଯାହାଦ୍ୱାରା କି ମାତୃଭୂମି ପ୍ରତି ସମ୍ମାନ ସେମାନଙ୍କ ମନରେ ଜାଗରିତ ହୋଇଥିଲା ।

ବଙ୍କିମ୍ ଚନ୍ଦ୍ର ଚାଟାର୍ଜି, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏବଂ ଅରବିନ୍ଦ ଘୋଷଙ୍କ ଭଳି ବ୍ୟକ୍ତି ଜାତୀୟତାର ଶୈକ୍ଷଣିକ ଏବଂ ଆଧ୍ୟାତ୍ମିକ ଦିଗ ଉପରେ ସ୍ୱର ଉତ୍ତୋଳନ କରିଥିଲେ । ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ଲିଖିତ 'ବନ୍ଦେ ମାତରମ୍' ମନ୍ତ୍ର ଦେଶଭକ୍ତ ଜାତୀୟତାବାଦୀଙ୍କର ଧ୍ୱନୀର ରୂପ ନେଇଥିଲା । ଏହା ପୁରୁଷାନୁକ୍ରମେ ଆତ୍ମବଳିଦାନ ପାଇଁ ପ୍ରେରଣା ଯୋଗାଇବା ସହିତ ଇଂରେଜମାନଙ୍କ ମନରେ ଭୟ ସୃଷ୍ଟି କରାଇଲା । ଏହାର ପ୍ରଭାବ ଏତେ ବଳିଷ୍ଠ ଥିଲାଯେ ବ୍ରିଟିଶ୍ ଏହି ଗୀତକୁ ବନ୍ଦ କରିଦେଲେ । ଲୋକମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କର ବାର୍ତ୍ତା ଥିଲା ଯେ 'ଉଠ, ଜାଗ୍ରତ ହୁଏ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଲା ପର୍ଯ୍ୟନ୍ତ ଅଟକିଯାଅ ନାହିଁ' । ଭାରତୀୟ ଜାତୀୟତାବାଦ ଗତିରେ ଏହା ବଳଶାଳୀ ଶକ୍ତି ରୂପେ କାର୍ଯ୍ୟ କଲା । ତୁମେ ଛପାକଳର ସ୍ଥାପନା ବିଷୟରେ ଏବଂ ଏହା କିପରି ସ୍ୱାଧୀନତା, ସମାନତା ଏବଂ ଭାତୃତ୍ୱ ଭାବଧାରାକୁ ବିସ୍ତୃତ ରୂପରେ ପ୍ରଚାର କରିବାକୁ ସାହାଯ୍ୟ କରିଥିଲା ମନେ ରଖିଛକି ? ଏ ସମସ୍ତ ଉପାଦାନ ଭାରତୀୟ ଲୋକମାନଙ୍କ ମଧ୍ୟରେ ଜାତୀୟତାର ପ୍ରସାର ପାଇଁ ସାହାଯ୍ୟ କରିଥିଲା ।

ପରବର୍ତ୍ତୀ ସମୟରେ ଅନେକଗୁଡ଼ିଏ ଅନୁଷ୍ଠାନକୁ ଗଠନ କରାଯାଇଥିଲା ଯେଉଁମାନେ କି ବ୍ରିଟିଶ୍ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଅଧିକାଂଶ ଅନୁଷ୍ଠାନ ଆଞ୍ଚଳିକ ଥିଲା । ସେହି ଅନୁଷ୍ଠାନମାନଙ୍କ ମଧ୍ୟରେ କେତେକ ଅଧିକ କାର୍ଯ୍ୟଦକ୍ଷ ଥିଲେ । ସେଗୁଡ଼ିକ ହେଲେ ବେଙ୍ଗଲ ଇଣ୍ଡିଆ ଆସୋସିଏସନ, ବେଙ୍ଗଲ ପ୍ରେସିଡେନସି ଆସୋସିଏସନ, ପୁନେ ପବ୍ଲିକ ମିଟିଙ୍ଗ ପ୍ରଭୃତି । ଯାହାବି ହେଉ ଏହା ଅନୁଭବ କରାଗଲା ଯେ, ଯଦି ସମସ୍ତ ଆଞ୍ଚଳିକ ଅନୁଷ୍ଠାନଗୁଡ଼ିକ ଏକତ୍ରିତ ହୋଇ କାର୍ଯ୍ୟ କରିପାରିଥିଲେ, ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଭାରତର ଜନସମୁହକୁ ଏହା ସାହାଯ୍ୟ କରି ପାରିଥାନ୍ତା । ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସକୁ ଜନ୍ମ ଦେବାକୁ ଏହା ବାଟ ଦେଖାଇ ଥିଲା । ଆମ୍ଭେମାନେ ଏହି ପାଠର ପରବର୍ତ୍ତୀ ବିଭାଗରେ ଏହା ସମ୍ବନ୍ଧରେ ଆଲୋଚନା କରିବା ।

## ୮.୨ ଭାରତୀୟ ଜାତୀୟ କଂଗ୍ରେସର ଆକସ୍ମିକ ଆବିର୍ଭାବ (୧୮୮୫)

୧୮୮୫ ମସିହାରେ ଆଲାନ୍ ଅକଟୋଭିୟାନ ହ୍ୟୁମ ଦ୍ୱାରା ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପିତ ହୋଇଥିଲା । ହ୍ୟୁମ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସିଭିଲ ସର୍ଭିସ ଅଫିସର । ସେ ଭାରତୀୟମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ବଢୁଥିବାର ଦେଖିଲେ । ତେଣୁ ତାକୁ ଗୋଟିଏ ନିରାପଦ ସାମ୍ବିଧାନିକ ନିର୍ଗମ ପଥ ଦେବାକୁ ସେ ଚାହିଁଲେ । ଏଥିଯୋଗୁଁ ତାଙ୍କର କ୍ରୋଧ ଭାରତରେ ବ୍ରିଟିଶ ଶାସନ ବିରୋଧରେ ବଢ଼ିପାରିବ ନାହିଁ । ଏହି ଯୋଜନା ପାଇଁ ସେ ଭାଇସରାୟ ଲର୍ଡ ଡ଼ଫରିନ ଏବଂ ଦଳେ ଖ୍ୟାତନାମା ଭାରତୀୟଙ୍କର ସହଯୋଗ ପାଇଥିଲେ । କଲିକତାର ଉମେଶ ଚନ୍ଦ୍ର ବାନାର୍ଜି ପ୍ରଥମ ପ୍ରେସିଡେଣ୍ଟ ରୂପରେ ନିର୍ବାଚିତ ହୋଇଥିଲେ । ଭାରତୀୟ ଜାତୀୟ କଂଗ୍ରେସ ରାଜନୀତିରେ ସଜଗ ଭାରତୀୟମାନଙ୍କ ଗୋଟି, ଜାତୀୟ ଅନୁଷ୍ଠାନ ସ୍ଥାପନ କରି ସେମାନଙ୍କ ଉନ୍ନତି କରିବା ପାଇଁ ଅନୁରୋଧ କଲେ । ଏହାର ନେତାମାନଙ୍କର ବ୍ରିଟିଶ ସରକାର ଏବଂ ତାଙ୍କର ନ୍ୟାୟ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା । ସେମାନେ ବିଶ୍ୱାସ କରୁଥିଲେ ଯେ, ଯଦି ସେମାନେ ବ୍ରିଟିଶ ସରକାରଙ୍କୁ ତାଙ୍କର ଯୁକ୍ତଯୁକ୍ତ ଦାବି ଜଣାଇବେ, ବ୍ରିଟିଶ୍ ତାକୁ ନିଶ୍ଚିତ ରୂପରେ ସୁଧାରିବାକୁ ଚେଷ୍ଟା କରିବ। ଉଦାର ନେତାମାନଙ୍କ ମଧ୍ୟରେ ଫିରୋଜଶାହା ମେହେଟା, ଗୋପାଳକୃଷ୍ଣ ଗୋଖଲେ, ଦାଦାଭାଇ ନାରୋଜୀ ରାସବିହାରୀ ବୋଷ, ବଦରୁଦ୍ଦିନ ତୟବଜୀ ପ୍ରଭୃତି ପ୍ରସିଦ୍ଧ ଥିଲେ । ୧୮୮୫ ମସିହାରୁ ୧୯୦୫ ମସିହା ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ଅତି ସଂକୀର୍ଣ୍ଣ ସାମାଜିକ ଭିତ୍ତିଭୂମି ଥିଲା । ଏହାର ପ୍ରଭାବ କେବଳ ସହର ଅଞ୍ଚଳରେ ଥିବା ଶିକ୍ଷିତ ଭାରତୀୟଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ଏହି ଅନୁଷ୍ଠାନର



ଚିତ୍ର–୮.୧ ଭାରତୀୟ ଜାତୀୟ କଂଗ୍ରେସ (୧୮୮୫ ଅଧିବେଶନ)

ପ୍ରାରମ୍ଭିକ ଲକ୍ଷ୍ୟ ସୀମିତ ଥିଲା । ଭାରତୀୟମାନଙ୍କ ତରଫରୁ ବ୍ରିଟିଶ ସରକାରଙ୍କୁ ସେମାନଙ୍କର ଅଭିଯୋଗ ଜଣାଇବା ଜାତୀୟ କଂଗ୍ରେସର ପ୍ରାଥମିକ କାର୍ଯ୍ୟ ଥିଲା । ଏହାକୁ ମାନ୍ଦାଯୁଗ ବୋଲି କୁହାଯାଉଥିଲା । ତୁମେ ଏହାର କାରଣ ଶୀଘ୍ର ଖୋଜି ବାହାର କରିବ । ଏହାକୁ ପ୍ରକୃତପକ୍ଷେ ଉଦାରବାଦୀମାନଙ୍କ ଯୁଗ କୁହାଯାଉଥିଲା ।

## ୮.୨.୧ ଭାରତୀୟ ଜାତୀୟ କଂଗ୍ରେସର ପ୍ରାରମ୍ଭିକ ଅବସ୍ଥା

କଂଗ୍ରେସ ସବୁବେଳେ ସେମାନଙ୍କ ଦାବିକୁ ସରକାରଙ୍କ ନିକଟରେ ପିଟିସନ୍ ରୂପରେ ଉପସ୍ଥାପନ କରୁଥିଲେ ଏବଂ ନିୟମ ଭିତରେ ସବୁକାମ କରୁଥିଲେ । ଏହି କାରଣରୁ ପ୍ରାରମ୍ଭିକ କଂଗ୍ରେସ ନେତାଙ୍କୁ ମାନ୍ଦା ବୋଲି କୁହାଯାଉଥିଲା । ଏହାର ପ୍ରଥମ କୋଡ଼ିଏ ବର୍ଷ ଭିତରେ କଂଗ୍ରେସ ତାର ଦୁର୍ବଳ ଦାବି ରଖୁଥିଲା । ସଦସ୍ୟମାନେ ସବୁବେଳେ ସେମାନଙ୍କ ଦାବିକୁ ସରକାରଙ୍କ ନିକଟରେ ପିଟିସନ୍ ଆକାରରେ ଉପସ୍ଥାପନ କରୁଥିଲେ ଏବଂ ନିୟମ ଭିତରେ ସବୁକାମ କରୁଥିଲେ । ଏହି କାରଣ ଯୋଗୁଁ ପ୍ରାରମ୍ଭିକ କଂଗ୍ରେସ ନେତାଙ୍କୁ ମାନ୍ଦା ବୋଲି କୁହାଯାଉଥିଲା । ସେମାନେ ନିମ୍ନଲିଖିତ ବିଷୟରେ କହୁଥିଲେ ।

(କ) ପ୍ରତିନିଧିମୂଳକ ବ୍ୟବସ୍ଥାପକ ସଭା (ଖ) ଭାରତୀକରଣ ଚାକିରି (ଗ) ମିଲିଟାରୀ ଖର୍ଚ୍ଚର ହ୍ରାସ (ଘ) ଶିକ୍ଷା, ନିଯୁକ୍ତି ଏବଂ ଆଇ.ସି.ଏସ୍. ପରୀକ୍ଷାକୁ ଭାରତରେ କରିବା (ଙ) କୃଷକମାନଙ୍କ ବୋଝକୁ କମାଇବା (ଚ) ସିଭିଲ୍ ଅଧିକାରର ପ୍ରତିରୋଧ (ଛ) ନିର୍ବାହକକୁ ବିଚାର ବିଭାଗରୁ ଅଲଗା କରିବା (ଜ) ପ୍ରଜାସ୍ୱତ୍ୱ ଆଇନର ପରିବର୍ତ୍ତନ (ଝ) ଭୂମିର ଖଜଣା ଏବଂ ଲୁଣ କରର ହ୍ରାସ (ଞ) ଭାରତର ଶିଳ୍ପ ଏବଂ ହସ୍ତଶିଳ୍ପର ବିକାଶ ପାଇଁ ସାହାଯ୍ୟ (ଟ) ଲୋକମାନଙ୍କ ମଙ୍ଗଳ ସୂଚକ କାର୍ଯ୍ୟକ୍ରମର ଉପସ୍ଥାପନା ।

ଦୁର୍ଭାଗ୍ୟବଶତଃ ସେମାନଙ୍କ ପ୍ରଭାବ ଭାରତରେ ବ୍ରିଟିଶ ଶାସନ ଏବଂ ସେମାନଙ୍କ ନୀତିରେ ଅଧିକ ପରିବର୍ତ୍ତନ ଆଣି ନଥିଲା । ପ୍ରାରମ୍ଭରେ ବ୍ରିଟିଶର କଂଗ୍ରେସ ପ୍ରତିଅନୁକୂଳ ମନୋଭାବ ଥିଲା । କିନ୍ତୁ ୧୮୮୭ରେ ଏହି ମନୋଭାବ ବଦଳିବାକୁ ଲାଗିଲା । ସେମାନେ ନରମପନ୍ଥିଙ୍କ ଦାବିକୁ ପୂରଣ କଲେ ନାହିଁ । କଂଗ୍ରେସକୁ କେବଳ ଦୁଇଗୋଟି ସାଫଲ୍ୟ ମିଳିଥିଲା । ପ୍ରଥମଟି ହେଲା ୧୮୯୨ ମସିହା ଭାରତୀୟ କାଉନସିଲ ଆକ୍ଟର ଘୋଷଣା । ଏହା ଫଳରେ

ବିଧାନ ପରିଷଦର ଆକାର ବୃଦ୍ଧି ପାଇଲା ସେଥିରେ ଅଣଅଫିସିଆଲ ସଦସ୍ୟ ରହିଲେ । ଦ୍ୱିତୀୟଟି ହେଲା ଭାରତୀୟ ସିଭିଲ ସର୍ଭିସ ପରୀକ୍ଷା ଲଣ୍ଡନରେ ହେବା ସହିତ ଭାରତରେ ମଧ୍ୟ ହେଲା । କାଳକ୍ରମେ ଅନେକ ନେତା ସାମ୍ବିଧାନିକ ପ୍ରକ୍ରିୟାରେ ବିଶ୍ୱାସ ହରାଇଲେ । ଏପରିକି କଂଗ୍ରେସ ନିଜର ଲକ୍ଷ୍ୟ ପୂରଣ କରିବାରେ ଅସଫଳ ହେଲା । ଏହା ଭାରତୀୟମାନଙ୍କ ମନରେ ଜାତୀୟ ଜାଗରଣ ସୃଷ୍ଟି କରି ସମସ୍ତେ ଗୋଟିଏ ରାଷ୍ଟ୍ରର ବାସିନ୍ଦା ବୋଲି କହିବାରେ ସଫଳତା ହାସଲ କରିଥିଲା । ସେମାନେ ଭାରତୀୟମାନଙ୍କ ପାଇଁ ଗୋଟିଏ ମଞ୍ଚ (ଫୋରମ) ବ୍ୟବସ୍ଥା କଲେ ଯାହାଦ୍ୱାରା କି ସେମାନେ ପ୍ରଧାନ ଜାତୀୟ ଘଟଣା ଉପରେ ଆଲୋଚନା କରି ପାରିଲେ । ସରକାରଙ୍କର ନୀତିର ସମାଲୋଚନା କରି ସେ ଲୋକମାନଙ୍କୁ ମୂଲ୍ୟବାନ ରାଜନୈତିକ ତାଲିମ ଦେଲେ । ସେମାନେ ଗୁରୁତର ପଦକ୍ଷେପ ନେବାକୁ ପ୍ରସ୍ତୁତ ନଥିଲେ, କାରଣ ଏହା ସରକାରଙ୍କ ସହିତ ସିଧାସଳଖ ଦ୍ୱନ୍ଦକୁ ଡ଼ାକିଆଣିବ । ସବୁଠାରୁ ବଡ଼ ସଫଳତା ଥିଲା ସୁଦୃଢ଼, ଜାତୀୟ ଆନ୍ଦୋଳନର ଭିତ୍ତିଭୂମି ।

ବ୍ରିଟିଶ୍‌ର ଯେଉଁମାନେ କି ନରମ ପନ୍ଥୀଙ୍କୁ ସମର୍ଥନ କରୁଥିଲେ । ଶୀଘ୍ର ସେମାନେ ହୃଦୟଙ୍ଗମ କଲେ ଯେ ଆନ୍ଦୋଳନ ଜାତୀୟ ଶକ୍ତିରେ ରୂପାୟିତ ହେବ ଏବଂ ସେମାନଙ୍କୁ ଦେଶରୁ ବିତାଡ଼ିତ କରିବ । ଏହା ସେମାନଙ୍କ ମନୋଭାବକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ସେମାନେ ଶିକ୍ଷାକୁ ଆୟତ କରିବା ପାଇଁ ଏବଂ ପ୍ରେସ୍‌କୁ ଦମନ କରିବା ପାଇଁ କଡ଼ା ନିୟମ ପାଶ କଲେ । କେତେକ କଂଗ୍ରେସ ନେତାଙ୍କୁ ଖୁସି କରିବା ପାଇଁ ସେମାନେ ଛୋଟ ଛୋଟ ରିହାତି ଦେଲେ । ବ୍ରିଟିଶ ଭାଇସରାୟ ଲର୍ଡ କର୍ଜନ ଜଣେ ସୁଦୃଢ଼ ସାମ୍ରାଜ୍ୟବାଦୀ ଥିଲେ ଏବଂ ଇଂରେଜମାନଙ୍କ ଶ୍ରେଷ୍ଠତା ଉପରେ ବିଶ୍ୱାସ କରୁଥିଲେ । ସେ ୧୮୯୮ରେ ଗୋଟିଏ ଆଇନ ପାଶ କଲେ । ତାହା ହେଉଛି 'ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ଲୋକଙ୍କୁ ପ୍ରବର୍ତ୍ତାଇବା ଅପରାଧ ଅଟେ' । ସେ ୧୯୦୪ରେ ଭାରତୀୟ ୟୁନିଭରସିଟି ଆଇନ ପାଶ କଲେ । ଯାହାଦ୍ୱାରା ଭାରତୀୟ ୟୁନିଭରସିଟି ଉପରେ ପ୍ରବଳ ନିୟନ୍ତ୍ରଣ ରଖାଗଲା । ଭାରତରେ ଜାତୀୟତାବାଦର ଉତ୍ଥାନକୁ କର୍ଜନ ଚାପିଦେବାକୁ ଚାହିଁଲେ । ସେ ୧୯୦୫ ମସିହାରେ ଯାହା କରିଥିଲେ ତାହାର ପ୍ରମାଣ ତୁମେ ଏହାର ପରବର୍ତ୍ତୀ ବିଭାଗରେ ପଢ଼ିବ ।

## ୮.୩ ବଙ୍ଗ ଭଙ୍ଗ (୧୯୦୫)

୧୯୦୫ରେ କ'ଣ ଘଟିଥିଲା ବୋଲି ତୁମେ ଭାବୁଛ ? କର୍ଜନ ବଙ୍ଗକୁ ଭାଗ କରିବାକୁ ଘୋଷଣା କଲେ । ଏହାର କାରଣ ଥିଲା ଶାସନର ପ୍ରଗତି । କିନ୍ତୁ ତାହାର ପ୍ରକୃତ କାରଣ ଥିଲା 'ବିଭାଜନ ଏବଂ ଶାସନ' । ମୁସଲିମମାନଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟି କରିବାକୁ ବଙ୍ଗ ବିଭାଜନ କରାଯାଇଥିଲା । ତେଣୁ ଦେଶରେ ସାମ୍ପ୍ରଦାୟିକତାର ବିଷକୁ ଉପସ୍ଥାପନ କରାଗଲା । ଭାରତୀୟମାନେ ମତ ଦେଲେ ଯେ ବଙ୍ଗରେ ଜାତୀୟ ଆନ୍ଦୋଳନର ମୂଳଉତ୍ପାଟନ କରିବାକୁ ଏହା କରାଯାଇଅଛି ଏବଂ ସେ ଅଞ୍ଚଳର ହିନ୍ଦୁ ଓ ମୁସଲିମଙ୍କୁ ଭାଗ କରାଯାଇଅଛି । ଗଳି କନ୍ଦି ଏବଂ ସମ୍ବାଦରେ ଏହା ପ୍ରକାଶ ଲାଭ କଲା ଏବଂ ଲୋକଙ୍କ ମନରେ ଉତ୍ତେଜନା ସୃଷ୍ଟି କଲା । ଭାରତର ବିଭିନ୍ନ ଅଞ୍ଚଳର ଲୋକମାନେ ଏହି ବିଭାଜନର ବିରୋଧ କଲେ । ଏହି ବିରୋଧ, ସଭା ସମିତି, ଶୋଭାଯାତ୍ରା ଏବଂ ସରକାର ବିରୋଧୀ ଧ୍ୱନିଦ୍ୱାରା କରାଯାଇଥିଲା । ହିନ୍ଦୁ ଏବଂ ମୁସ୍‌ଲିମ ସେମାନଙ୍କ ଏକତା ଜାହିର କରିବାକୁ ଏବଂ ପ୍ରତିବାଦ କରିବାକୁ ପରସ୍ପରଙ୍କ ହାତରେ ରାକ୍ଷୀ ବାନ୍ଧିଲେ ।

## ତୁମ ପାଇଁ କାର୍ଯ୍ୟ ୮.୧

ରାକ୍ଷୀ କ'ଣ ତୁମେ ଜାଣିଛ କି ? ଏହା ଉପରେ ଗୋଟିଏ ଅନୁଛେଦ ଲେଖ । ଏହାକୁ ଭାରତର ରକ୍ଷା ବନ୍ଧନ ପର୍ବ ସହିତ ଯୋଡ଼ ।

ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର, ବାଣିଜ୍ୟ, ଜାତୀୟ ଶିକ୍ଷା ଏବଂ ଭାରତୀୟ ଭାଷାକୁ ଉତ୍ସାହିତ କରାଗଲା । ଆତ୍ମବିଶ୍ୱାସର ନୂତନ ଜାତୀୟ ଚେତନା, ବ୍ରିଟିଶ ଶାସନ ଦ୍ୱାରା କରାଯାଉଥିବା ବନ୍ଦୀ ଏବଂ କଷ୍ଟଦାୟକ ଯନ୍ତ୍ରଣାର ଭୟକୁ ଦୂର କରିଦେଲା । ବାଳ ଗଙ୍ଗାଧର ତିଳକ ବାସନ୍ଦର ଗୁରୁତ୍ୱକୁ ହୃଦୟଙ୍ଗମ କଲେ ଏବଂ ଭାରତରେ ବ୍ରିଟିଶ ମେସିନାରୀକୁ ଅକାମି କରିବାର ଅସ୍ତ୍ର ରୂପେ ଏହାକୁ ପ୍ରୟୋଗ କରିପାରିଥିଲେ । ବାସନ୍ଦ ଏବଂ ସ୍ୱଦେଶୀ ଆନ୍ଦୋଳନ ସ୍ୱଦେଶୀ ଲୁଗା କାରଖାନା, ବ୍ୟାଙ୍କ, ମୋଜା ଗେଞ୍ଜି କାରଖାନା, ଚମଡ଼ା କାରଖାନା, ରାସାୟନିକ କାର୍ଯ୍ୟ ଏବଂ ଇନ୍‌ସୁରେନ୍‌ସ କମ୍ପାନୀକୁ ସ୍ଥାପନ କରିବାରେ ଏହା ଅସ୍ତ୍ରରୂପେ କାମ କଲା । ସ୍ୱଦେଶୀ ଗୋଦାମ ଖୋଲିଲା । ସ୍ୱେଚ୍ଛାସେବୀମାନେ ଘରଘର ବୁଲି ଦରକାରୀ ଜିନିଷ ଯୋଗାଇଲେ । ସବୁଶ୍ରେଣୀ ଏବଂ ସବୁ ଦଳର ଲୋକମାନଙ୍କ ମଧ୍ୟରେ ଏହି ଆନ୍ଦୋଳନ ବିସ୍ତାର ଲାଭ କଲା । ସମସ୍ତ ଲୋକ ଏପରିକି ମହିଳା ଏବଂ ଶିଶୁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଆଗେଇ ଆସିଲେ । ସ୍କୁଲ ଏବଂ କଲେଜର ଛାତ୍ରମାନେ ଏଥିରେ ଆଗୁଆ ଥିଲେ । ଏହା ୧୯୧୧ ମସିହାରେ ବ୍ରିଟିଶକୁ ବଙ୍ଗ ଭଙ୍ଗ ରଦ୍ଦ କରିବାକୁ ବାଧ କଲା । ଏହି ସମୟରେ ଭାରତୀୟ ଜାତୀୟ କଂଗ୍ରେସରେ ଗରମପନ୍ଥୀମାନଙ୍କ ଭୂମିକାକୁ ପସନ୍ଦ କରାଯାଉଥିଲା । ଏମାନଙ୍କୁ 'ଗରମ ଦଳ' କୁହାଯାଉଥିଲା । ସେମାନେ ସମସ୍ତ ଶ୍ରେଣୀର, ସମସ୍ତ ଦଳର ଲୋକଙ୍କୁ ସେଥିରେ ମିଶାଇବାକୁ ଚେଷ୍ଟା କରିଥିଲେ । ବିଶେଷ କରି କୃଷକ, ଶ୍ରମିକ, ଛାତ୍ର ଏବଂ ମହିଳାମାନଙ୍କୁ ମିଶାଇବାକୁ ଚେଷ୍ଟା କରିଥିଲେ । ସମସ୍ତଙ୍କ ଶତ୍ରୁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସମସ୍ତ ଭାରତୀୟଙ୍କୁ ଏକତ୍ରୀତ କରିବାରେ ସେମାନେ ସଫଳ ହୋଇଥିଲେ । ଯୁବକମାନେ ଦେଶ ଭକ୍ତିର ଚରମ ସୀମାରେ ପହଞ୍ଚି ଦେଶର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଲୋକଙ୍କୁ ଆତ୍ମ ବିଶ୍ୱାସୀ ରୂପରେ ଗଢ଼ିବାକୁ ସେମାନେ ସାହାଯ୍ୟ କରିଥିଲେ । ସେମାନେ ଭାରତୀୟ କୁଟୀର ଶିଳ୍ପର ପୁନଃଉଦ୍ଧାର କରିଥିଲେ ।

## ୮.୪ ଚରମପନ୍ଥୀ ଜାତୀୟତାବାଦୀଙ୍କ ଉତ୍ଥାନ

ନରମ ପନ୍ଥୀମାନଙ୍କର କୋମଳ ନୀତି କ୍ରୋଧୀ ଚରମ ପନ୍ଥୀମାନଙ୍କୁ ଜନ୍ମ ଦେଲା । ସେମାନଙ୍କୁ 'ଗରମ ଦଳ' ବୋଲି କୁହାଗଲା । ଜାତୀୟତାବାଦୀ ଆନ୍ଦୋଳନର ପ୍ରଥମ ଦଫା ବେଳେ ସରକାର କଂଗ୍ରେସ ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କଲେ । ତାପରେ ୧୯୦୭ ମସିହାରେ ଏହା ପୁଣି ଦ୍ୱିତୀୟ ଦଫାରେ ଉଭା ହେଲା । ୧୯୦୫ ରୁ



ଚିତ୍ର ୮.୨ ଲାଲ, ବାଲ, ପାଲ

୧୯୧୮ ପର୍ଯ୍ୟନ୍ତ ସମୟକୁ କ୍ରୋଧୀ ଜାତୀୟତାବାଦୀ ଯୁଗ ବା 'ଗରମ ଦଳ ଯୁଗ' ବୋଲି କୁହାଗଲା । ଚରମପନ୍ଥୀ ଦଳର ପ୍ରମୁଖ ନେତା ଥିଲେ ଲାଲା ଲଜପତରାୟ, ବାଲ ଗଙ୍ଗାଧର ତିଳକ ଏବଂ ବିପିନ ଚନ୍ଦ୍ର ପାଲ । ଏମାନଙ୍କୁ ସଂକ୍ଷେପରେ ଲାଲ, ବାଲ, ପାଲ ବୋଲି କୁହାଯାଉଥିଲା । ଯେତେବେଳେ ନରମପନ୍ଥୀମାନେ ବିଦ୍ରୋହର ସମ୍ମୁଖରେ ଥିଲେ ସେମାନେ ନିମ୍ନଧରଣର ବାହ୍ୟଚିତ୍ରକୁ ପାଳନ କରୁଥିଲେ । ବର୍ତ୍ତମାନ ସେମାନେ ବିଦ୍ରୋହ ମଧ୍ୟକୁ ପ୍ରବେଶ କଲେ । ଭାରତ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ପ୍ରବେଶ ନୂତନ ରୂପକୁ ଚିହ୍ନିତ କଲା । ସେମାନଙ୍କ ଅନୁସାରେ ନରମପନ୍ଥୀମାନେ ଭାରତର ଲକ୍ଷ୍ୟ ପୂରଣରେ ଅସମର୍ଥ ଥିଲେ । ସେମାନଙ୍କ ଦ୍ୱାରା ଯେଉଁଧାରାକୁ ଅନୁସରଣ କରାଯାଇଥିଲା ତାହା କୋମଳ ଏବଂ ଅକାମୀ ଥିଲା । ନରମପନ୍ଥୀମାନେ ଉଚ୍ଚବର୍ଗର ଲୋକ ଏବଂ ଜମିଦାରମାନଙ୍କ ସହିତ ଅଧିକ ଜଡ଼ିତ ଥିବାରୁ ଗଣ ସମର୍ଥନ ପାଇ ପାରି ନଥିଲେ ।

ଗରମ ଦଳ ହୃଦୟଙ୍ଗମ କଲେ ଯେ ଇଂରେଜମାନେ ଭାରତୀୟମାନଙ୍କୁ ଶୋଷଣ କରୁଛନ୍ତି । ସେମାନଙ୍କ ଆତ୍ମନିର୍ଭରଶୀଳତାକୁ ନଷ୍ଟ କରୁଛନ୍ତି ଏବଂ ଭାରତର ସମ୍ପଦକୁ ବୋହି ନେଇଯାଉଛନ୍ତି । ସେମାନେ ଅନୁଭବ କଲେ ଯେ ଭାରତ ବର୍ତ୍ତମାନ ବିଦେଶ ଶାସନରୁ ମୁକ୍ତ ହୋଇ ନିଜେ ନିଜକୁ ଶାସନ କରିପାରିବ । ଏହି ଦଳ ସରକାରଙ୍କଠାରେ ଅଭିଯୋଗ କରିବା ପରିବର୍ତ୍ତେ ସମୁଦାୟଙ୍କ ପ୍ରତିବାଦର ସଂଗଠନ କରିବାରେ, ସରକାରୀ ନୀତିର ସମାଲୋଚନା କରିବାରେ, ବିଦେଶୀ ଦ୍ରବ୍ୟକୁ ବାସନ୍ଦ କରିବାରେ ଏବଂ ସ୍ୱଦେଶୀ ଜିନିଷକୁ ବ୍ୟବହାର କରିବାରେ ବିଶ୍ୱାସ କରୁଥିଲେ । ସେମାନେ ଇଂରେଜମାନଙ୍କର ଦୟା ଉପରେ ନିର୍ଭର କରିବାରେ ବିଶ୍ୱାସ କରୁନଥିଲେ । ସ୍ୱାଧୀନତା ସେମାନଙ୍କର ଅଧିକାର ଏହାକୁ ବିଶ୍ୱାସ କରୁଥିଲେ । ବାଲ ଗଙ୍ଗାଧର ତିଳକ ସ୍ଲୋଗାନ ଦେଲେ ଯେ 'ସ୍ୱାଧୀନତା ଆମର ଜନ୍ମଗତ ଅଧିକାର, ଆମେ ଏହାକୁ ହାସଲ କରିବୁ ।'

ଆନିବେସାନ୍ତଙ୍କ ଚେଷ୍ଟାରେ ୧୯୧୬ ମସିହାରେ ଉଭୟ ଦଳ ପୁଣି ଏକାଠି ମିଶି ଯାଇଥିଲେ । ପୂର୍ବ ପାଠରେ ତୁମେ ଏହାକୁ ପଢ଼ିଛ ମନେପଡୁଛିକି ? ୧୯୧୪ ମସିହାରେ ସେ 'ହୋମରୁଲ' ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ବିଶ୍ୱାସ ଜନ୍ମାଇଥିଲେ ଯେ ଭାରତକୁ ନିଜେ ସରକାର ଗଠନ କରିବାକୁ ମଞ୍ଜୁରୀ ମିଳିବା ଉଚିତ୍ । ୧୯୧୬ରେ ମୁସଲିମଲିଗ ଏବଂ କଂଗ୍ରେସ ପରସ୍ପର ମଧ୍ୟରେ ଗୋଟିଏ ବୁଝାମଣାରେ ଉପନୀତ ହେଲେ ଏବଂ ଲକ୍ଷ୍ନୌ ଚୁକ୍ତିରେ ଦସ୍ତଖତ କଲେ । ପରେ ମହାତ୍ମା ଗାନ୍ଧି, ଜାବାହାରଲାଲ ନେହରୁ, ସୁବାଷଚନ୍ଦ୍ର ବୋଷ କଂଗ୍ରେସର ଭାରତୀୟ ଜାତୀୟ କଂଗ୍ରେସର ପ୍ରସିଦ୍ଧ ନେତା ହେଲେ । ସେହିମାନେ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଲେ ।

## ତୁମ ପାଇଁ କାର୍ଯ୍ୟ ୮.୨

ଜାତୀୟ କଂଗ୍ରେସର ସ୍ଥାପନାଠାରୁ ସ୍ୱାଧୀନତା ପର୍ଯ୍ୟନ୍ତ ଘଟଣାବଳୀର ଗୋଟିଏ Time line ପ୍ରସ୍ତୁତ କର । ଏଥି ସହିତ ସମ୍ପର୍କ ରଖୁଥିବା ଫଟୋଗ୍ରାଫକୁ ସଂଗ୍ରହ କର ଏବଂ ଚାଟରେ ତାକୁ ସଜାଇ ରଖ ।

## ୮.୫ ମୁସଲିମ ଲିଗ୍‌ର ଗଠନ (୧୯୦୬)

ଯେତେବେଳେ ଗରମ ପନ୍ଥୀ ଆନ୍ଦୋଳନ ସୁଦୃଢ଼ ହେବାକୁ ଲାଗିଲା ସେତେବେଳେ ଇଂରେଜମାନେ ଭାରତୀୟମାନଙ୍କ ଏକତାକୁ ଭଙ୍ଗ କରିବାକୁ ଉପାୟ ଖୋଜିବା ଆରମ୍ଭ କଲେ । ସେ ବଙ୍ଗ ବିଭାଜନ ଦ୍ୱାରା ଏବଂ ଭାରତୀୟମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକତାର ବୀଜ ବୁଣିବାକୁ ଚେଷ୍ଟା କଲେ । ସେ ମୁସଲମାନମାନଙ୍କୁ ସେମାନଙ୍କର ଗୋଟିଏ ରାଜନୈତିକ ଆସୋସିଏସନ ଗଢ଼ିବାକୁ ପ୍ରବର୍ତ୍ତାଇଲେ । ୧୯୦୬ ମସିହାରେ ଯେତେବେଳେ ଢ଼ାକାଠାରେ

ମହମଡ଼ାନ ଶିକ୍ଷଣୀୟ ସଭା ବସିଥିଲା ସେତେବେଳେ ନବାବ ସଲିମଉଲ୍ଲା ଖାଁ ମୁସଲିମମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗୋଟିଏ କେନ୍ଦ୍ରୀୟ ମହମଡ଼ାନ ଆସୋସିଏସନ ଗଢ଼ିବାକୁ ସ୍ୱର ଉଠାଇଲେ । ସେହି ଅନୁସାରେ ୧୯୦୬, ଡ଼ିସେମ୍ବର ମାସ ୩୦ ତାରିଖରେ ଅଖିଳ ଭାରତୀୟ ମୁସଲିମ ଲିଗ୍ ଗଠିତ ହେଲା । ଜଣେ ପ୍ରସିଦ୍ଧ ବ୍ୟକ୍ତି ଆଗା ଖାଁଙ୍କୁ ଏହାର ପ୍ରେସିଡ଼େଣ୍ଟ ରୂପରେ ପସନ୍ଦ କରାଗଲା । ଏହି ଲିଗର ମୂଳ ଲକ୍ଷ୍ୟ ଥିଲା 'ଭାରତରେ ମୁସଲମାନମାନଙ୍କର ଅଧିକାରର ସୁରକ୍ଷା ଏବଂ ଅଗ୍ରଗତି ଏବଂ ସେମାନଙ୍କର ଆବଶ୍ୟକତାକୁ ସରକାରଙ୍କ ପାଖେ ଉପସ୍ଥାପନ କରିବା ।' ସ୍ୱତନ୍ତ୍ର ନିର୍ବାଚନକୁ ଉତ୍ସାହିତ କରି ସରକାର ଭାରତୀୟମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକତା ଏବଂ ସ୍ୱତନ୍ତ୍ରତାର ବୀଜ ପବନ କଲେ । ମୁସଲିମ୍ ଲିଗର ଗଠନକୁ ବ୍ରିଟିଶ୍‌ର 'ବିଭାଜନ ଏବଂ ଶାସନ'ର (Divide and rule) ପ୍ରଥମ ସଫଳତା ବୋଲି ବିଚାର କରାଗଲା । ମହମ୍ମଦ ଅଲ୍ଲୀ ଜିନ୍ନା ପରେ ଏହି ଲିଗରେ ଯୋଗ ଦେଲେ ।

## ୮.୬ ମର୍ଲେ–ମିଣ୍ଟୋ ଶାସନ ସଂସ୍କାର (୧୯୦୯)

୧୮୯୨ ଭାରତୀୟ କାଉନସିଲ ଆକ୍ଟ ବିଷୟ ତୁମର ମନେ ଅଛି କି ? ଯେଉଁଥିରେ ବିଧାନ ପରିଷଦର ଆକାର ବଡ଼ କରି ଦିଆ ଯାଇଥିଲା ଯାହାର ଫଳରେ କି କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାକୁ ଅଧିକ ସଦସ୍ୟ ଆସିଥିଲେ । ୧୯୦୯ କାଉନ୍‌ସିଲ ଆକ୍ଟ ୧୮୯୨ ସଂସ୍କାରର ଗୋଟିଏ ବର୍ଦ୍ଧିତ ରୂପ ଥିଲା । ଯାହାକୁ କି ମର୍ଲେ–ମିଣ୍ଟୋ ଶାସନ ସଂସ୍କାର କୁହାଗଲା । ଇଂଲଣ୍ଡରେ ଭାରତର ସଚିବ ମର୍ଲେ ଥିଲେ ଏବଂ ଭାରତର ବଡ଼ଲାଟ ଲର୍ଡ ମିଣ୍ଟୋ ଥିଲେ । ମର୍ଲେ–ମିଣ୍ଟୋ ଶାସନ ସଂସ୍କାର ବିଧାନ ସଭାର ସଦସ୍ୟଙ୍କ ସଂଖ୍ୟା ୧୬ ରୁ ୬୦କୁ ବଢ଼ାଇ ଦେଲା । ଅଳ୍ପ କେତେକ ନିର୍ବାଚିତ ନ ହୋଇଥିବା ସଦସ୍ୟଙ୍କୁ ଯୋଗ କରାଗଲା । ଯଦିଓ ବିଧାନ ପରିଷଦର ଆକାର ବଢ଼ିଗଲା କିନ୍ତୁ ସେମାନଙ୍କର ପ୍ରକୃତରେ କିଛି କ୍ଷମତା ନଥିଲା । ସେମାନେ ପ୍ରଧାନତଃ ଉପଦେଶ କର୍ତ୍ତା ରୂପରେ ରହିଲେ । କୌଣସି ବିଲ ମଞ୍ଜୁର ହେବାକୁ ସେମାନେ ବନ୍ଦ କରିପାରୁ ନଥିଲେ କି ବଜେଟ ଉପରେ ସେମାନଙ୍କର କୌଣସି କ୍ଷମତା ନଥିଲା । ଇଂରେଜମାନେ ନିଜର ଶାସନର ସୁବିଧା ପାଇଁ ଆଉ ଗୋଟିଏ ଚାଲ ଚାଲିଲେ । ତାହା ହେଉଛି ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ । ତାହାର ଅର୍ଥ ମୁସଲମାନ ବହୁଳ ଅଞ୍ଚଳରେ କେବଳ ମୁସଲମାନ ପ୍ରାର୍ଥୀ ନିର୍ବାଚିତ ହୋଇ ପାରିବେ । ହିନ୍ଦୁମାନେ କେବଳ ହିନ୍ଦୁମାନଙ୍କୁ ଭୋଟ ଦେଇ ପାରୁଥିଲେ ଏବଂ ମୁସଲିମ୍‌ମାନେ ମୁସ୍‌ଲିମ୍‌ଙ୍କୁ ଭୋଟ ଦେଇ ପାରୁଥିଲେ । ଅନେକ ନେତା ବ୍ରିଟିଶ୍‌ଙ୍କର ଏହି 'ବିଭାଜନ ଏବଂ ଶାସନ' ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ।

## ୮.୭ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜାତୀୟ ଆନ୍ଦୋଳନ

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ତୁମେ ଏ ବିଷୟରେ ପୂର୍ବପାଠରେ ପଢ଼ିଅଛ । ଉପନିବେଶମାନଙ୍କରେ ଏକଚାଟିଆ ଅଧିକାର ପାଇବା ପାଇଁ ଏହି ଯୁଦ୍ଧ ୟୁରୋପର ବିଭିନ୍ନ ଜାତି ମଧ୍ୟରେ ଲଢ଼ାଯାଇଥିଲା । ଯୁଦ୍ଧ ସମୟରେ ବ୍ରିଟିଶ ସରକାର ଭାରତୀୟ ନେତାମାନଙ୍କୁ ସେମାନଙ୍କ ସହିତ ବିପଦ ସମୟରେ ହାତ ମିଳାଇବାକୁ ଅନୁରୋଧ କଲେ । ଭାରତୀୟ ନେତା ଏଥିରେ ରାଜି ହେଲେ ଏବଂ ସେମାନଙ୍କର ସ୍ୱତନ୍ତ୍ର ସର୍ତ୍ତାବଳୀ ରଖିଲେ । ସେ ସର୍ତ୍ତ ଥିଲା ଯେ ଯୁଦ୍ଧ ପରେ ବ୍ରିଟିଶ୍ ସରକାର ଭାରତୀୟମାନଙ୍କୁ ସାଂବିଧାନିକ ସୁବିଧା ଦେବେ । ଦୁର୍ଭାଗ୍ୟବଶତଃ ବ୍ରିଟିଶ ସରକାର ଯେଉଁ ପଦକ୍ଷେପ ନେଲେ ତାହା ଭାରତୀୟମାନଙ୍କ ମଧ୍ୟରେ ଅସ୍ଥିରତା ସୃଷ୍ଟି କଲା । କାରଣ ଯୁଦ୍ଧ ସମୟରେ ବ୍ରିଟିଶ ସରକାର ଯେଉଁ ବିରାଟ ଋଣ କରିଥିଲେ ତାହା ସେମାନଙ୍କୁ ମୁଝିବାକୁ ଥିଲା । ସେ ଏଠାରେ ଭୂମିର ଖଜଣା ବଢ଼ାଇ ଦେଲେ ଯାହାକୁ 'ଲଗାଣ' କୁହାଗଲା । ବ୍ରିଟିଶ୍ ସେନାଦଳରେ ଭାରତୀୟମାନଙ୍କୁ ବଳ ପ୍ରୟୋଗ କରି ସେ ଭର୍ତ୍ତି କଲେ । ସେ ଆବଶ୍ୟକୀୟ ଦ୍ରବ୍ୟଗୁଡ଼ିକର ଦାମ ବଢ଼ାଇ ଦେଲେ

ବ୍ୟକ୍ତିଗତ ଏବଂ ବୃତ୍ତିଗତ ରୋଜଗାର ଉପରେ ଟିକସ ବସାଇଲେ । ଫଳ ସ୍ୱରୂପ ସେ ଭାରତୀୟ ସୋସାଇଟିମାନଙ୍କର ପ୍ରତିବାଦର ସମ୍ମୁଖୀନ ହେଲେ । ବ୍ରିଟିଶ ସରକାରଙ୍କର ଶୋଷଣ ନୀତି ବିରୁଦ୍ଧରେ ଚମ୍ପାରନ, ବାରଦୋଲି, ଖେଡ଼ା ଏବଂ ଅହମଦାବାଦର କୃଷକ ଏବଂ ଶ୍ରମିକମାନେ ଖୋଲା ଖୋଲି ଭାବରେ ପ୍ରତିବାଦ କଲେ । ଲକ୍ଷ ଲକ୍ଷ ଛାତ୍ର ସ୍କୁଲ କଲେଜ ଛାଡ଼ିଦେଲେ । ଶହ-ଶହ ଓକିଲ ସେମାନଙ୍କ ବ୍ୟବସାୟ ପ୍ରାକ୍ଟିସ୍‌କୁ ଛାଡ଼ି ଦେଲେ । ମହିଳାମାନେ ନଗଣ୍ୟ ଭାବରେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କ ଡ଼ାକରାରେ ସେମାନଙ୍କ ସଂଖ୍ୟା ବଢ଼ି ଯାଇଥିଲା । ବିଦେଶୀ ବସ୍ତ୍ରର ବାସନ୍ଦ ସମୁହ ଆନ୍ଦୋଳନରେ ପରିଣତ ହେଲା । ହଜାର ହଜାର ଲୁଗା ପୋଡ଼ି ଭାରତୀୟ ଆକାଶକୁ ଆଲୋକିତ କରାଗଲା ।

## ତୁମ ପାଇଁ କାର୍ଯ୍ୟ ୮.୩

ଜାତୀୟ ଆନ୍ଦୋଳନ ସଫଳ ହେବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ସମୟର କେତେଗୁଡ଼ିଏ ପ୍ରସିଦ୍ଧ ସମ୍ବାଦର ନାମ ଖୋଜି ବାହାର କର । ସେ ସମୟରେ ଅନେକଗୁଡ଼ିଏ ଗଣମାଧ୍ୟମକୁ ବ୍ୟବହାର କରାଯାଉଥିଲା । ତୁମେ ତାହାର ଗୋଟିଏ ରିପୋର୍ଟ ପ୍ରସ୍ତୁତ କର ।

## ୮.୭.୧ ନରମ ଦଳ ଏବଂ ଗରମ ଦଳର ଏକତ୍ରୀକରଣ

ଯୁଦ୍ଧ ଚାଲିଥିଲା ବେଳେ ୧୯୧୬ ମସିହାରେ ଲକ୍ଷ୍ନୌ କଂଗ୍ରେସ ଅଧିବେଶନ ସମୟରେ ନରମ ଦଳ ଏବଂ ଗରମ ଦଳ ଏକାଠି ମିଶିଯାଇଥିଲେ । ମୁସଲିମ ଲିଗ୍ ଏବଂ କଂଗ୍ରେସ ପୃଥକ ନିର୍ବାଚନ ପାଇଁ ରାଜି ହୋଇଥିଲେ ଏବଂ ଅନ୍ୟ ଦଳ ଯେଉଁଠାରେ ସଂଖ୍ୟାଧିକ ଥିବେ ତାଙ୍କୁ ସେଠାରେ ଠିଆ କରିବାକୁ ନିଷ୍ପତ୍ତି ନେଲେ । ମୁସଲିମ ଲିଗ ଏବଂ କଂଗ୍ରେସ ଉଭୟେ ଏକତ୍ର ମିଶି ନିଜସ୍ୱ ସରକାର ପାଇଁ ଦାବି ଜଣାଇଲେ । ଯାହାକୁ କି ସରକାରଙ୍କ ଦ୍ୱାରା ଆଉ ବେଶିଦିନ ଅଣଦେଖା କରାଯାଇ ପାରି ନଥିଲା । ଗରମ ପନ୍ଥୀ ଯେଉଁମାନେ କି ୧୯୦୭ ମସିହାରୁ ଦୂରରେ ଥିଲେ ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ ସେମାନେ ଯୋଗ ଦେଇଥିଲେ । ଏହା ତିଳକଙ୍କ ଗୁରୁତ୍ୱକୁ ଉପଲବ୍ଧ କରି ତାଙ୍କୁ ଆଗକୁ ଆଣିଲା । ୧୯୨୦ ମସିହାରେ ତାଙ୍କର ମୃତ୍ୟୁ ହେଲା । ସେ ପର୍ଯ୍ୟନ୍ତ ସେ ଆନ୍ଦୋଳନର ସକ୍ରିୟ ସଦସ୍ୟ ହୋଇ ରହିଥିଲେ । କଂଗ୍ରେସ ଏବଂ ମୁସଲିମ୍ ଲିଗ ମଧ୍ୟରେ ହୋଇଥିବା ଚୁକ୍ତି ଦେଶରେ ଉଚ୍ଚ ଆଶା ଏବଂ ଆକାଂକ୍ଷାର ଉଦ୍ରେକ କଲା । ହେମରୁଲ ଆନ୍ଦୋଳନ ଲୋକମାନଙ୍କ ମଧ୍ୟରେ ଦୃଢ଼ ନିଶ୍ଚୟର ବିଶ୍ୱାସ ଭରି ଦେଲା । ଭାରତୀୟମାନଙ୍କୁ ଶାନ୍ତ କରିବା ପାଇଁ ମଣ୍ଟେଗୁ ଚେମସଫୋର୍ଡ଼ ଶାସନ ସଂସ୍କାର ୧୯୧୯ରେ ଆସିଲା । ଏହା ଦ୍ୱୈତ ଶାସନକୁ ଉପସ୍ଥାପନ କଲା । ଦ୍ୱେତ ଶାସନର ଅର୍ଥ ରାଜ୍ୟରେ ଦୁଇଟି ସରକାର । ପ୍ରାଦେଶିକ ସରକାରକୁ ଦୁଇଗୋଟି ଅଂଶରେ ବିଭକ୍ତ କରାଗଲା । ଗୋଟିଏ ବିଧାନ ସଭା ନିର୍ବାଚନମଣ୍ଡଳୀ ପାଇଁ ଦାୟୀ ଅନ୍ୟଟି ହେଲା ରାଜ୍ୟପାଳ । ଚାକିରିଗୁଡ଼ିକୁ ଭାରତୀୟକରଣ କରିବା ପାଇଁ ଚାପ ପକାଯାଇଥିଲା ।

ପ୍ରଥମ ବିଶ୍ୱ ଯୁଦ୍ଧରେ ବ୍ରିଟେନ ଏବଂ ତାର ମିତ୍ର ରାଷ୍ଟ୍ରଗୁଡ଼ିକ ଯୁଦ୍ଧରେ ଜୟଲାଭ କଲେ । ମୁସଲମାନମାନେ ଏଥିଯୋଗୁଁ ସରକାରଙ୍କୁ ସମର୍ଥନ କରୁଥିଲେ କାରଣ ଅଟୋମେନ ସାମ୍ରାଜ୍ୟର ପବିତ୍ର ସ୍ଥାନଗୁଡ଼ିକ ଖଲିଫାଙ୍କ ହାତରେ ଥିଲା । ଯୁଦ୍ଧପରେ ଗୋଟିଏ ନୂଆ ସନ୍ଧିପତ୍ର ସ୍ୱାକ୍ଷର କରାଯାଇ ଅଟେମେନ ସାମ୍ରାଜ୍ୟକୁ ଖଣ୍ଡ ଖଣ୍ଡ କରି ଦିଆଗଲା । ଏହା ମୁସଲମାନମାନଙ୍କୁ କ୍ରୋଧାନ୍ୱିତ କଲା । କାରଣ ଏହା ଖଲିଫାଙ୍କ ପାଇଁ ଅପମାନଜନକ ଥିଲା । ଭାରତରେ ମହମ୍ମଦ ଅଲ୍ଲୀ ଏବଂ ସୌକତ ଅଲ୍ଲୀ ଦୁଇଭାଇ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ 'ଖିଲାଫତ୍' ଆନ୍ଦୋଳନ ଆରମ୍ଭ

କଲେ । ଯୁଦ୍ଧ ପରେ ବ୍ରିଟିଶ୍ ସରକାର ରାଉଲାଟ ଆକ୍ଟ ନାମକ ଆଉ ଗୋଟିଏ ଆଇନ ପାଶ୍ କରିଥିଲେ । ଏହି ନିୟମ ବ୍ରିଟିଶ୍ ସରକାରଙ୍କୁ ବିନା କୋର୍ଟ ବିଚାରରେ ଯେ କୌଣସି ଲୋକଙ୍କୁ ଗିରଫ ଏବଂ ବନ୍ଦୀ କରିବାର ଦାୟିତ୍ୱ ପ୍ରଦାନ କରିଥିଲା । ଭାରତୀୟମାନେ କୌଣସି ପ୍ରକାର ଅସ୍ତ୍ର ରଖିପାରିବେ ନାହିଁ ବୋଲି ଏହି ନିୟମରେ ଲିଖିତ ଥିଲା । ଏହି ନିୟମ 'ଶିଖ'ମାନଙ୍କୁ କ୍ରୋଧାନ୍ୱିତ କଲା, କାରଣ ସେମାନଙ୍କ ଧାର୍ମିକ ନିୟମ ଅନୁସାରେ ସେମାନେ ନିଜପାଖରେ ଗୋଟିଏ ଛୋଟ ଖଣ୍ଡା ରଖୁଥିଲେ । ଭାରତୀୟମାନେ ଏହି ନିୟମକୁ ସେମାନଙ୍କ ପ୍ରତି ଅପମାନ ବୋଲି ବିଚାର କଲେ । ୧୩ ଏପ୍ରିଲ ୧୯୧୯ ମସିହାରେ ଅମୃତସରର ଜାଲିୱାନା ବାଗଠାରେ ବୈଶାଖୀ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ ଏବଂ ଏହି କଠୋର ନିୟମର ପ୍ରତିବାଦ କରିବାକୁ ନିରସ୍ତ୍ର ଲୋକମାନେ ଏକତ୍ରିତ ହୋଇଥିଲେ । ହଠାତ୍ ଜେନେରାଲ ଡ଼ାଏର ନାମକ ଜଣେ ବ୍ରିଟିଶ୍ ଅଫିସର ତାଙ୍କ ସୈନ୍ୟ ଦଳ ସହିତ ସେଠାରେ ପହଞ୍ଚି ଥିଲେ ଏବଂ ବନ୍ଧୁକରୁ ଗୁଳି ଚାଳାଇବାକୁ ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ । ଲୋକମାନଙ୍କୁ ପୂର୍ବରୁ କିଛି ସତର୍କ କରା ନଯାଇ ଏହା କରାଯାଇଥିଲା । ଜାଲିୱାନା ବଗିଚାର ଫାଟକଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ତେଣୁ କରି ପୁରୁଷ, ସ୍ତ୍ରୀ ଏବଂ ପିଲାମାନେ ସେମାନଙ୍କ ରକ୍ଷା ପାଇଁ ବାହାରକୁ ଯାଇପାରି ନଥିଲେ । ଅଳ୍ପ କେତେ ମିନିଟ ଭିତରେ ପ୍ରାୟ ହଜାରେ ଲୋକଙ୍କୁ ମାରି ଦିଆଯାଇଥିଲା । ଏହି ନରସଂହାର ଭାରତୀୟମାନଙ୍କ ମନରେ ପ୍ରଚଣ୍ଡ କ୍ରୋଧ ଜାତ କରାଇଲା । ପ୍ରସିଦ୍ଧ ଦାର୍ଶନିକ ଏବଂ କବି ରବୀନ୍ଦ୍ରନାଥ ଟାଗୋର ନିଜର ରାଗ ଏବଂ ଯନ୍ତ୍ରଣାକୁ ପ୍ରଦର୍ଶିତ କରିବାକୁ ତାଙ୍କୁ ଦିଆଯାଇଥିବା Knight Hood ପଦବୀକୁ ଫେରାଇ ଦେଇଥିଲେ ।

## ପାଠଗତ ପ୍ରଶ୍ନାବଳୀ ୮.୧

୧. ବ୍ରିଟିଶ ଶାସନ କାଳରେ ଭାରତୀୟମାନଙ୍କ ମଧ୍ୟରେ ଜାତୀୟ ସଚେତନତା ସୃଷ୍ଟି ହୋଇଥିବାର ତିନିଗୋଟି କାରଣ ଲେଖ ।

୨. ୧୮୮୫ ମସିହାରେ ବ୍ରିଟିଶ ସରକାର କାହିଁକି ଭାରତୀୟ ଜାତୀୟ କଂଗ୍ରେସ ଗଠନ କରିବାକୁ ଆଗ୍ରହ ପ୍ରକାଶ କରିଥିଲା ?

୩. ନରମପନ୍ଥୀ ଏବଂ ଗରମ ପନ୍ଥୀଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

୪. ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ନେତାମାନେ କାହିଁକି ବ୍ରିଟିଶମାନଙ୍କୁ ସମର୍ଥନ କରିଥିଲେ ?

୫. ବ୍ରିଟିଶ ଶାସନ ବିରୁଦ୍ଧରେ କାହିଁକି ଖିଲାଫତ୍ ଆନ୍ଦୋଳନ ହୋଇଥିଲା ?

## ୮.୮ ଗାନ୍ଧିଙ୍କର ଆକସ୍ମିକ ଆବିର୍ଭାବ

ମୋହନ ଦାସ କରମ ଚାନ୍ଦ ଗାନ୍ଧି ବ୍ରିଟେନରୁ ଶିକ୍ଷା ଲାଭ କରିଥିବା ଜଣେ ଓକିଲ । ୧୮୯୩ ମସିହାରେ ସେ ଦକ୍ଷିଣ ଆଫ୍ରିକା ଯାଇଥିଲେ ଏବଂ ସେଠାରେ ୨୧ ବର୍ଷ ରହିଥିଲେ । ଦକ୍ଷିଣ ଆଫ୍ରିକାରେ ବ୍ରିଟିଶମାନଙ୍କ ଭାରତୀୟମାନଙ୍କ ପ୍ରତି ବ୍ୟବହାର ତାଙ୍କମନରେ ଗଭୀର ଚେତନାର ଉଦ୍ରେକ କଲା । ଦକ୍ଷିଣ ଆଫ୍ରିକା ସରକାରଙ୍କ ବର୍ଣ୍ଣ ବିଦ୍ୱେଷ ନୀତି ବିରୁଦ୍ଧରେ ଲଢ଼ିବାକୁ ସେ ନିଷ୍ପତ୍ତି ନେଲେ । ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ବେଳେ ସେ ସତ୍ୟାଗ୍ରହ କୌଶଳକୁ ପ୍ରୟୋଗ କରିଥିଲେ । ସତ୍ୟାଗ୍ରହ ହେଉଛି ସତ୍ୟ ଏବଂ ନ୍ୟାୟ ପାଇଁ ଅହିଂସାତ୍ମକ କାର୍ଯ୍ୟ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ଏହି ଆନ୍ଦୋଳନରେ କୃତକାର୍ଯ୍ୟ ହେଲେ । ସେ ୧୯୧୫ରେ ଭାରତକୁ



ଚିତ୍ର-୮.୩ ମୋହନ ଦାସ କରମ ଚାନ୍ଦ ଗାନ୍ଧି

ଫେରିଲେ । ୧୯୧୬ରେ ଅହମଦାବାଦଠାରେ ସାବରମତୀ ଆଶ୍ରମର ଭିତି ପକାଇଲେ । ଏଠାରେ ସତ୍ୟ ଏବଂ ଅହିଂସା ମନୋଭାବର ଅଭ୍ୟାସ କରାଗଲା । ଗୋପାଳ କୃଷ୍ଣ ଗୋଖଲେ ଭାରତ ପରିଭ୍ରମଣ ବିଶେଷ କରି ଗ୍ରାମାଞ୍ଚଳ ପରିଭ୍ରମଣରେ ଯାଇ ଲୋକମାନଙ୍କ ସମସ୍ୟା ଏବଂ ଲୋକମାନଙ୍କୁ ବୁଝିବା ପାଇଁ ତାଙ୍କୁ ଉପଦେଶ ଦେଲେ । ୧୯୧୭ ମସିହାରେ ବିହାରର ଚମ୍ପାରନଠାରେ ତାଙ୍କର ପ୍ରଥମ ସତ୍ୟାଗ୍ରହ ଆରମ୍ଭ ହେଲା । ଶୋଷଣମୂଳକ ରୋପଣ କୃଷି ବିରୁଦ୍ଧରେ ସଂଗ୍ରାମ କରିବାକୁ ସେ ସେଠାର କୃଷକମାନଙ୍କୁ ପ୍ରୋତ୍ସାହନ ଦେଲେ । ସେଠାକାର କୃଷକମାନେ ଫସଲହାନି ଏବଂ ରୋଗପୋକ ଜନିତ କ୍ଷତି ଯୋଗୁଁ ସରକାରୀ ଖଜଣା ଦେବାରେ ଅସମର୍ଥ ଥିଲେ । ଅହମଦାବାଦରେ କାରଖାନାର ତୁଳା ଶ୍ରମିକମାନଙ୍କ ପାଇଁ ଗୋଟିଏ ଆନ୍ଦୋଳନକୁ ସେ ଆୟୋଜନ କରିଥିଲେ ।

## ତୁମ ପାଇଁ କାର୍ଯ୍ୟ ୮.୪

କୃଷକ ସମିତି ଦ୍ୱାରା ଗାନ୍ଧିଜୀଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବାକୁ ଏବଂ ଚମ୍ପାରନ ଆସିବାକୁ ତୁମକୁ ଅନୁରୋଧ କରାଗଲା । କୃଷକମାନଙ୍କର ଅବସ୍ଥା ବର୍ଣ୍ଣନା କରି ଏବଂ ତାହାର ସମାଧାନ ପାଇଁ ତୁମେ କ'ଣ କରିବାକୁ ଚାହୁଁଅଛ, ଗାନ୍ଧିଜୀଙ୍କୁ ଚିଠି ଲେଖି ଜଣାଅ ।

## ୮.୮.୧ ଅସହଯୋଗ ଆନ୍ଦୋଳନ (୧୯୨୦-୨୨)

ସରକାରଙ୍କୁ ସମର୍ଥନ ଦେବା ଦ୍ୱାରା କୌଣସି ଫଳପ୍ରଦ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ଏହି ସମୟରେ ଗାନ୍ଧିଜୀଙ୍କର ହୃଦ୍‌ବୋଧ ହେଲା । ପୂର୍ବରୁ ବିହାର ଘଟଣାରେ ମିଳିଥିବା ସଫଳତା ଗାନ୍ଧିଜୀଙ୍କୁ ସାହାସୀ କରିଦେଇଥିଲା । ଅତୀତ ଘଟଣାବଳୀ ଏବଂ ବ୍ରିଟିଶ ସରକାରଙ୍କର କାର୍ଯ୍ୟାବଳୀକୁ ଦେଖି ସେ ୧୯୧୯ ରଉଲାଟ ଆକ୍ଟ ବିରୁଦ୍ଧରେ ଜାତୀୟ ସ୍ତରରେ ସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନେଲେ । ତାଙ୍କର ଦାବିକୁ ସରକାର ଗ୍ରହଣ ନକଲେ ସେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବେ ବୋଲି ସରକାରଙ୍କୁ ଧମକ ଦେଲେ । ଗାନ୍ଧିଜୀ ସେ ଆଇନର ପ୍ରତିବାଦ କାହିଁକି କଲେ ବୋଲି ତୁମେ କ'ଣ ଭାବୁଛ ? ଏହାର କାରଣ ହେଉଛି ଏହି ଆଇନ ରାଜନୈତିକ କାର୍ଯ୍ୟକଳାପକୁ ଚାପି

ଦେବାକୁ ସରକାରଙ୍କୁ ଅମାପ ଶକ୍ତି ପ୍ରଦାନ କରିଥିଲା । ରାଜନୈତିକ ବନ୍ଦୀମାନଙ୍କୁ ବିନା ବିଚାରରେ ଦୁଇବର୍ଷ ପାଇଁ ଅଟକ ରଖିବାକୁ ଅନୁମତି ପ୍ରଦାନ କରିଥିଲା । ଗାନ୍ଧିଜୀ ସରକାରଙ୍କର ଏହା ଅନୈତିକ ଆଇନ ବିରୁଦ୍ଧରେ ଅହିଂସକ ବେସାମରିକ ଆଇନ ଅମାନ୍ୟ କରିବାକୁ ଚାହିଁଲେ । ସରକାର ଏଥିପ୍ରତି କର୍ଣ୍ଣପାତ କଲେ ନାହିଁ । ତେଣୁ ଗାନ୍ଧିଜୀ ୧୯୨୦ ଅଗଷ୍ଟରେ ତାଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ଯେଉଥିରେ କି ସେ ଲୋକମାନଙ୍କୁ ବ୍ରିଟିଶ ସରକାରଙ୍କୁ ଅସହଯୋଗ କରିବାକୁ ଅନୁରୋଧ କଲେ । ସେତେବେଳେ ମୁସଲମାନମାନଙ୍କ ଦ୍ୱାରା ଖିଲାଫତ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅସହଯୋଗ ଆନ୍ଦୋଳନ ଏହା ସହିତ ମିଶି ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଗୋଟିଏ ଗଣ ଆନ୍ଦୋଳନରେ ପରିଣତ ହେଲା ।



ଚିତ୍ର–୮.୪ ଜାତୀୟ ଆନ୍ଦୋଳନରେ ଗାନ୍ଧିଜୀ

ଏହି ଆନ୍ଦୋଳନ ପାଇଁ ଗାନ୍ଧିଜୀ ଗୋଟିଏ ବିସ୍ତୃତ କାର୍ଯ୍ୟକ୍ରମ ସ୍ଥିର କଲେ ।

୧. ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉପାଧି ଏବଂ ସମ୍ମାନଜନକ ପଦବିକୁ ବର୍ଜନ କରିବା ।

୨. ସରକାରୀ ଏବଂ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ବର୍ଜନ କରିବା ।

୩. ଛାତ୍ରମାନଙ୍କର ସ୍କୁଲ କଲେଜ ବର୍ଜନ କରିବା ।

୪. ଓକିଲ ଏବଂ ମକଦ୍ଦମାଖୋର ବ୍ୟକ୍ତିଙ୍କର କୋର୍ଟ କଚେରୀ ବର୍ଜନ କରିବା

୫. ମେସୋପୋଟାମିଆଁରେ ଚାକିରି କରିବାକୁ ସୈନ୍ୟ, ଇଲେକ୍ଟ୍ରିସିଆନ ଏବଂ ଶ୍ରମିକ ଶ୍ରେଣୀର ଲୋକମାନେ ମନା କରିଦେଲେ ।

୬. ପ୍ରାର୍ଥୀ ଏବଂ ଭୋଟରମାନେ ବିଧାନ ମଣ୍ଡଳ ନିର୍ବାଚନକୁ ବର୍ଜନ କଲେ ।

୭. ବିଦେଶୀ ଦ୍ରବ୍ୟ ଏବଂ ଜାତୀୟ ସ୍କୁଲ ଓ କଲେଜକୁ ବର୍ଜନ କରାଯିବ ।

ପରେ ଏହା ସହିତ ଗଠନ ମୂଳକ କାର୍ଯ୍ୟକ୍ରମକୁ ଯୋଡ଼ା ଯାଇଥିଲା ଯାହାର କି ତିନିଗୋଟି ପ୍ରକୃତି ଥିଲା (୧) ସ୍ୱଦେଶୀ ହସ୍ତତନ୍ତ ବୁଣା ଲୁଗାକୁ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଥିଲା । (୨) ହିନ୍ଦୁମାନଙ୍କ ମଧ୍ୟରେ ଥିବା ଛୁଆଁ–ଅଛୁଆଁ ଭେଦଭାବକୁ ଦୂର କରିବା (୩) ହିନ୍ଦୁ–ମୁସଲମାନଙ୍କର ଏକତା ବୃଦ୍ଧି କରିବା ।

ଗାନ୍ଧିଜୀଙ୍କର ଏହି ଅନୁରୋଧ ଯୋଗୁଁ ଦେଶରେ ଲୋକମାନଙ୍କ ମନରେ ଉନ୍ମାଦନା ଭରିଗଲା । ଲୋକମାନଙ୍କ ମନରେ ଥିବା ଭେଦଭାବକୁ ଦୂର କରି ସେମାନେ ଏହି ଆନ୍ଦୋଳନରେ ଯୋଗ ଦେଲେ । ୧୯୨୦ ନଭେମ୍ବରରେ ହୋଇଥିବା କାଉନସିଲ ଇଲେକସନକୁ ତିନିଭାଗରୁ ଦୁଇଭାଗ ଭୋଟର ବର୍ଜନ କରିଥିଲେ । ହଜାର ହଜାର ଛାତ୍ର ଏବଂ ଶିକ୍ଷକ ସେମାନଙ୍କର ସ୍କୁଲ ଏବଂ କଲେଜ ବର୍ଜନ କରିଥିଲେ । ସେମାନଙ୍କ ପାଇଁ ନୂଆ ଭାରତୀୟ ଶିକ୍ଷା କେନ୍ଦ୍ର ଆରମ୍ଭ ହେଲା । ମୋତିଲାଲ ନେହରୁ, ଚିତ୍ତରଞ୍ଜନ ଦାସ, ସି. ରାଜଗୋପାଲାଚାରୀ ଏବଂ ଆସିଫ ଆଲ୍ଲୀଙ୍କ ଭଳି ଓକିଲମାନେ କୋର୍ଟ କଚେରୀ ବର୍ଜନ କରିଥିଲେ । ବିଧାନ ସଭାକୁ ବର୍ଜନ କରାଯାଇଥିଲା । ବିଦେଶୀ ବସ୍ତ୍ରକୁ ବର୍ଜନ କରାଯାଇଥିଲା ଏବଂ ସେଥିରେ ନିଆଁ ଲଗାଇ ଦିଆଯାଇଥିଲା ।

ଏହି ଆନ୍ଦୋଳନ ସମୟରେ ଏପରି କେତେକ ଘଟଣା ଘଟିଲା ଯାହା ଗାନ୍ଧିଜୀଙ୍କ ନୀତିର ବିରୁଦ୍ଧ ଥିଲା । ଯେଉଁ ଅହିଂସକ ଏବଂ ଅସହଯୋଗ ଆନ୍ଦୋଳନ ପବିତ୍ରତାର ସହିତ ଆରମ୍ଭ ହୋଇଥିଲା ୧୯୨୧ ଅଗଷ୍ଟ ମାସରେ ଏହା ହିଂସାର ରୂପ ନେଲା । ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କଲେ । ଖ୍ୟାତନାମା ନେତୃବୃନ୍ଦ ଗିରଫ ହେଲେ । ଦୁଇମାସ ମଧ୍ୟରେ ୩୦,୦୦୦ ଲୋକ ବନ୍ଦୀ ହେଲେ । ହିଂସା ଗାନ୍ଧିଜୀଙ୍କୁ ମର୍ମାହତ କଲା । ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାର ଚୌରୀଚୋରା ଗ୍ରାମରେ ୧୯୨୨ ମସିହା ଫେବୃୟାରୀ ୯ରେ ଗଣହିଂସା ଦେଖାଦେଲା । ବରେଲିଠାରେ ସବୁଠାରୁ ଅଧିକ ହିଂସା ଜନକ କାର୍ଯ୍ୟ ଦେଖା ଦେଇଥିଲା । ଏଣୁ ଗାନ୍ଧିଜୀ ତାଙ୍କର ଅସହଯୋଗ ଆନ୍ଦୋଳନକୁ ୧୯୨୨ ମସିହା ଫେବୃୟାରୀ ୨୨ରେ ସ୍ଥଗିତ ରଖିଲେ । ୧୯୨୨ ମସିହା ମାର୍ଚ୍ଚମାସ ୧୮ ତାରିଖ ଦିନ ତାଙ୍କୁ ଅହମଦାବାଦଠାରେ ଗିରଫ କରାଗଲା । ତାଙ୍କୁ ଛଅବର୍ଷ ପାଇଁ ସରଳ କାରାଦଣ୍ଡ ଦିଆଗଲା । ଅସହଯୋଗ ଆନ୍ଦୋଳନ ତାହାର ଉଦ୍ଦେଶ୍ୟ ସାଧନ କରିବାରେ ଅସଫଳ ହେଲା ସତ କିନ୍ତୁ ଏହା ଭବିଷ୍ୟତ ଆନ୍ଦୋଳନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କଲା ପରେ ଗାନ୍ଧିଜୀ ତାଙ୍କ ଅନୁଗାମୀମାନଙ୍କ ସହିତ ମିଶି ଗ୍ରାମାଞ୍ଚଳରେ ଗଠନ ମୂଳକ କାର୍ଯ୍ୟ କରିବାରେ ବ୍ୟସ୍ତ ରହିଲେ । ଏହାଦ୍ୱାରା ସେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଜାତିଆଣ ଭେଦଭାବ ଦୂର କରିବାକୁ ପ୍ରବର୍ତ୍ତାଇ ଥିଲେ ।

## ତୁମ ପାଇଁ କାର୍ଯ୍ୟ ୮.୫

୧୯୨୨ ମସିହାରେ ଯେତେବେଳେ ଆନ୍ଦୋଳନ ଚରମସୀମାରେ ପହଞ୍ଚିଥିଲା ସେତେବେଳେ ଗାନ୍ଧିଜୀ ଚୌରୀଚୋରା ଘଟଣା ଯୋଗୁଁ ଅସହଯୋଗ ଆନ୍ଦୋଳନକୁ ସ୍ତଗିତ ରଖିଲେ । ଗାନ୍ଧିଜୀଙ୍କର ନିଷ୍ପତ୍ତିକୁ ଅନେକ ଲୋକ ସମାଲୋଚନା କଲେ । ମନେକର ତୁମେ ସେତେବେଳେ ଜଣେ ସାମ୍ବାଦିକ ଥିଲ । ଏହି ଘଟଣା ପରେ ତୁମେ ଗାନ୍ଧିଜୀଙ୍କୁ ସାକ୍ଷାତ କରି ସମ୍ବାଦ ସଂଗ୍ରହ କରିବା କାର୍ଯ୍ୟ ତୁମକୁ ଦିଆଯାଇଥିଲା । ଗାନ୍ଧିଜୀଙ୍କର ନିଷ୍ପତ୍ତିର ଯଥାର୍ଥତା ଉପରେ ଉଭୟଙ୍କ ମଧ୍ୟ ହୋଇଥିବା ଆଲୋଚନାର କାଳ୍ପନିକ କଥୋପକଥନ ପ୍ରସ୍ତୁତ କର ।

ଚିତ୍ତରଞ୍ଜନ ଦାସ, ମୋତିଲାଲ ନେହରୁ ଏବଂ ଅନ୍ୟ ନରମପନ୍ଥୀମାନେ ଅସହଯୋଗ ଉପରେ ଗୋଟିଏ ଉପନ୍ୟାସ ପ୍ରସ୍ତୁତ କରିବାକୁ ଚାହିଁଲେ । ସେମାନେ ଜାନୁୟାରୀ ୧୯୨୩ରେ ସ୍ୱରାଜ ଦଳ ଗଠନ କଲେ । ଚିତ୍ତରଞ୍ଜନ ଦାସ ତାହାର ସଭାପତି ହେଲେ ମୋତିଲାଲ ନେହେରୁ ତାର ସମ୍ପାଦକ ହେଲେ । ସେ ଦଳ, କଂଗ୍ରେସ ଦଳ ଭିତରର ଦଳ ବୋଲି ବର୍ଣ୍ଣନା କଲେ । ସେମାନେ କଂଗ୍ରେସର ପ୍ରତିଦ୍ୱନ୍ଦି ଅନୁଷ୍ଠାନ ନୁହେଁ ବୋଲି ମଧ୍ୟ କହିଲେ । କିନ୍ତୁ ସେମାନେ ୧୯୧୯ ଆକ୍ଟର ସମାପ୍ତି କିମ୍ବା ସେଥିରେ ପରିବର୍ତ୍ତନ କରି ନଥିଲେ ।

୧୯୨୭ରେ ବ୍ରିଟିଶ ସରକାର ସାର ଜନ ସାଇମନଙ୍କ ନେତୃତ୍ୱରେ ଗୋଟିଏ କମିଶନକୁ ନିଯୁକ୍ତି ଦେଲେ । ୧୯୧୯ ସଂସ୍କାରକୁ ଅନୁଧ୍ୟାନ କରିବାକୁ କମିଶନକୁ ନିଯୁକ୍ତି ଦିଆ ଯାଇଥିଲା ଏବଂ ଆହୁରି ଅଧିକ ସାମ୍ବିଧାନିକ ସଂସ୍କାର ସମ୍ବନ୍ଧରେ ପ୍ରସ୍ତାବ ଦେବାକୁ କୁହାଯାଇଥିଲା । କମିଶନ୍‌ରେ ଜଣେ ହେଲେ ଭାରତୀୟ ସଦସ୍ୟ ନଥିଲେ । ଭାରତୀୟମାନେ ସମସ୍ତ ଶ୍ୱେତାଙ୍ଗ ଥିବା କମିଶନକୁ ବାସନ୍ଦ କଲେ । ତେଣୁ ଏହି କମିଶନ ଯେତେବେଳେ ଭାରତରେ ଆସି ପଦାର୍ପଣ କଲେ ସେତେବେଳେ ଦେଶର ଚାରିଆଡ଼ୁ ପ୍ରତିବାଦର ସମ୍ମୁଖୀନ ହେଲେ । ତାଙ୍କୁ କଳାପତାକା ଦେଖାଗଲା । ହରତାଳ ଦେଶସାରା କରାଗଲା ଏବଂ ସାଇମନ ଫେରିଯାଅ ଧ୍ୱନି ଚାରିଆଡ଼ୁ ଶୁଣାଗଲା । ବ୍ରିଟିଶ ପୋଲିସଙ୍କ ଦ୍ୱାରା କେତେକ ସ୍ଥାନରେ ବିକ୍ଷୋଭକାରୀଙ୍କ ଉପରେ ଲାଠି ଚାଳନା କରାଗଲା । ଲାଲା ଲଜପତ ରାୟ ପୋଲିସର ଲାଠିମାଡ଼ ଖାଇ ଗୁରୁତର ଭାବରେ ଆଘାତ ପ୍ରାପ୍ତ ହେଲେ ଏବଂ ଶେଷରେ ମୃତ୍ୟୁବରଣ କଲେ । ସାଇମନ କମିଶନଙ୍କ ବିରୁଦ୍ଧରେ ହୋଇଥିବା ବିକ୍ଷୋଭ ଭାରତୀୟ ଜାତୀୟ ଆନ୍ଦୋଳନକୁ ନୂଆ ବଳ ଯୋଗାଇଲା ।

ଠିକ ଏହି ସମୟରେ ଭାରତୀୟ ରାଜନୈତିକ ନେତାମାନେ ସଂବିଧାନର ଚିଠା ପ୍ରସ୍ତୁତ କାମରେ ବ୍ୟସ୍ତ ଥିଲେ । ଏହା ‘ନେହରୁ ରିପୋର୍ଟ’ ନାମରେ ନାମିତ ହୋଇଥିଲା । ଏଥିରେ ସଂବିଧାନର ବାହ୍ୟସୀମା ପ୍ରସ୍ତୁ କରାଯାଇଥିଲା । ଏହାର ଗୁରୁତ୍ୱପୂର୍ଣ୍ଣ ସୁପାରିଶ ହେଉଛି ଅଧିକାର, ସଂସଦୀୟ ସରକାର, ସର୍ବଜନୀନ ଭୋଟ ପ୍ରଥା, ସ୍ୱାଧୀନ ବିଚାର ବିଭାଗ ଯାହାର ଶୀର୍ଷରେ ଉଚ୍ଚତମ ନ୍ୟାୟାଳୟ । ଏହାର ୨୦ ବର୍ଷ ପରେ ସ୍ୱାଧୀନ ଭାରତର ସଂବିଧାନ ପ୍ରସ୍ତୁତ ବେଳେ ଏହିସବୁ ସୁପାରିଶକୁ ଗ୍ରହଣ କରାଯାଇଥିଲା । କଂଗ୍ରେସର ଐତିହାସିକ ବାର୍ଷିକ ଅଧିବେଶନ ଲାହୋରଠାରେ ୧୯୨୯ ମସିହାରେ ବସିଥିଲା । ସେଠାରେ ପୂର୍ଣ୍ଣ ସ୍ୱରାଜ୍ୟ ଆମର ଏକମାତ୍ର ଲକ୍ଷ ବୋଲି ଘୋଷଣା କରାଯାଇଥିଲା । ୨୬ ଜାନୁଆରୀକୁ ପୂର୍ଣ୍ଣ ସ୍ୱରାଜ ଦିବସ ରୂପେ ପାଳନ କରିବାକୁ କଂଗ୍ରେସ ଦେଶବାସୀଙ୍କୁ ଡ଼ାକରା ଦେଇଥିଲା । ୧୯୩୦ ମସିହା ଜାନୁଆରୀ ୨୬କୁ କଂଗ୍ରେସ ସ୍ୱାଧୀନତା ଦିବସ ରୂପେ ପାଳନ କଲା । ୧୯୫୦ ମସିହା ସେହି ନିର୍ଦ୍ଦିଷ୍ଟ ଦିନକୁ କଂଗ୍ରେସ ସ୍ୱାଧୀନ ଭାରତର ସଂବିଧାନ ସ୍ୱାଧୀନତା ଦିବସ ରୂପେ ଗ୍ରହଣ କଲା । ଭାରତ ଗୋଟିଏ ସାର୍ବଭୌମ ଗଣତାନ୍ତ୍ରିକ ସାମାଜବାଦି ସ୍ୱାଧୀନ ରାଷ୍ଟ୍ର ରୂପେ ସେହିଦିନ ଠାରୁ ବିବେଚିତ ହେଲା । ସେହିଦିନଠାରୁ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖକୁ ଜନରାଜ୍ୟ ଦିବସ ରୂପରେ ପାଳନ କରାଯାଉଅଛି ।

## ୮.୮.୨ ଦାଣ୍ଡି ଯାତ୍ରା

ପ୍ରାୟ ସେହି ସମୟରେ ସରକାର ଗୋଟିଏ ନୂଆ ଆଇନ ପ୍ରଣୟନ କଲେ । ସେ ଲୁଣ ବ୍ୟବହାର ଉପରେ ଟିକସ ବସାଇଲେ । ଲୁଣ ଲୋକମାନଙ୍କ ମୌଳିକ ଆବଶ୍ୟକତା ଥିବାରୁ ଲୋକେ ଏହାର ବିରୋଧ କଲେ । ଲୋକମାନଙ୍କ ଦାବି ଉପରେ ସରକାର କୌଣସି ଧ୍ୟାନ ଦେଲେ ନାହିଁ । ୧୯୩୦ ମସିହା ମାର୍ଚ୍ଚ–ଏପ୍ରିଲ ମାସରେ ଗାନ୍ଧିଜୀ ସରକାରଙ୍କର ଲବଣ ଆଇନ ଭଙ୍ଗ କରିବାକୁ ସାବରମତୀ ଆଶ୍ରମରୁ ଗୁଜୁରାଟର ସମୁଦ୍ରକୂଳରେ ଥିବା ଦାଣ୍ଡିକୁ ଯାତ୍ରା କଲେ । ତାଙ୍କର ଲବଣ ଆଇନ ଭଙ୍ଗ ସରକାରଙ୍କୁ ପ୍ରଥମ ଆହ୍ୱାନ ଥିଲା । ଏହା ଶାନ୍ତିପୂର୍ଣ୍ଣ ଯାତ୍ରା ଥିଲା । ଗାନ୍ଧିଜୀ ୬ ଏପ୍ରିଲ ୧୯୩୦ ମସିହାରେ ସମୁଦ୍ରକୂଳରେ ଇତସ୍ତତ ପଡ଼ିଥିବା ଲୁଣରୁ ମୁଠାଏ ଆଣି ଲବଣ ଆଇନକୁ

ଭଙ୍ଗ କଲେ । ଏହି ମୁହୂର୍ତ୍ତରେ କୃଷକ, ବଣିକ ଏବଂ ମହିଳାମାନେ ବହୁ ସଂଖ୍ୟାରେ ଲୁଣ ମାରିବାକୁ ଲାଗିଲେ । ୧୯୩୦ ମଇ ମାସରେ ସରକାର ତାଙ୍କୁ ଗିରଫ କଲେ ଏବଂ ପୁନାର ଏରବଦା ଜେଲରେ ନେଇ ରଖିଲେ ।



ଚିତ୍ର ୮.୫ ମହାତ୍ମା ଗାନ୍ଧିଙ୍କ ଦାଣ୍ଡି ପଦଯାତ୍ରା

ଏହି ଅଭିଯାନ ବ୍ରିଟିଶର ଭାରତ ସ୍ୱାଧୀନତା ସମ୍ବନ୍ଧୀୟ ମନୋଭାବ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଲା । ୧୯୩୧ ମସିହାରେ ଗାନ୍ଧି ଇରୱିନ ଚୁକ୍ତି ଏହାର ଉଦାହରଣ ଅଟେ । ୧୯୩୧ ମସିହାରେ ଗାନ୍ଧିଜୀ କଂଗ୍ରେସର ଏକମାତ୍ର ପ୍ରତିନିଧି ରୂପେ ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯୋଗ ଦେବାକୁ ଲଣ୍ଡନ ଯାଇଥିଲେ । ସେଠାରେ କୌଣସି କଥାର ସମାଧାନ ହୋଇ ପାରି ନଥିଲା । ଯଦିଓ ଗାନ୍ଧିଜୀଙ୍କ ଗିରଫଦାରୀ ତାଙ୍କୁ ସକ୍ରିୟ ଆନ୍ଦୋଳନର ନେତୃତ୍ୱରୁ ଦୂରରେ ରଖିଲା ତଥାପି ଆଇନ ଅମାନ୍ୟ ଆନ୍ଦୋଳନ ଚାଲୁ ରହିଲା । ବିଦେଶୀ ଦ୍ରବ୍ୟ ବର୍ଜନ ବିଶେଷ କରି ବିଦେଶୀ ବସ୍ତ୍ର ବର୍ଜନ ଉପରେ ଅଧିକ ଚାପ ପକା ଯାଇଥିଲା ।

ଯଦିଓ ବେସାମରିକ ଆଇନ ଅମାନ୍ୟ ଆନ୍ଦୋଳନ ଅସଫଳ ହେଲା ତଥାପି ସ୍ୱାଧୀନତା ସଂଗ୍ରାମରେ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ଥିଲା । ଏହା କଂଗ୍ରେସ ପତକା ତଳେ ବିଭିନ୍ନ ଅଞ୍ଚଳର ଭାରତୀୟମାନଙ୍କୁ ଏକତ୍ରିତ କରି ପାରିଥିଲା । ଏହା ଯୁବକମାନଙ୍କୁ ନିଯୁକ୍ତି ଦେବାର ସୁଯୋଗ ଯୋଗାଇ ଥିଲା ଏବଂ ସେମାନଙ୍କୁ ଶିକ୍ଷିତ କରି ପ୍ରାଦେଶିକ ଶାସନରେ ବିଶ୍ୱାସ ଏବଂ ଦାୟିତ୍ୱ ଦେବାରେ ସହାୟତା କରିଥିଲା । ଯାହାକି ୧୯୩୭ ନିର୍ବାଚନ ପ୍ରଚାର କରିବାକୁ ସୁଯୋଗ ଦେଲା । ଏହା ରାଜନୈତିକ ଚିନ୍ତାଧାରାକୁ ନିପଟ ଗ୍ରାମାଞ୍ଚଳରେ ପ୍ରବେଶ କରାଇ ପାରିଥିଲା ।

## ୮.୯ ବିପ୍ଲବୀ ଦଳ

ବ୍ରିଟିଶମାନଙ୍କର ପ୍ରତିକ୍ରିୟାଶୀଳ ନୀତି ଭାରତୀୟ ଯୁବ ସମାଜ ଉପରେ ସେମାନଙ୍କ ପ୍ରତି ତୀବ୍ର ଘୃଣା ଭାବ ଜାତ କରାଇଲା । ସଂଗଠିତ ବିପ୍ଲବାତ୍ମକ ଆନ୍ଦୋଳନ ଦ୍ୱାରା ଭାରତ ସ୍ୱାଧୀନତା ଲାଭ କରିପାରିବ ବୋଲି ସେମାନେ ବିଶ୍ୱାସ କରୁଥିଲେ । ଫଳସ୍ୱରୂପ ସେମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ବିପ୍ଲବାତ୍ମକ କାର୍ଯ୍ୟ କରିବା ପାଇଁ ଗୁପ୍ତ

ଦଳ ଗଠନ କଲେ । ଯୁବକମାନେ ହିଂସାତ୍ମକ ପ୍ରଣାଳୀରେ ନିଜର ଶକ୍ତି ବଢ଼ାଇବାକୁ ଚେଷ୍ଟା ହେଲେ । ସେମାନେ ଅପ୍ରିୟ ବ୍ରିଟିଶ ଅଫିସରଙ୍କୁ ହତ୍ୟା କଲେ, ସେମାନଙ୍କର ଆର୍ଥିକ ଚାହିଦା ପୂରଣ କରିବାକୁ ସେମାନେ ଡକାୟତି କଲେ ଏବଂ ଅସ୍ତ୍ର ଲୁଟ କଲେ । ତେଣୁ ସେମାନଙ୍କ ଭିତରୁ ଅନେକ ଭାରତର ସ୍ୱାଧୀନତା ପାଇଁ ହିଂସାର ରାସ୍ତାକୁ ପସନ୍ଦ କଲେ । ସେମାନଙ୍କୁ ବିପ୍ଳବୀ କୁହାଗଲା । ସେମାନଙ୍କର କାର୍ଯ୍ୟକଳାପର କେନ୍ଦ୍ର ପଞ୍ଜାବ, ମହାରାଷ୍ଟ୍ର, ବେଙ୍ଗଲ, ବିହାର, ଉତ୍ତର ପ୍ରଦେଶ ଏବଂ ଓଡ଼ିଶାରେ ଥିଲା । ବିପ୍ଳବୀମାନଙ୍କ ମଧ୍ୟରେ ଖୁଦିରାମ ବୋଷ, ପ୍ରଫୁଲ ଛାକି, ଭୂପେନ୍ଦ୍ର ନାଥ ଦତ୍ତ, ଭି.ଡ଼ି. ସବରକର, ସରଦାର ଅଜିତ ସିଂହ, ଲାଲା ହରଦୟାଲ ଏବଂ ତାଙ୍କର ଗଦ୍ଦର ଦଳ, ସରଦାର ଭଗତ୍ ସିଂହ, ରାଜଗୁରୁ, ଶୁକଦେବ, ଚନ୍ଦ୍ର ଶେଖର ଆଜାଦ ପ୍ରଭୃତି ପ୍ରସିଦ୍ଧ ଥିଲେ । ଏହି ବିପ୍ଳବୀମାନେ ଗୁପ୍ତ ସୋସାଇଟିର ସଂଗଠନ କଲେ, ଅନେକ ବ୍ରିଟିଶ ଅଫିସରଙ୍କୁ ହତ୍ୟା କଲେ । ରେଳ ରାସ୍ତାକୁ ବିଚ୍ଛିନ୍ନ କଲେ, ବ୍ରିଟିଶ ସମ୍ପତ୍ତି ଉପରେ ଆକ୍ରମଣ କଲେ । ବ୍ରିଟିଶ ଶାସନକୁ ବିପର୍ଯ୍ୟସ୍ତ କରିବା ପାଇଁ କାକୋରୀ ଷଡ଼ଯନ୍ତ୍ର ୧୯୨୫ ମସିହାରେ ରାମପ୍ରସାଦ ବିସମିଲ, ଅସଫାକ ଉଲ୍ଲା ଖାଁ ଏବଂ ହିନ୍ଦୁସ୍ଥାନ ରିପବ୍ଲିକାନ ସଂଗଠନର ଅନ୍ୟ ସଦସ୍ୟଙ୍କ ଯୋଜନା ଦ୍ୱାରା କରାଯାଇଥିଲା । ୧୯୨୮ ମସିହାରେ ଚନ୍ଦ୍ର ଶେଖର ଆଜାଦ, ଭଗତ୍ ସିଂହ ବଟୁକେଶ୍ୱର ଦତ୍ତ ଏବଂ ଅନ୍ୟମାନଙ୍କ ଦ୍ୱାରା ହିନ୍ଦୁସ୍ତାନ ସୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ ଗଢ଼ା ଯାଇଥିଲା । କେନ୍ଦ୍ରୀୟ ବିଧାନ ସଭାରେ ଯେତେବେଳେ Public Safety Bill ଏବଂ Trade Disputes Bill ପାଶ ହେଉଥିଲା ସେତେବେଳେ ଏହାର ପ୍ରତିବାଦ କରି ଭଗତ ସିଂହ ଏବଂ ବଟୁକେଶ୍ୱର ଦତ୍ତ କେନ୍ଦ୍ର ବିଧାନ ସଭା ମଧ୍ୟକୁ ୮ ଏପ୍ରିଲ ୧୯୨୯ରେ ବୋମା ଫିଙ୍ଗିଥିଲେ । ଏଥିରେ କେହିହେଲେ ମୃତାହତ ହୋଇ ନଥିଲେ । ବୋମା ଫିଙ୍ଗିଲା ବେଳେ ଇନ୍‌କିଲାବ ଜିନ୍ଦାବାଦ ଧ୍ୱନି ଦେଇଥିଲେ । ଏହି କେଶ ଏବଂ ଅନ୍ୟ କେଶର ବିଚାର କୋର୍ଟରେ ହୋଇ ଭଗତ ସିଂହ, ଶୁକଦେବ ଏବଂ ରାଜଗୁରୁଙ୍କୁ ୧୯୩୧ ମସିହାରେ ଫାଶି ଦିଆ ଯାଇଥିଲା । ସେମାନଙ୍କ ବଳୀଦାନ ଲୋକମାନଙ୍କୁ ପ୍ରୋତ୍ସାହନ ଦେଇଥିଲା । ସେମାନଙ୍କୁ ଶହୀଦ ବୋଲି ଭକ୍ତି କରାଗଲା ଏବଂ ଜାତୀୟ ଏକତାର ଚିହ୍ନ ରୂପେ ବିବେଚିତ କରାଗଲା।



ଚିତ୍ର ୮.୬ ଭଗତ୍ ସିଂହ, ଶୁଖଦେଓ ରାଜ, ଗୁରୁଚନ୍ଦ୍ର, ଶେଖର ଆଜାଦ

## ତୁମ ପାଇଁ କାର୍ଯ୍ୟ ୮.୬

ଭାରତୀୟ ଜାତୀୟତାକୁ ଭିତ୍ତି କରୁଥିବା କେତେକ ଛାୟା ଚିତ୍ରକୁ ସଂଗ୍ରହ କରି ସେହି ଛାୟାଚିତ୍ରକୁ ଦେଖ ଏବଂ ସେମାନଙ୍କ ଦ୍ୱାରା ଜାତୀୟତାର କିପରି ଉତ୍ଥାନ ହୋଇଥିଲା ଚିହ୍ନିତ କର । ଏହି ଛାୟାଚିତ୍ରଗୁଡ଼ିକ ପ୍ରକୃତରେ କ'ଣ ଜାତୀୟତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା କି ? ତୁମ ଚିନ୍ତାଧାରାକୁ ତୁମ ଡାଏରୀରେ ଲିପିବଦ୍ଧ କର ଏବଂ ତୁମ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସେ ସମ୍ବନ୍ଧରେ ଆଲୋଚନା କର ।





## ୮.୧୦ ସମାଜ ସଂସ୍କାରବାଦୀ ଚିନ୍ତାଧାରାର ବିକାଶ

ବିଂଶ ଶତାବ୍ଦୀର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା କଂଗ୍ରେସ ମଧ୍ୟରେ ଏବଂ ବାହାରେ ସମାଜବାଦୀ ଚିନ୍ତାଧାରାର ବିକାଶ । କୃଷକମାନେ ବର୍ତ୍ତମାନ ଭୂ ସଂସ୍କାର, ଜମିଦାରୀ ଉଚ୍ଛେଦ, ଖଜଣା ହ୍ରାସ ଏବଂ ଋଣ ହ୍ରାସ ସମ୍ବନ୍ଧରେ ପଚାରିବା ଆରମ୍ଭ କରି ଦେଇଥିଲେ । ଅଖିଳ ଭାରତୀୟ ଟ୍ରେଡ ୟୁନିଅନ କଂଗ୍ରେସ ଯାହାକି ୧ ୯ ୨ ୦ ମସିହାରେ ସ୍ଥାପିତ ହୋଇଥିଲା । ସେ ଶ୍ରମିକ ଏବଂ ଶ୍ରମିକଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଥିଲା । ଏହା ଶ୍ରମିକମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଚଳ ଚଞ୍ଚଳ ହୋଇଥିଲା । ଯାହାକି ଆନ୍ଦୋଳନକୁ ବିସ୍ତୃତ କରିବାକୁ ସାହାଯ୍ୟ କରିଥିଲା । କେତେକ ପ୍ରସିଦ୍ଧ ସମାଜବାଦୀ ଏବଂ ସାମ୍ୟବାଦୀ ନେତାଙ୍କର ନାମ ହେଲା – ଏମ୍.ଏନ୍. ରାୟ, ଏସ୍.ଏ. ଡୁଙ୍ଗେ, ଅବନୀ ମୂଖପାଧ୍ୟାୟ, ନଳିନୀ ଗୁପ୍ତା, ମୁଜାଫର ଅହମ୍ମଦ, ସୌକତ ଉସମାନୀ, ଗୁଲାମ ହୁସେନ୍, ସିଙ୍ଗାର ଭେଲୁ, ଚେଟ୍ଟିୟାର, ଜି.ଏମ୍. ଅଧିକାରୀ ଏବଂ ପି.ସି. ଯୋଶୀ । ସେମାନେ ବିଦ୍ରୋହର ଗତିପଥକୁ ବଦଳାଇ ଦେଇ ବ୍ୟକ୍ତିଗତ ଆନ୍ଦୋଳନକୁ ସାମୁହିକ ରାଜନୈତିକ ଆନ୍ଦୋଳନରେ ପରିବର୍ତ୍ତନ କରାଇ ଦେଲେ । ସ୍ୱେଚ୍ଛାପ୍ରବୃତ୍ତ କୃଷକ ବିଦ୍ରୋହରେ ଉନ୍ନତି ଆଣି ପୂର୍ଣ୍ଣ ସ୍ୱାଧୀନତା ପାଇଁ ଦେଶବ୍ୟାପି ଆନ୍ଦୋଳନରେ ପରିଣତ କରାଇବା, ପୋଲିସ ଏବଂ ସୈନ୍ୟମାନଙ୍କ ମଧ୍ୟରେ ବିପ୍ଳବାତ୍ମକ ପ୍ରଚାରର ପ୍ରସାର ଘଟାଇବା 'ସାମ୍ରାଜ୍ୟବାଦ ବିରୁଦ୍ଧରେ ସଂଗ୍ରାମ' ରାଲିର ସ୍ଲୋଗାନ ଥିଲା । ୧ ୯ ୩ ୬ ମସିହାରେ ନେହରୁ ଯେତେବେଳେ କଂଗ୍ରେସର ସଭାପତି ଥିଲେ ସେ ଲକ୍ଷ୍ନୌ ଅଧିବେଶନରେ ପ୍ରକାଶ କଲେ ଯେ ସମାଜବାଦୀ ଚିନ୍ତାଧାରାକୁ ଗ୍ରହଣ କଲେ ଭାରତର ସମସ୍ୟାର ସମାଧାନ ହୋଇପାରିବ । 'କାର୍ଲମାର୍କସ'ଙ୍କ ଦ୍ୱାରା ନେହରୁ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଏପରି କି ସୁବାସ ଚନ୍ଦ୍ର ବୋଷ ମଧ୍ୟ ସମାଜବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । କାରଣ ଗାନ୍ଧିଜୀଙ୍କ ସହିତ ମତଭେଦ ଯୋଗୁଁ ବୋଷ କଂଗ୍ରେସରୁ ଇସ୍ତଫା ଦେଇଥିଲେ ଏବଂ ନିଜର ଫରୱାର୍ଡ ବ୍ଲକ ଦଳ ଗଠନ କରିଥିଲେ ।

## ୮.୧୧ ସାମ୍ପ୍ରଦାୟିକ ପୃଥକୀକରଣ

ଯେତେବେଳେ ଇଂରେଜମାନେ ଭାରତରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ ତାହା ପୂର୍ବରୁ ଇଷ୍ଟ ଇଣ୍ଡିଆ କମ୍ପାନୀ Divide and rule policyକୁ ଠିକ୍ ରୂପରେ କାର୍ଯ୍ୟକାରୀ କରିସାରିଥିଲା । କମ୍ପାନୀ କିପରି ଗୋଟିଏ ଶାସକକୁ ଅନ୍ୟ ଏକ ଶାସକ ବିରୁଦ୍ଧରେ ନିୟୋଜନ କରି ଅପ୍ରତିଦ୍ୱନ୍ଦ୍ୱି ଶାସକ ହୋଇ ଯାଇଥିଲା । ଏହା ତୁମେ ଆଗରୁ ପଢ଼ିଅଛ । ତୁମେ ଦେଖିଛ ଯେ ପରେ ଊନବିଂଶ ଶତାବ୍ଦୀର ଅର୍ଦ୍ଧେକରେ ସାମ୍ପ୍ରଦାୟିକତାର ଅଗ୍ରଗତି ଆରମ୍ଭ ହୋଇଯାଇଥିଲା । ବର୍ତ୍ତମାନ ବ୍ରିଟିଶ ସରକାର ଦେଖିଲେ ଯେ Divide and rule ଦ୍ୱାରା ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ କିଳା ପୁରାଇବାର ଉପଯୁକ୍ତ ସମୟ । ୧ ୯ ୫ ୯ ବିଦ୍ରୋହଠାରୁ ବ୍ରିଟିଶରମାନେ ମୁସଲମାନମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ଏବଂ ତାଙ୍କୁ ଅନାଦର ଦେଖାଉଥିଲା କିନ୍ତୁ ବର୍ତ୍ତମାନ ସେମାନେ ହୃଦୟଙ୍ଗମ କଲେ ଯେ ଜାତୀୟତାର ବୃଦ୍ଧିକୁ ରୋକିବା ପାଇଁ ମୁସଲମାନମାନଙ୍କୁ ଶାନ୍ତ କରିବାର ଏହା ଉପଯୁକ୍ତ ସମୟ । ସରକାର ଭାରତୀୟମାନଙ୍କ ମଧ୍ୟରେ ଧର୍ମକୁ ଭିତ୍ତିକରି ଶତ୍ରୁତା ସୃଷ୍ଟି କରିବାର ସୁଯୋଗକୁ ହାତଛଡା କଲେ ନାହିଁ, ଗୋଟିଏ ଧର୍ମର ଲୋକଙ୍କୁ ଅନ୍ୟ ଧାର୍ମିକ ଗୋଷ୍ଠୀ ବିରୁଦ୍ଧରେ ଠିଆ କରାଇଲେ । ଏହି ନୀତି ଅନୁସାରେ ସେ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କଲେ । 'ମୁସଲିମ୍ ଲିଗ'ର ଗଠନ ସମ୍ବନ୍ଧରେ ତୁମେ ପଢ଼ିଅଛ ଯାହାକି ସାମ୍ପ୍ରଦାୟିକତାର ବୀଜବିପନ କରିଥିଲା । ବ୍ରିଟିଶ୍ ଅଫିସରଙ୍କ ପ୍ରରୋଚନାରେ ଲିଗ୍ ଗଠନ ହୋଇଥିବା କଥା ତୁମେ ମନେପକାଅ ।

୧୯୩୨ ମସିହାର ସାମ୍ପ୍ରଦାୟିକ ନିଷ୍ପତ୍ତି ଏହି ନୀତିର ସମ୍ପୃକ୍ତି ଥିଲା । ଏହା ପୃଥକ ନିର୍ବାଚନ ମଣ୍ଡଳୀ ଏବଂ ନିଷ୍ପେସିତ ଶ୍ରେଣୀର ଲୋକଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ଅନୁମତି ପ୍ରଦାନ କରିଥିଲା । ୧୯୦୬ ମସିହାରେ ପ୍ରଥମ କରି ମୁସଲମାନମାନେ ପୃଥକ ନିର୍ବାଚନ ମଣ୍ଡଳୀ ଦାବି କଲେ । ୧୯୦୭ ମର୍ଲେ-ମିଣ୍ଟୋ ଶାସନ ସଂସ୍କାରର ଏହାକୁ କାର୍ଯ୍ୟକାରି କରାଗଲା । ଭାରତୀୟ ଜାତୀୟତା ବିରୁଦ୍ଧରେ ମୁସଲମାନ ସମ୍ପ୍ରଦାୟିକତା ପ୍ରୟୋଗ କରିବା ଉଦ୍ଦେଶ୍ୟରେ ଏହାକୁ କରାଯାଇଥିଲେ । ୧୯୧୯ ମୋଣ୍ଟଫୋର୍ଡ ସଂସ୍କାରରେ ଶିଖ, ଇଉରୋପୀୟାନ, ଆଙ୍ଗ୍ଲୋଭାରତୀୟ ଖ୍ରୀଷ୍ଟିଆନ ପ୍ରଭୃତି ପାଇଁ ସ୍ଥାନ ସଂଖ୍ୟା ବଢ଼ାଇ ଦିଆଗଲା । ୧୯୩୫ ଆକ୍ଟରେ ଏମାନଙ୍କ ପାଇଁ ୧୭ ଗୋଟି ସ୍ଥାନକୁ ସଂରକ୍ଷଣ କରାଯାଇଥିଲା । ପ୍ରକୃତରେ ଦେଖିବାକୁ ଗଲେ ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ଅମିଶ୍ରିତ ମନ୍ଦ ସ୍ୱରୂପ ଥିଲା । ସେମାନେ ଜାତୀୟ ଏକତାର ବୃଦ୍ଧିକୁ ନଷ୍ଟ କଲେ । ୧୯୩୮ ମସିହାରେ ଦୁଇ-ଜାତୀୟ ମତବାଦ ଦେଖାଦେଲା । ୧୯୪୦ରେ ଜିନ୍ନାଙ୍କ ଦ୍ୱାରା ଏହା ପରିଷ୍କାର ଭାବରେ ସମ୍ପ୍ରସାରିତ ହୋଇଥିଲା । ସେ ପାକିସ୍ଥାନ ପାଇଁ ଦାବି ପ୍ରସ୍ତୁତ କଲା, ଏହା ବ୍ରିଟିଶ କର୍ତ୍ତୃପକ୍ଷଙ୍କଠାରୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରୋତ୍ସାହନ ପାଇଥିଲା । ପାକିସ୍ଥାନ ଗଠନ ପାଇଁ ଦାବିର ଆଶୁ କାରଣ ହେଉଛି ୧୯୩୭ ମସିହା ନିର୍ବାଚନ ପରେ କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ କରିବାକୁ ମନା କରିଦେଲା । ଦେଶ ଅରାଜକତା ଏବଂ ଧ୍ୱଂସ ଆଡ଼କୁ ଯାଉଥିବାର ଦେଖାଗଲା । ଏହି ପରିସ୍ଥିତିରେ ବିଭାଜନକୁ 'necessary evil' ରୂପେ ଗ୍ରହଣ କରାଗଲା । ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଏବଂ ଆଇନକାନୁନ୍ ଭଙ୍ଗରୁ ରକ୍ଷା ପାଇଁ ଏହା କରାଯାଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୮.୨

୧. ଅନ୍ୟସବୁ ପ୍ରତିବାଦରୁ ସତ୍ୟାଗ୍ରହ କିପରି ଭିନ୍ନ ?

୨. ଭାରତୀୟମାନଙ୍କ ଦ୍ୱାରା ସାଇମନ କମିଶନକୁ କାହିଁକି ବାସନ୍ଦ କରାଗଲା ? ଏହାର ଦୁଇଗୋଟି କାରଣ ଲେଖ ।

୩. ଗାନ୍ଧିଜୀ କାହିଁକି ଅସହଯୋଗ ଆନ୍ଦୋଳନକୁ ପ୍ରତ୍ୟାହାର କଲେ ?

୪. ପ୍ରତିକ୍ରିୟାଶୀଳମାନଙ୍କର ଉପସ୍ଥାପନା ଅନ୍ୟଠାରୁ କିପରି ଭିନ୍ନ ?

୫. 'ପୂର୍ଣ୍ଣ ସ୍ୱରାଜ' କହିଲେ ତୁମେ କ'ଣ ବୁଝୁଛ ?

୬. ବ୍ରିଟିଶମାନଙ୍କ ଦ୍ୱାରା ଭାରତରେ କିପରି ସାମ୍ପ୍ରଦାୟିକ ବିଭାଜନ ହୋଇଥିଲା ?

## ୮.୧୨ ସ୍ୱାଧୀନତାର ସାଫଲ୍ୟ (୧୯୩୫-୪୭)

୧୯୩୩ ମସିହାରେ ବ୍ରିଟିଶ ସରକାର ଶ୍ୱେତପତ୍ର ପ୍ରସ୍ତୁତ କଲେ । ଏହି ଶ୍ୱେତପତ୍ରକୁ ଭିତ୍ତିକରି ୧୯୩୪ ଡ଼ିସେମ୍ବର ମାସରେ ଗୋଟିଏ ବିଲ୍ ପ୍ରସ୍ତୁତ ହୋଇ ପାର୍ଲାମେଣ୍ଟରେ ଉପସ୍ଥାପିତ ହେଲା । The Government of India Act ନାମରେ ୨ ଅଗଷ୍ଟ ୧୯୩୫ ମସିହାରେ ଏହିବିଲ୍ ପରିଶେଷରେ ପାଶ୍ ହେଲା । ୧୯୩୫ ଆଇନର ଉଲ୍ଲେଖ ଯୋଗ୍ୟ କଥା ହେଉଛି ବ୍ରିଟିଶ ଶାସିତ ପ୍ରଦେଶ ଏବଂ ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସର୍ବଭାରତୀୟ ସଂଘ ଗଠନ କରି ପ୍ରଦେଶଗୁଡ଼ିକ ଏହି ସଂଘରେ ଯୋଗ ଦେବା ବାଧ୍ୟତାମୂଳକ ଥିଲା, ରାଜା ଶାସିତ ରାଜ୍ୟଗୁଡ଼ିକ

ମିଶିବା ଇଚ୍ଛାଧୀନ ଥିଲା । ସଦସ୍ୟମାନେ ପ୍ରଦେଶମାନଙ୍କରୁ ନିର୍ବାଚିତ ହେଉଥିବା ବେଳେ ଦେଶୀୟ ରାଜ୍ୟର ପ୍ରତିନିଧିମାନେ ଶାସକଙ୍କ ଦ୍ୱାରା ମନୋନୀତ ହେଉଥିଲେ । ବ୍ରିଟିଶ ଶାସିତ ଅଞ୍ଚଳର ୧୪ ପ୍ରତିଶତ ଲୋକଙ୍କର ଭୋଟ ଦେବାର ଅଧିକାର ଥିଲା । ବିଧାୟକମାନଙ୍କର କ୍ଷମତା ସୀମାବଦ୍ଧ ଥିଲା । ପ୍ରତିରକ୍ଷା ଏବଂ ବୈଦେଶିକ ସମ୍ପର୍କ ଉପରେ ଏମାନଙ୍କର ଆୟତ ନଥିଲା । ଏହି ଆଇନ ବ୍ରିଟିଶ ସ୍ୱାର୍ଥର ସୁରକ୍ଷା କରିଥିଲା । ଜାତୀୟ ଏକତାର ଆବଶ୍ୟକତାକୁ ନିରୁତ୍ସାହିତ କରୁଥିଲା । ଏହା ପୃଥକୀକରଣ ଏବଂ ସାମ୍ପ୍ରଦାୟିକତାକୁ ଉତ୍ସାହିତ କରୁଥିଲା । ନେହରୁ ଏବଂ ଜିନ୍ନାଙ୍କ ସହିତ ସବୁ ଜାତୀୟବାଦୀ ଏହି ଆଇନକୁ ନିନ୍ଦା କଲେ ।

୧୯୩୫ ମସିହା ଏପ୍ରିଲ ମାସ ୨୫ ତାରିଖରେ କଂଗ୍ରେସର ଅଧିବେଶନ ଲକ୍ଷ୍ନୌଠାରେ ବସିଲା । ଯଦିଓ ଏହି ଆକ୍ଟକୁ ନିନ୍ଦା କରାଯାଇଥିଲା, ତଥାପି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନିଆଗଲା । ବ୍ରିଟିଶ ସାମ୍ରାଜ୍ୟବାଦର ପ୍ରତିରୋଧ କରିବାକୁ ବିଭିନ୍ନ ରେଗୁଲେସନର ଅଧ୍ୟାଦେଶ ଏବଂ ନିୟମର ଅନ୍ତ କରିବାକୁ ଠିକ୍ କରାଗଲା । କାରଣ ଏସବୁ ଭାରତୀୟ ଜାତୀୟ ଏକତାର ବିରୁଦ୍ଧାଚରଣ କରୁଥିଲା । ୧୯୩୭ ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ହୋଇଥିଲା । ଏଗାର ଗୋଟି ପ୍ରଦେଶରୁ କଂଗ୍ରେସ ସାତଟିରେ ମନ୍ତ୍ରୀମଣ୍ଡଳ ଗଠନ କଲା । ସର୍ବଭାରତୀୟ କଂଗ୍ରେସ କମିଟି ୧୯୩୭ ମାର୍ଚ୍ଚ ମାସ ୧୮ ତାରିଖରେ ବିଧାନସଭାରେ କଂଗ୍ରେସ ନୀତି ଉପରେ ଗୋଟିଏ ପ୍ରସ୍ତାବ ଗ୍ରହଣ କଲା । ଏହା ଦାବି କଲା ଯେ ସ୍ୱାଧୀନତାପ୍ରାପ୍ତିର ଲକ୍ଷ୍ୟରଖି, ନୂଆ ସମ୍ବିଧାନକୁ ରଦ୍ଦ କରିବା ପାଇଁ ଏବଂ ଭାରତର ସମ୍ବିଧାନ ପ୍ରସ୍ତୁତ ପାଇଁ ଗୋଟିଏ ବିଧାନ ମଣ୍ଡଳ ଗଠନର ଲକ୍ଷ୍ୟ ରଖି କଂଗ୍ରେସ ନିର୍ବାଚନରେ ପ୍ରତିଯୋଗିତା କରିଥିଲା । ଘୋଷିତ କଂଗ୍ରେସ ନୀତିରେ ନୂଆ ଆଇନର ବିରୋଧ ଏବଂ ଅନ୍ତ ଥିଲା । କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନର ତତ୍‌କ୍ଷଣାତ ପ୍ରଭାବ ଥିଲା କଷ୍ଟ ଦୂର କରିବାର ଅନୁଭୂତି । ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରି ଦିଆଗଲା ଏବଂ ବହୁ ସଂଖ୍ୟାରେ civil liberty କୁ ସ୍ଥାପନ କରାଗଲା । ଜମିର ମାଲିକାନା ସମ୍ପର୍କୀୟ ଆଇନ ପାଶ କରାଗଲା, ଏହା କୃଷକମାନଙ୍କୁ ତୃପ୍ତ କଲା । ମୌଳିକ ଶିକ୍ଷାକୁ ପ୍ରତ୍ୟେକ ପିଲାଙ୍କ ପାଇଁ ଅବୈତନିକ ମୁକ୍ତ ଏବଂ ବାଧ୍ୟତାମୂଳକ କରାଗଲା ।

## ୮.୧୨.୧ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାତୀୟ ଆନ୍ଦୋଳନ

ଯେତେବେଳେ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା କଂଗ୍ରେସର ମନୋଭାବ ଦୟାଶୀଳ ଥିଲା । ସେ କୌଣସି ଚୁକ୍ତିବଦ୍ଧ ସହଯୋଗ କରିବାକୁ ମନା କରି ଦେଇଥିଲା । କଂଗ୍ରେସ ଦାବି କଲା ଯେ ଭାରତକୁ ଗୋଟିଏ ସ୍ୱତନ୍ତ୍ର ସଂଘ ବୋଲି ଘୋଷଣା କରାଯାଉ ଏବଂ ବର୍ତ୍ତମାନର ପରିସ୍ଥିତିରେ ଭାରତକୁ ଏହି ସ୍ଥିତି ଦେବା ଅଧିକ ସମ୍ଭବପର ଅଟେ । ବ୍ରିଟିଶ ଏଥିରେ ରାଜି ହୋଇ ନଥିଲେ । ଏଥିଯୋଗୁଁ ୧୯୩୯ ମସିହାରେ ସମସ୍ତ ମନ୍ତ୍ରୀ ପ୍ରତିବାଦ କରି ଇସ୍ତଫା ଦେଇଥିଲେ । ସି. ରାଜଗୋପାଳାଚାରୀଙ୍କ ଅନୁରୋଧରେ କେନ୍ଦ୍ରରେ ୧୯୪୦ ମସିହାରେ ଅସ୍ଥାୟୀ ଜାତୀୟ ସରକାର ଗଠନ କରାଯାଇଥିଲା । ଏହା ଭାଇସରାଏ ଲର୍ଡ ଲିନ୍‌ଲିଥଗୋଙ୍କ ଦ୍ୱାରା ରଦ୍ଦ କରାଯାଇଥିଲା । ୧୯୪୦ ଅକ୍ଟୋବର ମାସରେ ସିଭିଲ ଆଇନ ଅମାନ୍ୟ କରାଗଲା । ଆଚାର୍ଯ୍ୟ ବିନୋବାଭାବେ ବ୍ୟକ୍ତିଗତ ସତ୍ୟାଗ୍ରହ କରିବାକୁ କହିଲେ । ଅଟଲିଙ୍କ ସଭାପତିତ୍ୱରେ ସର୍ବଭାରତୀୟ କ୍ୟାବିନେଟ କମିଟି ଗଠନ କରାଗଲା ଏବଂ ଗୋଟିଏ ଚିଠା ଘୋଷଣା କରାଗଲା । ୧୯୪୨ ମାର୍ଚ୍ଚ ମାସରେ ସାର ଷ୍ଟାଫୋର୍ଡକ୍ରିପସ୍ ସେହି ଘୋଷଣାନାମାକୁ ନେଇ ଭାରତକୁ ଆସିଲେ । ସେଥିରେ ଲେଖା ଥିଲା ଯୁଦ୍ଧ ଶେଷରେ ବ୍ରିଟିଶ ସରକାର ଭାରତକୁ ଡ଼ୋମିନିୟମ ଷ୍ଟାଟସ୍ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ପୂର୍ଣ୍ଣ ସ୍ୱାଧୀନତା ବିଷୟ କିଛି ଲେଖା ନଥିଲା । ଭାରତୀୟ ଲୋକମାନଙ୍କର ଜାତୀୟ ସରକାରଙ୍କ ସମ୍ବନ୍ଧରେ ସେଥିରେ କିଛି ଲେଖା ନଥିଲା । କଂଗ୍ରେସ ଏହି ପ୍ରସ୍ତାବକୁ

ପ୍ରତ୍ୟାଖାନ କଲା । ସ୍ୱତନ୍ତ୍ର ପାକିସ୍ଥାନ ଗଠନ ସ୍କିମ ଗ୍ରହଣ ନ ହୋଇଥିବାରୁ ମୁସଲିମ ଲିଗ୍ ଗୋଟିଏ ସଂଘର ସୃଷ୍ଟିକୁ ପ୍ରତିବାଦ କଲା । ଏଣୁ କ୍ରିପସ୍ ମିଶିନ ଅସଫଳ ହେଲା ।

ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଦେଶ ବାହାରୁ ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହୋଇଥିଲା । ଭାରତ ସ୍ୱାଧୀନତା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସୁବିଧାଜନକ ସୁଯୋଗ ଯୋଗାଇବ ବୋଲି ସେ ଦେଖିଲେ । ୧୯୪୦ ମସିହାରେ ବୋଷଙ୍କୁ ନଜର ବନ୍ଦୀରେ ରଖା ଯାଇଥିଲା, କିନ୍ତୁ ୧୯୪୧ ମସିହା ମାର୍ଚ୍ଚ ୨୮ରେ ସେ ବର୍ଲିନକୁ ଖସି ପଳାଇ ଥିଲେ । ସେଠାରେ ଥିବା ଭାରତୀୟମାନେ ତାଙ୍କୁ ନେତା ବୋଲି ଦାବି କଲେ । 'ଜୟହିନ୍ଦ' ଧ୍ୱନି ସହିତ ତାଙ୍କୁ ସମ୍ବର୍ଦ୍ଧିତ କରାଗଲା । ଭାରତୀୟ ସେନା ଗଠନ କରିବାକୁ ସେ ଚେଷ୍ଟା କଲେ । ସେ ଦେଶର ଲୋକମାନଙ୍କୁ ବ୍ରିଟିଶ୍ ବିରୁଦ୍ଧରେ ଅସ୍ତ୍ର ଉଠାଇବାକୁ ନିବେଦନ କଲେ । ୧୯୪୨ ମସିହାରେ ଭାରତ ସ୍ୱାଧୀନ ସଂଘ ଗଠିତ ହେଲା । ଭାରତର ମୁକ୍ତି ପାଇଁ ଭାରତୀୟ ଜାତୀୟ ସେନା ଦ୍ୱାରା ନିଷ୍ପତ୍ତି ନିଆଗଲା । ରାସବିହାରୀ ବୋଷଙ୍କଠାରୁ ନିମନ୍ତ୍ରଣ ପାଇ ସୁଭାଷ ଚନ୍ଦ୍ର ବୋଷ ୧୩ ଜୁନ ୧୯୪୩ ରେ ପୂର୍ବ ଏସିଆକୁ ଆସିଲେ । ତାଙ୍କୁ ଭାରତୀୟ ସ୍ୱାଧୀନତା ସଂଘର ସଭାପତି କରିଦିଆଗଲା ଏବଂ INA (Indian National Army) ର ନେତା କରି ଦିଆଗଲା । INA ଯାହାକୁ କି ଆଜାଦ୍ ହିନ୍ଦ ଫୌଜ କୁହାଗଲା । ସେ ପ୍ରସିଦ୍ଧ 'ଦିଲ୍ଲୀ ଚଲୋ' ଡ଼ାକରା ଦେଇଥିଲେ । ସେ ସ୍ୱାଧୀନତାର ଶପଥ ନେଇ ୧୯୪୪ ମସିହା ମାର୍ଚ୍ଚମାସରେ କୋହିମାଠାରେ ଭାରତୀୟ ପତାକା ଉଡ଼ାଇଥିଲେ ।

ଦୁର୍ଭାଗ୍ୟବଶତଃ ଏହା ପରେ ଏହି ଆନ୍ଦୋଳନ ଭୁଷୁଡ଼ି ପଡ଼ିଥିଲା । ନେତାଜୀଙ୍କର କ'ଣ ହେଲା ଏହା ବର୍ତ୍ତମାନ ସୁଦ୍ଧା ରହସ୍ୟାବୃତ ହୋଇ ରହିଅଛି । ୧୯୪୫ ଅଗଷ୍ଟ ମାସରେ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କଥା କୁହାଯାଉଅଛି, କିନ୍ତୁ ଏହା ନିଶ୍ଚିତ ନୁହେଁ । ଭାରତର ସ୍ୱାଧୀନତା ସଂଗ୍ରାମରେ INA ସମ୍ମାନସ୍ପଦ ସ୍ଥାନ ଅଧିକାର କରିଅଛି । ବୋଷଙ୍କର ଅମାପ ଦେଶଭକ୍ତି ଏବଂ INA ର ସୈନ୍ୟମାନେ ଭାରତୀୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ରୂପେ ପ୍ରମାଣିତ ହୋଇଛନ୍ତି ।





ଚିତ୍ର ୮.୭ ସୁଭାଷ ଚନ୍ଦ୍ର ବୋଷ

## ୮.୧୨.୨ ଭାରତ ଛାଡ଼ ଆନ୍ଦୋଳନ ଏବଂ ତାପରେ

କ୍ରିପସ୍ ମିଶନଙ୍କ ଅସଫଳତା ଭାରତୀୟମାନଙ୍କୁ ହତାଶ ଏବଂ ବିକ୍ଷୁବ୍ଧ କରିଦେଲା । ଏହା ଅନୁଭବ କରାଗଲା ଯେ ବର୍ତ୍ତମାନ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଗୋଟିଏ ଗଣ ଆନ୍ଦୋଳନର କରିବାର ସମୟ ଉପଗତ ହୋଇଅଛି । ଯୁଦ୍ଧକାଳୀନ ଅଭାବ ଏବଂ ବେକାର ସମସ୍ୟା ଲୋକମାନଙ୍କ ମନରେ ଅସନ୍ତୋଷ ବୃଦ୍ଧି କଲା । ଜାପାନୀମାନଙ୍କ ଆକ୍ରମଣର ଭୟ ଲାଗି ରହିଥିଲା । ଭାରତୀୟ ନେତାମାନଙ୍କର ହୃଦବୋଧ ହେଲା ଯେ ଭାରତରେ ବ୍ରିଟିଶମାନଙ୍କ ଉପସ୍ଥିତି ଜାପାନୀମାନଙ୍କର ଆକ୍ରମଣର କାରଣ ଅଟେ । ଗାନ୍ଧିଜୀ କହିଲେ ଯେ ଭାରତରେ ବ୍ରିଟିଶମାନଙ୍କର ଉପସ୍ଥିତି ଜାପାନୀମାନଙ୍କ ଆକ୍ରମଣକୁ ନିମନ୍ତ୍ରଣ କରୁଅଛି । ସୁଭାଷ ଚନ୍ଦ୍ର ବୋଷ ଯେକି ୧୯୪୧ ମସିହାରେ ଭାରତରୁ ଖସି ପଳାଇ ଥିଲେ ବାରମ୍ବାର ବର୍ଲିନରୁ ରେଡ଼ିଓରେ କହିଲେ ଯେ ବ୍ରିଟିଶ ବିରୋଧି ମନଭାବର ଉଦ୍ରେକ କର ଯାହା ଫଳରେ ଜାପାନୀମାନଙ୍କ ମନୋଭାବରେ ପରିବର୍ତ୍ତନ ଆସିବ ।

ଗାନ୍ଧିଜୀଙ୍କ ନେତୃତ୍ୱରେ କଂଗ୍ରେସ ଅନୁଭବ କଲା ଯେ ବ୍ରିଟିଶ ଭାରତର ଦାବିଗୁଡ଼ିକୁ ମାନିବାକୁ ବାଧ୍ୟ ନଚେତ ଭାରତକୁ ତ୍ୟାଗ କରୁ । ୱାର୍ଦ୍ଧାଠାରେ କଂଗ୍ରେସର କାର୍ଯ୍ୟକାରୀ କମିଟି ୧୪ ଜୁଲାଇ ୧୯୪୨ରେ ଭାରତଛାଡ଼ର ଚିଠା ପ୍ରସ୍ତୁତ କଲା । ଯାହାକି ୮ ଅଗଷ୍ଟ ୧୯୪୨ରେ ବମ୍ବେର କଂଗ୍ରେସ ଅଧିବେଶନରେ ପାଶ କରାଗଲା । କଂଗ୍ରେସ ଅହିଂସା ଉପାୟରେ ଗଣ ଆନ୍ଦୋଳନ କରିବାକୁ ସ୍ଥିର କଲା । ଏହାକୁ ବିସ୍ତୃତ ସମ୍ଭବପର ଉପାୟରେ କରିବାକୁ ଠିକ ହେଲା । ୮ ଅଗଷ୍ଟ ରାତ୍ରିରେ ଗାନ୍ଧିଜୀ ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣରେ କହିଥିଲେ ଯେ

> ‘‘ତେଣୁକରି ମୁଁ ଶୀଘ୍ର ସ୍ୱାଧୀନତା ଚାହିଁଛି, ଏହି ରାତିରେ ପ୍ରତ୍ୟୁଷ ପୂର୍ବରୁ ଏହା ହୋଇପାରେ .... ସମ୍ପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଅନ୍ୟ କୌଣସି କଥାରେ ମୁଁ ସନ୍ତୁଷ୍ଟ ନୁହେଁ । ଏଠାରେ ଗୋଟିଏ ଛୋଟ ମନ୍ତ୍ର ମୁଁ ତୁମକୁ ଦେବି, ତୁମେ ତାକୁ ମନ ଭିତରେ ଲିପିବଦ୍ଧ କରି ରଖିପାର ଏବଂ ତୁମର ପ୍ରତ୍ୟେକ ପ୍ରଶ୍ୱାସରେ ତାକୁ ଛାଡ଼ିପାର । ସେ ମନ୍ତ୍ରଟି ହେଉଛି ‘କର ବା ମର’ (Do or Die) । ଆମ୍ଭେମାନେ ଭାରତକୁ ସ୍ୱାଧୀନ କରିବା ନଚେତ ଏହାକୁ ଚେଷ୍ଟା କରି ମୃତ୍ୟୁବରଣ କରିବା । ଆମ୍ଭେମାନେ ଚିରସ୍ଥାୟୀ ଦାସତ୍ୱକୁ ଦେଖିବାକୁ ଆଉ ବଞ୍ଚିବା ନାହିଁ ।’

କିନ୍ତୁ କଂଗ୍ରେସ ନେତାମାନେ ଏହି ଆନ୍ଦୋଳନକୁ ଆରମ୍ଭ କରିବା ପୂର୍ବରୁ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ପ୍ରତ୍ୟୁଷ ପୂର୍ବରୁ ଗିରଫ ହୋଇଯାଇଥିଲେ । କଂଗ୍ରେସକୁ ବେଆଇନ ବୋଲି ଘୋଷଣା କରାଗଲା ଏବଂ ଏହାକୁ ଆଇନ ଅସମ୍ମତ ଅନୁଷ୍ଠାନ ବୋଲି କୁହାଗଲା । ସମ୍ବାଦପତ୍ରର କଣ୍ଠରୋଧ କରାଗଲା ।

ପ୍ରଖ୍ୟାତ ନେତାମାନଙ୍କର ଗିରଫଦାରୀ ଖବର ସାରା ଦେଶକୁ ସ୍ତବ୍ଧ କରିଦେଲା । ସେମାନଙ୍କର ରାଗ ଓ କ୍ରୋଧ, ହରତାଳ, ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନରେ ଭାରତର ସବୁ ଅଞ୍ଚଳରେ ପ୍ରକାଶ ପାଇଲା । ଅଧିକାଂଶ ନେତା ଜେଲରେ ଥିବାରୁ ଏହି ଆନ୍ଦୋଳନ ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପ ନେଇଥିଲା । ଲୋକମାନେ ସେମାନଙ୍କ ରାଗକୁ ସରକାରୀ କୋଠାବାଡ଼ି, ଥାନା, ପୋଷ୍ଟ ଅଫିସ, ଯେଉଁଗୁଡ଼ିକ କି ବ୍ରିଟିଶ ସରକାରଙ୍କର ସ୍ମାରକୀ ଥିଲା ତାକୁ ପୋଡ଼ିବା, ରେଳ ରାସ୍ତା ଏବଂ ଟେଲିଗ୍ରାମ ଲାଇନ ବିଚ୍ଛିନ୍ନ କରି ପ୍ରକାଶ କରିଥିଲେ । କେତେକ ସ୍ଥାନ ଯଥା ଉତ୍ତର ପ୍ରଦେଶର ବାଲିଆ ଜିଲ୍ଲାରେ ପଶ୍ଚିମବଙ୍ଗର ମେଦନୀପୁର ଜିଲ୍ଲାରେ ଏବଂ ବମ୍ବେର ସତାରାରେ ଏହି ବିଦ୍ରୋହ ରୁଦ୍ର ରୂପ ନେଇଥିଲା । ଗାନ୍ଧିଜୀଙ୍କ ମନ୍ତ୍ରରେ ଲୋକେ ଉତ୍ତେଜିତ ହୋଇ ନିଜକୁ ବଳି ଦେବାକୁ ପ୍ରସ୍ତୁତ ହୋଇଯାଇଥିଲେ । ବ୍ରିଟିଶ୍ ସେମାନଙ୍କ ସୈନ୍ୟ ଏବଂ ପୋଲିସଙ୍କ ସହାୟତାରେ ଭାରତୀୟ ଲୋକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର

କଲା । ଅସଂଖ୍ୟ ଲୋକଙ୍କୁ ଗୁଳି କରାଗଲା । ଐତିହାସିକ ଗୁରୁତ୍ୱ ଦୃଷ୍ଟିରୁ ଭାରତଛାଡ଼ ଆନ୍ଦୋଳନ ଗୋଟିଏ ସର୍ବବୃହତ ଆନ୍ଦୋଳନ ହୋଇଥିଲା । ଏହା ଜାତୀୟ ମନୋଭାବର ଗଭୀରତାକୁ ପ୍ରତିପାଦିତ କଲା ଏବଂ ପ୍ରାଣବଳୀ ପାଇଁ ଲୋକମାନଙ୍କ ସାମର୍ଥ୍ୟକୁ ସୂଚାଇ ଦେଲା । ଏହି ଆନ୍ଦୋଳନ ପ୍ରତ୍ୟାହାର ହେବାର ନଥିଲା । ଭାରତର ସ୍ୱାଧୀନତା ଆଉ ମୂଳଚାଲ ଘଟଣା ହୋଇ ରହିଲା ନାହିଁ । ଏହା ବାସ୍ତବ ହେବାକୁ ଲାଗିଲା ।



ଚିତ୍ର –୮.୮ ଭାରତ ଛାଡ ଆନ୍ଦୋଳନ ଅଗଷ୍ଟ ୧୯୪୨

୧୯୪୫ ମସିହାରେ ବିଶ୍ୱଯୁଦ୍ଧ ଶେଷ ହେବା ପରେ ବ୍ରିଟିଶ ସରକାର ଭାରତର ହିନ୍ଦୁ ଓ ମୁସଲମାନମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ପାଇଁ କଥାବାର୍ତ୍ତା ଆରମ୍ଭ କଲେ । ପ୍ରଥମ ପର୍ଯ୍ୟାୟ କଥାବାର୍ତ୍ତା ସଫଳ ହୋଇ ପାରି ନଥିଲା, କାରଣ ମୁସଲମାନ ନେତାମାନେ ଭାବିଲେ ଯେ ମୁସଲିମ ଲିଗ ହେଉଛି ଏକମାତ୍ର ସଂସ୍ଥା ଯାହାକି ଭାରତୀୟ ମୁସଲମାନମାନଙ୍କର ପ୍ରତିନିଧିତ୍ୱ କରିପାରିବ । କଂଗ୍ରେସ ଏଥିରେ ରାଜି ହେଲା ନାହିଁ । ଭାରତୀୟ ସମସ୍ୟାର ଆପୋଷ ସମାଧାନ ପାଇଁ ୧୯୪୬ ମସିହାରେ କ୍ୟାବିନେଟ ମିଶନ ଭାରତରେ ଆସି ପହଞ୍ଚିଲେ । ମିଶନ ମୁଖ୍ୟ ରାଜନୈତିକ ଦଳର ନେତାଙ୍କ ସହିତ ଆଲୋଚନା କଲେ ଏବଂ ଭାରତର ସଂଘୀୟ ସରକାର ଗଠନର ପ୍ରସ୍ତାବ ଦେଲେ । ପ୍ରଥମେ ଏହା ସମସ୍ତ ରାଜନୈତିକ ଦଳ ଦ୍ୱାରା ସମାଲୋଚିତ ହେଲା । ପରେ ସମସ୍ତେ ଏଥିପାଇଁ ନିଜ ନିଜର ମତ ପ୍ରଦାନ କଲେ । ଯେତେବେଳେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହେଲା ସେଥିରେ କଂଗ୍ରେସ ୧୯୦ଟି ସ୍ଥାନ ଏବଂ ମୁସଲିମ ଲିଗ ୭୩ଟି ସ୍ଥାନରେ ଜିଣିଲା ।

## ୮.୧୨.୩ ବିଭାଜନ ଏବଂ ଭାରତର ସ୍ୱାଧୀନତା

ସମ୍ବିଧାନ ସଭାର କ୍ଷମତାକୁ ନେଇ କଂଗ୍ରେସ ଏବଂ ମୁସଲିମଲିଗ ମଧ୍ୟରେ ମତାନ୍ତର ଦେଖା ଦେଲା । ୧୯୪୬ ମସିହା ମଧ୍ୟ ଭାଗରେ ମୁସଲିମ ଲିଗ କ୍ୟାବିନେଟ ମିଶନର ଯୋଜନାକୁ ପ୍ରତ୍ୟାଖ୍ୟାନ କଲେ । କଂଗ୍ରେସ କେନ୍ଦ୍ରରେ

ସରକାର ଗଠନ କଲା । ଲିଗ ଏଥିରେ ଅଂଶ ଗ୍ରହଣ କରିବାକୁ ମନା କରିଦେଲା । ୧୬ ଅଗଷ୍ଟ ୧୯୪୬ ମସିହାରେ ପାକିସ୍ଥାନ ପ୍ରଶ୍ନକୁ ନେଇ ମୁସଲିମ ଲିଗ 'ପ୍ରତ୍ୟେକ୍ଷ କାର୍ଯ୍ୟ ଦିବସ' ପାଳନ କଲା । ଏହାର ଫଳ ସ୍ୱରୂପ ଭାରତର ବିଭିନ୍ନ ଅଂଶରେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଲା । ହଜାର ହଜାର ଲୋକ ମୃତ୍ୟୁ ବରଣ କଲେ, ଲକ୍ଷ–ଲକ୍ଷ ଲୋକ ଗୃହ ଶୂନ୍ୟ ହେଲେ । ଏହି ସମୟରେ ଲର୍ଡ ମାଉଣ୍ଟ ବେଟନଙ୍କୁ ଭାରତର ଭାଇସରାୟ କରି ପଠାଗଲା । ୧୯୪୭ ମସିହା ଜୁନ ମାସରେ ସେ ନିଜର ଯୋଜନା ଉପସ୍ଥାପନ କଲେ ଯେଉଁଥିରେ କି ଭାରତର ବିଭାଜନ ବିଷୟରେ ଉଲ୍ଲେଖ ଥିଲା । ଗାନ୍ଧିଜୀଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ସମସ୍ତ ଦଳ ବିଭାଜନରେ ରାଜି ହେଲେ । ୧୯୪୭ ଭାରତ ସ୍ୱାଧୀନତା ଆଇନ ପାଶ ହେଲା । ଏହା ଭାରତୀୟ ଉପମହାଦେଶରେ ଦୁଇଗୋଟି ସ୍ୱାଧୀନ ରାଷ୍ଟ୍ର ସୃଷ୍ଟି କଲା । ଗୋଟିଏ ଭାରତୀୟ ସଂଘ ଅନ୍ୟଟି ପାକିସ୍ଥାନ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା (୧୯୪୭ ଅଗଷ୍ଟ ୧୪ ଏବଂ ୧୫) ତାରିଖ ମଧ୍ୟ ରାତ୍ରୀରେ କ୍ଷମତା ହସ୍ତାନ୍ତର ହେଲା ।

## ତୁମ ପାଇଁ କାର୍ଯ୍ୟ ୮.୭

ମନେକର ତୁମକୁ ବ୍ରିଟିଶ ସରକାର କ୍ୟାବିନେଟ ମିଶନର ଗୋଟିଏ ସଦସ୍ୟ ରୂପେ ଭାରତୀୟ ଜାତୀୟ କଂଗ୍ରେସ ଏବଂ ମୁସଲିମ ଲିଗ ସହିତ ଆଲୋଚନା କରିବାକୁ ପଠାଇଛନ୍ତି । ସ୍ୱାଧୀନତା ପରେ କିପରି କ୍ଷମତା ହସ୍ତାନ୍ତର ହେବ । ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ତୁମ ପ୍ରସ୍ତାବର ଗୋଟିଏ ତାଲିକା ପ୍ରସ୍ତୁତ କର ।

## ପାଠଗତ ପ୍ରଶ୍ନାବଳୀ ୮.୩

୧. ୧୯୩୫ ମସିହା ଆଇନର ଦୁଇଗୋଟି ମୁଖ୍ୟ ପ୍ରସ୍ତାବକୁ ଲେଖ ।

୨. ମୁସଲିମ୍ ଲିଗର କ'ଣ ଦାବି ଥିଲା ?

୩. ୧୯୩୫ ପରେ ନିର୍ବାଚନରେ କଂଗ୍ରେସର ଅଂଶ ଗ୍ରହଣ କରିବାର କାରଣ କ'ଣ ଥିଲା ?

୪. ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ନେତାମାନେ କାହିଁକି ବ୍ରିଟିଶମାନଙ୍କର ଉପସ୍ଥିତି ପାଇଁ ଉଦ୍‌ବିଗ୍ନଥିଲେ ?

୫. ଭାରତ ବିଭାଜନ ହେବାର ପ୍ରଧାନ କାରଣ କ'ଣ ଥିଲା ?

## ତୁମେ କ'ଣ ଶିଖିଲ ?

- ନବଜାଗରଣ, ଫରାସୀ ରାଷ୍ଟ୍ର ବିପ୍ଳବ, ଆମେରିକାର ସ୍ୱାଧୀନତା ସଂଗ୍ରାମ, ଋଷ ବିପ୍ଳବ ପୃଥିବୀରେ ଜାତୀୟତା ଭାବର ଉଦ୍ରେକ କରିଥିଲା ।
- ଊନବିଂଶ ଶତାବ୍ଦୀରେ ଉପନିବେଶ – ବିରୋଧୀ ଆନ୍ଦୋଳନ ଭାରତରେ ଜାତୀୟତା ଭାବର ଉତ୍ଥାନ କରାଇଥିଲା । ତତ୍‌କାଳୀନ ସାମାଜିକ ଏବଂ ଧାର୍ମିକ ସଂସ୍କାର ସମ୍ବନ୍ଧୀୟ ଆନ୍ଦୋଳନ ମଧ୍ୟ ଜାତୀୟତା ଭାବର ଉତ୍ଥାନରେ ସହଯୋଗ କରିଥିଲା ।

- ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ, ବ୍ରିଟିଶ ସରକାରଙ୍କୁ ଭାରତର ଲୋକମାନଙ୍କ ତରଫରୁ ଆପତ୍ତି ଅଭିଯୋଗ ଜଣାଇବାକୁ ସ୍ଥାପନା କରାଯାଇଥିଲା ।

- ୧୯୦୫ ମସିହାରେ ଲର୍ଡ କର୍ଜନ ବଙ୍ଗ ଭଙ୍ଗ ଘୋଷଣା କରିଥିଲେ । ବେଙ୍ଗଲରେ ଜାତୀୟ ଆନ୍ଦୋଳନର ଉତ୍ଥାନକୁ ରୋକିବା ପାଇଁ କର୍ଜନ ଏହା କରିଥିଲେ ବୋଲି ଭାରତୀୟମାନେ ମତ ଦେଲେ ଏବଂ ସେ ଅଞ୍ଚଳର ହିନ୍ଦୁ ଏବଂ ମୁସଲିମଙ୍କ ଭିତରେ ବିଭେଦ ସୃଷ୍ଟି କରିବାକୁ ସେ ଏହା କରିଥିଲେ ବୋଲି ଲୋକେ ଭାବିଲେ ।

- ୧୯୦୬ରେ ଢ଼ାକାରେ ମୁସଲିମ ଲିଗ ଗଠନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ପ୍ରତିବାଦ କରିବା, ଭାରତୀୟ ମୁସଲିମମାନଙ୍କର ଦାବିକୁ ଆଗେଇ ନେବା ଏବଂ ସେମାନଙ୍କର ଆବଶ୍ୟକତାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ।

- ୧୯୦୭ ମସିହାରେ କଂଗ୍ରେସ ଭିତରେ ମତାନ୍ତର ହୋଇ ଦୁଇଟି ଦଳରେ ବିଭକ୍ତ ହେଲେ । ଗୋଟିଏ ନରମ ଦଳ ଏବଂ ଅନ୍ୟଟି ଗରମ ଦଳ ଥିଲା । ଏମାନଙ୍କୁ ନରମପନ୍ଥୀ ଏବଂ ଚରମପନ୍ଥୀ ମଧ୍ୟ କୁହାଯାଉଥିଲା ।

- ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ନେତାମାନେ ନିମ୍ନଲିଖିତ ଚୁକ୍ତିରେ ଇଂରେଜ ସରକାରଙ୍କୁ ସାହାଯ୍ୟ ଦେବାକୁ ରାଜି ହୋଇଥିଲେ । ଚୁକ୍ତି ଥିଲା ଯୁଦ୍ଧପରେ ଇଂରେଜ ସରକାର ଭାରତକୁ ସମ୍ବିଧାନିକ କ୍ଷମତା ଦେବେ ।

- ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ କୌଶଳକୁ ପ୍ରୟୋଗ କରି କୃତକାର୍ଯ୍ୟ ହୋଇଥିଲେ । ଭାରତରେ ସେହି କୌଶଳକୁ ପ୍ରୟୋଗକରି ଚମ୍ପାରନ, ଖେଡ଼ା ଏବଂ ଅହମଦାବାଦରେ କୃତକାର୍ଯ୍ୟ ହୋଇଥିଲେ ।

- ଗାନ୍ଧିଜୀ ବ୍ରିଟିଶ ନୀତି ବିରୁଦ୍ଧରେ ଗଣ ଆନ୍ଦୋଳନ ଆରମ୍ଭ କରିଦେଲେ । ସେ ହେଉଛନ୍ତି ଏକମାତ୍ର ନେତା ଯେକି ସବୁ ଶ୍ରେଣୀର ଲୋକମାନଙ୍କୁ ଆନ୍ଦୋଳନରେ ଭାଗ ନେବାକୁ ଉତ୍ସାହିତ କରି ପାରିଥିଲେ ।

- ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ, ସୁଖଦେଓ ପ୍ରଭୃତି ପ୍ରତିକ୍ରିୟାଶୀଳ ବ୍ୟକ୍ତି ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ ରାସ୍ତା ଧରିଥିଲେ ।

- ବ୍ରିଟିଶ୍‌ମାନଙ୍କ ଦ୍ୱାରା ସାମ୍ପ୍ରାଦାୟିକତାର ବୀଜ ଭାରତରେ ବୁଣା ଯାଇଥିଲା ଯାହାକି ଭବିଷ୍ୟତରେ ଭାରତ ବିଭାଜନର ପଥ ଖୋଲି ଦେଇଥିଲା ।

- ଦେଶ ବାହାରୁ ସୁଭାଷ ଚନ୍ଦ୍ର ବୋଷ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିଲେ । ବ୍ରିଟିଶଙ୍କ ଠାରୁ ଭାରତକୁ ମୁକ୍ତ କରିବା ପାଇଁ ସେ ଜାତୀୟ ସେନାର ନେତା ହେଲେ ।

- ଭାରତ ଛାଡ଼ ଆନ୍ଦୋଳନ ଭାରତର ସ୍ୱାଧୀନତା ପାଇଁ ପଥ ପରିଷ୍କାର କରି ଦେଇଥିଲା । ଗାନ୍ଧିଜୀଙ୍କର ଶେଷ ଡାକରା ଥିଲା 'କର କିମ୍ବା ମର' ।

- ମୁସଲିମ୍ ଲିଗ ମୁସଲମାନମାନଙ୍କ ପାଇଁ ପାକିସ୍ଥାନ ଗଠନ ଦାବି କରିଥିଲା ଯାହା ଫଳରେ ଦେଶ ବିଭାଜନ ହୋଇଥିଲା । ୧୫ ଅଗଷ୍ଟ ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କରିଥିଲା ।

## ଅନ୍ତିମ ଅନୁଶୀଳନୀ

୧. ପ୍ରାରମ୍ଭିକ ବର୍ଷରେ ବ୍ରିଟିଶ ସରକାରଙ୍କ ନିକଟରେ ଭାରତୀୟ ଜାତୀୟ କଂଗ୍ରେସର କ'ଣ ସବୁ ଦାବିଥିଲା ?

୨. ଲର୍ଡ କର୍ଜନ ବଙ୍ଗଭଙ୍ଗ କରିବାକୁ କାହିଁକି ଚାହିଁଥିଲେ ?

୩. ଆଫ୍ରିକାରେ ଗାନ୍ଧିଙ୍କର ସତ୍ୟାଗ୍ରହ କରିବାର ଗୁରୁତ୍ୱ କ'ଣ ଥିଲା ? ଭାରତରେ ସତ୍ୟାଗ୍ରହର ପ୍ରକୃତି କ'ଣ ଥିଲା ?

୪. ତୁମେ କ'ଣ ଭାବୁଛ ଅସହଯୋଗ ଆନ୍ଦୋଳନ ତାହାର ଲକ୍ଷ୍ୟ ପୁରଣ କରିବାରେ ସଫଳ ହୋଇଥିଲା ? ତୁମ ଯୁକ୍ତିର ଦୁଇଗୋଟି କାରଣ ଲେଖ ।

୫. ସାଇମନ କମିଶନକୁ ଭାରତଛାଡ଼ି ଚାଲିଯିବାକୁ କାହିଁକି କୁହାଗଲା ?

୬. ଦାଣ୍ଡିଯାତ୍ରା ଗାନ୍ଧିଜୀଙ୍କୁ ଗିରଫ କରିବାକୁ କାହିଁକି ଆଗେଇ ନେଲା ?

୭. କେଉଁ କାରଣ ଯୋଗୁଁ ବିଦ୍ରୋହୀମାନେ ବିଧାନସଭା ମଧ୍ୟକୁ ବୋମା ଫିଙ୍ଗିଥିଲେ ?

୮. ଭାରତର ଜାତୀୟ ଆନ୍ଦୋଳନରେ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପରିଚାଳିତ ଆଜାଦ ହିନ୍ଦ ଫୌଜର ଭୂମିକା ବିଷୟରେ ଆଲୋଚନା କର ।

୯. ଭାରତ ସ୍ୱାଧୀନତାରେ ଭାରତଛାଡ଼ ଆନ୍ଦୋଳନର କ'ଣ ସବୁ ଯୋଗଦାନ ଥିଲା ?

୧୦. କେଉଁ ତିନିଗୋଟି କାରଣ ବିଂଶ ଶତାବ୍ଦୀରେ ଭାରତକୁ ସ୍ୱାଧୀନତା ଦେବାକୁ ବ୍ରିଟିଶ ସରକାରଙ୍କୁ ବାଧ୍ୟ କରିଥିଲା ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୮.୧

୧. ଉପନିବେଶ ବିରୋଧୀ ଆନ୍ଦୋଳନ, ବ୍ରିଟିଶ ଶାସନ ଅଧୀନରେ ରାଜନୈତିକ ଏବଂ ଶାସନଗତ ଏକତା, ପୁରାତନ ଗୌରବର ପୁନଃ ଅଭ୍ୟୁଦୟ ।

୨. ଭାରତୀୟମାନଙ୍କୁ ଗୋଟିଏ ଆକାର ଏବଂ ସମ୍ବିଧାନିକ ସୀମା ଦେବାପାଇଁ, ଯାହା ଫଳରେ କି ବ୍ରିଟିଶମାନଙ୍କ ବିରୁଦ୍ଧରେ ଭାରତୀୟମାନଙ୍କର କ୍ରୋଧ ବଢ଼ିବ ନାହିଁ ।

୩. ନରମ ପନ୍ଥୀମାନେ ବିଶ୍ୱାସ କରୁଥିଲେ କି ବ୍ରିଟିଶ ସରକାରଙ୍କୁ ଅନୁରୋଧ କରିବା ଦ୍ୱାରା ସେମାନଙ୍କର ଅଭିଯୋଗର ସମାଧାନ ହୋଇପାରିବ । ଗରମପନ୍ଥୀମାନେ ଗଣ ପ୍ରତିବାଦର ପରିଚାଳନା, ସରକାରୀ ନୀତିର ସମାଲୋଚନା ବିଦେଶୀ ଦ୍ରବ୍ୟ ବର୍ଜନ, ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଉପରେ ବିଶ୍ୱାସ କରୁଥିଲେ ।

୪. ଯୁଦ୍ଧରେ ଜୟଯୁକ୍ତ ହେବା ପରେ ବ୍ରିଟିଶ ସରକାର ଭାରତୀୟମାନଙ୍କୁ ସମ୍ବିଧାନିକ କ୍ଷମତା ଦେବା ଆଶାରେ ।

୫. କାରଣ ଅଟୋମାନ ସାମ୍ରାଜ୍ୟର ବିଭକ୍ତିକରଣ ଏବଂ ଖଲିଫାଙ୍କୁ ଅପମାନ ।

୮.୨

୧. ସତ୍ୟାଗ୍ରହର ଅର୍ଥ ହେଉଛି ନ୍ୟାୟ ଏବଂ ସତ୍ୟପାଇଁ ଅହିଂସା ଉପାୟରେ ଆନ୍ଦୋଳନ । ଅନ୍ୟ ପ୍ରତିବାଦର ପ୍ରକୃତି ହିଂସା ଏବଂ ପ୍ରତିଶୋଧ ପରାୟଣ ।

୨. କମିଶନରେ କେହି ଭାରତୀୟ ସଦସ୍ୟ ନଥିଲେ ।

୩. ଆନ୍ଦୋଳନ ବେଳେ ହିଂସା ଆଚରଣ ଆନ୍ଦୋଳନକୁ ସ୍ଥଗିତ ରଖିବାର କାରଣ ଅଟେ ।

୪. ବ୍ରିଟିଶଙ୍କ ବିରୁଦ୍ଧରେ ସେମାନେ ସମସ୍ତ ଆନ୍ଦୋଳନର ପଥକୁ ପସନ୍ଦ କରିଥିଲେ । ଅନ୍ୟମାନେ ଏହାର ସପକ୍ଷରେ ନଥିଲେ ।

୫. ପୂର୍ଣ୍ଣ ସ୍ୱରାଜର ଅର୍ଥ ପୂର୍ଣ୍ଣ ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ।

୬. ମୁସଲମାନ ଏବଂ 'ଶିଖ୍'ମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ । ମୁସଲିମ ଲିଗକୁ ସାମ୍ପ୍ରଦାୟିକ ଦାବିକୁ ପୂରଣ କରିବା ପାଇଁ ଉତ୍ସାହିତ କରିବା

୮.୩

୧. All India Federation ଅଧୀନରେ ରାଜାଙ୍କ ଦ୍ୱାରା ଶାସିତ ରାଜ୍ୟ ଏବଂ ବ୍ରିଟିଶ ପ୍ରଦେଶଗୁଡ଼ିକ ରହିଥିଲା ଏହା ବିଧାୟକମାନଙ୍କ କ୍ଷମତାକୁ ସୀମାବଦ୍ଧ କରି ଦେଇଥିଲା । ସେମାନଙ୍କର ପ୍ରତିରାକ୍ଷା ଏବଂ ବୈଦେଶିକ ସମ୍ପର୍କ ଉପରେ କୌଣସି ହସ୍ତକ୍ଷେପ ନଥିଲା ।

୨. ମୁସଲିମ ଲିଗ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଚାହିଁଥିଲା ତାହା ହେଉଚି ପାକିସ୍ଥାନ ।

୩. ସାମ୍ବିଧାନିକ କ୍ଷମତା ହାସଲ ପାଇଁ ଏବଂ ବ୍ରିଟିଶ ଆଇନର ପରିବର୍ତ୍ତନ ପାଇଁ କଂଗ୍ରେସ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ନିଷ୍ପତ୍ତି ନେଲା ।

୪. ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତରେ ବ୍ରିଟିଶମାନଙ୍କ ଉପସ୍ଥିତି ଜାପାନୀମାନଙ୍କୁ ଭାରତ ଉପରେ ଆକ୍ରମଣ କରିବାକୁ ଆଗେଇ ନେଇପାରିଥିଲା ।

୫. ସାମ୍ପ୍ରଦାୟିକ ବିଭାଜନ, ମୁସଲିମ ଲିଗର ଦାବି ଏବଂ ରାଜନୈତିକ ଦଳ ମଧ୍ୟରେ ଚେତନାର ଅଭାବ ।